ପୃଷ୍ଠା-୮+୮ 48 ଧରିତ୍ରୀ DHARITRI ୪୮

ଭୁବନେଶ୍ୱର, ରବିବାର, ଡିସେମ୍ବର ୫/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 5/2021 ★★★★★★

୪୮ଶ ଭାଗ ୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଲିଭ୍ ଇନ୍ ରିଲେସନଶିପ୍ ପସନ୍ଦ ନୁହେଁ**

ଫିଲ୍ମ 'ଲୁକାଛୁପି' ଅଭିନେତ୍ରୀ କ୍ରିତି ସାନନ୍ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହିବାକୁ ପସନ୍ଦ କରନ୍ତି ନାହିଁ ବୋଲି କହିଛନ୍ତି। ୦୭

୦୮ **ସିନ୍ଧୁ ଫାଇନାଲରେ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଫାଇନାଲରେ ପ୍ରବେଶ କରିଛନ୍ତି।



# ଓଡ଼ିଶାକୁ ସତର୍କ କଲା କେନ୍ଦ୍ର

## ସଂକ୍ରମଣ ରୋକିବାକୁ ଟେଷ୍ଟିଂ, ଟ୍ରାକିଂ, ଚିକିତ୍ସା ଓ ଟିକାକରଣ ବଢ଼ାଅ

*ଦକ୍ଷିଣ ଆଫ୍ରିକୀୟ ଭାରିଆଣ୍ଟ 'ଓମିକ୍ରନ୍' ଭୟାବହତା ବିଶ୍ୱବାସୀଙ୍କୁ ଆତଙ୍କିତ କରିଥିବାବେଳେ ଓଡ଼ିଶା ସମେତ ଦେଶର କେତେକ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଥିବା ଦେଖାଯାଇଛି। ଏନେଇ କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ସତର୍କ କରାଇଛନ୍ତି। ସଂକ୍ରମଣ ଓ ମୃତ୍ୟୁହାର କମାଇବା ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ସ୍ଥିତି ଅଣାୟତ୍ତ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚେତାଇ ଦେଇଛି।*

**ନୂଆଦିଲ୍ଲୀ, ୪।୧୨**

ଓଡ଼ିଶା ସମେତ ୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର କେତେକ ଜିଲାରେ ଦୈନିକ କୋଭିଡ୍-୧୯ ସଂକ୍ରମଣ ଓ ମୃତ୍ୟୁହାର ବୃଦ୍ଧି ପାଉଛି। ଏଥିସହିତ ଉକ୍ତ ରାଜ୍ୟଗୁଡ଼ିକରେ ଟେଷ୍ଟିଂ ହ୍ରାସ ପାଇଥିବାରୁ କେନ୍ଦ୍ର ସରକାର ଚିନ୍ତାବ୍ୟକ୍ତ କରିବା ସହ ତାଗିଦ୍ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଓଡ଼ିଶା, କର୍ନାଟକ, କେରଳ, ତାମିଲନାଡୁ, ମିଜୋରାମ ଏବଂ ଜମ୍ମୁ-କଶ୍ମୀରକୁ ପତ୍ର ଲେଖି ବିଦେଶରୁ ବିଶେଷ କରି ଆଟ୍ ରିସ୍କ ଦେଶରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବା ସହ ସେମାନଙ୍କର କୋଭିଡ୍ ଟେଷ୍ଟିଂ କରାଇବା, ସଂକ୍ରମଣ ବ୍ୟାପୁଥିବା ହଟ୍‌ସ୍ପଟ୍‌ଗୁଡ଼ିକରେ ସମସ୍ତ କୋଭିଡ୍ ରୋଗୀଙ୍କ ନମୁନା ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି।

ଓଡ଼ିଶାର କେତେକ ଜିଲାରେ କିଛିଦିନ ହେଲା କୋଭିଡ୍ ସଂକ୍ରମଣ ବଢ଼ିଚାଲିଛି। ଗତ ୧୪ ଦିନ ମଧ୍ୟରେ ଢେଙ୍କାନାଳ ଜିଲାରେ ସଂକ୍ରମଣ ୬୬୬ ପ୍ରତିଶତ ବୃଦ୍ଧି ପାଇବା ଚିନ୍ତାର କାରଣ ପାଲଟିଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଆର୍.କେ.ଶର୍ମାଙ୍କୁ କେନ୍ଦ୍ର ଲେଖିଥିବା ଚିଠିଅନୁଯାୟୀ ଡିସେମ୍ବର ୪ରେ ଶେଷ ହୋଇଥିବା ମାସରେ ଓଡ଼ିଶାରେ ୭,୪୪୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି, ଯାହାକି ଉକ୍ତ ମାସରେ ଦେଶର ମୋଟ ସଂକ୍ରମଣର ୨.୫ ପ୍ରତିଶତ। ଡିସେମ୍ବର ୩ରେ ଶେଷ ହୋଇଥିବା ସପ୍ତାହରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୦୦ ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି କନ୍ଧମାଳରେ ସଂକ୍ରମଣ ୨୫୦ ପ୍ରତିଶତ ବଢ଼ିଥିବାବେଳେ ନବରଙ୍ଗପୁରରେ ୧୫୦ ପ୍ରତିଶତ, କେନ୍ଦୁଝରରେ ୧୦୯ ପ୍ରତିଶତ, ଅନୁଗୋଳରେ ୯୫ ପ୍ରତିଶତ ଏବଂ ବଲାଙ୍ଗୀରରେ ୭୫ ପ୍ରତିଶତ ବଢ଼ିଛି। ଏଥିସହିତ ରାଜ୍ୟରେ ସାପ୍ତାହିକ କୋଭିଡ୍ ପରୀକ୍ଷା ୩.୧ ପ୍ରତିଶତ ହ୍ରାସ ପାଇଥିବା ଦେଖାଯାଇଛି। ନଭେମ୍ବର ୨୬ରେ ଶେଷ ହୋଇଥିବା ସପ୍ତାହରେ ୪,୦୧,୧୬୪ ନମୁନା ପରୀକ୍ଷା କରାଯାଇଥିବାବେଳେ ଡିସେମ୍ବର ୩ରେ ଶେଷ ହୋଇଥିବା ସପ୍ତାହରେ ୩,୮୮,୭୮୮ ☞ପୃଷ୍ଠା-୪



## ଗୁଜରାଟ, ମହାରାଷ୍ଟ୍ରରେ ଓମିକ୍ରନ ସଂକ୍ରମିତ

**ଅହମଦାବାଦ/ମୁମ୍ବାଇ, ୪।୧୨**

କର୍ନାଟକରେ ୨ ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେବାର ଦୁଇଦିନ ପରେ ଗୁଜରାଟ ଓ ମହାରାଷ୍ଟ୍ରରୁ ଆଉ ଦୁଇଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭାରତରେ କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ଗୁଜରାଟର ଜାମନଗର ସହରରୁ ଚିହ୍ନଟ ତୃତୀୟ ସଂକ୍ରମିତ ୭୨ ବର୍ଷୀୟ ବ୍ୟକ୍ତି ଜଣକ ନଭେମ୍ବର ୨୮ରେ ଜିମ୍ବାୱେରୁ ଫେରିଥିଲେ। ଡିସେମ୍ବର ୨ରେ ତାଙ୍କର କୋଭିଡ୍ ପଜିଟିଭ୍ ରିପୋର୍ଟ ଆସିଥିଲା। ପରେ ନମୁନାକୁ ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଥିଲା ବୋଲି ଗୁଜରାଟ ସ୍ୱାସ୍ଥ୍ୟ କମିଶନର ଜୟପ୍ରକାଶ ଶିଭାରେ କହିଛନ୍ତି। ସେହିପରି ଗତମାସରେ ଦକ୍ଷିଣ ଆଫ୍ରିକାରୁ ଦୁବାଇ ଦେଇ ଦିଲ୍ଲୀ ଆସିଥିବା ମହାରାଷ୍ଟ୍ରର ୩୩ ବର୍ଷୀୟ ବ୍ୟକ୍ତିଙ୍କଠାରେ ଓମିକ୍ରନ୍ ଭାରିଆଣ୍ଟ ଦେଖାଯାଇଛି। କଲ୍ୟାଣ-ଡୋମ୍ବିଭାଲି ପୌରାଞ୍ଚଳର ଏହି ବ୍ୟକ୍ତିଜଣକ କୋଭିଡ୍ ଟିକା ନେଇ ନ ଥିଲେ। ମୁମ୍ବାଇରେ ପହଞ୍ଚିବା ପରେ ନଭେମ୍ବର ୨୪ରେ ତାଙ୍କୁ ଜ୍ୱର ହେବାରୁ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସା କରାଯାଇଥିଲା। ଜିନୋମ୍ ସିକ୍ୱେନ୍ସିରୁ ତାଙ୍କୁ ଓମିକ୍ରନ ସଂକ୍ରମଣ ହୋଇଥିବା ସ୍ପଷ୍ଟ ହୋଇଛି। ତାଙ୍କ ସହ ଦିଲ୍ଲୀ-ମୁମ୍ବାଇ ବିମାନରେ ଆସିଥିବା ୨୫ ସହଯାତ୍ରୀଙ୍କର କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିଛି। ଅନ୍ୟ କେଉଁମାନେ ରୋଗୀଙ୍କ ସଂସ୍ପର୍ଶରେ ଆସିଥିଲେ, ତାହା ଖୋଜା ଚାଲିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଜାମନଗର ବ୍ୟକ୍ତି ☞ପୃଷ୍ଠା-୪

## ଦୁର୍ବଳ ହେଲା 'ଜୱାଦ'





**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ସମୁଦ୍ର ଭିତରେ ଦୁର୍ବଳ ହୋଇଛି ସାମୁଦ୍ରିକ ଝଡ଼ 'ଜୱାଦ୍'। ଶନିବାର ଅପରାହ୍ଣ ସାଢ଼େ ୫ଟାର ଏହା ଗଭୀର ଅବପାତ ରୂପ ନେବା ପରେ ଆହୁରି ଦୁର୍ବଳ ହେବାରେ ଲାଗିଛି। ରବିବାର ସକାଳ ପ୍ରାୟ ୬ଟାରେ ଏହା ଅବପାତରେ ପରିଣତ ହେବ। ପରେ ଏହା ପୁରୀ ଉପକୂଳ ହୋଇ ଉତ୍ତର-ଉତ୍ତରପୂର୍ବ ଦିଗରେ ପଶ୍ଚିମବଙ୍ଗ ମୁହାଁ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରବିବାର ସନ୍ଧ୍ୟା ବେଳକୁ ଓଡ଼ିଶାରୁ ବାତ୍ୟାର ପ୍ରଭାବ ହଟିଯିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଅଞ୍ଚଳରେ ବର୍ଷା ହେବା ପାଣିପାଗ ବିଭାଗ ଆକଳନ କରିଥିବା ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା କହିଛନ୍ତି। ଏସ୍ଆର୍‌ସି କହିଛନ୍ତି, ଲଘୁଚାପ ଅବପାତରେ ପରିଣତ ହେବା ପରେ ଶନିବାର ସକାଳ ସାଢ଼େ ୮ଟାରେ ପାଖାପାଖି ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ କେନ୍ଦ୍ରୀଭୂତ ହୋଇଥିଲା। ପରେ ଏହା ☞ପୃଷ୍ଠା-୪

**ବର୍ଷା ହେବ, କମିବ ପବନ**

- ଗଭୀର ଅବପାତରେ ପରିଣତ
- ଓଡ଼ିଶା ପ୍ରତି ବିପଦ ଟଳିଲା, ପଶ୍ଚିମବଙ୍ଗ ମୁହାଁ ହେଉଛି
- ସପ୍ତାହ ମଧ୍ୟରେ କୃଷି କ୍ଷୟକ୍ଷତିର ଆକଳନ କରାଯିବ: ଏସ୍ଆର୍‌ସି

ଆଜିର ସମ୍ପାଦକୀୟ ପଛକୁ ହଟିଲେ






# ମମତାଙ୍କୁ ସ୍ୱାଗତ କଲେ ଅଖିଳେଶ

## ଭାଜପା ଟାର୍ଗେଟରେ, କଂଗ୍ରେସକୁ ତିରସ୍କାର

**ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଜାତୀୟ ରାଜନୀତିରେ ଟିଏମ୍‌ସିର ପତିଆରା ବୃଦ୍ଧିକୁ ଦେଖି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ଭାବ୍ୟ ବିକଳ୍ପକୁ ସ୍ୱାଗତ କରିଛନ୍ତି। ମମତା ଜାତୀୟ ସ୍ତରରେ ବିରୋଧୀ ସାମ୍ମୁଖ୍ୟର ନେତୃତ୍ୱ ନେଲେ ସେଥିରେ ସାମିଲ ହେବେ ବୋଲି ଅଖିଳେଶ ସଙ୍କେତ ଦେଇଛନ୍ତି। କାରଣ ୟୁପିରୁ ଭାଜପାକୁ ହଟାଇବାକୁ ଚାହୁଁଥିବା ଅଖିଳେଶଙ୍କ ପାଇଁ କଂଗ୍ରେସ ନେତୃତ୍ୱ ଗ୍ରହଣୀୟ ନୁହେଁ।**

ଲକ୍ଷ୍ନୌ,୪।୧୨

୨୦୨୨ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକିଥିବାବେଳେ ରାଜ୍ୟରୁ ଭାଜପା ସରକାରକୁ ହଟାଇ କ୍ଷମତାକୁ ଫେରିବା ସମାଜବାଦୀ ପାର୍ଟି (ଏସ୍‌ପି) ମୁଖିଆ ଅଖିଳେଶ ଯାଦବଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏଥିଲାଗି ସେ ଛୋଟ ବିରୋଧୀ ଦଳଗୁଡ଼ିକୁ ନେଇ ୟୁପିରେ ଏକ ପ୍ଲାଟ୍‌ଫର୍ମ ତିଆରି କରୁଛନ୍ତି।


ମମତା ବାନାର୍ଜୀ


ଅଖିଳେଶ ଯାଦବ

ଏଭଳି ସମୟରେ ଜାତୀୟ ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ପତିଆରା ବୃଦ୍ଧିକୁ ଦେଖି ଅଖିଳେଶ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମ୍ଭାବ୍ୟ ବିକଳ୍ପକୁ ସ୍ୱାଗତ କରିଛନ୍ତି। ମମତାଙ୍କ ନେତୃତ୍ୱରେ ଜାତୀୟ ସ୍ତରରେ ଏକ ବିକଳ୍ପ ରାଜନୈତିକ ସାମ୍ମୁଖ୍ୟ ଗଠନ ହେଲେ ଏସ୍‌ପି ସେଥିରେ ସାମିଲ ହୋଇପାରେ ବୋଲି ଅଖିଳେଶ ସଙ୍କେତ ଦେଇଛନ୍ତି। କାରଣ ଉଭୟ ମମତା ଓ ଅଖିଳେଶଙ୍କ ବଡ଼ଶତ୍ରୁ ଭାଜପା ହୋଇଥିବାବେଳେ କଂଗ୍ରେସ ନେତୃତ୍ୱକୁ ସ୍ୱୀକାର କରି ବାଟ ଚାଲିବାକୁ ଦୁହେଁ ନାରାଜ।

ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଆଗାମୀ ଦିନରେ ଦୁଇ ବଡ଼ ଜାତୀୟ ଦଳ ଭାଜପା ଏବଂ କଂଗ୍ରେସ ପାଇଁ ସବୁଠୁ ବଡ଼ ଅଡୁଆ ସାଜିବାକୁ ଯାଉଛନ୍ତି, ଯାହାର ଫାଇଦା କେବଳ ଆଞ୍ଚଳିକ ଦଳଗୁଡ଼ିକୁ ମିଳିପାରେ। ମମତା ନିକଟରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ୟୁପିଏ) ଆଉ ନାହିଁ କହି କଂଗ୍ରେସର ରାଜନୈତିକ ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ଟିଏମ୍‌ସି ନେତ୍ରୀଙ୍କ ଏହି ମନ୍ତବ୍ୟ ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟିର ଏକ ସଙ୍କେତ ବୋଲି ବିଶ୍ଳେଷକମାନେ ବିବେଚନା କରୁଛନ୍ତି। ସେପଟେ ୟୁପିରୁ ଯୋଗୀ ସରକାରଙ୍କୁ ହଟାଇବା ପାଇଁ ପ୍ରାଣପଣେ ଉଦ୍ୟମ କରୁଥିବା ଅଖିଳେଶ ମାରାଥନ୍ ରାଲି କରି ଭାଜପା ବିରୋଧରେ ଲୋକଙ୍କୁ ତତାଉଛନ୍ତି। ଏହି କ୍ରମରେ ଅଖିଳେଶ ଶୁକ୍ରବାର ଝାନ୍ସିରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଥିଲେ, ମମତାଙ୍କୁ ସ୍ୱାଗତ। ପଶ୍ଚିମବଙ୍ଗରେ ଭାଜପା ଯେପରି ମୂଳପୋଛ ହୋଇଗଲା ଏଠାକାର ଭୋଟର ଗୈରିକ ଦଳକୁ ସେପରି ହଟାଇଦେବେ। ସମାଜବାଦୀ ପାର୍ଟି ଆରମ୍ଭ କରିଥିବା ପୂର୍ବାଞ୍ଚଳ ଏକ୍ସପ୍ରେସୱେକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା ହାସ୍ୟାସ୍ପଦ କଥା। ଭାଜପା ତାଙ୍କ ଅମଳରେ କରାଯାଇଥିବା ପ୍ରକଳ୍ପଗୁଡ଼ିକର ଶ୍ରେୟ ନେବାକୁ ଉଦ୍ୟମ କରୁଛି ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ସମାଲୋଚନା କରିଥିଲେ।

ଏହି ଅବସରରେ ଅଖିଳେଶ କଂଗ୍ରେସକୁ ମଧ୍ୟ ଟାର୍ଗେଟ କରିବାକୁ ପଛାଇ ନ ଥିଲେ। ଉତ୍ତର ପ୍ରଦେଶର ଜନତା କଂଗ୍ରେସକୁ ଗ୍ରହଣ କରିବେ ନାହିଁ। ଆସନ୍ତା ନିର୍ବାଚନରେ ଏହି ଦଳକୁ ଶୂନ ଆସନ ମିଳିବ ବୋଲି ସେ କହିଥିଲେ। ପ୍ରକାଶ ଯେ, କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ମୋରାଦାବାଦରେ ଏକ ସଭାକୁ ସମ୍ବୋଧନ ଅବସରରେ ଲଖିମପୁର ଖେରି ହିଂସା ପ୍ରସଙ୍ଗରେ ଅଖିଳେଶଙ୍କ ନୀରବତାକୁ ନେଇ ପ୍ରଶ୍ନ କରିଥିଲେ। ୨୦୧୭ ବିଧାନସଭା ନିର୍ବାଚନରେ ଏସ୍‌ପି ଏବଂ କଂଗ୍ରେସ ଏକାଠି ଲଢ଼ିଥିଲେ। ଉତ୍ତର ପ୍ରଦେଶ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ କଂଗ୍ରେସ ସହ ମେଣ୍ଟକୁ ନେଇ ଆମର ଭଲ ଅନୁଭୂତି ନାହିଁ ବୋଲି ଅଖିଳେଶ କହିଛନ୍ତି।

# ସୋମବାର ସୁପରସାଇକ୍ଲୋନ୍: ଭାଜପା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

### ମମିତା ହତ୍ୟା ପ୍ରସଙ୍ଗରେ ତୁଟୁନି କଳି

ମମିତା ମେହେର ହତ୍ୟା ଘଟଣାକୁ ନେଇ ବିଧାନସଭାର ଶୀତ ଅଧିବେଶନ ୩ ଦିନ ହେଲା ଚାଲିପାରୁ ନାହିଁ। ମୁଖ୍ୟମନ୍ତ୍ରୀ ମଧ୍ୟ ଭିଡିଓ ବାର୍ତ୍ତା ଜରିଆରେ ଏହି ଘଟଣାରେ ମୁହଁ ଖୋଲିସାରିଛନ୍ତି। ଏଭଳି ସ୍ଥିତିରେ ମମିତା ଘଟଣାରେ ଭାଜପା ନିଜ ଆଭିମୁଖ୍ୟକୁ ସୋମବାରଠାରୁ ଆହୁରି ଶାଣିତ କରିବ ବୋଲି ଚେତାବନୀ ଦେଇଛି। ବିଜେଡି କିନ୍ତୁ ଏହାର ପାଲଟା ଜବାବ ଦେଇ ଭାଜପା ଅଯଥା ରାଜନୀତି କରୁଥିବା ଅଭିଯୋଗ କରିଛି।

ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଶୁଖିଲା କଥାରୁ ମମିତାଙ୍କୁ ନ୍ୟାୟ ମିଳିବ ନାହିଁ। ତାଙ୍କ କଥା ଅନ୍ତଃସାର ଶୂନ୍ୟ। ଆମ ଦାବି ସମ୍ପର୍କରେ ପଦୁଟିଏ ମଧ୍ୟ କହିନାହାନ୍ତି। ଆମକୁ ପ୍ରବଚନ ଶୁଣାଇଲା ଭଳି ସେ ପାରମ୍ପରିକ ଶୈଳୀରେ ବିବୃତି ରଖିଛନ୍ତି। କଳାହାଣ୍ଡି ଗଲେ ମୁଖ୍ୟମନ୍ତ୍ରୀଙ୍କୁ କରୋନା ହେଉନାହିଁ, ହେଲେ ବିଧାନସଭା ଆସିଲେ ହୋଇଯାଉଛି। ସେ ଗୃହର ନେତା, ଗୃହ ବିଭାଗର ମୁଖିଆ ଥାଇ କିଛି ବିବୃତି ଦେଉନାହାନ୍ତି। କେବଳ ନବୀନ ନିବାସରୁ ଗୋଟିଏ କ୍ୟାସେଟ୍ ବଜାଇ ଦେଉଛନ୍ତି ବୋଲି ସେଠୀ କହିଛନ୍ତି। ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ଥିବାବେଳେ ମୁଖ୍ୟମନ୍ତ୍ରୀ ବହୁ ମନ୍ତ୍ରୀଙ୍କୁ ପଦବୀରୁ ହଟାଇ ଦେଇଛନ୍ତି। ହେଲେ ଏବେ ବିରୋଧୀଙ୍କ ଏତେ ହୋହଲ୍ଲା ପରେ ମଧ୍ୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ପଦରୁ ନ ହଟାଇ ପାଖରେ ବସାଉଛନ୍ତି। ବିପଦ ସମୟରେ ଏଭଳି ଦୁର୍ବୁଦ୍ଧି ମଣିଷ ମୁଣ୍ଡରେ ପଶିଥାଏ। ଏହି ଆନ୍ଦୋଳନ ସୋମବାର ସୁପରସାଇକ୍ଲୋନ୍ ରୂପ ନେବ ବୋଲି ବିଷ୍ଣୁ କହିଛନ୍ତି।

ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ମମିତା ପ୍ରସଙ୍ଗରେ ବିରୋଧୀଦଳ ଯେଭଳି ନାଟକ କରୁଛନ୍ତି ତାହା ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବାପରେ ବିରୋଧୀ ଦଳ କରୁଥିବା ପ୍ରତିବାଦର କୌଣସି କାରଣ ନାହିଁ। ବିନା ଦ୍ୱନ୍ଦ୍ୱ ଓ ଚାପରେ ତଦନ୍ତ ଚାଲିବ ବୋଲି କୁହାଯିବା ପରେ ମଧ୍ୟ ଅଭାବନୀୟ ପରିସ୍ଥିତି ସୃଷ୍ଟି କରାଯାଉଛି। ବିରୋଧୀ ଦଳ ଏହି ପ୍ରସଙ୍ଗରେ ଡ୍ରାମା କରୁଛନ୍ତି। ସମସ୍ତ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଥିବାବେଳେ ବିରୋଧୀ ଗୃହକୁ ଚଳାଇ ଦେଉନାହାନ୍ତି। ବିରୋଧୀ ଦଳଙ୍କ ଏଭଳି ଆଚରଣ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତିବିପଦ।

# ପୋଲିସ ଗୋରୁ ଚାଲାଣକାରୀଙ୍କଠାରୁ ଲାଞ୍ଚ ନେଇ କୁକୁର ଭଳି ଶୋଉଛି: କର୍ନାଟକ ଗୃହମନ୍ତ୍ରୀ

ବେଙ୍ଗାଲୁରୁ,୪।୧୨


ଅରଗା ଜ୍ଞାନେନ୍ଦ୍ର

କର୍ନାଟକରେ ଗୋରୁ ଚାଲାଣ ରୋକିବାରେ ପୋଲିସ ବିଫଳ ହୋଇଛି। ପୋଲିସ କର୍ମଚାରୀମାନେ ଗୋରୁ ଚାଲାଣକାରୀଙ୍କଠାରୁ ଲାଞ୍ଚ ନେଇ କୁକୁର ଭଳି ଶୋଉଛନ୍ତି ବୋଲି ଗୃହମନ୍ତ୍ରୀ ଅରଗା ଜ୍ଞାନେନ୍ଦ୍ର କହିଛନ୍ତି। ଆମେ ଦରମା ଦେଉଛୁ। କିନ୍ତୁ ଆମ ଦରମାରେ କେତେଜଣ ପୋଲିସ କର୍ମଚାରୀ ଚଳିବାକୁ ଚାହୁଁନାହାନ୍ତି। ସେମାନେ କେବଳ ଲାଞ୍ଚ ଟଙ୍କାରେ ଚଳିବାକୁ ପସନ୍ଦ କରୁଛନ୍ତି। ଚିକ୍କାମାଗାଲୁରୁ ଓ ଶିବମୋଗା ଜିଲାରେ ଏଥିପାଇଁ ଗୋରୁ ଚାଲାଣ ବଢ଼ୁଛି ବୋଲି ସେ ଜଣେ ପୋଲିସ ଅଧିକାରୀଙ୍କୁ ଗାଳି କରୁଥିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

# ‘ନୂଆ କଶ୍ମୀର’ ଏକ ମିଛ ବିଜ୍ଞାପନ: ମେହବୁବା

**ନୂଆଦିଲ୍ଲୀ,୪।୧୨:** ଜମ୍ମୁ-କଶ୍ମୀରକୁ ଶାନ୍ତି ଫେରିଛି ଓ ଉପତ୍ୟକାରେ ବିକାଶର ଧାରା ବହୁଛି ବୋଲି କେନ୍ଦ୍ର ସରକାର ବିଜ୍ଞାପନ କରୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ବୋଲି ଶନିବାର ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ସମାଲୋଚନା କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା କହିଛନ୍ତି, କଶ୍ମୀରରେ ଲୋକେ ସ୍ୱର ଉଠାଇଲେ ସେମାନଙ୍କୁ ଆତଙ୍କବାଦ ନିରୋଧୀ ଆଇନ ବଳରେ ହତ୍ୟା କରାଯାଉଛି। ସୁରକ୍ଷା ବଳର ଗୁଳିମାଡ଼ରେ ନିହତ ହୋଇଥିବା ନିଜ ବାପାଙ୍କ ମୃତଦେହ ପାଇବା ପାଇଁ ଆଜି ଜଣେ ୧୮ ବର୍ଷୀୟା ଝିଅଙ୍କୁ ବିକ୍ଷୋଭ ପ୍ରଦର୍ଶନ କରିବାକୁ ପଡୁଛି। ଏହା କ’ଣ ‘ନୂଆ କଶ୍ମୀର’ ବୋଲି ମେହବୁବା ପ୍ରଶ୍ନ କରିଛନ୍ତି।



ବିଧାନସଭା ପରିସରରେ ଶନିବାର ଭାଜପା ସଦସ୍ୟମାନେ ମମିତା ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବି କରୁଛନ୍ତି।

# ଅମରିନ୍ଦରଙ୍କ ସହ ମେଣ୍ଟ ଆଲୋଚନା ଚାଲିଛି: ଶାହା

ନୂଆଦିଲ୍ଲୀ,୪।୧୨

ପଞ୍ଜାବ ବିଧାନସଭା ନିର୍ବାଚନରେ ମେଣ୍ଟ ଗଠନ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ଶିରୋମଣି ଅକାଳୀ ଦଳର ପୂର୍ବତନ ନେତା ଶୁଖଦେବ ସିଂ ଧିନ୍ଦସାଙ୍କ ସହ ଭାଜପାର ଆଲୋଚନା ଚାଲିଥିବା ଶନିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ଏକ ଜାତୀୟ ଗଣମାଧ୍ୟମ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶାହା କହିଛନ୍ତି, ପଞ୍ଜାବ ଓ ଉତ୍ତର ପ୍ରଦେଶ ନିର୍ବାଚନରେ କୃଷକ ଆନ୍ଦୋଳନର ପ୍ରଭାବ ପଡ଼ିବ ନାହିଁ। କୃଷି ଆଇନ ଉଚ୍ଛେଦ ହୋଇସାରିଥିବାରୁ ଏବେ ଏହା ଆଉ ପ୍ରସଙ୍ଗ ହୋଇ ରହିନାହିଁ।

## ବିଧାନସଭା ସମାଚାର



# ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା: ୧୪,୪୨,୫୨୮ ଯୁବତୀଯୁବକଙ୍କୁ ନିଯୁକ୍ତିଭିତ୍ତିକ ତାଲିମ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜ୍ୟରେ ବେକାରି ସଂଖ୍ୟା ହ୍ରାସ କରିବାକୁ ରାଜ୍ୟ ସରକାର ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା ଆରମ୍ଭ କରାଯାଇଥିଲା। ସେହି ଯୋଜନାରେ ୨୦୨୦-୨୧ ସୁଦ୍ଧା ରାଜ୍ୟରେ ୧୪,୪୨,୫୨୮ ଜଣ ଯୁବତୀ ଓ ଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତିକ୍ଷମ କରାଯାଇଛି। ରାଜ୍ୟରେ ଯୁବତୀ ଓ ଯୁବକମାନଙ୍କୁ ନିଯୁକ୍ତିକ୍ଷମ କରିବା ସକାଶେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଏକ ନିଯୁକ୍ତିଭିତ୍ତିକ ତାଲିମ କାର୍ଯ୍ୟକ୍ରମ ୨୦୧୧-୧୨ରୁ ପ୍ରଚଳନ କରାଯାଉଛି। ଏହି କାର୍ଯ୍ୟକ୍ରମ ଜରିଆରେ ୧,୦୦,୫୬୪ ଜଣଙ୍କୁ ତାଲିମ ପ୍ରଦାନ କରାଯାଇ ୨୭,୫୧୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଏହାଛଡ଼ା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓର୍ମାସ ଦ୍ୱାରା ରାଜ୍ୟରେ ୧,୮୯,୨୫୨ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେଥିରୁ ୧,୨୮,୦୫୧ ଜଣ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇଛନ୍ତି।

# ରାଜ୍ୟରେ ୮୪ ଇଞ୍ଜିନିୟରିଂ କଲେଜ, ୧୨୨ ସ୍କୁଲ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

### ୫ ବର୍ଷରେ ବନ୍ଦ ହେଲାଣି ୩ କଲେଜ, ୧ ସ୍କୁଲ

ରାଜ୍ୟରେ ଘରୋଇ ଉଦ୍ୟମରେ ୮୪ଟି ଇଞ୍ଜିନିୟରିଂ କଲେଜ ଓ ୧୨୨ଟି ଇଞ୍ଜିନିୟରିଂ ସ୍କୁଲ ସ୍ଥାପନ ହୋଇଥିଲା। ସେଥିରୁ ଗତ ୫ ବର୍ଷ ମଧ୍ୟରେ ୩ଟି ଇଞ୍ଜିନିୟରିଂ କଲେଜ ଓ ଗୋଟିଏ ଇଞ୍ଜିନିୟରିଂ ସ୍କୁଲ ବନ୍ଦ ହୋଇଛି। ବନ୍ଦ ହୋଇଥିବା ଇଞ୍ଜିନିୟରିଂ କଲେଜ ହେଲା ଇଣ୍ଡିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ ଆଣ୍ଡ ରିସର୍ଚ୍ଚ, ଭୁବନେଶ୍ୱର, ମହାରାଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର ଏବଂ ବ୍ରହ୍ମପୁରସ୍ଥିତ ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଣ୍ଡଷ୍ଟ୍ରିଆଲ ଆଣ୍ଡ ଟେକ୍ନୋଲୋଜି। ସେହିପରି ପୁରୀସ୍ଥିତ ପୁରୀ ଇଞ୍ଜିନିୟରିଂ ସ୍କୁଲ ବନ୍ଦ କରିବାକୁ ଅନୁମତି ନେଇଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ତେବେ ଚଳିତ ବର୍ଷ କେଉଁ ଇଞ୍ଜିନିୟରିଂ କଲେଜଗୁଡ଼ିକରେ ନାମଲେଖା ହୋଇ ନାହିଁ ସେ ତଥ୍ୟ ମନ୍ତ୍ରୀଙ୍କ ପାଖରେ ନାହିଁ।

# ରାଜ୍ୟରେ ୭୪,୧୫୪ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୪।୧୨(ବ୍ୟୁରୋ)

- **୧୫୬୭ ନୂଆ ଅଙ୍ଗନୱାଡି କେନ୍ଦ୍ର ଖୋଲିବ**
- **ଖାଲି ପଦବୀ ପୂରଣ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ରାଜ୍ୟରେ ୭୪,୧୫୪ ଅଙ୍ଗନୱାଡି ଓ ମିନି ଅଙ୍ଗନୱାଡି କେନ୍ଦ୍ର ଅଛି। ଏଥିରେ ୭୨,୯୦୫ କର୍ମୀ ଓ ୬୨,୦୯୬ ସହାୟିକା କାର୍ଯ୍ୟରତ ଅଛନ୍ତି। ୧୨୯ କର୍ମୀ ଓ ୧୬୪୨ ସହାୟିକା ପଦବୀ ଖାଲି ଅଛି। ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ଏନ୍‌ଗେଜମେଣ୍ଟ ଏଡଭ୍ୟୁସି ପୋର୍ଟାଲ ମାଧ୍ୟମରେ ଅଙ୍ଗନୱାଡି କର୍ମୀମାନଙ୍କର ନିଯୁକ୍ତି କରାଯାଉଛି। ସହାୟିକାମାନଙ୍କର ନିଯୁକ୍ତି ଗାଇଡ୍‌ଲାଇନ ମାଧ୍ୟମରେ ହେଉଛି। ଖାଲି ପଦବୀ ପୂରଣ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ଓ ତାରା ପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆଉ ୬୮୪୪ ନୂତନ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉକ୍ତ ପ୍ରସ୍ତାବକୁ ପୁନଃ ତର୍ଜମା କରି ନୂତନ ପ୍ରସ୍ତାବ ପଠାଇବାକୁ ଜିଲାପାଳଙ୍କୁ କୁହାଯାଇଛି। ଇତିମଧ୍ୟରେ ୧୫୬୭ ନୂତନ ଅଙ୍ଗନୱାଡି କେନ୍ଦ୍ରକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। କୋରାପୁଟ ଜିଲାର ୨୩୨ଟି ପଡ଼ା ଗ୍ରାମରେ ନୂତନ ମିନି ଅଙ୍ଗନୱାଡି ଖୋଲିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଇତିମଧ୍ୟରେ ସେଥିରୁ ଜିଲାରେ ୪୦ଟି କେନ୍ଦ୍ର ଖୋଲିବାକୁ ଅନୁମତି ମିଳିଛି।

# ରାଜ୍ୟରେ ୧୨.୪୪ ଲକ୍ଷ ଭିନ୍ନକ୍ଷମ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

### ନିଯୁକ୍ତି ପାଇଁ ସରକାର ପ୍ରଶିକ୍ଷଣ ବ୍ୟବସ୍ଥା କରିଛନ୍ତି: ମନ୍ତ୍ରୀ

ରାଜ୍ୟରେ ୨୦୧୧ ଜନଗଣନା ଅନୁଯାୟୀ ୧୨,୪୪,୪୦୨ ଜଣ ଭିନ୍ନକ୍ଷମ ଅଛନ୍ତି। ସେମାନଙ୍କ ପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଘରୋଇ ସଂସ୍ଥାରେ କାର୍ଯ୍ୟକାରୀ ହେଉ ନ ଥିବାରୁ ସରକାର ରାଜ୍ୟର ବିଭିନ୍ନ ଘରୋଇ ଉଦ୍ୟୋଗରେ ନିଯୁକ୍ତି ଦେବାକୁ ନିଯୁକ୍ତି ମେଳାର ବ୍ୟବସ୍ଥା କରିଛନ୍ତି। ସମସ୍ତ ସରକାରୀ ଓ ଘରୋଇ ସଂସ୍ଥାରେ ନିଯୁକ୍ତି ଦେବାକୁ ଭିନ୍ନକ୍ଷମମାନଙ୍କୁ ରାଜ୍ୟ ସରକାର ପ୍ରାକ୍ ନିଯୁକ୍ତି ପ୍ରଶିକ୍ଷଣର ବ୍ୟବସ୍ଥା କରିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ମାର୍ଚ୍ଚ ସୁଦ୍ଧା ସବୁ ବ୍ଲକରେ ଗଠନ ହେବ ଛତୁଆ ପ୍ରସ୍ତୁତ ୟୁନିଟ୍

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକ ଜରିଆରେ ମହିଳାମାନଙ୍କୁ ଉଦ୍ୟୋଗ ପ୍ରତି ପ୍ରୋତ୍ସାହିତ କରିବା ଏବଂ ଗୁଣାତ୍ମକ ଛତୁଆ ପ୍ରସ୍ତୁତ ପାଇଁ ଏମ୍‌ଏସ୍‌ଏମ୍‌ଇ ବିଭାଗ ରାଜ୍ୟର ୩୧୪ ବ୍ଲକ୍‌ରେ ଛତୁଆ ପ୍ରସ୍ତୁତ ୟୁନିଟ୍ ସ୍ଥାପନ ନିମନ୍ତେ ପଦକ୍ଷେପ ଗ୍ରହଣ କରିଛି। ଏହି ଛତୁଆ ପ୍ରସ୍ତୁତି କେନ୍ଦ୍ରଗୁଡ଼ିକ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ପ୍ରତି ବ୍ଲକ୍‌ରେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଏ ସଂକ୍ରାନ୍ତରେ ସମସ୍ତ ଜିଲାପାଳଙ୍କୁ ଜଣାଇ ଦିଆଯାଇଛି। ଏକ ଦୀର୍ଘ ମିଆଦୀ ଯୋଜନା ଭାବେ ଏହାକୁ ଗ୍ରହଣ କରି ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ଆର୍ଥିକ ଭାବେ ସୁଦୃଢ଼ କରିବା ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପର୍ଯ୍ୟାୟକ୍ରମେ ବ୍ୟାଙ୍କର୍ସ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକଙ୍କ ସହ ବୈଠକ କରାଯାଇ ଯୋଜନାର ଚୂଡ଼ାନ୍ତ ରୂପ ଦିଆଯାଇଛି।

ଏହି କାର୍ଯ୍ୟକ୍ରମ ସକାଶେ ମିଶନ ଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଅନୁବନ୍ଧିତ ହୋଇଛି। ପ୍ରତ୍ୟେକ କେନ୍ଦ୍ରରେ ପ୍ରସ୍ତୁତ ଛତୁଆର ମାନ ନିର୍ଦ୍ଧାରଣ ସକାଶେ ଅତ୍ୟାଧୁନିକ ମାନ ପରୀକ୍ଷଣ କେନ୍ଦ୍ର ଏବଂ ଉତ୍ତମ ପ୍ୟାକେଜିଂ ବ୍ୟବସ୍ଥା କରାଯାଇଛି। ଏହି ପଦକ୍ଷେପ ଫଳରେ ବିଭିନ୍ନ ବ୍ଲକ୍‌ରେ ପ୍ରସ୍ତୁତ ହେଉଥିବା ଛତୁଆର ମାନ ସର୍ବତ୍ର ସମାନ ରହିବ ବୋଲି କୁହାଯାଇଛି। ଇତିମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ତରଫରୁ ପ୍ରତ୍ୟେକ ବ୍ଲକ୍‌ରେ ଛତୁଆ ପ୍ରସ୍ତୁତ କରୁଥିବା ଏସ୍‌ଏଚ୍‌ଜିଙ୍କର ତାଲିକା ଜିଲାପାଳଙ୍କୁ ପ୍ରେରଣ କରାଯାଇଛି। ପ୍ରତି ଛତୁଆ ପ୍ରସ୍ତୁତି ୟୁନିଟ୍‌କୁ ୧୮ରୁ ୨୦ ଲକ୍ଷ ଟଙ୍କା ଆର୍ଥିକ ଋଣ ବ୍ୟାଙ୍କଗୁଡ଼ିକ ଜରିଆରେ ପ୍ରଦାନ କରାଯିବାର ବ୍ୟବସ୍ଥା ରଖାଯାଇଛି। ଏଥିରେ ୩୫% ଋଣ ସବ୍‌ସିଡି ପ୍ରଦାନ କରାଯିବାର ନିୟମ ରହିଛି। ଏହି କାର୍ଯ୍ୟକ୍ରମ ମହିଳା ଏସ୍‌ଏଚ୍‌ଜିଗୁଡ଼ିକୁ ସୁସଙ୍ଗଠିତ କରିବା ସହିତ ରାଜ୍ୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଥିବା ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି।

# ୪.୯୨ କୋଟି ଟଙ୍କାରେ ରାଜ୍ୟର ୧୨ ହଜାର ଯବତୀଯୁବକଙ୍କୁ ମିଳିଛି ତାଲିମ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

**ବିଧାନସଭାରେ ଦକ୍ଷତା ବିକାଶ ମନ୍ତ୍ରୀଙ୍କ ସୂଚନା**

- **ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନାରେ ବିନା ନିର୍ଦ୍ଦିଷ୍ଟ ପାଣ୍ଠିରେ ୧୪.୭୫ ଲକ୍ଷଙ୍କୁ ତାଲିମ**

ରାଜ୍ୟରେ ଯୁବତୀ ଓ ଯୁବକଙ୍କର ଦକ୍ଷତା ବିକାଶ କରିବାକୁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୨୦୧୭-୧୮ ଓ ୨୦୧୮-୧୯ରେ ୨୭ କୋଟି ୭୧ ଲକ୍ଷ ୪୯ ହଜାର ୧୮୪ ଟଙ୍କା ପ୍ରଦାନ କରିଛନ୍ତି। ସେଥିରୁ ୨୦୧୭-୧୮ରେ ୫,୮୨,୦୧,୦୦୦ ଟଙ୍କା ଏବଂ ୨୦୧୮-୧୯ରେ ୨୧,୮୯,୪୮,୧୮୪ ଟଙ୍କା ପ୍ରଦାନ କରିଛନ୍ତି। ସେହି କାର୍ଯ୍ୟକ୍ରମରେ ଏ ପର୍ଯ୍ୟନ୍ତ ୧୨,୦୭୦ ଜଣ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତିକ୍ଷମ କରାଯାଇଛି। ସେହି ତାଲିମ ବାବଦରେ ୪,୯୨,୧୭,୫୯୮ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷରେ ୨୦୧୪-୧୫ରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଜରିଆରେ ୨୦୨୧-୨୨ ଆର୍ଥିକବର୍ଷ ସୁଦ୍ଧା ୧୪,୭୫,୩୭୯ ଜଣ ଯୁବତୀଯୁବକଙ୍କୁ ତାଲିମ ଦିଆଯାଇ ନିଯୁକ୍ତିକ୍ଷମ କରାଯାଇଛି। ତେବେ ଏହି କାର୍ଯ୍ୟକ୍ରମ ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଣ୍ଠିର ବ୍ୟବସ୍ଥା ନାହିଁ। ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିବା ଉନ୍ନୟନ ନିଗମଗୁଡ଼ିକ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନାରୁ ପ୍ରାପ୍ତ ଆର୍ଥିକ ଯୋଜନାରେ ନିର୍ଦ୍ଦିଷ୍ଟ ବର୍ଗର ପ୍ରାର୍ଥୀଙ୍କୁ ତାଲିମ ପ୍ରଦାନ କରି ଆସୁଛନ୍ତି। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

# ସବୁ ଜିଲାରେ ହେବ ବିଜ୍ଞାନ କେନ୍ଦ୍ର

### ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ଆରମ୍ଭ ହୋଇଛି

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ରାଜ୍ୟର ସମସ୍ତ ଜିଲାରେ ଗୋଟିଏ ଜିଲା ବିଜ୍ଞାନ କେନ୍ଦ୍ର ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ଜମି ଚିହ୍ନଟ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାରେ ଜିଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଛି। ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଭଦ୍ରକ, ପୁରୀ, ବଲାଙ୍ଗୀର, ସୁନ୍ଦରଗଡ଼ ଏବଂ ଜଗତ୍‌ସିଂହପୁର। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଅନ୍ୟାନ୍ୟ ଜିଲାରେ ଜିଲା ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ଗୋଟିଏ ଜିଲା ବିଜ୍ଞାନ କେନ୍ଦ୍ର କରିବାକୁ ୫ ଏକର ଜମିର ଆବଶ୍ୟକତା ରହିଛି। ୨୦୨୦ ଜାନୁୟାରୀ ୨୧ ତାରିଖରେ ବରଗଡ଼ ଜିଲାର ଢୁଙ୍କୁଲାଠାରେ ଜିଲା ବିଜ୍ଞାନ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ସେହି କେନ୍ଦ୍ରକୁ ଏ ପର୍ଯ୍ୟନ୍ତ ୩୩,୨୦୦ ଛାତ୍ରୀଛାତ୍ର ଓ ଜନସାଧାରଣ ପରିଦର୍ଶନରେ ଆସିଛନ୍ତି। ଏ ବାବଦରେ ୭ ଲକ୍ଷ ୫୦ ହଜାର ୯୮୦ ଟଙ୍କାର ରାଜସ୍ୱ ଆଦାୟ ହୋଇଛି। ବିଜେଡି ସଭ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୬,୫୪,୭୫,୭୭୩ | ୫୨,୬୨,୩୦୦ | ୨୩,୯୨,୧୨,୭୭୫ |
| ଭାରତ | ୩,୪୬,୨୪,୩୬୦ | ୪,୭୦,୫୩୦ | ୩,୪୦,୫୩,୮୫୬ |
| ଓଡ଼ିଶା | ୧୦,୫୦,୦୬୦ | ୮୪୨୦(+୫୩) | ୧୦,୩୯,୪୬୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଜଙ୍ଗଲରେ ମହିଳାଙ୍କୁ ବାଜିଲା ଗୁଳି

**ଫୁଲବାଣୀ ଅଫିସ/ଖଜୁରିପଡ଼ା/ବଲସକୁମ୍ପା (ଡି.ଏନ୍.ଏ.),୪।୧୨:** କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅଞ୍ଚଳର ଏକ ଜଙ୍ଗଲରେ ଶନିବାର ଜଣେ ମହିଳାଙ୍କ ମୁଣ୍ଡରେ ଶିକାରୀଙ୍କ ଗୁଳି ବାଜିଛି। ସେ ଗୁରୁତର ହୋଇଛନ୍ତି। ମହିଳା ଜଣକ ହେଲେ ଛନ୍ଦୁରୁପଦର ବିଦୁଖୋଲ ଗ୍ରାମର ଜୟନ୍ତୀ କହଁର (୭୦)। ଜୟନ୍ତୀ ତାଙ୍କ ସ୍ୱାମୀ ପବିତ୍ରଙ୍କ ସହ ସକାଳେ ଜାଳେଣି କାଠ ଆଣିବା ପାଇଁ ଡଙ୍ଗାରେ ନଦୀ ପାର ହୋଇ ରଞ୍ଜାଗୁଡ଼ା ଜଙ୍ଗଲକୁ ଯାଇଥିଲେ। ସେଠାରେ କାଠ ସଂଗ୍ରହ କରିବା ପରେ ଜୟନ୍ତୀ ଡଙ୍ଗା ପାଖକୁ ଫେରି ଆସିଥିଲେ। ଡଙ୍ଗାରେ ପାଣି ପଶି ଯାଇଥିବାରୁ ସେ ପାଣି ବାହାର କରୁଥିବା ସମୟରେ ହଠାତ୍ ଜଙ୍ଗଲ ପଟୁ ଏକ ଗୁଳି ଆସି ତାଙ୍କ ମୁଣ୍ଡରେ ବାଜିଥିଲା। ଜୟନ୍ତୀଙ୍କ ପାଟି ଶୁଣି ସ୍ୱାମୀ ଧାଇଁ ଆସି ଦେଖିଲା ବେଳକୁ ସ୍ତ୍ରୀ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିଲେ। ଜୟନ୍ତୀଙ୍କୁ ପ୍ରଥମେ ଖଜୁରିପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# 'ମୋ ସରକାର'କୁ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)
ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଭାରତ ସରକାରଙ୍କ ସ୍ତରରେ ଅଣାଯାଇଥିବା ପରିବର୍ତ୍ତନ ରାଜ୍ୟ ଓ ଜିଲାସ୍ତରରେ ପ୍ରତିଫଳିତ ହେବା ଦରକାର। ଏକ ଦୁର୍ନୀତିମୁକ୍ତ ତଥା ସ୍ୱଚ୍ଛ ପ୍ରଶାସନ ଯୋଗାଇ ଦେବା ହେଉଛି ଏହାର ମୂଳ ଲକ୍ଷ୍ୟ। ପ୍ରଶାସନିକ କ୍ଷେତ୍ରରେ ରାଜ୍ୟମାନେ ପରସ୍ପରର ଶ୍ରେଷ୍ଠ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ ବୋଲି କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ, ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ କହିଛନ୍ତି। ଭୁବନେଶ୍ୱରଠାରେ 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ଉପରେ ଆୟୋଜିତ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀର ଶନିବାର ଉଦ୍‌ଯାପନୀ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ସିଂ କହିଛନ୍ତି, ଗତ କିଛିବର୍ଷ ହେବ ଅଭିଯୋଗ ସମାଧାନ ବ୍ୟବସ୍ଥା ସୁଦୃଢ଼ ହୋଇଛି। ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଅଂଶୀଦାର



ଆଞ୍ଚଳିକ ସମ୍ମିଳନୀର ଉଦ୍‌ଯାପନୀ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ଅନ୍ୟମାନେ।

ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ ପ୍ରତି ଧ୍ୟାନ ଦେବା ଉଚିତ୍। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ ଓସ୍ୱାସ, ମୋ ସରକାର ଏବଂ ଭୁବନେଶ୍ୱର ଭୂମି ବ୍ୟବହାର ସୂଚନା ପ୍ରଣାଳୀ ଭଳି ଡିଜିଟାଲ୍ ପଦକ୍ଷେପକୁ ପ୍ରଶଂସା କରିବା ସହ ଅନ୍ୟ ଅଞ୍ଚଳରେ ଏହାର ଉପଯୋଗ ପାଇଁ ଓଡ଼ିଶା ସରକାରଙ୍କୁ ସହଯୋଗ କରିବେ ବୋଲି କହିଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ଯୋଗଦେଇ କହିଥିଲେ, ଉତ୍ତମ ପ୍ରଶାସନ ହେଉଛି ବିକାଶମୂଳକ ପରିବର୍ତ୍ତନର ସର୍ବଶ୍ରେଷ୍ଠ ଉପକରଣ। ସାମର୍ଥ୍ୟ ବିକାଶ, ଉତ୍ତରଦାୟୀ ହେବା, ଉଚ୍ଚସ୍ତରୀୟ ନୈତିକତା ଓ ବିଶ୍ୱସନୀୟତା ବଜାୟ ରଖିବା, ସମସ୍ତ ସରକାରୀ ପଦକ୍ଷେପରେ ଲୋକାଭିମୁଖୀ ଦୃଷ୍ଟିକୋଣ ଆପଣାଇବା ଆଦି ଉତ୍ତମ ପ୍ରଶାସନର ମେରୁଦଣ୍ଡ। ଆମ ସମସ୍ତଙ୍କର ଲୋକଙ୍କ ପ୍ରତି ଏକ ଉତ୍ତରଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା କେତେକ ଶ୍ରେଷ୍ଠ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ସମ୍ମିଳନୀ ପ୍ରଶାସନିକ କ୍ଷେତ୍ରରେ ପରସ୍ପରର ବିଚାର ବିନିମୟ ଲାଗି ଏକ ମଞ୍ଚ ଯୋଗାଇ ଦେବ ବୋଲି କହିଥିଲେ। ରାଜ୍ୟ ଯୋଜନା ଏବଂ ସଂଯୋଜନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରଶାସନିକ କ୍ଷେତ୍ରରେ ଅଧିକ ପେସାଦାର ଆଭିମୁଖ୍ୟ ଏବଂ ଦକ୍ଷତା ଆଣିବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ପ୍ରଶାସନିକ ସଂସ୍କାର ଏବଂ ସାଧାରଣ ଅଭିଯୋଗ ବିଭାଗ ସଚିବ ସଞ୍ଜୟ ସିଂ ଓ ଅତିରିକ୍ତ ସଚିବ ଭି. ଶ୍ରୀନିବାସ ନିଜ ମତ ରଖିଥିଲେ। ପ୍ରଥମ ଅଧିବେଶନରେ ଓଡ଼ିଶାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା ଓ ଦ୍ୱିତୀୟ ଅଧିବେଶନରେ ନୀତି ଆୟୋଗ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମର ସ୍ୱତନ୍ତ୍ର ସଚିବ କେ. ରାଜେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ।

ଭାରତ ସରକାରଙ୍କ ପ୍ରଶାସନିକ ସଂସ୍କାର ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବ ଏବଂ ଉତ୍ତର-ପୂର୍ବାଞ୍ଚଳର ୧୫ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଇ–ପ୍ରଶାସନ, ଜଳ ଏବଂ ମୃତ୍ତିକା ସଂରକ୍ଷଣ, ଆକାଂକ୍ଷୀ ଜିଲା ଏବଂ ଅଭିନବ ପ୍ରଶାସନିକ ପଦକ୍ଷେପ ଆଦି ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା।

### ନନ୍ଦ ସାର୍‌ଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର

**ଯାଜପୁର ଅଫିସ୍, ୪।୧୨**
କରୋନାରେ ପୀଡ଼ିତ ପଦ୍ମଶ୍ରୀ ନନ୍ଦ କିଶୋର ପ୍ରୁଷ୍ଟି (ନନ୍ଦ ସାର୍)ଙ୍କୁ ଉନ୍ନତ ଚିକିତ୍ସା ପାଇଁ ଶନିବାର ଭୁବନେଶ୍ୱର ସମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ଗତ ୩୦ ତାରିଖରେ ଅସୁସ୍ଥ ହେବା ପରେ ତାଙ୍କୁ ଯାଜପୁର ରୋଡ୍ ଏରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ଦୁବୁରିସ୍ଥିତ ଟାଟା କୋଭିଡ ହସ୍ପିଟାଲକୁ ନିଆଯାଇଥିଲା।



ବୟସାଧିକ କାରଣ ଏବଂ ସ୍ୱାସ୍ଥ୍ୟଗତ ଜଟିଳତା ଯୋଗୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତଦନୁଯାୟୀ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ଉପସ୍ଥିତିରେ ଏକ ଆଡଭାନ୍ସ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଯୋଗେ ନନ୍ଦ ସାରଙ୍କୁ ସମ୍ ହସ୍ପିଟାଲକୁ ପଠାଯାଇଥିଲା।

# ଜଳକ୍ରୀଡ଼ାର ବିକାଶ ଲାଗି ଏମ୍‌ଓୟୁ

## ୧ ବର୍ଷ ପାଇଁ ପ୍ରାୟୋଜକ ହେବ ଓଡ଼ିଶା

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**
ରାଜ୍ୟ ସରକାର ହକିକୁ ପ୍ରୋତ୍ସାହନ ଦେବା ସହ ପ୍ରାୟୋଜକ ହୋଇଛନ୍ତି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ହକି ମହାକୁମ୍ଭ ଆୟୋଜନ କରି ବିଶ୍ୱ ଦରବାରରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳିସ୍ଥଳେ ଦେଶରେ ଜଳକ୍ରୀଡ଼ା(ସୁଇମିଂ ସ୍ପୋର୍ଟ୍ସ)ର ବିକାଶ ଓ ପ୍ରସାର ପାଇଁ ରାଜ୍ୟ ସରକାର ଆଗ୍ରହ ଦେଖାଇ ଆସନ୍ତା ୧ ବର୍ଷ ସକାଶେ ପ୍ରାୟୋଜକ ହେବେ। ଏ ନେଇ ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ମଧ୍ୟରେ ଏକ ଚୁକ୍ତିନାମା (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଫିନା ବ୍ୟୁରୋ ସଦସ୍ୟ ତଥା ଏସ୍‌ଏଫ୍‌ଆଇର ବରିଷ୍ଠ ଉପସଭାପତି ବୀରେନ୍ଦ୍ର ନାନାବତୀଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ତରଫରୁ ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ଏବଂ ମହାସଂଘ ପକ୍ଷରୁ ସେକ୍ରେଟାରି ଜେନେରାଲ ମୋନାଲ ଚୋକ୍ସି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ତଦନୁଯାୟୀ ଉଭୟ ମିଳିତ ଭାବେ ଓଡ଼ିଶା ଓ ଭାରତରେ ସୁଇମିଂ ଇକୋସିଷ୍ଟମ୍‌ର ବିକାଶ, ପ୍ରସାର ଦିଗରେ କାର୍ଯ୍ୟ କରିବେ। ଓଡ଼ିଶା ଷ୍ଟେଟ୍ ସୁଇମିଂ ଆସୋସିଏଶନ (ଓଏସ୍‌ଏସ୍‌ଏ) ସହ ମିଶି ଏସ୍‌ଏଫ୍‌ଆଇ ଜଳକ୍ରୀଡ଼ାର ବିକାଶ ନିମନ୍ତେ ବୈଷୟିକ ଜ୍ଞାନକୌଶଳ ଯୋଗାଇବ। ଏହି ଚୁକ୍ତିନାମା ଏକବର୍ଷ ପାଇଁ ବଳବତ୍ତର ରହିବ। ପରବର୍ତ୍ତୀ ସମୟରେ ସହମତି ଭିତ୍ତିରେ ଏହାର ସମୟସୀମା ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କନିଷ୍ଠ ହକି ବିଶ୍ୱକପ୍ ୨୦୨୧ ଚାଲିଥିବା ବେଳେ ଏହି ଚୁକ୍ତି ସ୍ୱାକ୍ଷର ରାଜ୍ୟ ତଥା ଦେଶର କ୍ରୀଡ଼ା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ଏହି ଅବସରରେ ଭିନିଲ କ୍ରିଷ୍ଣା କହିଛନ୍ତି, ସୁଇମିଂ ଭଳି ବହୁମୁଖୀ କ୍ରୀଡ଼ାରେ ଯୁବତୀ ଯୁବକମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ସୁଯୋଗ ରହିଛି। ଏସ୍‌ଏଫ୍‌ଆଇ ସହ ଚୁକ୍ତି ସ୍ୱାକ୍ଷର ଯୋଗୁ ରାଜ୍ୟରେ ଜଳକ୍ରୀଡ଼ାର ବିକାଶ ହୋଇପାରିବ। ଏସ୍‌ଏଫ୍‌ଆଇ ରାଜ୍ୟରେ ସମସ୍ତ ପ୍ରକାର ଜଳକ୍ରୀଡ଼ାକୁ ଆଗକୁ ନେବା ସହ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କଳିଙ୍ଗ ଷ୍ଟାଡିୟମରେ ବିଜୁ ପଟ୍ଟନାୟକ ସୁଇମିଂ କମ୍ପ୍ଲେକ୍ସ ରହିଛି। ଏହା ଉନ୍ନତ ଭିତ୍ତିଭୂମି ବିଶିଷ୍ଟ ଦେଶର ଅନ୍ୟତମ ଶ୍ରେଷ୍ଠ ସୁଇମିଂ ପୁଲ୍। ତୃଣମୂଳ ସ୍ତରର ସୁଇମିଂ ଟ୍ରେନିଂ ସେଣ୍ଟରଗୁଡ଼ିକୁ ସୁଦୃଢ଼ କରାଯାଉଛି। ଏହି ଚୁକ୍ତି ରାଜ୍ୟରେ ଜାତୀୟ ଏବଂ ଅନ୍ତର୍ଜାତୀୟ ଜଳକ୍ରୀଡ଼ା ଚାମ୍ପିଅନଶିପ ଆୟୋଜନ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।

# ହାଇକୋର୍ଟ ରେକର୍ଡ ରୁମ୍‌ରେ ୨ ଶହ ବର୍ଷର ନଥି


**କଟକ ଅଫିସ,୪।୧୨**
ଓଡ଼ିଶା ହାଇକୋର୍ଟର ରେକର୍ଡ ରୁମ୍‌ରେ ରହିଛି ୧୮୧୭ ମସିହାର ରେକର୍ଡ ଅର୍ଥାତ୍ ୨ ଶହ ବର୍ଷ ତଳର ନଥି। ବର୍ତ୍ତମାନ ସୁଦ୍ଧା କ୍ରିମିନାଲ ଓ ସିଭିଲ୍‌ର ମୋଟ୍ ୧୦ ଲକ୍ଷ ୧୧ହଜାର ରେକର୍ଡ ସମ୍ପୂର୍ଣ୍ଣ ସୁରକ୍ଷିତ ଅବସ୍ଥାରେ ରହିଛି। ଅଦାଲତକୁ ପେପରଲେସ୍ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ହାଇକୋର୍ଟ ରେକର୍ଡ ରୁମ୍‌ରେ ଥିବା ସମସ୍ତ କାଗଜପତ୍ରକୁ ଡିଜିଟାଇଜ୍ କରାଯାଉଛି। ୧୯୫୦ ମସିହା ପୂର୍ବର ରେକର୍ଡଗୁଡ଼ିକୁ ସୁରକ୍ଷିତ ଭାବେ ସାଇତି ରଖାଯାଉଥିବାବେଳେ ଏହା ପରର ରେକର୍ଡକୁ ଡିଜିଟାଇଜ୍ କରାଯାଉଛି।

ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଚିତ୍ତରଞ୍ଜନ ଦାଶ ଶନିବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ହାଇକୋର୍ଟ ସମେତ କଟକ, ବାଲେଶ୍ୱର, ସମ୍ବଲପୁର ଏବଂ ଗଞ୍ଜାମ ଜିଲାର ସମସ୍ତ ଅଦାଲତ ରେକର୍ଡଗୁଡ଼ିକୁ ଡିଜିଟାଇଜ୍ କରାଯାଉଛି। ଏହି କ୍ରମରେ ପିଟିଶନ କପି, ଅର୍ଡର କପି ସମେତ ମାମଲା ପରିଚାଳନା ସମ୍ପର୍କିତ ସମସ୍ତ ନଥିପତ୍ରକୁ ସଫ୍ଟ କପିର ରୂପ ଦିଆଯାଉଛି।



ପୂର୍ବରୁ ରେକର୍ଡ ସାଇତି ରଖିବା ନେଇ ଯେଉଁ ସମସ୍ୟା ଦେଖା ଦେଉଥିଲା, ତାହାର ସମାଧାନ ହୋଇପାରିବ ବୋଲି ଦାଶ କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ଭିତରେ ରହିଛି ମାଡ୍ରାସ ହାଇକୋର୍ଟ, ପାଟନା ହାଇକୋର୍ଟ ଏବଂ କୋଲକାତା ହାଇକୋର୍ଟର ଅନେକ ରେକର୍ଡ। ଏହାବ୍ୟତୀତ ପାର୍ସୀ ଭାଷାରେ ଲିଖିତ ଅର୍ଡର କପିକୁ ଖୁବ୍ ଯତ୍ନର ସହ ସାଇତି ରଖାଯାଇଛି। ରାଜ୍ୟର ସମସ୍ତ ଆଇନ ଅଦାଲତକୁ ପେପରଲେସ୍ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି, ଯାହା ଖୁବ୍‌ଶୀଘ୍ର ଶତ ପ୍ରତିଶତ କାର୍ଯ୍ୟକ୍ଷମ ହେବା ନେଇ ଆଶା କରାଯାଉଛି।

ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବାର୍ତ୍ତାଳାପ ସମୟରେ ରେଜିଷ୍ଟ୍ରାର(ଇନ୍ସପେକ୍ସନ) ତଥା ନୋଡାଲ ଅଫିସର(ଡିଜିଟାଇଜେଶନ) ପ୍ରଭାକର ଗାଣ୍ଡିଆ, ରେଜିଷ୍ଟ୍ରାର(ଜୁଡିସିଆଲ) ସୁମନ କୁମାର ମିଶ୍ର, ସେଣ୍ଟ୍ରାଲ ପ୍ରୋଜେକ୍ଟ କୋଅର୍ଡିନେଟର ଅନୁପମ ପାତ୍ର, ଡେପୁଟି ରେଜିଷ୍ଟ୍ରାର(ଆଡ୍‌ମିନିଷ୍ଟ୍ରେଶନ ଏବଂ ପ୍ରୋଟୋକଲ) ଦେବାଶିଷ ମହାନ୍ତି, ସ୍ପେଶାଲ ସେଲ୍ ଅଧିକାରୀ ଛାୟାକାନ୍ତ ଦାଶ, ଆଡିଶନାଲ କୋଅର୍ଡିନେଟର ସୁକୁମାର ମହାପାତ୍ର, ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର(ଆଡ୍‌ମିନିଷ୍ଟ୍ରେଶନ) ଆଶିଷ ସାହୁ ଉପସ୍ଥିତ ଥିଲେ। ସୁପରଭାଇଜିଂ ଅଫିସର ତ୍ରିଲୋଚନ ଗୁରୁ, ସିଭିଲ ରେକର୍ଡ ରୁମ୍‌ର ସୁପରିଣ୍ଟେଣ୍ଡେଣ୍ଟ ଅମିୟ କୁମାର ମହାନ୍ତି, କ୍ରିମିନାଲ ରେକର୍ଡ ରୁମ୍‌ର ସୁପରିଣ୍ଟେଣ୍ଡେଣ୍ଟ(ଇନ୍‌ଚାର୍ଜ) ଅମୂଲ୍ୟ କୁମାର ଦାସ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟର ବୁଲାଇ ଦେଖାଇଥିଲେ।




**ଆଜିର ମନ୍ତବ୍ୟ**

ଭାରତ ହେଉଛି ବିଶ୍ୱର ଦ୍ରୁତତମ ଅର୍ଥନୀତି। ମୋଦି ସରକାରଙ୍କ ନୀତିଗତ ନିଷ୍ପତ୍ତି ଯୋଗୁ ଏହା କରୋନା ମହାମାରୀର ପ୍ରଭାବରୁ ଶୀଘ୍ର ମୁକ୍ତ ହେବ। **-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ବବ୍‌ଲି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨.୩୧କୋଟି ଟଙ୍କାର ସମ୍ପତ୍ତି ଠାବ

**ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ**

ନୟାଗଡ଼ ଅଫିସ/ଓଡ଼ଗାଁ,୪।୧୨(ସ୍ୱ.ପ୍ର.):ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଜିଲା ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସ ଛନ୍ଦି ହୋଇ ପଡିଛନ୍ତି । ଶନିବାର ଭୁବନେଶ୍ୱର ଓ ନୟାଗଡ଼ ଭିଜିଲାନ୍ସ ଟିମ୍ ଏକକାଳୀନ ୫ଟି ସ୍ଥାନ ଉପରେ ଚଢ଼ାଉ କରି ୨ ଲକ୍ଷ ୭୪ ହଜାର ୭୫ ଟଙ୍କା ସହ ଗୋଟିଏ ୪ ଚକିଆ ଗାଡି, ୩ଟି ବାଇକ ଜବତ କରିଛନ୍ତି। ସେହିପରି ୪.୯୨ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର, ୮.୬୪ ଲକ୍ଷ ଟଙ୍କାର ବୀମା ରହିଛି । ପୁଣି ଭୁବନେଶ୍ୱରରେ ଗୋଟିଏ ଓ ନୟାଗଡ଼ରେ ୯ଟି ଏପରି ୧୦ଟି ପ୍ଲଟ, ୯.୩୦ ଲକ୍ଷ ଟଙ୍କା ବ୍ୟାଙ୍କ ଜମା ଅଛି । ଏହିପରି ମୋଟରେ ୨.୩୧ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦାସଙ୍କ ନୂଆପଡାକୁ ବଦଳି ଅର୍ଡର ବିଭାଗୀୟ ସଚିବଙ୍କ କାର୍ଯ୍ୟାଳୟର ପତ୍ରାଙ୍କ ସଂଖ୍ୟା ୧୭୫୦୬/୨।୧୨।୨୧ରେ ବାହାରିଛି । ତାଙ୍କ ସ୍ଥାନରେ କନ୍ଧମାଳ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରାୟ ଯୋଗଦେବାର ଅଛି । ଦାସ ନୟାଗଡ଼ ଛାଡି ନ ଥିବାବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫଳ ଗଛକୁ ବୋଝ ନୁହେଁ,**
**ଫଳନ୍ତି ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ୍ୟ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ ମା' କୁ କଷ୍ଟ ହୋଇ ନ ଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫଟା ରସିକ,**
**ପିକ ଖାଉ ଖାଉ ଗଲା ଓଳିକା।**

ରସିକପଣକୁ ଠିକ୍ ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ରସିକିଆ ଟୋକାର ରଙ୍ଗଢଙ୍ଗ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର
ପବ୍ଲିଶର୍ସ ପ୍ରା:ଲିଃ


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

ମାଟିବଂଶ ଅବଧାନ ଜାତିର ପୁଅ ପାଇଁ ପାତ୍ରୀ ଆବଶ୍ୟକ। ଫୋନ୍- **9937858319.** D-22432

automobile

**HIRE**

JCB Machine Excavators 38T, 22T,20T,12T,10T,8T & Loader- 2DX,3DX,JCB Compactor, JCB Loadall,Tata/Eicher Bus,Mercedes Benz available for Sale/Hire. Contact: 9556240228, 9937292015, 7077714312. Email-kttbbsr@gmail.com. D-22404

real estate

**SALE**

**3BHK flats and independent houses for resale in Jayadev Vihar, Kalyani Market (Unit-8) Bapujinagar, Patia Square. Contact: 8658095476, 8639726868 brokers excuse.** D-22429

**1500sft. plot immediately sale at Jharapada & 12000sft. IDCO plot for immediate sale at Mancheswar, Bhubaneswar, please contact- DEEPAK - 9937329999.** D-71607

**2400sqft. (40x60) G.A. plot for sale at Bharatpur. Price 1.20cr, only genuine buyer can contact at 7978627900 (No agent).** D-71512

**Boundarywall gharabari sthitiban corner plot sale near CV Raman Engg. College, Bhubaneswar. 7008643668.** D-71747

Layer poultry farm for Lease/Sale 70km. from Bhubaneswar. Contact: 7008566481. D-22420

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-22388

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9439660381. D-22344

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner-9090963952.** D-71746

100 Decimal plot Ghatikia, near Khandagiri, Bothside Road. Rs.16500000.00 (negotiable). Contact 8779676082 Morning and Evening. D-22457

କଟକ - ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ବୃହତ୍ତମ Commercial Hub Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ SC/General ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-71748

**Bhubaneswar infocity-2 200ft. road side near Cancer Hospital** ପାଖରେ **yellowzone** ପ୍ଲଟ୍ ମିଳୁଛି। **9337284117.** D-71741

Bhubaneswar, ନଖରା, ତ୍ରିନାଥବଜାରରେ, ପ୍ରତାପନଗରୀରେ ପିଚୁରୋଡ୍‌କୁ ଲାଗି sqft.-499/-ରେ ପ୍ଲଟ୍ ଦିଆଯାଉଛି। 9776121547. D-22297

**Complete Boundary wall, 30'' blacktop Road. Electricity Fully Developed plots Near Hanspal, N.H-16. 7978069616, 9439485255.** D-22462

3BHK flat 1658sqft., 3Toilet, 2nd Floor, near Jharapada Jail Square main road side resale @ 95Lac. Including all. 9439716901. D-71915

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

**4500sqft. 4BR Independent double storied building at Nageswartangi, BBSR, land-72 decimals. Contact: 9437928245 (11am-7pm).** D-71916

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22395

ଘର ସହିତ ଜାଗା ବିକ୍ରି ଅଛି । ଇଟାମାଟି ବସ୍‌ଷ୍ଟାଣ୍ଡ କାଳୀପୂଜା ମଣ୍ଡପକୁ ଲାଗି ସମୁଦାୟ ଜାଗା ୦୮.୦୦ ଡିସିମିଲ। ଠିକଣା- ଇଟାମାଟି ବସ୍‌ଷ୍ଟାଣ୍ଡ, ଜିଲ୍ଲା- ନୟାଗଡ଼ । ଯୋଗାଯୋଗ ଫୋନ୍ ନମ୍ବର: 7008052113, 8018067313. D-22441

**Residential gharabari plot near English Medium School, Brahmanjharilo with boundarywall 7km. from Nakhara, Cuttack and 12km. to BBSR. Contact No.- 7809525452.** D-71825

**2400sqft. GA plot immediately sale at Bharatpur & 3500sft. BDA plot sale at Patrapada (near DN Regalia Mall), Bhubaneswar, please contact- DEEPAK - 9937329999.** D-71606

**PURCHASE**

ମୋର ଦରକାର ରାସ୍ତା କଡ଼ ଜାଗା ନଖରା ଠାରୁ ଅଡଶପୁର ପର୍ଯ୍ୟନ୍ତ। **Only owners to Contact: 7978991126.** D-71826

construction

House construction Repairing, Painting, Plumbing, Fabrication, Tile work. Contact: 9658009658. D-71917

to-let

**To-Let 60000 sqft. Commercial Space between Cuttack and Bhubaneswar Highway. Contact 7008175963/ 9776050040.** D-22211

Single & double rooms at sisupalgad & Tankapani road. Bhubaneswar. 9437764734. D-70760

**1700sqft. area for Office/ Bank & Room for offsite ATM at mainroad, Oldhi about 200 metre away from Oldhi Chawk (NH-5A). Contact- 8895451983.** D-22285

healthcare

Newly open SPA Offer Price @ 699/-, positively health benefits. 7846814019. D-71444

Newly open SPA Offer Price @ 599/-, positively health benefits. 8455987557. D-71445

Refreshing your mind and body with the best therapy. 7873794731. D-71913

Newly open SPA positively health benefit with expert. Contact: 7749976301. D-71914

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## ଗୁଜରାଟ, ମହାରାଷ୍ଟ୍ରରେ ...

ଜଣକ ଦୀର୍ଘବର୍ଷ ହେଲା ଜିମ୍ବାୱେରେ ରହିଆସୁଥିବାବେଳେ ତାଙ୍କ ଶ୍ୱଶୁରଙ୍କୁ ଭେଟିବା ଲାଗି ଗୁଜରାଟ ଆସିଥିଲେ। ତାଙ୍କୁ ଜ୍ୱର ହେବାରୁ ଆର୍‌ଟି-ପିସିଆର୍ ପରୀକ୍ଷା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ଆଇସୋଲେଶନରେ ରଖାଯାଇଥିଲା। ଜିନୋମ୍ ସିକ୍ୱେନ୍ସିଂରୁ ଓମିକ୍ରନ୍ ସଂକ୍ରମିତ ଜଣାପଡ଼ିବା ପରେ ସେ ରହୁଥିବା ଅଞ୍ଚଳକୁ ମାଇକ୍ରୋ-କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ପରିଣତ କରାଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଖୋଜାଯାଇ ପରୀକ୍ଷା କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମନୋଜ ଅଗ୍ରୱାଲ କହିଛନ୍ତି। ପୂର୍ବରୁ ବେଙ୍ଗାଲୁରୁର ଜଣେ ୪୬ ବର୍ଷୀୟ ଡାକ୍ତର ଏବଂ ଦକ୍ଷିଣ ଆଫ୍ରିକାରୁ ଆସିଥିବା ଜଣେ ୬୬ ବର୍ଷୀୟ ବ୍ୟକ୍ତିଙ୍କୁ ଓମିକ୍ରନ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ତେବେ ଦକ୍ଷିଣ ଆଫ୍ରିକୀୟ ଜଣକ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପୂର୍ବରୁ ଭାରତ ଛାଡ଼ି ଦୁବାଇ ଚାଲିଯାଇଥିଲେ। କୋଭିଡ୍-୧୯ର ଓମିକ୍ରନ ଭାରିଆଣ୍ଟକୁ ନେଇ ସାରା ବିଶ୍ୱକୁ ଚିନ୍ତା ଘାରିଥିବାବେଳେ ବାହାର ଦେଶରୁ ବିଶେଷ କରି ଉକ୍ତ ଭାରିଆଣ୍ଟ ବ୍ୟାପିଥିବା ଦେଶରୁ ଆସୁଥିବା ଯାତ୍ରୀମାନଙ୍କର କୋଭିଡ୍ ଟେଷ୍ଟିଂକୁ ବାଧ୍ୟତାମୂଳକ କରାଯାଇଛି।

## ଓଡ଼ିଶାକୁ ସତର୍କ ...

ପରୀକ୍ଷା ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଚିଠି ଅନୁଯାୟୀ ଗତ ମାସରେ ଉପରୋକ୍ତ ୫ ରାଜ୍ୟ ଏବଂ ଜମ୍ମୁ-କଶ୍ମୀରର ୧୩ରୁ ୧୪ ଜିଲାରେ ସଂକ୍ରମଣ ଯଥେଷ୍ଟ ବଢ଼ିଛି। ଏହା ଦେଶରେ ନୂଆ ସଂକ୍ରମଣର ୫୫.୮୭ ପ୍ରତିଶତ। କର୍ଣାଟକରେ କୋଭିଡ୍-୧୯ର ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣ ଚିହ୍ନଟ ହେବା ପରେ ରାଜ୍ୟରେ କ୍ଲଷ୍ଟର ସଂକ୍ରମଣ ହୋଇଥିବା ଭାରତୀୟ ସାର୍ସ-କୋଭ୍-୨ ଜିନୋମିକ୍ସ କନସୋର୍ଟିୟମ (ଆଇଏନ୍‌ଏସ୍‌ଏସିଓଜି) ଆଶଙ୍କା ବ୍ୟକ୍ତ କରିଥିଲା। ବେଙ୍ଗାଲୁରୁ ସହରାଞ୍ଚଳରେ ମଧ୍ୟ ସାପ୍ତାହିକ ସଂକ୍ରମଣ ଓ ମୃତ୍ୟୁହାର ବୃଦ୍ଧି ପାଇଛି। କର୍ଣାଟକର ତୁମାକୁରୁ ଜିଲାରେ ସପ୍ତାହେ ମଧ୍ୟରେ ସଂକ୍ରମଣ ୧୫୨ ପ୍ରତିଶତ ବଢ଼ିଛି। ଜମ୍ମୁ-କଶ୍ମୀରର କଠୁଆ ଜିଲାରେ କୋଭିଡ୍-୧୯ ମାମଲା ୭୩୬ ପ୍ରତିଶତ ବଢ଼ିଥିବାବେଳେ କେରଳରେ ଗତ ମାସରେ ୧,୭୧,୫୨୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ଭାରତର ମୋଟ ସଂକ୍ରମଣ ମାମଲାର ୫୫ ପ୍ରତିଶତରୁ ଅଧିକ। ଏଠାରେ ମୃତ୍ୟୁହାର ମଧ୍ୟ ବଢ଼ିଛି। ନଭେମ୍ବର ୨୬ରେ ଶେଷ ହୋଇଥିବା ସପ୍ତାହରେ କୋଭିଡ୍ ଜନିତ ମୃତ୍ୟୁ ସଂଖ୍ୟା ୧,୮୯୦ ଥିବାବେଳେ ଡିସେମ୍ବର ୩ରେ ଶେଷ ହୋଇଥିବା ସପ୍ତାହରେ ତାହା ୨,୧୧୮ ହୋଇଛି ବୋଲି ଭୂଷଣ କହିଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ସହ ମୃତ୍ୟୁହାର କମାଇବାକୁ ହେଲେ କେତେକ ଜରୁରୀ ପଦକ୍ଷେପ ନେବାକୁ ହେବ। ଟେଷ୍ଟିଂ, ଟ୍ରାକିଂ, ଚିକିତ୍ସା ଓ ଟିକାକରଣ ବଢ଼ାଇବାକୁ ପଡ଼ିବ। ଏଥିସହିତ ଜନସାଧାରଣଙ୍କୁ କୋଭିଡ୍-୧୯ ଗାଇଡ୍‌ଲାଇନ ମାନିବା ଲାଗି ସଚେତନ କରାଇବାକୁ ହେବ ବୋଲି ଭୂଷଣ ଉପରୋକ୍ତ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟ ସଚିବଙ୍କୁ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। କରୋନାର ପଞ୍ଚମ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚିନ୍ତା ପ୍ରକଟ କରିଥିବାବେଳେ ଭାରତକୁ ହାଇ ଆଲର୍ଟରେ ରଖାଯାଇଛି। ସେଥିପାଇଁ ରାଜ୍ୟଗୁଡ଼ିକୁ ଟେଷ୍ଟିଂ, ଟ୍ରାକିଂ ଓ ଚିକିତ୍ସା ବଢ଼ାଇବା ଲାଗି ପରାମର୍ଶ ଦିଆଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଦୁର୍ବଳ ହେଲା ...

ସାମାନ୍ୟ ଉତ୍ତର ଦିଗକୁ ଘଣ୍ଟା ପ୍ରତି ୬ କି.ମି. ବେଗରେ ଗତିକରି ଏକ ସାମୁଦ୍ରିକ ଝଡ଼ର ରୂପ ନେଇଥିଲା। ତେବେ ସନ୍ଧ୍ୟା ସାଢ଼େ ୫ରେ ଏହା ଗଭୀର ଅବପାତରେ ପରିଣତ ହୋଇ ବିଶାଖାପାଟଣାଠାରୁ ଦକ୍ଷିଣପୂର୍ବ ଦିଗରେ ୧୮୦ କି.ମି., ଗୋପାଳପୁରରୁ ଦକ୍ଷିଣ ଦିଗରେ ୨୬୦ କି.ମି., ପୁରୀରୁ ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୩୩୦ କି.ମି. ଓ ପାରାଦୀପଠାରୁ ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୪୨୦ କି.ମି. ଦୂରରେ ରହିଛି। ଏହା କ୍ରମଶଃ ଦୁର୍ବଳ ହୋଇ ୧୨ ଘଣ୍ଟା ଭିତରେ ପ୍ରାୟ ଉତ୍ତର ଦିଗକୁ ଗତି କରିବା ପରେ ଉତ୍ତର-ଉତ୍ତରପୂର୍ବ ଦିଗରେ ଯାଇ ରବିବାର ମଧ୍ୟାହ୍ନରେ ପୁରୀ ନିକଟବର୍ତ୍ତୀ ଓଡ଼ିଶା ଉପକୂଳରେ ପହଞ୍ଚିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୬୦-୭୦ କି.ମି. ରହିବ। ପରବର୍ତ୍ତୀ ସମୟରେ ଜୱାଦ ଆହୁରି ଦୁର୍ବଳ ହେବା ସମ୍ଭାବନା ରହିଛି ଏବଂ ଉତ୍ତର-ଉତ୍ତରପୂର୍ବ ଦିଗକୁ ଓଡ଼ିଶା ଉପକୂଳ ଦେଇ ପଶ୍ଚିମ ବଙ୍ଗୋପସାଗର ଉପକୂଳ ଆଡ଼କୁ ଗତି କରିପାରେ। ଏହା ହୁଏତ ପୁରୀ ଉପକୂଳ ଦେଇ ସ୍ଥଳଭାଗରେ ପ୍ରବେଶ କରିବା ପରେ ପଶ୍ଚିମବଙ୍ଗ ଉପକୂଳ ଆଡ଼କୁ ମୁହାଁଇପାରେ। ପାଣିପାଗ ବିଭାଗର ଆକଳନ ଅନୁସାରେ ଯଦି ଜୱାଦ ଗତି କରିବ, ତେବେ ଏହା ଓଡ଼ିଶା ଉପକୂଳ ଛୁଇଁ ନ ପାରେ ବୋଲି ଏସ୍‌ଆର୍‌ସି ଆଶା ପ୍ରକଟ କରିଛନ୍ତି। ଏଥିଯୋଗୁ ଗଞ୍ଜାମ, ପୁରୀ, ଜଗତ୍‌ସିଂହପୁର ଏବଂ ଖୋର୍ଦ୍ଧା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କଟକ ଓ ଭୁବନେଶ୍ୱରରେ ୨୦୦ ମି.ମି. ପର୍ଯ୍ୟନ୍ତ ବର୍ଷା ହେବା ଆକଳନ କରାଯାଉଛି। ପବନ, ବର୍ଷାରେ ଅତ୍ୟଧିକ ଭିତ୍ତିଭୂମି ନଷ୍ଟ ହେବା ଆଶଙ୍କା ନାହିଁ। କିନ୍ତୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଅଦିନିଆ ବର୍ଷାରେ କୃଷି କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇପାରେ। ଧାନ ଓ ପନିପରିବା ଚାଷରେ ଅଧିକ କ୍ଷତି ହେବାର ଆଶଙ୍କା ରହିଛି। ତେଣୁ ଏକ ସପ୍ତାହ ମଧ୍ୟରେ କ୍ଷୟକ୍ଷତି ଆକଳନ କରାଯାଇ ପଦକ୍ଷେପ ନିଆଯିବ। ସେପଟେ ଜୁଆରକୁ ନେଇ ହେଉଥିବା ଚର୍ଚ୍ଚା ସମ୍ପର୍କରେ ଏସ୍‌ଆର୍‌ସି କହିଛନ୍ତି, ବିଭିନ୍ନ ଗଣମାଧ୍ୟମ, ସୋସିଆଲ୍ ମିଡିଆ ଏବଂ ୱେବ୍ ମିଡିଆରେ ୬ଟି ବାତ୍ୟା ପ୍ରଭାବିତ ଜିଲାରେ ଜୁଆରର ପ୍ରଭାବ ଅଧିକ ରହିବ ବୋଲି ଖବର ପ୍ରସାରଣ ହେଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଜନସାଧାରଣ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। ଅମାବାସ୍ୟା ଏବଂ ପ୍ରତିପଦା ରହୁଥିବା ଯୋଗୁ ଜୁଆର ଉଚ୍ଚତା ଦେଢ଼ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି।

ବାତ୍ୟା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ଏସ୍‌ଆର୍‌ସି କହିଛନ୍ତି, ଜିଲା ପ୍ରଶାସନ ଆବଶ୍ୟକ ସ୍ଥଳେ ଉଦ୍ଧାର କାର୍ଯ୍ୟ କରିବେ। ଗର୍ଭବତୀଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଉପକୂଳବର୍ତ୍ତୀ ଜିଲାର ୩ଶହରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କୁ ବୁଝାଇ ନିକଟସ୍ଥ ଆଶ୍ରୟସ୍ଥଳୀକୁ ନିଆଯାଉଛି। ଆବଶ୍ୟକ କରୁଥିବା ଲୋକେ ବାତ୍ୟା ଆଶ୍ରୟସ୍ଥଳୀ, ନିକଟସ୍ଥ ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶ୍ରୟ ନେବା ପାଇଁ ଅନୁରୋଧ କରାଯାଇଛି। କଚ୍ଚାଘରେ କେହି ରୁହନ୍ତୁ ନାହିଁ। ବାତ୍ୟା ସମୟରେ ଘରୁ ବାହାରନ୍ତୁ ନାହିଁ ବୋଲି ଏସ୍‌ଆର୍‌ସି ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ପ୍ରତ୍ୟେକ କ୍ଷେତ୍ରରେ ସମୟୋଚିତ ଦୃଢ଼ ପଦକ୍ଷେପ ନେଲେ କୃତକାର୍ଯ୍ୟ ହେବେ। ଅଫିସ୍ କାମରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ପରିବାର, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଅତୀତ କଥାକୁ ବିଶେଷ ଆଲୋଚନା କରି ସମସ୍ୟାକୁ ବଢ଼ାଇପାରନ୍ତି।

**ବୃଷ** ଅଭିଳଷିତ ଦ୍ରବ୍ୟ ପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାଧାରଣ କଥାକୁ କେନ୍ଦ୍ର କରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ବନ୍ଧୁଙ୍କ ପରାମର୍ଶରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। କର୍ମକ୍ଷେତ୍ରରେ ଜଣେ ସହକର୍ମୀଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ ମାର୍ଗର ଅନୁସରଣ କରିବେ। ପ୍ରଶାସନିକ ସ୍ତରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସାମିଲ ହୋଇପାରନ୍ତି। ଅଂଶୀଦାର ବନ୍ଧୁଙ୍କ ସହ ଜମିଜମା କାରବାର ବୃଦ୍ଧି ପାଇଁ ଚେଷ୍ଟିତ ହେବେ।

**ସିଂହ** ଆର୍ଥିକ ଅନଟନ ହେତୁ ମାନସିକ ଅବସାଦ ଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ଦୀର୍ଘଦିନର ମାଲିମକଦ୍ଦମା କିମ୍ବା ବିବାଦୀୟ ଘଟଣାର ବିଜୟୀ ହେବେ। ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇପାରନ୍ତି।

**କନ୍ୟା** ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦୃଷ୍ଟି ଦେଉଥିବାରୁ ହାତକୁ ନେଇଥିବା କାମଗୁଡ଼ିକ ଅଟକିବ ନାହିଁ। ସରକାରୀ କାମରେ ହଠାତ୍ ବିଶ୍ୱସ୍ତ ସୂତ୍ରରୁ ଶୁଭ ସମ୍ବାଦ ଶୁଣି ଖୁସି ହେବେ। ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଶତ୍ରୁତା ଅର୍ଜନ କରିପାରନ୍ତି। ଉପରିସ୍ଥ ଆଦେଶାନୁସାରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ପାରିବାରିକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ଲାଗି ଚେଷ୍ଟା କରିବେ। ବିଳାସ ବ୍ୟସନରେ ସମୟ ଅତିବାହିତ କରିପାରନ୍ତି। ବନ୍ଧୁମାନେ ବିଭ୍ରାନ୍ତ ଖବର ପରିବେଷଣ କରି ସାମୟିକ ମାନସିକ ଅସ୍ଥିରତାର କାରଣ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରି ଆନନ୍ଦିତ ହେବେ।

**ବିଛା** ମାନସିକ ଅସ୍ଥିରତା ମଧ୍ୟରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ମନସ୍ତାପ ମଧ୍ୟ କରିବେ। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବାର ଆଶା ରହିଛି।

**ଧନୁ** ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଫଳରେ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ଆର୍ଥିକ ଦୁରବସ୍ଥା ମଧ୍ୟରେ ଗତି କଲେ ମଧ୍ୟ ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ସନ୍ତାନ ହେତୁକ ଚିନ୍ତା ଦୂର ହେବ।

**ମକର** ଅତୀତ ଘଟଣାକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କର୍ମକ୍ଷେତ୍ରରେ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଆର୍ଥିକ ସ୍ଥିତି କ୍ରମଶଃ ବଦଳି ଯିବା କାରଣରୁ ଉଦ୍‌ବିଗ୍ନତା ବୃଦ୍ଧି ପାଇବ।

**କୁମ୍ଭ** ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ପରକଥାରେ ମୁଣ୍ଡ ପୂରାଇ ଭୁଲ୍ ମାର୍ଗରେ ଗତି କରି ପାରନ୍ତି। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତିର ଆଶଙ୍କା ରହିଛି ; ମାତ୍ର ଜଣେ ବନ୍ଧୁଙ୍କ ସାହାଯ୍ୟକୁ ଭୁଲିପାରିବେ ନାହିଁ। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ, ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** ଆପଣ ଯେତେ ଭଲ କାମ କଲେ ମଧ୍ୟ ଶତ୍ରୁତା କାରଣରୁ ସମାଲୋଚିତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ପ୍ରଶାସନ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଗୃହ ନିର୍ମାଣ କାମରେ ଉନ୍ନତି ଘଟିବ, କିନ୍ତୁ ପ୍ରତିରୋଧ ମଧ୍ୟ ପିଛା ଛାଡ଼ିବ ନାହିଁ। ପ୍ରତ୍ୟେକ କାମରେ ସହମତିରେ କାମ କଲେ ସଫଳତା ପାଇବେ।

# କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**ନୟାଗଡ଼ ଅଫିସ,୪।୧୨**

ନୟାଗଡ଼ ଜିଲା ଫତେଗଡ଼ ଥାନା ବାଇଗୁଣିଆ ତଳସାହିରେ ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ହୁଲାସ ସେଣ(୩୮) । ଖବର ପାଇ ଫତେଗଡ଼ ଥାନା ପୋଲିସ ହୁଲାସଙ୍କ ସ୍ୱାମୀ ତଥା ହତ୍ୟାକାରୀ ବସନ୍ତ ସେଣ(୪୦)ଙ୍କୁ ଗିରଫ କରିଛି। ବସନ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି। ହୁଲାସଙ୍କ ମୃତଦେହ ଜବତ କରି ପୋଲିସ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ବସନ୍ତ ଘରକୁ ଫେରି ହୁଲାସଙ୍କୁ ଖାଇବାକୁ ମାଗିଥିଲେ । ହୁଲାସ ଖାଇବାକୁ ଦେଇଥିଲେ ମଧ୍ୟ ବସନ୍ତ କୌଣସି କାରଣରୁ ବିରକ୍ତ ହୋଇଥିଲେ । ଏହାକୁ ନେଇ ହୁଲାସଙ୍କ ସହିତ ବସନ୍ତଙ୍କ ପାଟିତୁଣ୍ଡ ହୋଇଥିଲା । ଏଥିରେ ବସନ୍ତ ମାନସିକ ଭାରସାମ୍ୟ ହରାଇ ହୁଲାସଙ୍କୁ ଘରେ ପଡିଥିବା ଏକ କାଠଫାଳିଆରେ ପିଟି ଚାଲିଥିଲେ । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୩୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ହୁଲାସଙ୍କ ୨ ପୁଅ ଅଛନ୍ତି ।

# ମୃତ୍ତିକା ଓ ପରିବେଶ



ମୃତ୍ତିକାରେ ଆମର ଜନ୍ମ। ମୃତ୍ତିକାରୁ ଖାଦ୍ୟ, ପାନୀୟ ଓ ବାୟୁ ପାଇ ଆମେ ବଞ୍ଚୁ। ମୃତ୍ୟୁ ପରେ ଆମ ଶରୀର ମାଟିରେ ମିଶେ। ମୃତ୍ତିକା ସହିତ ଆମରଜୀବନ ଓତଃପ୍ରୋତ ଭାବେ ଜଡିତ। ମୃତ୍ତିକା ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା। ମୃତ୍ତିକାର ସୁସ୍ଥତା ଆମ ଚତୁଃପାର୍ଶ୍ୱସ୍ଥ ଭୂମି, ଜଳ, ବାୟୁ ଓ ଜଙ୍ଗଲ ଆଦି ପରିସ୍ଥିତିକୁ ବୁଝାଏ। ଭୂପୃଷ୍ଠସ୍ଥ ଭୂମି ରୂପ ବିବିଧ। ଉଚ୍ଚନୀଚ ପାହାଡ, ପର୍ବତ ଓ ଗଡ଼ାଣି ଆଦିକୁ ନେଇ ଭୂମି ରୂପ ସୃଷ୍ଟି। ଜଳବାୟୁ ପରିବର୍ତ୍ତନରେ ଭୂମି ରୂପର ମଧ୍ୟ ପରିବର୍ତ୍ତନ ଘଟିଥାଏ। ସମୁଦ୍ର ହ୍ରଦ,ନଦୀ, ନାଳି ଆଦିକୁ ନେଇ ଜଳଉତ୍ସ ସୃଷ୍ଟି। ଜଳବାୟୁର ପରିବର୍ତ୍ତନ ସହିତ ଜଳଉତ୍ସର ବୃଦ୍ଧି ବା କ୍ଷୟ ଘଟିଥାଏ। ଭୂପୃଷ୍ଠସ୍ଥ ବାୟୁମଣ୍ଡଳ ବିଭିନ୍ନ ବାଷ୍ପକୁ ନେଇ ସୃଷ୍ଟି। ଭୂପୃଷ୍ଠ ଓ ଭୂଗର୍ଭର ବାୟୁରେ ଥିବା ବିଭିନ୍ନ ବାଷ୍ପ ମଧ୍ୟରେ ପାର୍ଥକ୍ୟ କମ୍। ବାୟୁ ମଣ୍ଡଳରେ ଯବକ୍ଷାରଯାନ ଶତକଡା ୭୮ ଭାଗ, ଅମ୍ଳଜାନ ଶତକଡା ୨୧ ଭାଗ, ଆରଗନ୍ ଶତକଡା ୦.୯ ଭାଗ ଏବଂ ଅଙ୍ଗାରକାମ୍ଳ ଶତକଡା ୦.୦୩ ଭାଗ ସହିତ ନିଓନ, ହେଲିୟମ୍ ଏବଂ କ୍ରିପଟନ୍ ସ୍ୱଳ୍ପ ପରିମାଣରେ ସ୍ଥାୟୀ ଭାବେ ଥାଏ। ଏହାବ୍ୟତୀତ ପରିସ୍ଥିତିକୁ ନେଇ କିଛି ପରିବର୍ତ୍ତିତ ବାଷ୍ପ ଯଥା ମିଥେନ୍, ଆମୋନିଆ, କ୍ଲୋରିନ୍, ନାଇଟ୍ରସ୍ ଅକସାଇଡ୍ ଓ ସଲଫର ଡାଇଅକ୍ସାଇଡ୍ ଥାଏ। ଏହି ସମସ୍ତ ବାଷ୍ପ ମଧ୍ୟରୁ ଯବକ୍ଷାରଯାନ ନିଷ୍କ୍ରିୟ ଏବଂ ପରିବେଶ ପ୍ରତି କ୍ଷତିକାରକ ନୁହେଁ। ଅମ୍ଳଜାନ ଉଭୟ ପ୍ରାଣୀ ଓ ଉଦ୍ଭିଦ୍‌ଙ୍କ ଲାଗି ଅଶେଷ ଉପକାରୀ। ଅମ୍ଳଜାନ ଅଭାବରେ ଜୀବଜଗତ ତିଷ୍ଠିବା ଅସମ୍ଭବ। ଅଙ୍ଗାରକାମ୍ଳ, ମିଥେନ୍, ଆମୋନିଆ, ନାଇଟ୍ରସ୍ ଅକସାଇଡ୍, କ୍ଲୋରିନ୍, ଗନ୍ଧକ ବାଷ୍ପ ଆଦି ପ୍ରାଣୀ ଜଗତ ପାଇଁ ବିଷାକ୍ତ। ଏସବୁ ବାଷ୍ପକୁ ସବୁଜ ଗୃହ ବାଷ୍ପ କୁହାଯାଏ। ସବୁଜ ଗୃହ ବାଷ୍ପ ଭୂପୃଷ୍ଠର ଉତ୍ତାପ ବଢାଇ ଥାଏ। ଏଥିମଧ୍ୟରୁ ଅଙ୍ଗାରକାମ୍ଳ ଜୀବ ଜଗତ ପାଇଁ ବିଶେଷ କ୍ଷତିକାରକ। ଅଙ୍ଗାରକାମ୍ଳ ଅବଶ୍ୟ ଉଦ୍ଭିଦ୍ ଜଗତ ସକାଶେ ଅଶେଷ ଉପକାରୀ। ଉଦ୍ଭିଦ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ନେଇ ଶର୍କରା ଜାତୀୟ ଖାଦ୍ୟ ପ୍ରସ୍ତୁତ କରେ; ଯାହା ଭୂପୃଷ୍ଠ ଜୀବଙ୍କର ଏକ ଖାଦ୍ୟ। ବୃକ୍ଷର ଖାଦ୍ୟ ପ୍ରସ୍ତୁତି ସମୟରେ ବାୟୁମଣ୍ଡଳକୁ ଅମ୍ଳଜାନ ନିର୍ଗତ ହୁଏ। ଉକ୍ତ ଅମ୍ଳଜାନ ପ୍ରାଣୀଙ୍କର ଜୀବନ ସ୍ୱରୂପ। ଗୋଟିଏ ବୃକ୍ଷ ବର୍ଷକ ମଧ୍ୟରେ ପ୍ରାୟ ୧୩୦ କିଲୋଗ୍ରାମ୍ ଅମ୍ଳଜାନ ନିର୍ଗତ କରେ। ଏହି ସମୟ ମଧ୍ୟରେ ଜଣେ ମନୁଷ୍ୟ ତା'ର ଶ୍ୱାସକ୍ରିୟା ପାଇଁ ବର୍ଷକୁ ପ୍ରାୟ ୧୯୦ କିଲୋଗ୍ରାମ୍ ଅମ୍ଳଜାନ ଆବଶ୍ୟକ କରେ। ଏହାଦ୍ୱାରା ଜଣେ ମନୁଷ୍ୟ ପାଇଁ ବର୍ଷକୁ ୬୦ କିଲୋଗ୍ରାମ୍ ଅମ୍ଳଜାନର ଅଭାବ ପଡେ। ଗୋଟିଏ ପକ୍ଷରେ ଆମେ ଭୂପୃଷ୍ଠରୁ ଗଛ ସଂଖ୍ୟା କମାଉଛୁ ଏବଂ ଅନ୍ୟପକ୍ଷେ ଭୂପୃଷ୍ଠରେ ଜନସଂଖ୍ୟା ବଢୁଛି। ଏହାଦ୍ୱାରା ବର୍ଷକୁ ବର୍ଷ ଅମ୍ଳଜାନର ପରିମାଣ କମିବା ସହ ଅଙ୍ଗାରକାମ୍ଳଜାନ ପରିମାଣ ବଢୁଛି। ବର୍ତ୍ତମାନ ସଭ୍ୟତା ବଢିବା ସହ ବିଭିନ୍ନ ଯାନବାହନ ଚଳାଚଳ ସଂଖ୍ୟା ବଢିବା ସହ ଶିଳ୍ପ ପ୍ରତିଷ୍ଠା ତାଳ ଦେଇ ବଢୁଛି। ଯାନବାହାନ ଏବଂ ଶିଳ୍ପରୁ ନିର୍ଗତ ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢିବାରେ ଲାଗିଛି। ଗୋଟିଏ କ୍ଷେତରୁ ଏକାଧିକ ଫସଲ ଚାଷ ପାଇଁ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଓ ଫସଲର ଅବଶିଷ୍ଟାଂଶକୁ କ୍ଷେତରେ ପୋଡିବା ଯୋଗୁଁ ଏଥିରୁ ନିର୍ଗତ ଧୂଆଁ ବାୟୁ ଏବଂ ମୃତ୍ତିକାକୁ ପ୍ରଦୁଷଣ କରୁଛି। ବାୟୁ ମଣ୍ଡଳରେ ୧୦ ମାଇକ୍ରନରୁ ଅଧିକ ଧୂଳି ରହିଲେ ଉଭୟ ମାଟି ଓ ବାୟୁ ପ୍ରଦୂଷିତ ହୁଏ। ଜଳ ସେଚିତ ଜମିରେ ଏକାଧିକ ଥର ଧାନ ଚାଷ ହେବା ଦ୍ୱାରା ମାଟି ଓଦା ଓ ସନ୍ତସନ୍ତିଆ ହୋଇ ପ୍ରଦୂଷିତ ହେବା ସହ ମାଟିରେ ଅଙ୍ଗାରକାମ୍ଳ ଓ ମିଥେନ୍ ବାଷ୍ପ ସୃଷ୍ଟି ହେଉଛି।

> 'ମୃତ୍ତିକା ସହିତ ଆମରଜୀବନ ଓତଃପ୍ରୋତ ଭାବେ ଜଡିତ। ମୃତ୍ତିକା ସୁସ୍ଥ ରହିଲେ ଆମେ ସୁସ୍ଥ ରହିବା। ମୃତ୍ତିକାର ସୁସ୍ଥତା ଆମ ଚତୁଃପାର୍ଶ୍ୱସ୍ଥ ଭୂମି, ଜଳ, ବାୟୁ ଓ ଜଙ୍ଗଲ ଆଦିର ପରିସ୍ଥିତିକୁ ବୁଝାଏ।'

ଆଦିବାସୀ ଅଧ୍ୟୁଷିତ ଜିଲାରେ ଜଙ୍ଗଲ ପୋଡି ପୋଡୁ ଚାଷ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି। ଜଙ୍ଗଲର ବୃକ୍ଷମାନ କାଟି ଜଙ୍ଗଲ ଜମିକୁ କୃଷି କ୍ଷେତ୍ର ଓ ଶିଳ୍ପ ପ୍ରତିଷ୍ଠାରେ ନିୟୋଜିତ କରିବା ଦ୍ୱାରା ପରିବେଶ ଅଧିକ ମାତ୍ରରେ ପ୍ରଦୂଷିତ ହୋଇଯାଉଛି। ସରକାରୀ ସ୍ତରରେ ଏପ୍ରକାର କାର୍ଯ୍ୟକଳାପକୁ ପ୍ରତିରୋଧ କରାଇପାରିଲେ ପରିବେଶ ସୁସ୍ଥ ରହିବାରେ ସହାୟକ ହୁଅନ୍ତା। ଆବଶ୍ୟକ ପାଇଁ କଟା ଯାଉଥିବା ଗଛ ସ୍ଥାନରେ ନୂତନ ଗଛ ଲଗାଇ ଏହାର ଅଭାବ ପୂରଣ କରାଯିବା ଜରୁରୀ।

ସ୍ଥଳ ଭାଗ ପରି ଜଳ ଭାଗ ମଧ୍ୟ ପ୍ରଦୂଷିତ ହେଉଛି। କଳକାରଖାନାର କଠିନ ଓ ତରଳ ବର୍ଜ୍ୟ ବସ୍ତୁ; ନଦୀ, ନାଳି ଓ ପୁଷ୍କରଣୀକୁ ନିର୍ଗତ ହେବା ଦ୍ୱାରା ଜଳ ପ୍ରଦୂଷିତ ହେଉଛି। ଏହି ସବୁ ବର୍ଜ୍ୟ ବସ୍ତୁ ନଦୀ ଓ ନାଳିରୁ ସମୁଦ୍ରକୁ ଆସି ସମୁଦ୍ର ଜଳ ମଧ୍ୟ ପ୍ରଦୂଷିତ ହେଉଛି। ସମୁଦ୍ର ମଧ୍ୟରୁ ଟନ୍ ଟନ୍ ପଲିଥିନ ଉଦ୍ଧାର କରା ଯାଇଥିବାର ପ୍ରମାଣ ମିଳିଛି। ଜଳ ପ୍ରଦୂଷଣ ଯୋଗୁଁ ନଦୀ ଓ ସାମୁଦ୍ରିକ ଜୀବମାନଙ୍କର ବଂଶ ଲୋପ ପାଇବାରେ ଲାଗିଛି।

ଭୂଗର୍ଭର ମାଟିତଳୁ ବହୁ ମୂଲ୍ୟବାନ ଧାତୁ ଏବଂ ଖଣିଜ ଦ୍ରବ୍ୟକୁ ବ୍ୟବହାର ପାଇଁ ଆମେ ଉତ୍ତୋଳନ କରୁଛୁ। ଏହାଦ୍ୱାରା ମୃତ୍ତିକା ବହୁ ମାତ୍ରାରେ ପ୍ରଦୂଷିତ ହେଉଛି। ଓଡିଶାର କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାର ଲୁହା ଖଣି, ଯାଜପୁର ଜିଲ୍ଲାର କ୍ରୋମାଇଟ୍ ଖଣି, କୋରାପୁଟ ଜିଲ୍ଲାର ବକ୍ସାଇଟ୍ ଖଣି, ସମ୍ବଲପୁର, ଝାରସୁଗୁଡା ଏବଂ ଅନୁଗୁଳ ଜିଲାରେ କୋଇଲା ଖଣିରୁ ପ୍ରତିଦିନ ଟନ୍ ଟନ୍ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଉଛି। ଉକ୍ତ ଖଣିଜ ଦ୍ରବ୍ୟର ଉତ୍ତୋଳନରୁ ବାହାରୁଥିବା ଧାତୁର ଅବଶିଷ୍ଟାଂଶ ମାଟିରେ ରହି ମାଟିକୁ ପ୍ରଦୂଷିତ କରୁଛି। ଫଳରେ ଏହି ମାଟିରେ ବଢୁଥିବା ଫସଲ ଏବଂ ଉଦ୍ଭିଦ ବିଷାକ୍ତ ହେଉଛି।

ପରିବେଶ ପ୍ରଦୂଷଣ ଉଭୟ ପ୍ରାଣୀ ଏବଂ ଉଦ୍ଭିଦ ପାଇଁ କ୍ଷତିକାରକ। ଜାତିସଂଘର ସଦ୍ୟତମ ତଥ୍ୟରୁ ଜଣାପଡ଼ିଛି ଯେ ପରିବେଶ, ବିଶେଷ କରି ବାୟୁ ପ୍ରଦୂଷଣ ଯୋଗୁଁ ପ୍ରତି ମିନିଟ୍‌ରେ ବିଶ୍ୱରେ ୧୩ ଜଣ ଲୋକ ମୃତ୍ୟୁ ବରଣ କରୁଛନ୍ତି। ଏଭଳି ବିପଦରୁ ରକ୍ଷା ପାଇଁ ସମସ୍ତେ ପରିବେଶ ପ୍ରତି ସଚେତନ ରହି ଏହାକୁ ପ୍ରଦୂଷଣ ମୁକ୍ତ କରିବାକୁ ଚେଷ୍ଟା କରିବା ଜରୁରୀ। ଗ୍ଲାସଗୋ ୨୦୨୧ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିବା ଦେଶସମୂହ ୨୦୩୦ ପର୍ଯ୍ୟନ୍ତ ଭୂପୃଷ୍ଠରୁ ବୃକ୍ଷ ନ କାଟିବା ପାଇଁ ସହମତ ପ୍ରକାଶ କରିଛନ୍ତି।

–ପ୍ର.ସୁବୋଧ କୁମାର ସାହୁ
ଶୈଳଶ୍ରୀବିହାର, ମୋ:୯୫୫୬୨୭୬୦୮୫

# ମାଟି ପାଇଁ ପଦେ

**ମାଟି, ଯେଉଁଠୁ ଜୀବନ ଜିଇଁବାର ଅଧ୍ୟାୟ ଆରମ୍ଭ, ଯାହା ଉପରେ ମଣିଷ ନିଜ ମୌଳିକ ଆବଶ୍ୟକତାକୁ ପୂରଣ ପାଇଁ ନିରନ୍ତର ଜାରି ରଖେ ସଂଘର୍ଷ। ଆରମ୍ଭରୁ ମାଟି ହିଁ ଜୀବଜଗତ ପାଇଁ ସାହାରା ପାଲଟିଛି...**

ମାଟି ଏକ ମାଧ୍ୟମ ଯାହା କି ଖଣିଜଲବଣ, ପାଣି, ବାୟୁ, ଜୈବିକ ପଦାର୍ଥ ତଥା ଅଣୁଜୀବଙ୍କ ସମାହାରରେ ଗଠିତ। କହିବାକୁ ଗଲେ ଏହି ୫ଟି ଉପାଦାନକୁ ନେଇ ମାଟିର ସଂଜ୍ଞା ନିରୂପଣ କରାଯାଏ। ଖଣିଜଲବଣ– ମୃତ୍ତିକା ଗଠନରେ ଖଣିଜଲବଣର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଶତକଡ଼ା ୪୫ ରୁ ୪୯ ଭାଗ ଖଣିଜଲବଣକୁ ନେଇ ମାଟିର ଗଠନ କରାଯାଇଥାଏ। ପାଣି– ଏହା ଦ୍ୱିତୀୟ ମୁଖ୍ୟ ଉପାଦାନ। ମୃତ୍ତିକାର ଜଳଧାରଣ କ୍ଷମତା ଉପରେ ଫସଲର ଉତ୍ପାଦନ ହାର ନିର୍ଭର କରେ। ଯେଉଁ ମାଟିର ଜଳଧାରଣ କ୍ଷମତା ଅଧିକ ସେ ମାଟିରେ ଚାଷ କାମ ଭଲ ହୋଇଥାଏ।


ଜୈବିକ ପଦାର୍ଥ– ମାଟିରେ ଜୈବିକ ପଦାର୍ଥ ଅନ୍ୟ ଏକ ଉପାଦାନ ଭାବେ ବିଦିତ। ଜୈବିକ ପଦାର୍ଥ ଯେକୌଣସି ପଚିଥିବା କିମ୍ବା ସଢ଼ିଥିବା ଗଛ ବା ପଦାର୍ଥରୁ ପ୍ରସ୍ତୁତ ହୋଇପାରେ। ଯେଉଁ ମାଟିରେ ଜୈବ ପଦାର୍ଥ ଅଧିକ ପରିମାଣରେ ଥାଏ ସେଥିରେ କାଟାୟନ ଏକ୍ସଚେଞ୍ଜ କାପାସିଟି ଅଧିକ ଥାଏ। ସୁତରାଂ ସେଇ ମାଟିରେ ଭଲ ଭାବରେ ଫସଲ ଉତ୍ପାଦନ କରାଯାଇଥାଏ। ବାୟୁ – ପାଣି ପରି ମାଟି ଭିତରେ ବାୟୁର ଆବଶ୍ୟକତା ବି ସେତିକି ଗୁରୁତ୍ୱପୂର୍ଣ୍ଣ। କାରଣ ଗଛର ଚେର ପାଇଁ ଅମ୍ଳଜାନ ଅପରିହାର୍ଯ୍ୟ। ଠିକ ସେମିତି ଅଙ୍ଗାରକାମ୍ଳ ଓ ଯବକ୍ଷାରଜାନ ମାଟି ତଳେ ନାଇଟ୍ରୋଜେନ ଫିକ୍ସିଂ ବ୍ୟାକ୍ଟେରିଆଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅଣୁଜୀବ– ଯଦିଓ ମାଟି ମଧ୍ୟରେ ଅଣୁଜୀବ ଅଧିକ ପରିମାଣରେ ଦେଖାଯାଆନ୍ତି। ପରନ୍ତୁ ମୃତ୍ତିକା ଗଠନରେ ଏମାନେ ସେଭଳି ବିଶେଷ ଭୂମିକା ଗ୍ରହଣ କରନ୍ତି ନାହିଁ। ସର୍ବେକ୍ଷଣରୁ ଜଣାପଡ଼ିଛି ମୃତ୍ତିକାର ଉପର ସ୍ତରରେ ପାଖାପାଖି ୨୦୦୦୦ରୁ ଅଧିକ ଅଣୁଜୀବ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଜିଆ ଓ ସୂତ୍ରକୃମିଙ୍କ ସଂଖ୍ୟା ଅଧିକ। ଜୈବ ପଦାର୍ଥ ବିଘଟନରେ ଅଣୁଜୀବ ମୁଖ୍ୟ ଭୂମିକା ନେଇଥାନ୍ତି।

ମୃତ୍ତିକା କ୍ଷୟ କାରଣରୁ ଏବେ ମୃତ୍ତିକାର ଗଠନରେ ମଧ ସାମଞ୍ଜସ୍ୟ ରହେ ନାହିଁ। ତେବେ ଏଥିପାଇଁ ପ୍ରମୁଖ କାରଣ ହେଲା – ଜଙ୍ଗଲ କ୍ଷୟ, ପ୍ରାଣୀଙ୍କର ଅତ୍ୟଧିକ ଚରିବା ପାଇଁ ମାଟିକୁ ବ୍ୟବହାର, ବର୍ଷା ପାଣି ସଂରକ୍ଷଣ ନ ହୋଇପାରିବା, କଳକାରଖାନାର ବର୍ଜ୍ୟ ତଥା ଦୂଷିତ ପାଣି ମାଟିରେ ମିଶିବା ଏମିତି ଅନେକ। ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି। ଯଦି ଏଭଳି ଚାଲେ ତେବେ ଆଉ କିଛିବର୍ଷ ପରେ ଅବସ୍ଥା କ'ଣ ହେବ? କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି। ଏହାକୁ କାର୍ଯ୍ୟକାରୀ ବି କରିଛନ୍ତି। ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା। କିନ୍ତୁ ମୃତ୍ତିକା ସଂରକ୍ଷଣ ଲାଗି ସେମିତି ଯୋଜନା କାହିଁ? ମୃତ୍ତିକା ସଂରକ୍ଷଣ ପାଇଁ ନୂତନ ବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଉଛି। ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଇପାରନ୍ତି, ତେବେ ସୁଫଳ ମିଳିବାର ସମ୍ଭାବନା ଅଧିକ। ତେଣୁ ଏବେ ମାଟିପାଇଁ ଟିକେ ଚିନ୍ତା କରିବାର ସମୟ ଆସିଛି। କୁହାଯାଏ ଯେ ମାଟି ହେଉଛି ଆମର ମା' ଆଉ କୃଷିର ଆରମ୍ଭ ମାଟିରୁ। କିନ୍ତୁ ଆଜି ସେଇ ମାଟି ପ୍ରଦୂଷିତ ଓ ଅନୁର୍ବର। ପ୍ରବଳ ମାତ୍ରାରେ ରାସାୟନିକ ସାରର ବ୍ୟବହାର ଆଜି ମାଟି ମା' କୁ ନଷ୍ଟ କରିଦେଇଛି। ତେବେ ନିଜେ ସଜାଗ ହେଲେ ସବୁକିଛି ସୁଧୁରିବ ବୋଲି ଆଶା।

– ଡି ଶୁଭମ୍
କୃଷି ସ୍ନାତକୋତ୍ତର, ମୃତ୍ତିକା ବିଜ୍ଞାନ, ସୋଆ, ଭୁବନେଶ୍ୱର, ମୋ:୯୪୩୮୪୬୭୦୭୯

## 'ମୃତ୍ତିକାକୁ ଲବଣାକ୍ତରୁ ରକ୍ଷାକର...'

ମାଟିରୁ ହିଁ ଆରମ୍ଭ ସୃଜନର ଓଁକାର। ମାଟି ରହିଲେ ହିଁ ଇକୋସିଷ୍ଟମ୍‌ରେ ସମନ୍ୱୟ ସମ୍ଭବ। ତେଣୁ ମୃତ୍ତିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୫ରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଆସୁଛି। ମୃତ୍ତିକା ସମ୍ପଦର ସୁପରିଚାଳନା ଲାଗି ୨୦୦୨ରେ ଅନ୍ତର୍ଜାତୀୟ ମୃତ୍ତିକା




ବିଜ୍ଞାନ (ଆଇୟୁଏସ୍‌ଏସ୍) ଦ୍ୱାରା ଏକ ଦିବସ ପାଳନ ଲାଗି ପ୍ରସ୍ତାବ ଆଗତ କରାଯାଇଥିଲା। ଥାଇଲାଣ୍ଡର ନେତୃତ୍ୱରେ ଏବଂ ଗ୍ଲୋବାଲ ମୃତ୍ତିକା ସଂଗଠନ ସହଯୋଗରେ, ଏକ ସଚେତନତା ବୃଦ୍ଧି ପ୍ଲାଟଫର୍ମ ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଜୁନ ୨୦୧୩ରେ ବିଶ୍ୱ ମୃତ୍ତିକା ଦିବସ ପାଳନ ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଜାତିସଂଘର ୬୮ତମ ସାଧାରଣ ସଭାରେ ଏହାକୁ ଡିସେମ୍ବର ୨୦୧୩ରେ ଅନୁମୋଦନ କରାଯାଇଥିଲା। ଏହାପରେ ୫ ଡିସେମ୍ବର ୨୦୧୪ରେ ପ୍ରଥମ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଥିଲା। ମୃତ୍ତିକା ପ୍ରଦୂଷଣକୁ ରୋକିବା ପାଇଁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟବହାରଠୁ ଦୂରେଇ ରହିବା, ଇକୋ-ଫ୍ରେଣ୍ଡଲି ଉତ୍ପାଦ ବ୍ୟବହାର ଏବଂ କ୍ଷତିକାରକ ବର୍ଜ୍ୟ ପଦାର୍ଥ ମାଟିରେ ନ ପକାଇବା ସମ୍ପର୍କରେ ଏହି ଦିବସ ପାଳନ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ। ତେବେ ଚଳିତବର୍ଷ ଏହି ଦିବସ ଉପଲକ୍ଷେ ବାର୍ତ୍ତା ରହିଛି 'ମୃତ୍ତିକାକୁ ଲବଣାକ୍ତରୁ ରକ୍ଷାକର ଏବଂ ଉତ୍ପାଦକତା ବଢ଼ାଅ'।

# ଖାଦ୍ୟ ସୁରକ୍ଷା ଲାଗି ମାଟି ମାଆର ଯତ୍ନ ଜରୁରୀ

ମାଟି ହେଉଛି ମାଆ। ତା'ରି କୋଳରେ ଜୀବଜଗତ ଜନ୍ମ ଲାଭ କରେ ଆଉ ତା'ରି କୋଳରେ ମୃତ୍ୟୁବରଣ କରେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିଜ କୋଳରେ ଜୀବଜଗତକୁ ଧରି ରଖିବା ସହିତ ତା'ର ନାନାବିଧ ଆବଶ୍ୟକତା ମଧ୍ୟ ପୂରଣ କରେ। ସେ ମନୁଷ୍ୟ ହୁଅନ୍ତୁ କିମ୍ବା ପଶୁପକ୍ଷୀ କିମ୍ବା ବୃକ୍ଷଲତା, ସମସ୍ତେ ମୃତ୍ତିକାରୁ ହିଁ ନିଜର ଖାଦ୍ୟ ଓ ପାନୀୟ ସଂଗ୍ରହ କରିଥାନ୍ତି। ଏହି ମାଟି ମାଆର ଉପଯୁକ୍ତ ଯତ୍ନ ପାଇଁ ୨୦୧୩ରୁ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ସମଗ୍ର ପୃଥିବୀରେ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସ ଲାଗି ଶୀର୍ଷକ ରହିଛି Halt soil salinization and boost soil productivity (ମୃତ୍ତିକାକୁ ଲବଣାକ୍ତରୁ ରକ୍ଷାକର ଏବଂ ଉତ୍ପାଦକତା ବଢ଼ାଅ)। ଅର୍ଥାତ୍ ମୃତ୍ତିକାକୁ ଆମେ କିପରି ଲବଣାକ୍ତ ହେବାରୁ ରକ୍ଷାକରିବା ଓ ତା'ର ଉତ୍ପାଦକତା ବଢ଼ାଇବା। ସମଗ୍ର ପୃଥିବୀରେ ଏକ ତୃତୀୟାଂଶ ମୃତ୍ତିକା ଅବକ୍ଷୟ ଜର୍ଜରିତ। ଆମ ଦେଶରେ ୧୨୦.୭ ନିୟୁତ ହେକ୍ଟର ଜମି ଅବକ୍ଷୟିତ। ଅର୍ଥାତ୍ ମୋଟ କ୍ଷେତ୍ରଫଳର (୩୨୯ ନିୟୁତ ହେକ୍ଟର) ୩୭ ଭାଗ। ତେଣୁ ଆମ ମୃତ୍ତିକାକୁ ପ୍ରଦୂଷଣ ଓ ଅବକ୍ଷୟଜନିତ କ୍ରିୟାରୁ ବଞ୍ଚାଇବାକୁ ପଡିବ।

ଆଜି ଆମ ସମ୍ମୁଖରେ ଯେଉଁ ମାଟି ଦୃଶ୍ୟମାନ ତାହା ବର୍ଷେ, ଦୁଇବର୍ଷ କିମ୍ବା ଶହେ ବର୍ଷର ମାଟି ନୁହେଁ। ଏହା ଲକ୍ଷ ଲକ୍ଷ ବର୍ଷର ମାଟି। ସାଧାରଣତଃ ବୁଝିବାକୁ ଗଲେ ଏକ ସେଣ୍ଟିମିଟର ମାଟି ପାଇଁ ପ୍ରାୟ ୨୦୦-୪୦୦ ବର୍ଷ ସମୟ ଲାଗିଥାଏ। ଏହି ମୃତ୍ତିକା ପୁଣି ଉର୍ବର ମାଟିରେ ପରିଣତ ହେବା ପାଇଁ ଆହୁରି ୩୦୦୦ ବର୍ଷ ସମୟ ଲାଗେ। ଏଥିରୁ ଅନୁମାନ କରାଯାଇପାରିବ ଯେ, ଆମ ଚତୁଃପାର୍ଶ୍ୱରେ ଦେଖାଯାଉଥିବା ଗଭୀର ମାଟି କେତେ ଲକ୍ଷ ବର୍ଷର ସୃଷ୍ଟି। କିନ୍ତୁ ପରିତାପର ବିଷୟ ଏହି ଯେ, ପ୍ରତିବର୍ଷ ହେକ୍ଟର ପିଛା ଆମର ହାରାହାରି ମୃତ୍ତିକା କ୍ଷୟ ହେଉଛି ୧୬.୪ ଟନ। ଏହି ମୃତ୍ତିକା ତାହା ସହିତ ଅତ୍ୟନ୍ତ ମୂଲ୍ୟବାନ୍ ଖାଦ୍ୟ ପଦାର୍ଥ (ଯବକ୍ଷାରଜାନ, ଫସ୍‌ଫରସ୍, ପଟାସିୟମ ଇତ୍ୟାଦି) ଅଣୁସାର ଓ ଅନ୍ୟାନ୍ୟ ପଦାର୍ଥ ଜଳ



ସ୍ରୋତ ସହିତ ସମୁଦ୍ରକୁ ନେଇଯାଉଛି ଓ ମୃତ୍ତିକା ଉର୍ବରତା ହ୍ରାସ କରୁଛି। ଆଜିକାଲି ଆମେ ଆମର ବିଭିନ୍ନ କାର୍ଯ୍ୟକଳାପ ଦ୍ୱାରା ମୃତ୍ତିକା ପ୍ରଦୂଷଣ ବଢ଼ାଇବାରେ ଲାଗିଛେ। ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ମାଟିରେ ମିଶାଇ ଦେଉଛୁ ଏବଂ ତାହା ବିଘଟିତ ନ ହୋଇ ପଡ଼ିରହୁଛି। ମୃତ୍ତିକାର ମୁଖ୍ୟତଃ ୪ଟି ବଡ଼ ଅବଦାନ ରହିଛି। ଯଥା: (୧) ଜଳଧାରଣ କ୍ଷମତା, (୨) ବୃକ୍ଷଲତା ଖାଦ୍ୟଧାରଣ କ୍ଷମତା, (୩) ବିଘଟନ କ୍ଷମତା ଓ (୪) ସନ୍ତୁଳନ କ୍ଷମତା। ଏହି ଚାରୋଟି କାର୍ଯ୍ୟ ମଧ୍ୟରୁ ବିଘଟନ କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମାଟିରେ ବିଭିନ୍ନ ପ୍ରକାର ଅଣୁଜୀବ ବାସ କରନ୍ତି। ଯଥା: (୧) ଯବକ୍ଷାରଜାନ ବିବନ୍ଧକ, (୨) ଫସ୍‌ଫରସ୍ ଓ ଗନ୍ଧକ ଦ୍ରାବକ, (୩) ଜୈବିକ ବିଘଟକ, ଅମ୍ଳଜାନ ପ୍ରେରକ (ଜିଆ) ଇତ୍ୟାଦି ଇତ୍ୟାଦି। ଆମ ଓଡ଼ିଶାରେ ପ୍ରାୟ ୪୮୫ କିଲୋମିଟରର ସମୁଦ୍ର ତଟ ଅଛି, ଯାହାକି ଆମେ ସନ୍ତୁଳିତ ଭାବରେ ବ୍ୟବହାର ନ କଲେ ସମଗ୍ର ତଟ ଅଞ୍ଚଳରେ ଲୁଣା ମାଡ଼ିଯିବାର ସମ୍ଭାବନା ରହିଛି। ଅର୍ଥାତ୍ ସମୁଦ୍ରକୂଳିଆ ଅଞ୍ଚଳରେ ନିର୍ଦ୍ଧାରିତ ଗଭୀରତାଠାରୁ ଅଧିକ ଗଭୀରତାରୁ ନଳକୂପ ସାହାଯ୍ୟରେ ଭୂଜଳ ଉତ୍ତୋଳନ କଲେ, ସମୁଦ୍ର ପାଣି ସ୍ଥଳଭାଗକୁ ପ୍ରବେଶ କରି ସମଗ୍ର ମୃତ୍ତିକା ସ୍ତରକୁ ଲବଣାକ୍ତ କରିଦେବ ଓ ଫସଲ ଚାଷ ହୋଇ ପାରିବ ନାହିଁ। ସେହିପରି ପାହାଡ଼ିଆ ଅଞ୍ଚଳ ଢାଲୁ ହୋଇଥିବାରୁ ମୃତ୍ତିକା କ୍ଷୟ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ନ ନେଲେ, ଉର୍ବର ମୃତ୍ତିକା କ୍ଷୟ ହୋଇଯିବା ଫଳରେ ଜମିର ଉତ୍ପାଦିକା ଶକ୍ତି କମିଯିବ। ପର୍ଯ୍ୟାପ୍ତ ମାତ୍ରାରେ ଗୋବରଖାତ ଓ ସବୁଜ ସାର (ଧଣିଚା) ପ୍ରୟୋଗ ଅଭାବରୁ, ଓଡ଼ିଶାର ମୃତ୍ତିକାରେ ଜୈବିକ ଅଙ୍ଗାରକ ବହୁତ ମାତ୍ରାରେ କମିଗଲାଣି। ମୃତ୍ତିକାରେ ଆବଶ୍ୟକ ମାତ୍ରାଠାରୁ ଜୈବିକ ଅଙ୍ଗାରକ କମିଗଲେ, ତା'ର ଜଳଧାରଣ କ୍ଷମତା କମିଯିବ ଓ ଆମେ ଫସଲ ଉତ୍ପାଦନରେ ନାନା ସମସ୍ୟାର ସମ୍ମୁଖୀନ ହେବା। ତେଣୁ ଆମର ଭବିଷ୍ୟତ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମକୁ ଆମର ମୃତ୍ତିକାର ସର୍ବୋତ୍କୃଷ୍ଟ ଯତ୍ନ ନେବା ନିହାତି ଜରୁରୀ। ଆଜି ବିଶ୍ୱ ମୃତ୍ତିକା ଦିବସରେ ଶପଥ ନେବା ଯେ, ମୃତ୍ତିକା ପ୍ରଦୂଷଣମୁକ୍ତ ରଖିବା ଓ ତାହାର ଉର୍ବରା ଶକ୍ତି ଯେମିତି ସବୁଦିନ ପରି ବଜାୟ ରହେ, ସେ ଦିଗରେ କାର୍ଯ୍ୟ କରିବା ସହିତ ଅନ୍ୟମାନଙ୍କୁ ସେ ଦିଗରେ ଅଧିକ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ପ୍ରେରିତ କରିବା।

–ଡ. ପ୍ରମୋଦ କୁମାର ପଣ୍ଡା
ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର,
ମୋ: ୮୭୬୩୮୪୧୧୦୮

## ବିଶ୍ୱ ମୃତ୍ତିକା ଦିବସ

ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଅନୁଗୋଳ ଜିଲ୍ଲାର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଧରିତ୍ରୀମାତା କୋଳରେ ଆମେ ଜୀବଜଗତ ଓ ପ୍ରାଣୀଜଗତ ବଞ୍ଚି ରହିଛୁ। ମୃତ୍ତିକା ବିନା ଜୀବଜଗତ ଓ ପ୍ରାଣୀଜଗତ ବଞ୍ଚିବା ଅସମ୍ଭବ। ମୃତ୍ତିକା ଖାଦ୍ୟ ଉତ୍ପାଦନରେ ପ୍ରମୁଖ ଭୂମିକା ତୁଲାଇଥାଏ। ତେଣୁ ଆମେ ମାଟିକୁ ମା' ବୋଲି କହୁ। ଏହି ମାଟି ମା'ର ସ୍ୱାସ୍ଥ୍ୟ ଖରାପ ହେଲେ ଉତ୍ପାଦନରେ ବାଧା ସୃଷ୍ଟି ହୁଏ। ପ୍ରତ୍ୟେକ କୃଷି ଭାଇଭଉଣୀମାନେ ଯେ କୌଣସି ଚାଷ କରିବା ପୂର୍ବରୁ ନିଜ ନିଜର ଜମିର ମାଟି ଏହି କେନ୍ଦ୍ରରେ ମାଗଣାରେ ପରୀକ୍ଷା କରିନିଅନ୍ତୁ। ଆମର ଉଦ୍ଦେଶ୍ୟ, ଅଳ୍ପ ଖର୍ଚ୍ଚରେ କୃଷି ଉତ୍ପାଦନକୁ ବୃଦ୍ଧି କରିବା ତଥା ଚାଷୀଙ୍କ ଆର୍ଥିକ ଉନ୍ନତି କରିବା। ସୁସ୍ଥ ଓ ସବଳ ମୃତ୍ତିକା ହିଁ ଏହି ଉଦ୍ଦେଶ୍ୟକୁ ସଫଳ ବନାଇବ।

## ବିଶ୍ୱ ମୃତ୍ତିକା ଦିବସ – ୨୦୨୧ ଉପଲକ୍ଷେ ବାର୍ତ୍ତା

ପ୍ରତି ବର୍ଷ ଡିସେମ୍ବର ମାସ ୫ ତାରିଖକୁ ବିଶ୍ୱମୃତ୍ତିକ ଦିବସ ରୂପେ ସାରା ବିଶ୍ୱରେ ପାଳନ କରାଯାଇଥାଏ। ବର୍ଷ ୨୦୨୧ ପାଇଁ ଏହି ଦିବସର ଅନୁଚିନ୍ତା ହେଲା "ମୃତ୍ତିକା ଲବଣୀୟତାକୁ ରୋକନ୍ତୁ ଓ ମୃତ୍ତିକାର ଉତ୍ପାଦକତାକୁ ବୃଦ୍ଧି କରନ୍ତୁ"। ବର୍ତ୍ତମାନ ରାସାୟନିକ ସାରର ବହୁଳ ବ୍ୟବହାର, ଉପଯୁକ୍ତ ଜଳସେଚନ ଓ ନିଷ୍କାସନର ଅଭାବ ଯୋଗୁ ମାଟିର ଲବଣତା ଓ ଅମ୍ଳତା ଧୀରେ ଧୀରେ ବୃଦ୍ଧି ପାଇ ଫସଲ ଉତ୍ପାଦନରେ ବାଧା ସୃଷ୍ଟି କରୁଛି। ଭୂତଳ ଜଳରେ ମଧ ଲବଣତା ବୃଦ୍ଧି ପାଇବା ଦ୍ୱାରା ବହୁତ ଜମି ଚାଷ ଉପଯୋଗୀ ହୋଇପାରୁନାହିଁ।
କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ମୃତ୍ତିକା ପରୀକ୍ଷା, ରାସାୟନିକ ସାରର ସଠିକ୍ ବ୍ୟବହାର, ସମନ୍ୱିତ ଖାଦ୍ୟସାର ପରିଚାଳନା, ଅମ୍ଳମାଟିର ପରିଚାଳନା, ଜୈବିକ କୃଷି, ଜିଆଖତ ପ୍ରସ୍ତୁତି ଆଦି ବିଭିନ୍ନ ବିଷୟରେ ତାଲିମ, ମୃତ୍ତିକା ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆଦି ଆୟୋଜନ କରିଆସୁଅଛି।
ଏହି ଦିବସ ପାଳନ ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ଜିଲ୍ଲାର ସମସ୍ତ ଚାଷୀଭାଇମାନଙ୍କର ଉନ୍ନତି କାମନା କରୁଅଛି।
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼–୧

## କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

ମାଲକାନଗିରି ଜିଲ୍ଲାର ୨ ଲକ୍ଷରୁ ଉର୍ଦ୍ଧ୍ୱ ବୃହତ, ମଧ୍ୟମ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସେବାରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ସର୍ବଦା ଅଗ୍ରାଧିକାର ଦେଇଆସୁଛି। ଜିଲ୍ଲାରେ ୭୫ ହଜାର ହେକ୍ଟର ଜମିରେ ଧାନ ଚାଷ, ୨୭ ହେକ୍ଟରରେ ତୈଳବୀଜ ଚାଷ, ୧୯ରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଚିନାବାଦାମ, ୯ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ମକା ଚାଷ,




ମାଲକାନଗିରି କୃଷି ବିଜ୍ଞାନ କେନ୍ଦ୍ର କୃଷକଙ୍କ ସେବାରେ
ବରିଷ୍ଠ ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି

With Best Compliments From:
TARINEE PROMOTERS PRIVATE LIMITED
S-5/170, Niladri Vihar, Chandrasekharpur, Bhubaneswar - 751021, Odisha
Tel.: 6370510038
E-mail: tarineepromoters@gmail.com
Deals in : P.P. Chemicals | Organic Manures | Micronutrients & Seeds

M/S. G.N. MOHANTY & CO.
Agro Inputs C&F Agent
62 Years Service to the Farmers of Odisha
C&F Agent for :
- Coromandel International Ltd.
- Rallis India Ltd.
- Swal Corporation Ltd.
- Willowood Crop. Sciences Pvt. Ltd.
- FMC India Pvt. Ltd.

Office :
Plot No. 2060 (Part), 2061, 2062
Samantarapur, Bhubaneswar - 751002
Phone No.: 0674-2340528, 9437074183
Email ID: gnmohantyandco@gmail.com




STALWART PROJECTS PVT. LTD.

Taro Pumps
Mob.: 9937301707
Used for Better Efficiency
Mfd. by: Texmo Industries



Agricultural and Domestic
Manoblock & Borewell
Submersible Pumpset
Authorised Main Dealer:
BASUDEV PUMPS
Okilbag Complex, Laxmisagar
BBSR, Ph.: 0674-2572532

> ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ଚିହ୍ନିପାରିବ। —ଶ୍ରୀମା

# ପଛକୁ ହଟିଲେ



## ଆକାର ପଟେଲ

ଦୁଇ ବର୍ଷ ପୂର୍ବେ ଠିକ୍ ଏଇ ମାସରେ ସରକାରଙ୍କ ବାଟ ହୁଡ଼ିବା ଆରମ୍ଭ ହୋଇଥିଲା। ଡିସେମ୍ବର ୨୦୧୯ରୁ ଡିସେମ୍ବର ୨୦୨୧ ମଧ୍ୟରେ ବହୁ ଦଶନ୍ଧି ଧରି ପ୍ରଚାର କରି ଆସୁଥିବା ତିନୋଟି ବିଷୟକୁ ସରକାର ସ୍ଥାପିତ କରିଛନ୍ତି। ୧ ଅଗଷ୍ଟ ୨୦୧୯ରେ ତିନି ତଲାକ୍‌ର ଅପରାଧୀକରଣ ଆଇନ ଆଣିଥିଲେ। ପୂର୍ବରୁ ସୁପ୍ରିମ୍‌କୋର୍ଟ ତିନି ତଲାକ୍‌କୁ ରଦ୍ଦ କରି ସାରିଥିଲେ। ଏଣୁ ଏହାକୁ ଅପରାଧୀକରଣ କରିବାକୁ ସରକାରଙ୍କର କୌଣସି କାରଣ ନ ଥିଲା, କିନ୍ତୁ କୌଣସି ପ୍ରକାରେ ଏହା କରାଗଲା। ୪ ଦିନ ପରେ ଅର୍ଥାତ୍ ଅଗଷ୍ଟ ୫ରେ କଶ୍ମୀର ତା’ ସ୍ୱାୟତ୍ତତା ହରାଇଲା ଏବଂ ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଗଲା। ନଭେମ୍ବର ୯ରେ ସୁପ୍ରିମକୋର୍ଟ ତିନି ଦଶନ୍ଧି ଧରି ପଡ଼ିରହିଥିବା ବାବ୍ରି ମସ୍‌ଜିଦ ମାମଲାର ବିଚାର କରି ହିନ୍ଦୁଙ୍କ ସପକ୍ଷରେ ଚୂଡ଼ାନ୍ତ ରାୟ ଦେଇଥିଲେ। ଅମିତ ଶାହା ସଂସଦକୁ ଆଶ୍ୱାସନା ଦେଇଥିଲେ ଯେ, ଦେଶସାରା ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ଠିକ୍ ଭାବେ ଚାଲିଛି। ହେଲେ ତା’ପରଦିନ ଅର୍ଥାତ୍ ନଭେମ୍ବର ୧୧ରେ ସରକାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ପାସ୍ କରିଥିଲେ। ପୁନଶ୍ଚ ଏହାର ୪ ଦିନ ପରେ ୧୫ ଡିସେମ୍ବର ୨୦୧୯ରେ ଶାହିନବାଗ୍‌ରେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ ହୋଇଗଲା। ଏଭଳି ଏକ ଭେଦଭାବପୂର୍ଣ୍ଣ ଆଇନ ବିରୋଧରେ ଦେଶ ସାରା ମଧ୍ୟ ଆନ୍ଦୋଳନ ତେଜିଉଠିଲା। ପରେ ସରକାର ତାଙ୍କ କାର୍ଯ୍ୟସୂଚୀକୁ ଠିକ୍ ଭାବେ ଲାଗୁ କରିପାରିଲେ ନାହିଁ। ତେବେ ଏନ୍‌ଆର୍‌ସିକୁ ଆଉ ଆଗକୁ ନ ନେବା ଲାଗି ସ୍ଥିର କରିବା ପରେ ସରକାର ପ୍ରଥମେ ପଛକୁ ହଟିଥିଲେ। ରାଜ୍ୟଗୁଡ଼ିକ ମଧ୍ୟ ଏନ୍‌ଆର୍‌ସି ବିରୋଧରେ ପ୍ରସ୍ତାବ ପାସ୍ କଲେ। ଶେଷରେ ୨୦ ଫେବୃୟାରୀ ୨୦୨୦ରେ ବିହାରରେ ଏହା ବିରୋଧରେ ପ୍ରସ୍ତାବ ପାସ୍ କରାଯାଇଥିଲା । ତା’ପର ମାସରେ ଶାହିନବାଗ ଆନ୍ଦୋଳନ ସମାପନ ହେଲା, କିନ୍ତୁ ସେତେବେଳକୁ ବିଜୟ ହାସଲ ହୋଇସାରିଥିଲା। ସରକାର ତାଙ୍କ ଯୋଜନାରେ ଆଗକୁ ବଢ଼ି ନ ପାରିବା ଯୋଗୁ କେତେଦୂର ପ୍ରଭାବିତ ହୋଇଥିଲେ ତାହା ଦିଲ୍ଲୀ ଗଣହତ୍ୟା ଏବଂ ଅନୁରାଗ କଶ୍ୟପ ଓ କପିଲ ମିଶ୍ରଙ୍କ ଭଳି ଉଦ୍ଧତ ଚରିତ୍ରରୁ ସ୍ପଷ୍ଟ ହୋଇଥିଲା। ପୁଣି ୨୦୨୦ ମାର୍ଚ୍ଚରେ ମହାମାରୀ ଆସିଲା ଓ ଲକ୍‌ଡାଉନ ଯୋଗୁ ଭାରତୀୟ ଅର୍ଥ ବ୍ୟବସ୍ଥା ମାନ୍ଦା ପଡ଼ିଗଲା। ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ(ଜିଡିପି) ବାଂଲାଦେଶ ପଛକୁ ଚାଲିଗଲା। ବିତ୍ତୀୟ ନିଅଣ୍ଟର ଝଟ୍‌କା ଲାଗିଲା। ସରକାର ଚାପରେ ରହିଲେ ଏବଂ ସବୁ ଭାରତୀୟଙ୍କଠାରୁ ପେଟ୍ରୋଲ ଓ ଡିଜେଲର ଅତ୍ୟଧିକ ଟିକସ ମାଧ୍ୟମରେ କ୍ଷତି ଭରଣା କରିବାକୁ ବିଚାର କଲେ। ୨୦୨୦-୨୧ ଆର୍ଥିକ ବର୍ଷର ସମ୍ପୂର୍ଣ୍ଣ ୧୨ ମାସ ଯାକ ଲକ୍‌ଡାଉନର ପ୍ରଭାବ ଅନୁଭବ ହେଲା। ଏପରିକି ଏ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରିନାହୁଁ। ମହାମାରୀରେ ୨୩ କୋଟି ଭାରତୀୟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଗଲେ। ବେରୋଜଗାର, ଯାହା ୨୦୧୮ ସୁଦ୍ଧା ୧୯୪୭ର ପୂର୍ବସ୍ଥିତି ୬%ରୁ ଊର୍ଦ୍ଧ୍ୱରେ ରହିଥିଲା, ସେଠାରେ ପହଞ୍ଚିଗଲା। ଜୁନ୍ ୨୦୨୦ରେ ମହାମାରୀ ସମୟରେ କୃଷି ଅଧ୍ୟାଦେଶ ମଧ୍ୟ ପାସ୍ ହୋଇଥିଲା। ସେପ୍ଟେମ୍ବରରେ ସଂସଦରେ ବିନା ଭୋଟ୍‌ରେ କୃଷି ବିଲ୍ ପାସ୍ କରାଗଲା। ଏହି ବିଲ୍‌କୁ ବିରୋଧ କରି ନଭେମ୍ବର ଶେଷରେ କୃଷକମାନେ ଦିଲ୍ଲୀ ସୀମାରେ ପହଞ୍ଚି ଏ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଛନ୍ତି। ବର୍ତ୍ତମାନ ସରକାର ପଛକୁ ହଟି ୩ କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ ମଧ୍ୟ ସର୍ବନିମ୍ନ ସହାୟକ ମୂଲ୍ୟକୁ ନେଇ ନୂଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶେଷକରି କିଛି ମାସ ପରେ ନିର୍ବାଚନ ହେବାକୁ ଥିବା ଉତ୍ତରପ୍ରଦେଶର ପଶ୍ଚିମ ଭାଗ ବିଧାନସଭା ନିର୍ବାଚନମଣ୍ଡଳୀଗୁଡ଼ିକର କୃଷକମାନଙ୍କ ଉପରେ ଆନ୍ଦୋଳନର ପ୍ରଭାବ ପଡୁଥିବାରୁ ସରକାର ବିବ୍ରତ ହୋଇପଡ଼ିବା ସ୍ପଷ୍ଟ ହୋଇଛି।

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମୋଦିଙ୍କ ବନ୍ଧୁ ଡୋନାଲ୍ଡ ଟ୍ରମ୍ପ୍ ପରାଜୟବରଣ କରିବା ପରେ ଜାନୁୟାରୀ ୨୦୨୧ରେ ବାଇଡେନ୍ ପ୍ରଶାସନ କ୍ଷମତାକୁ ଆସିଲା। ଏହାର କିଛିଦିନ ପରେ ବାଇଡେନ୍ ପ୍ରଶାସନ ଚାପ ଭୟରେ ସରକାର କଶ୍ମୀରରେ ଦୀର୍ଘ ୧୭ ମାସ ଧରି ବନ୍ଦ ରହିଥିବା ଇଣ୍ଟର୍‌ନେଟ୍ ସେବା ଚାଲୁ କରିଦେଲେ। ମେ’ ୨୦୨୦ରେ ଭାରତକୁ ଅବଗତ କରାଗଲା ଯେ, ଚାଇନା ସେନା ଲଦାଖ ଭିତରକୁ ମାଡ଼ିଆସୁଛନ୍ତି ଏବଂ ଏହାକୁ ବିରୋଧ କରିବାକୁ ଯାଇ ୧୫ ଜୁନ୍‌ରେ ଭାରତୀୟ ଓ ଚାଇନା ସେନା ମଧ୍ୟରେ ସଂଘର୍ଷ ଘଟି ୨୦ ଭାରତୀୟ ଯବାନ ଶହୀଦ ହେଲେ। ସୀମା ଅଶାନ୍ତ ହୋଇଗଲା। ଭାରତ ସରକାର ଅଚାନକ ଲାଇନ୍ ଅଫ୍ କଣ୍ଟ୍ରୋଲ୍‌ରୁ ସୈନ୍ୟଙ୍କୁ ଚାଇନା ସୀମା ପଟକୁ ସ୍ଥାନାନ୍ତର କଲେ। ବାଲାକୋଟ୍ ଆକ୍ରମଣ ପରେ ଜାତୀୟ ସୁରକ୍ଷା ସମସ୍ୟା ସମାଧାନ ହୋଇଯାଇଛି ବୋଲି ଯାହା ଜଣାପଡୁଥିଲା ତାହା ବାସ୍ତବରେ ଆଦୌ ହୋଇ ନ ଥିଲା। ଏହାବାଦ୍ ଚଳିତ ବର୍ଷ ଆମେରିକା ଓ ଅନ୍ୟ ଦୁଇ ରାଷ୍ଟ୍ର ସହ ଭାରତର ନୌ ସାମରିକ ମେଣ୍ଟ (କ୍ୱାଡ୍)ର ଗୁରୁତ୍ୱ କମିଯାଇଛି। ଆମେରିକା ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ସହ ନୌସେନା ମେଣ୍ଟ ଘୋଷଣା କରିବା ପରେ ଏଭଳି ଘଟିଛି।

କଶ୍ମୀର ସମସ୍ୟା ସମାଧାନ ହୋଇନାହିଁ। ଏଠାରେ ଏବେ ବି ଗଣତନ୍ତ୍ର ନାହିଁ। ଭାରତର ଏକମାତ୍ର ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଏହା ବିନା ନିର୍ବାଚିତ ସରକାରରେ ଚାଲିଛି। ସେଠାରେ ହିଂସା କମିନାହିଁ, ଲୋକେ ଅଧିକ ବିରୋଧୀ ହୋଇ ଯାଇଛନ୍ତି। ଏହାଦ୍ୱାରା ସେନାକୁ ଏଲ୍‌ଓସିରେ ହିଂସା ନିୟନ୍ତ୍ରଣ ଓ କଶ୍ମୀରରେ ଅନୁପ୍ରବେଶ ରୋକିବାର ଦୁଇଟି ଦାୟିତ୍ୱ ତୁଲାଇବା ସହ ତୃତୀୟରେ ଚାଇନା ସୀମାର ଦାୟିତ୍ୱ ବହନ କରିବାକୁ ପଡ଼ିଛି। ମୋଟ୍ ଉପରେ ସାମ୍ପ୍ରତିକ ସମୟରେ ମାନ୍ଦା ଅର୍ଥନୀତିରୁ ସରକାର ଏବଂ ପ୍ରଧାନମନ୍ତ୍ରୀ କିପରି ସରଳରେ ମୁକୁଳିବେ ତାହା ସହଜ ମନେହେଉ ନାହିଁ। ଚଳିତ ଆର୍ଥିକ ବର୍ଷରେ ଅର୍ଥ ବ୍ୟବସ୍ଥା ୮%ରୁ ଊର୍ଦ୍ଧ୍ୱ ଅଭିବୃଦ୍ଧି ହେବ ବୋଲି କୁହାଯାଉଛି। କିନ୍ତୁ ଏହା ଆମକୁ ମହାମାରୀ ପୂର୍ବ ମୋଟ୍ ଜିଡିପି ସ୍ତରରେ ପହଞ୍ଚାଇବ, ଯାହା ସେତେବେଳେ ଅତ୍ୟଧିକ ମାନ୍ଦା ଥିଲା। ଭାଜପା ଉତ୍ତରପ୍ରଦେଶ ନିର୍ବାଚନ ଜିତିପାରେ, କିନ୍ତୁ ତାହା କେବଳ ଏକ ରାଜନୈତିକ ବିଜୟ। ଅର୍ଥ ବ୍ୟବସ୍ଥାଠାରୁ ଆରମ୍ଭ କରି ଜାତୀୟ ସୁରକ୍ଷା କିମ୍ବା ଅସନ୍ତୁଷ୍ଟ କୃଷକ ଓ ସମଗ୍ର ସଂଖ୍ୟାଲଘୁଙ୍କ ସମସ୍ୟାକୁ ଅଣଦେଖା କରିବ।

Email:aakar.patel@gmail.com

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 7 | 3 | 5 | | | | 2 | |
| | | | | 4 | | | 8 | |
| | | | | | | 3 | | 6 |
| | 2 | 7 | | | | | | |
| | | 4 | | | | | | 9 |
| | 3 | | | | 4 | 1 | | |
| | | | | | | | | 1 |
| 5 | | 9 | | | 3 | 8 | | |
| | | | 2 | 1 | | | 3 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 7 | 2 | 5 | 4 | 1 | 3 |
| 5 | 1 | 2 | 9 | 4 | 3 | 6 | 8 | 7 |
| 7 | 3 | 4 | 8 | 1 | 6 | 9 | 2 | 5 |
| 2 | 7 | 1 | 5 | 8 | 4 | 3 | 6 | 9 |
| 9 | 5 | 6 | 3 | 7 | 1 | 2 | 4 | 8 |
| 3 | 4 | 8 | 6 | 9 | 2 | 5 | 7 | 1 |
| 1 | 8 | 5 | 4 | 6 | 9 | 7 | 3 | 2 |
| 6 | 2 | 3 | 1 | 5 | 7 | 8 | 9 | 4 |
| 4 | 9 | 7 | 2 | 3 | 8 | 1 | 5 | 6 |

ଗତ କାଲିର ଉତ୍ତର

# ‘ଐତିହାସିକ’ ମାନେ ବୁଝନ୍ତୁ



## ସହଦେବ ସାହୁ

କିଛି ଗୋଟିଏ ନୂଆ ନାଁ ଦେଇ ପ୍ରକଳ୍ପଟିଏ ଚାଲୁ କଲାବେଳେ ପ୍ରାଦେଶିକ ସ୍ତରରେ ହେଉ କି କେନ୍ଦ୍ରରେ ହେଉ, ସରକାର କହନ୍ତି ଏ ଏକ ‘ଐତିହାସିକ’ ପଦକ୍ଷେପ। ଅନ୍ୟ ଦଳ ତୁଳନାରେ ବେଶିଦିନ ଗାଦିରେ ରହିଲେ ସହଜେ ତ ତାକୁ ଏକ ‘ଐତିହାସିକ’ ସଫଳତା କହନ୍ତି, ପୁଣି ତା’ ଭିତରେ ପ୍ରତି ଥର କିଛି ଗୋଟିଏ ନୂଆ ପ୍ରକଳ୍ପ ଆରମ୍ଭ କଲେ ତାହା ‘ଐତିହାସିକ’ ବୋଲି କୁହନ୍ତି, ତାକୁ ମିଡିଆ ବି ବଡ଼ବଡ଼ ଅକ୍ଷରରେ ପ୍ରକାଶ କରିଥାଏ। ଇତିହାସରେ ଯାହାର ନଜିର ନାହିଁ ଓ ନୂଆକରି ସମ୍ପାଦନ କରାଯାଉଛି ତାହା ଐତିହାସିକ, ଇଂଲିଶରେ ହିଷ୍ଟୋରିକ୍, ପରବର୍ତ୍ତୀ କାଳରେ ଲେଖା ହେବା ଇତିହାସର ପୃଷ୍ଠାରେ ଉଲ୍ଲେଖ ହେବ: ଏ ଆଶା ଶାସକ ଦଳର ନେତାଙ୍କର ଅଛି। ହିଷ୍ଟୋରିକ୍ ଆଉ ହିଷ୍ଟୋରିକାଲ୍ ଦୁଇଟାଯାକ ଶବ୍ଦ ଓଡ଼ିଆରେ ଐତିହାସିକ, କିନ୍ତୁ ପ୍ରଭେଦ ବହୁତ, ଯାହା ଇତିହାସରେ ସ୍ଥାନ ନେଇସାରିଛି ତା’ ହିଷ୍ଟୋରିକାଲ୍। ମହମ୍ମଦ ବିନ୍ ତୁଘଲକ୍ ଜଣେ ହିଷ୍ଟୋରିକାଲ୍ ବ୍ୟକ୍ତି, ପୁଣି ଦିଲ୍ଲୀରୁ ଦୌଲତାବାଦକୁ ରାଜଧାନୀ ଉଠାଇ ନେବା ଏକ ହିଷ୍ଟୋରିକ୍ ଘଟଣା।

ଅବଢ଼ା ପରିଯୋଜନା ଅନ୍ତର୍ଗତ ଶ୍ରୀମନ୍ଦିର ପରିକ୍ରମା ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ସରକାର ଘୋଷଣା କଲେ ଯେ ଓଡ଼ିଶାବାସୀ ଓ ଜଗନ୍ନାଥ-ଭକ୍ତମାନଙ୍କ ପାଇଁ ଏ ଏକ ହିଷ୍ଟୋରିକ୍ ଡେ। କାଳିଆ, ଅବଢ଼ା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ଆଦି ପ୍ରତ୍ୟେକର ପ୍ରବର୍ତ୍ତନ ବା ପ୍ରଚଳନ- ଗୋଟିଏ ଗୋଟିଏ ହିଷ୍ଟୋରିକ୍ ଦିବସ ସୃଷ୍ଟି କରିଛି ବୋଲି ଆମ ରାଜ୍ୟ ସରକାର କହୁଛନ୍ତି। ଓଡ଼ିଶାବାସୀଙ୍କ ମନକୁ ପାଇବା ଓ କାନକୁ ଭଲ ଶୁଭିବା ଶବ୍ଦଟିଏ ‘ଅବଢ଼ା’, ଏମିତି ଉଚ୍ଚାରଣ କେବଳ ସାରା ପୃଥିବୀର ହିନ୍ଦୁମାନଙ୍କ ଭିତରେ ଭକ୍ତିଭାବ ଉଦ୍ରେକ କରେନାହିଁ, ଓଡ଼ିଶାରେ ଥିବା ଅଣହିନ୍ଦୁମାନେ ବି, ମୁସଲିମ୍ ହୁଅନ୍ତୁ କି ଖ୍ରୀଷ୍ଟିଆନ, ଅବଢ଼ା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି। ଗୋଟିଏ ଉଦାହରଣ ହେଉଛି ଆମ ରାଜ୍ୟରେ ପ୍ରଚଳିତ ଧରମ-ସମ୍ପର୍କ ପ୍ରଥା (ଯଥା ଧରମ ଭାଇ, ଧରମ ଚାଚା), ଯେଉଁଥିରେ ନିର୍ମାଲ୍ୟ (ଅବଢ଼ା ଅନ୍ନରୁ ଜାତ) ପ୍ରଦାନ ସମ୍ପର୍କକୁ ଦୃଢ଼ କରିବାର ସନ୍ତକ ରୂପେ ଗ୍ରହଣ କରାଯାଏ। ଅବଢ଼ା ନାଁରେ ଯୋଜନାଟିଏ କଲେ କେବଳ ଓଡ଼ିଶାବାସୀ ଖୁସି ହେବେ ନାହିଁ, ଶାସକଦଳର ଜଗନ୍ନାଥ ପ୍ରୀତି ବିଶ୍ୱସାରା ପ୍ରଚାରିତ ହୋଇଯିବ। ଏହାକୁ ଏକ ଆବ୍ରିଭିଏଶନ୍ (ଶବ୍ଦ-ସଂକ୍ଷେପ) ନ କହି ନେମୋନିକ୍ (ସ୍ମୃତି ସହାୟକ) କହିହେବ। ପ୍ରକଳ୍ପର ସଂକ୍ଷିପ୍ତ ନାମକରଣ ସିନା ଅବଢ଼ା, ତା’ର ସବିଶେଷ ନାମ ଶୁଣିଲେ ପାଠକମାନଙ୍କୁ ବଡ଼ ଅଖାଡୁଆ ଲାଗିବ, ଇଂଲିଶରୁ ଜବରଦସ୍ତ ଶବ୍ଦଗୁଡ଼ିଏ ଲଗାଯାଇଛି ଯଥା- ଅଗ୍‌ମେଣ୍ଟେଶନ୍ ଅଫ୍ ବେସିକ୍ ଆମେନିଟିଜ୍ ଆଣ୍ଡ ଡେଭଲପ୍‌ମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକ୍ଟର୍- ସାଦାସିଧା ବାକ୍ୟାଂଶ ହୋଇଥାନ୍ତା ହେରିଟେଜ୍ ଡେଭେଲପମେଣ୍ଟ ଅଫ୍ ପୁରୀ। ଅବଢ଼ା କହିଲେ ଲୋକେ ଭାରି ଖୁସି ହେବେ, ଖୁସି ମାନେ ତ ଭୋଟ୍! ଯେଉଁ କ୍ୟାବିନେଟ୍ ଏହାକୁ ମଞ୍ଜୁର କରିଛି ସେ କ୍ୟାବିନେଟ୍‌ର ଅଧିକାଂଶ ମନ୍ତ୍ରୀ ପୂରା ‘ଅବଢ଼ା’କୁ ପାଟିରେ ପୂରେଇ ନ ପାରନ୍ତୁ ପଛେ! ପାଠକମାନେ ‘ଅବଢ଼ା’ର ‘ବ’ ସୂଚକ ଅକ୍ଷରଟି ଇଂଲିଶ ‘ବି’ରେ ଆରମ୍ଭ ଏକ ଶବ୍ଦକୁ ବୁଝାଇବ, ଭ ଅକ୍ଷରରୁ ତ କୌଣସି ବିଶେଷ୍ୟ ବା ନାମବାଚକ ଶବ୍ଦ ବାହାରୁନାହିଁ, ତେଣୁ ‘ବେସିକ୍ ଆମେନିଟିଜ୍’ ବା ମୌଳିକ ସୁବିଧା ଲଗାଗଲା। ‘ଢ’ ତ ଇଂଲିଶରେ ‘ଡି’ ଆଉ ‘ଏଇଚ୍’ର ଯୋଡ଼ି, ଡେଭଲପ୍‌ମେଣ୍ଟ ଅଫ୍ ହେରିଟେଜ୍ କରାଗଲା, ଢ ପରେ ଆକାର ଲଗାଇବା ପାଇଁ ‘ଆଣ୍ଡ ଆର୍କିଟେକ୍ଟର୍’ ଲଗାଗଲା। ପୁରୀରେ କ’ଣ ମୌଳିକ ସୁବିଧା (ବେସିକ୍ ଆମେନିଟିଜ୍) ନାହିଁ ଯେ ସେହି ଶବ୍ଦ ଦୁଇଟାକୁ ଲଗାଇବା? ଅବଢ଼ାର ପୂରା ଆକାର (ଫୁଲ୍ ଫର୍ମ) କ’ଣ ଜାଣିବା ପାଇଁ ଆପଣ କେଉଁଠି ଖୋଜିବେ? ଯେଉଁଠି ସାଙ୍ଗେ ସାଙ୍ଗେ ଓ ସହଜରେ ପରଦା ଉପରେ ଦେଖାଯିବ ତାହା ହେଉଛି ‘ଗୁଗ୍ଲ’। (ଇଟା ସିମେଣ୍ଟର ପାଠାଗାରରେ ତ ଦିନ ଯାକ ଖୋଜିଲେ ବି ନ ମିଳିପାରେ, କିନ୍ତୁ ଗୁଗ୍ଲ ସର୍ଚ୍ଚ ଇଞ୍ଜିନ୍ ପ୍ରତି ଶବ୍ଦ, ଫ୍ରେଜ୍, ବାକ୍ୟ ଖୋଜି ଦେଇପାରେ!) ଉତ୍କଳୀୟମାନଙ୍କ ମନକୁ ଛୁଇଁବାର ଅବଢ଼ା ଏକ ଜବରଦସ୍ତ ଶବ୍ଦସଂକ୍ଷେପ, ପୂରା ନାଁ ‘ଅଗ୍‌ମେଣ୍ଟେଶନ୍ ଅଫ୍ ବେସିକ୍ ଆମେନିଟିଜ୍ ଆଣ୍ଡ ଡେଭଲପ୍‌ମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକ୍ଟର୍’। ଏତେ ବଡ଼ ଓ ଅଖାଡୁଆ ଯେ ଭଲ ଇଂଲିଶ ପଢ଼ା ଲୋକଙ୍କ ସ୍ମୃତିରେ ବି ରହିବ ନାହିଁ, କିନ୍ତୁ ଓଡ଼ିଶାବାସୀମାନେ ଅତି ସହଜରେ ଅବଢ଼ା ମନେ ରଖିପାରିବେ। ମୋଟ ୩୨୦୮ କୋଟି ଟଙ୍କାର ବ୍ୟୟ ଅଟକଳରେ ଅଛି ୨୦୧୯ ଅକ୍ଟୋବରରୁ ୩ ବର୍ଷ ଭିତରେ ପୁରୀକୁ ବିଶ୍ୱର ଐତିହ୍ୟ ନଗରୀ କରିବାର ଇଚ୍ଛା ଘେନି ସମୁଦ୍ର-ଉପକୂଳରୁ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ସହ ଷ୍ଟାଡିୟମ୍ ନିର୍ମାଣ ଯାଏ। (ଏପରି କି ହବିଷ୍ୟାଳୀମାନଙ୍କ ପାଇଁ ରେଷ୍ଟ ରୁମ୍ ଏହି ଅବଢ଼ା ଭିତରେ ଅଛି, ଯାହା ହବିଷ୍ୟଭୋଜନ ପର କାଳରେ ଖରାପ ପ୍ରକୃତିର ଲୋକଙ୍କ ଆଡ୍ଡାସ୍ଥଳୀ ହୋଇପାରେ।)

ଆଉ ଗୋଟିଏ ଯୋଜନାକୁ ଭକ୍ତିଭରା ନାଁ ଦିଆଯାଇଛି ‘କାଳିଆ’, ଜଗନ୍ନାଥଙ୍କୁ ନିଜ ପରିବାରର ପିଲା ଭାବେ ଡାକିବାର ଭାବ ଉଦ୍ରେକ କରିବାର ଧ୍ୱନି; କିନ୍ତୁ ଯୋଜନାର ପୂରା ନାମ ଓଡ଼ିଆ ଓ ଇଂଲିଶର ଖେଚୁଡ଼ି, ‘କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗ୍‌ମେଣ୍ଟେଶନ୍’, ପ୍ରଥମ ଶବ୍ଦଟି ଓଡ଼ିଆରେ କୃଷକ ନ ହେଲେ କାଳିଆ ହେବ ନାହିଁ, ତେଣୁ କୃଷକ ଶବ୍ଦଟି ଇଂଲିଶ ହୋଇଯାଇଛି, କୌଣସି ଇଂଲିଶ ଶବ୍ଦକୋଷରେ ସ୍ଥାନ ପାଇ ନ ଥିଲେ ବି।


ଆଉ କେତେକ ଯୋଜନା ପୁରୁଣା ଯୋଜନାର ରୂପାନ୍ତର ହୋଇଛି, କିନ୍ତୁ ପୁରୁଣାକୁ ରଦ୍ଦ କରାଯାଇନାହିଁ, କାରଣ ନାମର କୁହୁକ ତ ଜନମତକୁ ପ୍ରଭାବିତ କରୁଥିବ ବୋଲି ଆଶା ଅଛି। ଆଂଶିକ ବା ପୂର୍ଣ୍ଣତଃ ଏକ-ଉଦ୍ଦେଶ୍ୟ ସାଧନ କରୁଥିଲେ ବି ଶ୍ରୁତିମଧୁର ନାମଦିଆ ଏକାଧିକ ଯୋଜନା ଚାଲୁ କରାଯାଇଛି। ବିକେକେୱାଇ (ବିଜୁ କୃଷକ କଲ୍ୟାଣ ଯୋଜନା) କୃଷକମାନଙ୍କ ସ୍ୱାସ୍ଥ୍ୟବୀମା ପାଇଁ ୨୦୧୩ ନଭେମ୍ବରରେ ଘୋଷିତ ହୋଇଥିଲା, ନୂଆ ନାମରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ (ବିଏସ୍‌କେୱାଇ) ୨୦୧୮ ଅଗଷ୍ଟରୁ ଆରମ୍ଭ ହୋଇଛି, ନୂଆ ରୂପରେ ଏବେ ଜୋରସୋରରେ ବଣ୍ଟା ଚାଲିଛି। ଯେଉଁମାନେ ନ୍ୟାଶନାଲ୍ ଫୁଡ୍ ସେକୁରିଟି ଆକ୍ଟ ଓ ଷ୍ଟେଟ୍ ଫୁଡ୍ ସେକୁରିଟି ସ୍କିମରେ ଉପଭୋକ୍ତା ଥିଲେ ସେହିମାନେ ପାଇବେ, ରାଜ୍ୟର ୯୨ ଲକ୍ଷ ୫୦ହଜାର ପରିବାରକୁ ୧୦ ଲକ୍ଷ ଟଙ୍କା ଯାଏ ସ୍ୱାସ୍ଥ୍ୟସେବା ମାଗଣାରେ ଯୋଗାଇଦିଆଯିବ, ‘ଭଗବାନ ଯେତେବେଳେ ଦିଅନ୍ତି ଛପର ଫଟେଇ ଦିଅନ୍ତି’ ଭଳି। କିନ୍ତୁ ଏତେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ ରାଜ୍ୟରେ ନ ଥିଲେ ବି ଚିନ୍ତା ନାହିଁ, ବଚନେ କି ଦରିଦ୍ରତା! ଐତିହାସିକ ପଦକ୍ଷେପ ନୁହେଁ କି? ଐତିହାସିକ ନ କହି ମାଇଲଖୁଣ୍ଟ କହିବେ କି? ରାସ୍ତାର ଲମ୍ବ ତ ବଢୁନାହିଁ, ସେତିକି ଲୋକ, ସେତିକି ବଡ଼ ଓଡ଼ିଶା । ମାଇଲଖୁଣ୍ଟ ପରେ ଆଉ ଗୋଟିଏ ମାଇଲଖୁଣ୍ଟ ତିଆରି ହେଉଛି। ଯେତେ ମାଇଲ ତା’ ଠାରୁ ଖୁଣ୍ଟ ସଂଖ୍ୟା ବେଶି ହେଲେ ଗାଣିତିକ ଭୁଲ୍ ହେବ ସିନା, ରାଜନୀତିକ ଭୁଲ୍ ହେବ ନାହିଁ। ଆଗରୁ ଚାଲିଆସିଥିବା (୧) ଅନମୋଲ୍ ଯୋଜନାରେ ଗର୍ଭବତୀ ନାରୀ, ମା’ ଓ ନବଜାତକୁ ବଟିକା ବଣ୍ଟନ, (୨) ଆମ କ୍ଲିନିକ୍ ଯୋଜନାରେ ସହରରେ ସବୁ ସ୍ପେସାଲିଷ୍ଟ ସେବା, ସ୍ତ୍ରୀ ବୁଢ଼ୀବୁଢ଼ା, ଆଖି ଓ ମାନସିକ ରୋଗର ଚିକିତ୍ସା ସଙ୍ଗେ ଫିଜିଓଥେରାପି, (୩) ଓଡ଼ିଶା ନିଦାନ ସ୍କିମ୍‌ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ (୪) ଓଡ଼ିଶା ସହାୟ ସ୍କିମ୍‌ରେ ମାଗଣା ଡାୟାଲିସିସ, ଭଳି ଯୋଜନା କେତେଦୂର କାମକରୁଛି ତାହାର ସମ୍ପାଦନ-ତନଖି (ପରଫର୍ମାନ୍ସ ଅଡିଟ୍) ନାହିଁ।

ତେଣୁ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେତେବେଳେ ନୀତି ଆୟୋଗ ତାଙ୍କର ଦରିଦ୍ର ଆକଳନ ରିପୋର୍ଟରେ ମଲ୍ଟିଡାଇମେନ୍ସନାଲ୍ ଇଣ୍ଡେକ୍ସ (ଏମ୍‌ପିଆଇ)ଜରିଆରେ ଜଣାଇଛି ଯେ ଓଡ଼ିଶା ସରକାର ଇନ୍‌କ୍ଲୁସିଭ୍ ଗ୍ରୋଥ୍ (ସବ୍‌କା ବିକାଶ) ଆଣିବାରେ ବିଫଳ। ଶିଳ୍ପୋନ୍ନତ ଯାଜପୁର ଜିଲାର ସହରୀ ଗରିବମାନଙ୍କ ସଂଖ୍ୟା ମାଲକାନଗିରି ଜିଲା ତଳେ, ଦଶ ଦଶଟା ଓଜନଦାର ଶିଳ୍ପ ଥାଇ ବି ୪୫ ଶତାଂଶ ଲୋକ ଗରିବ। ନରସିଂହ ରାଓଙ୍କ ଠାରୁ ଏଯାବତ ତିନି ଦଶକରେ ବି ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ କଳାହାଣ୍ଡି ଗ୍ରାମ୍ୟ ଦାରିଦ୍ର୍ୟ ସଂଖ୍ୟାରେ ସବା ତଳେ। ‘ଆମ ଗାଁ ଆମ ବିକାଶ’ ସରକାରଙ୍କ ପ୍ରିୟ (ପେଟ୍) ପ୍ରୋଗ୍ରାମ୍ ହୋଇଥିବା ସତ୍ତ୍ୱେ। ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ପ୍ରତି ୪ ଜଣରେ ୩ ଜଣ ଗରିବ, କଳାହାଣ୍ଡି, କୋରାପୁଟ ଓ ରାୟଗଡ଼ାରେ ୫୦ ଶତାଂଶରୁ ବେଶି ଦରିଦ୍ର। କଳାହାଣ୍ଡି ବିକାଶର ହାଣ୍ଡି ହୋଇପାରିନାହିଁ। ‘ଆମ ଗାଁ ଆମ ବିକାଶ’ ସରକାରଙ୍କ ପ୍ରିୟ (ପେଟ୍) ପ୍ରୋଗ୍ରାମ୍ ଏକ ଧୂଆଁବାଣ।

sahadevas@yahoo.com

# ଉଦ୍ୟୋଗୀ ବୁଷ୍ଟର

**ବ୍ୟକ୍ତିତ୍ୱ**



ମୁରଲୀ କ୍ରିଷ୍ଣା ପ୍ରସାଦ ଡିଭି

ଇଂଲିଶ ଭାଷାରେ ଦୁର୍ବଳତା ତାଙ୍କୁ ଦୁଇ ଥର ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଅକୃତକାର୍ଯ୍ୟ କରାଇଥିଲା। ଏହି ବିଫଳତା ସତ୍ତ୍ୱେ ସେ ପଢ଼ାରୁ ଇସ୍ତଫା ଦେଇ ନ ଥିଲେ। ତାଙ୍କ ଭାଇ ଜଣେ ରସାୟନବିତ୍ ଓ ସେ ଜୀବନରେ କିଛି ନ କରି ରହିଗଲେ ପିତାଙ୍କ ମନଦୁଃଖ ହେବ ଭାବି ପଢ଼ାରେ ମନ ଦେଲେ। ଫଳରେ ଫାର୍ମାସି ଡିଗ୍ରୀ ହାସଲ କଲେ ଓ ସ୍ୱର୍ଣ୍ଣପଦକ ପାଇଲେ। ଏହା ପରେ ବିଫଳତା ତାଙ୍କୁ ସେଇଠୁ ଛାଡ଼ି ଚାଲିଗଲା। ସେ ହାଇଦ୍ରାବାଦରେ ୱାର୍ନର୍ସ ହିନ୍ଦୁସ୍ତାନ କମ୍ପାନୀରେ ମାସିକ ୨୫୦ ଟଙ୍କାରେ ଯୋଗଦେଲେ। ତା’ପରେ ବିଶ୍ୱସ୍ତରୀୟ କମ୍ପାନୀରେ କାମ କରିବା ଲାଗି ଚାକିରି ଖୋଜିଲେ। ଆମେରିକାରେ ଔଷଧ କମ୍ପାନୀଗୁଡ଼ିକ ପ୍ରତିଭାଙ୍କୁ ଲୋଡ଼ିଥାଆନ୍ତି। ଏଥର ସେହି ପ୍ରତିଭା ଭାବେ ମୁରଲୀ କ୍ରିଷ୍ଣା ପ୍ରସାଦ ଡିଭି ନିଜ କ୍ୟାରିୟର ଆମେରିକାରେ ଗଢ଼ିବାର ସୁଯୋଗ ପାଇଲେ। ହେଲେ ୯ ମାସ ଲାଗିଗଲା ତାଙ୍କୁ ଆମେରିକା ଯିବାରେ। ୧୯୭୬-୭୭ରେ ଫରେନ୍ ଏକ୍ସଚେଞ୍ଜ କଷ୍ଟକର ଥିଲା। ହାତରେ ମାତ୍ର ୭ ଡଲାର ଧରି ସ୍ତ୍ରୀ ଓ ପୁଅକୁ ନେଇ ମୁରଲୀ ଆମେରିକାରେ ପହଞ୍ଚିଗଲେ। ଏଥର ଭାଗ୍ୟଦେବୀ ତାଙ୍କୁ ସହାୟ ହେଲେ। ଟ୍ରିନିଟି କେମିକାଲ ଆଣ୍ଡ ଫାଇକ୍ କେମିକାଲରେ ସେ କାର୍ଯ୍ୟ ଆରମ୍ଭ କଲେ। କାର୍ଯ୍ୟକ୍ଷେତ୍ରରେ ଦକ୍ଷତା ପ୍ରତିପାଦିତ କରିବା ପରେ ତାଙ୍କୁ ପଦୋନ୍ନତି ମିଳିବାରେ ଲାଗିଲା। ବାର୍ଷିକ ଦରମା ତାଙ୍କର ଛୁଇଁଲା ୬୫ ହଜାର ଡଲାର। କିଛି ବର୍ଷ କାମ କରିବା ଭିତରେ ସେ ଅଭିଜ୍ଞତା ଅର୍ଜନ କଲେ। ହେଲେ ଦିନେ ଏକୁଟିଆ ବସିଥିବା ବେଳେ ସ୍ୱଦେଶ ଫେରି ଦେଶ ପାଇଁ କିଛି କରିବେ ବୋଲି ତାଙ୍କୁ ଚିନ୍ତା ଘାରିଲା। ସହଧର୍ମିଣୀଙ୍କ ସହ ପରାମର୍ଶ କଲେ। ସେ ମଧ୍ୟ ତାଙ୍କ କଥାରେ ହଁ ଭରିବାରୁ ମୁରଲୀ ୧୯୮୦ରେ ଭାରତ ଫେରିଲେ। ଅବଶ୍ୟ ସେତେବେଳେ ତାଙ୍କ ପାଖରେ ଥିଲା ମାତ୍ର ୪୦,୦୦୦ ଡଲାର। ଭବିଷ୍ୟତ ପାଇଁ ବିଧିବଦ୍ଧ ଯୋଜନା ନ କରି ସ୍ୱଦେଶ ଫେରିଆସିବା ପରିବାର ଓ ବନ୍ଧୁବର୍ଗଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କିନ୍ତୁ ତାଙ୍କ ଭିତରେ ଗଜୁରି ଉଠିଥିବା ଔଦ୍ୟୋଗିକ ଚିନ୍ତାକୁ ସେ ବାସ୍ତବରେ ପରିଣତ କଲେ। ସମୟକ୍ରମେ ଡକ୍ଟର ରେଡ୍ଡୀ ଔଷଧ କମ୍ପାନୀର ପ୍ରତିଷ୍ଠାତା ଡକ୍ଟର କାଲାମ ଅଞ୍ଜି ରେଡ୍ଡୀଙ୍କ ସହ ନିଜ ଅଭିଜ୍ଞତା ବାଣ୍ଟିଲେ। ଏବଂ ସେହି କମ୍ପାନୀର ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଲେ। ହେଲେ ମୁରଲୀଙ୍କ ଉତ୍ଥାନକୁ ରେଡ୍ଡୀଙ୍କ ଉତ୍ତରାଧିକାରୀ ସହିପାରିଲେ ନାହିଁ। ବ୍ୟବସାୟିକ ଦ୍ୱନ୍ଦ୍ୱ ଯୋଗୁ ସେ ଡକ୍ଟର ରେଡ୍ଡୀ କମ୍ପାନୀ ଛାଡ଼ିଦେଲେ। ନିଜର ଦକ୍ଷତା ଉପରେ ତାଙ୍କର ଥିବା ପ୍ରଗାଢ଼ ବିଶ୍ୱାସ ତାଙ୍କୁ ନୂଆ କମ୍ପାନୀ ପ୍ରତିଷ୍ଠା କରିବାର ସୁଯୋଗ ଦେଲା ଓ ୧୯୯୦ରେ ସେ ହାଇଦ୍ରାବାଦରେ ଗଢ଼ିଲେ ‘ଡିଭି ଲାବରେଟୋରିଜ୍’। ୨୦୨୦ କରୋନା ମହାମାରୀ ସମୟରେ ତାଙ୍କ କମ୍ପାନୀର ସମ୍ପତ୍ତି ୪ ବିଲିୟନ ଡଲାର ଥିବାବେଳେ ଏବେ ତାହା ୧୦ ବିଲିୟନ ଡଲାର ଅତିକ୍ରମ କରିଯାଇଛି। ଏଥିସହିତ ଦେଶର ତୃତୀୟ ବୃହତ୍ ସକ୍ରିୟ ଔଷଧୀୟ ଉପାଦାନ ବା ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ ଇନ୍‌ଗ୍ରେଡିଆଣ୍ଟ୍ସ (ଏପିଆଇ) ଭାବେ ପରିଚିତ ଡିଭି ଲାବରେଟୋରିଜ୍ ଗବେଷଣା ଓ ବିକାଶ (ଆର୍ ଆଣ୍ଡ ଡି) କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିପାରିଛି।

ଏକଦା ଦ୍ୱାଦଶ ଶ୍ରେଣୀରେ ଅକୃତକାର୍ଯ୍ୟ ହୋଇଥିବା ମୁରଲୀ ବୈଜ୍ଞାନିକ ଉଦ୍ୟୋଗୀ ଭାବେ ବିଲିୟନେୟାର ହେବା ଯୁବ ଉଦ୍ୟୋଗୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ତାଙ୍କର ପହଞ୍ଚ ଫାଇଜର ଓ ଗ୍ଲାସୋ ସ୍ମିଥ୍‌କ୍ଲାଇନ୍ ଆଦି ଔଷଧ କ୍ଷେତ୍ରରେ ଅଭିନବତ୍ୱ ଅଣିପାରୁଥିବା ବିଶ୍ୱସ୍ତରୀୟ କମ୍ପାନୀ ସହ ରହିବା ଭାରତ ପାଇଁ ଗର୍ବର ବିଷୟ। ତାଙ୍କ ପରିବାର କଥା ଦେଖିଲେ ପିତା ସ୍ୱର୍ଗତ ସତ୍ୟନାରାୟଣ ଥିଲେ କ୍ରିଷ୍ଣା ଜିଲାର ଜିଲା ପରିଷଦର ଜଣେ ସମ୍ପାଦକ। ଅତି କଷ୍ଟରେ ପିତା ୧୩ ସନ୍ତାନକୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ। ମୁରଲୀ ୯ ପୁଅଙ୍କ ମଧ୍ୟରେ ଥିଲେ ସବା ସାନ। ଫଳରେ ତାଙ୍କ ବେଳକୁ ପିତାଙ୍କୁ ପଢ଼ା ଖର୍ଚ୍ଚ ଦେବା କଷ୍ଟକର ହୋଇପଡ଼ିଥିଲା। ହେଲେ ନିଜ ଉପରେ ଆତ୍ମବିଶ୍ୱାସ ଓ କାର୍ଯ୍ୟ ପ୍ରତି ଗଭୀର ଭଲପାଇବା ଯୋଗୁ ମୁରଲୀ ଆଜି ଭାରତର ଶ୍ରେଷ୍ଠ ଧନୀଙ୍କ ତାଲିକାର ୧୪ତମ ସ୍ଥାନରେ ରହିପାରିଛନ୍ତି। ବଂଶାନୁକ୍ରମିକ ଭାବେ ଧନୀ ରହିଆସିଥିବା ପରିବାରକୁ ପଛରେ ପକାଇ ଏକ ସାଧାରଣ ପରିବାରର ପିଲା ସଫଳତାର ଶୀର୍ଷ ଛୁଇଁବା ନିଶ୍ଚିତ ଭାବେ ବିଫଳତା ଯୋଗୁ ଭାଙ୍ଗିପଡୁଥିବା ଯୁବପିଢ଼ି ପାଇଁ ମୁରଲୀ ଏକ ବୁଷ୍ଟର ବା ଗତିବର୍ଦ୍ଧକ ସଦୃଶ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଜିକାଲି ଲୋକଙ୍କର ନିଜ ଉପରେ ଭରସା ପାଉ ନ ଥିବାବେଳେ କୌଣସି ଦୋକାନୀ ଅଜଣା ଗ୍ରାହକଙ୍କ ଉପରେ ବିଶ୍ୱାସ କରିପାରିବ କି? ହଁ, ଏମିତି ଗୁଜରାଟର ଜଣେ ଦୋକାନୀଙ୍କ କାହାଣୀ ସାମ୍ନାକୁ ଆସିଛି, ଯିଏ ଗ୍ରାହକଙ୍କ ପାଇଁ ୧୨ ମାସ ଯାକ ତାଙ୍କ ଦୋକାନ ଦିନରାତି ଖୋଲା ରଖନ୍ତି। ଏହି ଦୋକାନର କବାଟ ନାହିଁ। ଦୋକାନୀ ସୟିଦଭାଇଙ୍କୁ ୧୮ ବର୍ଷ ହୋଇଥିବାବେଳେ ସେ ଏହି ଦୋକାନ ଖୋଲିଥିଲେ ଓ ବିଗତ ୩୦ ବର୍ଷ ହେବ ତାଙ୍କ ଦୋକାନ କେବେ ବି ବନ୍ଦ ହୋଇନାହିଁ। ଛୋଟଉଦୟପୁର ଜିଲା କେବଡି ଗାଁର ସୟିଦଭାଇ ଏହି ଦୋକାନ ଚଳାଉଛନ୍ତି। ତାଙ୍କ ଦୋକାନରେ ଯିଏ ଯେତେବେଳେ ପହଞ୍ଚିଲେ ଜିନିଷ ପାଇବାରେ କିଛି ଅସୁବିଧା ହୁଏ ନାହିଁ। ଯିଏ ଏହି ଦୋକାନରୁ ଜିନିଷ କିଣନ୍ତି ସେମାନଙ୍କୁ ସୟିଦଭାଇ ପଇସା ମାଗନ୍ତି ନାହିଁ। ହିସାବ ପରେ ଗ୍ରାହକମାନେ ଉଚିତ ମୂଲ୍ୟ ଦୋକାନରେ ରଖିଦେଇ ଚାଲିଯାଆନ୍ତି। ଦୀର୍ଘଦିନର ବ୍ୟବସାୟ ମଧ୍ୟରେ ୪ ବର୍ଷ ପୂର୍ବେ ମାତ୍ର ଥରେ ତାଙ୍କ ଦୋକାନରୁ ଚୋରି ହୋଇଛି। ଚୋର ଟଙ୍କା ବଦଳରେ କେବଳ ବ୍ୟାଟେରି ଚୋରି କରିଥିଲା। ଗ୍ରୋସେରି ବ୍ୟତୀତ ସୟଦିଭାଇ ପାଣି ଟାଙ୍କି, କବାଟ ଝରକା, ଟାଇଲ, ହାର୍ଡୱେୟାର ଆଦି ଜିନିଷ ବିକ୍ରି କରୁଛନ୍ତି ଓ ଏହା ମଧ୍ୟ ଦିନରାତି ଖୋଲା ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଡିସେମ୍ବର ୧୯୯୬

- ଶେଖ୍ ଜୟିଦ୍ ବିନ୍ ସୁଲତାନ ଅଲ୍‌ନାହିଆନ୍ ସଂଯୁକ୍ତ ଆରବ ଏମିରେଟ୍ସର ରାଷ୍ଟ୍ରପତି ଭାବେ ପୁନଃ ନିର୍ବାଚିତ।
- ପୁଞ୍ଜି ନିବେଶର ବିକାଶ ଓ ସୁରକ୍ଷା, ଦୋହରା ଟିକସ ବ୍ୟବସ୍ଥାକୁ ଏଡ଼ାଇବା, ସାଂସ୍କୃତିକ ସହଯୋଗ ଏବଂ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ଟି ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଲକ୍ଷ ଯୋଜନ-ବ୍ୟାପୀ
ଅଖଣ୍ଡ ଥାଟ ଚଳେ ଅବିଶ୍ରାମ ଦିଗ୍‌ବଳୟକୁ ମାପି
ଉଠେ ସାମଗାନ ଗୁରୁଗମ୍ଭୀର
ତୁଟେ ମସ୍‌ଜିଦ, ତୁଟେ ମନ୍ଦିର
ଆକାଶ ଫଟାଇ
ଫୁଟେ ଆଗ୍ନେୟ ବାଣ
ପଦବିକ୍ଷେପେ ଧରଣୀ ଥରାଏ ଅଗଣିତ ଆଗୁଆନ।
ସେଇ ଯେ କରିଛି ନୂଆ ଦୁନିଆରେ
ବିଜୟର ସନ୍ଧାନ
ଯୁଗେ ଯୁଗେ ସେଇ ସମାଜ ବାଦର ଗାନ।
(ଅଗଣିତ ଆଗୁଆନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରାଯାଉ

ମହାଶୟ,

ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଶାସନ ଚୌକିରେ ବସିଥିବା ସରକାର ଓଡ଼ିଶାର ସମସ୍ତଙ୍କ ପାଇଁ ବହୁତ କିଛି ସୁବିଚାର କଲାବେଳେ ବରିଷ୍ଠ ନାଗରିକମାନେ ଅବହେଳିତ ହୋଇ ରହିଯାଇଛନ୍ତି। ସରକାରଙ୍କ ତରଫରୁ ବରିଷ୍ଠ ନାଗରିକମାନଙ୍କୁ ୫୦୦ଟଙ୍କା ଲେଖାଏ ମାସିକ ଭତ୍ତା ଦିଆଯାଉଛି ; ଯାହା କି ସବୁଠାରୁ ନ୍ୟୂନ। ଜଣେ ବୃଦ୍ଧ ତଥା ବରିଷ୍ଠ ନାଗରିକ ଦୈନିକ କପେ ଚା ଓ ଜଳଖିଆ କରିବାକୁ ଉକ୍ତ ଟଙ୍କା ନିଅଣ୍ଟ। ତା’ପରେ ବୟସର ଅପରାହ୍ନରେ ଦେହ ଅସୁସ୍ଥ ହେବା ଓ ଔଷଧର ଆବଶ୍ୟକତା ନିହାତି ଜରୁରୀ। ବାର୍ଦ୍ଧକ୍ୟରୁ ଔଷଧ ହେଉ କିମ୍ବା ଜଳଖିଆ ହେଉ ଆଣି ଦେବା ପାଇଁ କାହାର ସାହାଯ୍ୟ ଆବଶ୍ୟକ। ଯାହାକୁ ଭଦ୍ରତା ଦୃଷ୍ଟିରୁ ତା’ ସହିତ ସାଥି କରିବାକୁ ସମ୍ଭବ ହୋଇପାରୁ ନାହିଁ। ଏଇ ମହଙ୍ଗା ବଜାରରେ ଜୀବନଧାରଣ କରିବା ପାଞ୍ଚଶହ ଟଙ୍କା ଅତି ନ୍ୟୂନ । ଏଣୁ ସରକାରଙ୍କୁ ଅନୁରୋଧ ବରିଷ୍ଠ ନାଗରିକମାନଙ୍କ ପେଟକୁ ଭଲ କରି ମୁଠାଏ ଖାଇବାକୁ ଦେବା ଭଳି ଓ ସମାଜରେ ଗ୍ରହଣଯୋଗ୍ୟ ହେବା ଭଳି ଅନ୍ତତଃ ମାସିକ ୨୦୦୦ ଟଙ୍କାକୁ ଭତ୍ତା ବୃଦ୍ଧି ପାଇଁ ସୁବିଚାର କରନ୍ତୁ। ଏହାଦ୍ୱାରା ବରିଷ୍ଠ ନାଗରିକମାନେ ଅଭାବ ଅସୁବିଧା ଦୂର କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଯତ୍ନ ନେବାକୁ ସକ୍ଷମ ହୋଇପାରିବେ।

– ନରେଶ ଚନ୍ଦ୍ର ଦାଶ, ଗୁଣ୍ଡିଚାପଢ଼ା, ଅନୁଗୋଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଭିନ୍ନକ୍ଷମ ଦିବସ

**ଭୁବନେଶ୍ୱର,୪।୧୨:** କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଜ୍ୟ ଭିନ୍ନକ୍ଷମ ସୂଚନା ଏବଂ ସଂସାଧନ କେନ୍ଦ୍ର 'ସ୍ୱାଭିମାନ'ର ସହଯୋଗିତାରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କିଟ୍ ସ୍କୁଲର ଅଧକ୍ଷା ଡ.ମୋନାଲିସା ବଳ ସମତାର ବାର୍ତ୍ତା ସହ ବିଦ୍ୟାଳୟର ସୁଲଭ ତଥା ସମାବେଶୀ ଶିକ୍ଷାକୁ ସମର୍ଥନ କରିବା ଏବଂ ପ୍ରୋତ୍ସାହିତ କରିଥିବା 'ସ୍ୱାଭିମାନ'ର ଉତ୍ସାହୀ ବାହିନୀକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମନ୍ୱିତ ଶିକ୍ଷା ମାଧ୍ୟମରେ ସମାଜର ଦିବ୍ୟାଙ୍ଗ ଛାତ୍ର ଓ କିଶୋରମାନଙ୍କ ପାଇଁ ସମତା ଆଣିବାକୁ ଆମେ ସର୍ବଦା ପ୍ରୟାସ କରୁଛୁ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ସ୍ୱାଭିମାନର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏବଂ ଭିନ୍ନକ୍ଷମ ଅଧିକାର ଯୋଦ୍ଧା ଭାବେ ପରିଚିତ ଡ.ଶ୍ରୁତି ମହାପାତ୍ର କହିଥିଲେ, ସମର୍ଥ ଏବଂ ଅସମର୍ଥ ଏକାଠି ହୋଇ ଏକ ଚିରସ୍ଥାୟୀ, ସମନ୍ୱିତ ଓ ସୁନ୍ଦର ବିଶ୍ୱ ପ୍ରତିଷ୍ଠା କରିପାରିବେ। ସମାଜରେ ସମତା ଓ ସମନ୍ୱୟ ପ୍ରତିଷ୍ଠା ନିମନ୍ତେ ବିଦ୍ୟାଳୟ ହିଁ ମୂଳଦୁଆ ବୋଲି ସେ କହିଛନ୍ତି।

### ସିପେଟ୍‌ରେ ୨ ଦିନିଆ ମାଗଣା କର୍ମଶାଳା

**ଭୁବନେଶ୍ୱର,୪।୧୨:** ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି (ସିପେଟ୍)ର ଆଇପିଟି ଭୁବନେଶ୍ୱର ପକ୍ଷରୁ ରସାୟନ ଏବଂ ସାର ମନ୍ତ୍ରଣାଳୟପକ୍ଷରୁ ପ୍ରାୟୋଜିତ 'ଇମ୍ପ୍ଲିମେଣ୍ଟେଶନ ଅଫ୍ ପ୍ଲାଷ୍ଟିକ୍ସ ୱେଷ୍ଟ ମ୍ୟାନେଜମେଣ୍ଟ ରୁଲ୍ସ (ଆମେଣ୍ଡମେଣ୍ଟ) ଇନ୍ ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ସ' ସମ୍ପର୍କିତ ମାଗଣା କର୍ମଶାଳା ଡିସେମ୍ବର ୯ ଓ ୧୦ ତାରିଖରେ ୨୫ ଜଣ ଅଂଶଗ୍ରହଣକାରୀଙ୍କ ନିମନ୍ତେ ଆୟୋଜିତ ହେବାକୁ ଯାଉଛି। ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ର ଆଗ୍ରହୀ ଅଂଶଗ୍ରହଣକାରୀମାନେ ଏ ସମ୍ପର୍କରେ ସବିଶେଷ ସୂଚନା ପାଇଁ ସିପେଟ୍ ଭୁବନେଶ୍ୱର ସହ ଯୋଗାଯୋଗ କରି ବିସ୍ତୃତ ତଥ୍ୟ ପାଇପାରିବେ। ସିପେଟର ଫୋନ୍ ନଂ ୦୬୭୪-୨୭୪୩୪୬୨, ୯୪୩୭୪୯୬୯୧୧ ମାଧ୍ୟମରେ ଡିସେମ୍ବର ୭ ପୂର୍ବରୁ ପଞ୍ଜୀକରଣ କରିପାରିବେ। ସଂକ୍ଷିପ୍ତ ତାଲିକାଭୁକ୍ତ ଅଂଶଗ୍ରହଣକାରୀମାନଙ୍କୁ ୮ ଡିସେମ୍ବରରେ ଇ-ମେଲ୍ ଦ୍ୱାରା ଜଣାଇ ଦିଆଯିବ ବୋଲି ସିପେଟ ପକ୍ଷରୁ କୁହାଯାଇଛି।

# ବିଟ୍‌କଏନ ମୂଲ୍ୟ ୧୭% ହ୍ରାସ



■କ୍ରିପ୍ଟୋ ବଜାରର ନିବେଶକଙ୍କ ବଡ କ୍ଷତି

■ଡିଜିଟାଲ ମୁଦ୍ରାର ୨ ବୃହତ କ୍ଷତି

ମୁମ୍ବାଇ,୪।୧୨

ସାରା ବିଶ୍ୱରେ କୋଭିଡ୍‌ର ନୂଆ ସଂକ୍ରମଣ 'ଓମିକ୍ରନ୍' ଯୋଗୁ କ୍ରିପ୍ଟୋ ବଜାରରେ ଶନିବାର ବଡ଼ ଧରଣର କ୍ଷତି ହୋଇଛି। ଫଳରେ ସମସ୍ତ ବର୍ଗର କ୍ରିପ୍ଟୋ କରେନ୍ସିରେ ହ୍ରାସ ଘଟି ଥିବା ଯୋଗୁ ନିବେଶକଙ୍କ ଚିନ୍ତା ବଢ଼ିଯାଇଛି। ଡିସେମ୍ବର ପ୍ରଥମ ସପ୍ତାହ ଶେଷ ପୂର୍ବରୁ ଏହାର ମୂଲ୍ୟ ହ୍ରାସ ନିବେଶକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଶନିବାର ବଜାର ଆରମ୍ଭର କିଛି ଘଣ୍ଟା ମଧ୍ୟରେ ସାରା ବିଶ୍ୱର କ୍ରିପ୍ଟୋ ନିବେଶକ ପ୍ରାୟ ୧ ବିଲିୟନ ଡଲାର କ୍ଷତି ସହିଥିବା ଜଣାପଡ଼ିଛି। କ୍ରିପ୍ଟୋ ବଜାର ୨.୭୦ ଟ୍ରିଲିୟନରୁ ଖସି ୨.୨୦ ଟ୍ରିଲିୟନରେ ପହଞ୍ଚିଯାଇଛି। ଏହାଦ୍ୱାରା ସାରା ବିଶ୍ୱରେ ବିଟ୍ କଏନ୍ ମୂଲ୍ୟ ୧୭% ହ୍ରାସ ଦେଖାଯାଇଥିବା ବେଳେ ଭାରତରେ ଏହା ୮% ମୂଲ୍ୟ ହ୍ରାସ ବୋଲି ସୂଚନା ମିଳିଛି। ସେହିଭଳି ବିଟ୍ କଏନରେ ପ୍ରାୟ ୧୭% ପ୍ରତିଶତ ହ୍ରାସ ଘଟି, ବର୍ତ୍ତମାନ ଏହାର ମୂଲ୍ୟ ବଜାରରେ ପ୍ରାୟ ୪୭,୬୦୦ ଡଲାରରେ ରହିଛି। କିଛିଦିନ ତଳେ ବିଟ୍ କଏନ ମୂଲ୍ୟ ୬୯ ହଜାର ଡଲାରରେ ଥିବାବେଳେ ବର୍ତ୍ତମାନ ତାହା ୪୭ ହଜାର ଡଲାରରେ ପହଞ୍ଚିଛି। ଶନିବାର ଅପରାହ୍ନ ପ୍ରାୟ ଅଢ଼େଇଟା ବେଳେ କ୍ରିପ୍ଟୋ ବଜାରରେ ହ୍ରାସ ଆରମ୍ଭ ହୋଇଥିଲା। କଏନ ଡେସ୍କ ସୂଚନା ଅନୁସାରେ ବିଶ୍ୱର ସବୁଠୁ ବଡ଼ ବିଟ୍ କଏନ ମୂଲ୍ୟରେ ୧୬ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି। ସାଢେ ୨ଟାରେ ସମାପ୍ତ ହୋଇଥିବା କାରବାର ୩,୮୮୭.୯୬ ଡଲାରରେ ହୋଇଛି। ବିଗତ ୧୦ ମାସ ମଧ୍ୟରେ ଏହା ୨ ସର୍ବବୃହତ୍ ମୂଲ୍ୟ ହ୍ରାସ ହୋଇଥିବା ବେଳେ ଚଳିତ ବର୍ଷ ଏହା ୫ମ ଥର ପାଇଁ ମୂଲ୍ୟ ପରିବର୍ତ୍ତନ କରିଛି। କୋଭିଡ୍ ନୂଆ ସଂକ୍ରମଣର ଭୟାବହତା ଦେଖାଦେଇଥିବାରୁ ନିବେଶକ ମଧ୍ୟ ଆଉ ଅଧିକ ରିସ୍କ ନେବାକୁ ଚାହୁଁ ନ ଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେହିଭଳି ଭାରତ ସରକାର ମଧ୍ୟ ବିଟ୍ କଏନ ଓ କ୍ରିପ୍ଟୋ ପାଇଁ ନୂଆ ନିୟମ ଲାଗୁ ସହ ଅଣସ୍ୱୀକୃତି ମୁଦ୍ରା ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ନୂଆ ନିୟମ ଲାଗୁ ସହ ସ୍ୱଦେଶୀ ଡିଜିଟାଲ ମୁଦ୍ରା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଜରିଆରେ ବଜାରକୁ ଆଣିବାର ଯୋଜନା ରହିଛି ବୋଲି ସୂଚନା ମିଳିଛି।

## ହୋଣ୍ଡାର ନଭେମ୍ବର ବିକ୍ରି ଫଳାଫଳ

ଭୁବନେଶ୍ୱର,୪।୧୨

ଅନ୍ୟତମ ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାତା ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଚଳିତ ବର୍ଷ ନଭେମ୍ବର ମାସ ପାଇଁ ଏହାର ବିକ୍ରି ଫଳାଫଳ ଘୋଷଣା କରିଛି। କମ୍ପାନୀର ମୋଟ ବିକ୍ରି ପରିମାଣ ନଭେମ୍ବରରେ ୨,୮୦,୩୮୧ ୟୁନିଟ୍ ରହିଛି। ଏଥିମଧ୍ୟରୁ କମ୍ପାନୀ ଘରୋଇ ବଜାରରେ ୨,୫୬,୧୭୦ ୟୁନିଟ୍ ଗାଡ଼ି ବିକ୍ରି କରିଥିବା ବେଳେ ରପ୍ତାନି ୨୪,୨୧୧ ୟୁନିଟ୍ ରହିଛି। ସେହିଭଳି ଗତବର୍ଷ ଏହି ସମୟ ମଧ୍ୟରେ କମ୍ପାନୀର ରପ୍ତାନିରେ ୧୮% ବୃଦ୍ଧି ଘଟିଥିବା ବେଳେ ୨୦୨୦ ନଭେମ୍ବରରେ କମ୍ପାନୀ ୨୦, ୫୬୫ ୟୁନିଟ୍ ଗାଡ଼ି ରପ୍ତାନି ହୋଇଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ବିକ୍ରି ଏବଂ ମାର୍କେଟିଂ) ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଗତ କିଛିଦିନ ଧରି ବଜାରରେ ଚିପ୍ ଅଭାବଠାରୁ ନେଇ ଅନ୍ୟାନ୍ୟ ସମସ୍ୟା ଓ ଚ୍ୟାଲେଞ୍ଜ ରହିଥିଲା। ସେହିପରି ପାର୍ବଣରେ ସେଭଳି ଚାହିଦା ନ ଥିଲା। ନଭେମ୍ବରରେ ମଧ୍ୟ ବଜାରରେ ଚାହିଦା କମ୍ ରହିଥିଲା। ଚଳିତ ଆର୍ଥିକ ବର୍ଷର ଅନ୍ତିମ ତ୍ରୈମାସରେ ବଜାର କାରବାରରେ କିଛିଟା ସୁଧାର ଆସିବା ନେଇ ଆଶା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଗୁଣପୁରରେ 'ଟ୍ରେଣ୍ଡସ'ର ପ୍ରଥମ ଆଉଟଲେଟ୍

ଭୁବନେଶ୍ୱର,୪।୧୨

ଦେଶର ଅଗ୍ରଣୀ ବ୍ୟବସାୟିକ ସଂସ୍ଥା ତଥା ରିଲାଏନ୍ସ ରିଟେଲର ଆପାରେଲ୍ ଏବଂ ଆସେସୋରି ସ୍ପେଶିଆଲିଟି ଚେନ୍ 'ଟ୍ରେଣ୍ଡସ୍' ଓଡ଼ିଶାର ରାୟଗଡ଼ା ଜିଲାର ଗୁଣପୁର ଟାଉନରେ ନିକଟରେ ନୂଆ ଆଉଟଲେଟ୍‌ର ଶୁଭାରମ୍ଭ କରିଛି। ୬୫୦୦ ବର୍ଗଫୁଟ୍ ପରିମିତି ଜମିରେ ଏହି ନୂତନ ଆଉଟଲେଟର ଉଦ୍‌ଘାଟନ ହୋଇଯାଇଛି। ଏଠାରେ ସବୁବର୍ଗ ଓ ସମସ୍ତ ପ୍ରକାର ଫ୍ୟାଶନ ପ୍ରଡକ୍ଟ ଆକର୍ଷଣୀୟ ଅଫର ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ରହିଛି। ଉଦ୍‌ଘାଟନୀ ଅବସରରେ ୩୪୯୯ ଟଙ୍କାର କିଣାକିଣି ଉପରେ ୧୯୯ଟଙ୍କାର ଆକର୍ଷଣୀୟ ଉପହାର ଗ୍ରାହକଙ୍କୁ ଦିଆଯାଉଛି। ଟ୍ରେଣ୍ଡସ୍ ବାସ୍ତବରେ ଭାରତର ଫ୍ୟାଶନ ବଜାରରେ ଅନେକ କିଛି ପରିବର୍ତ୍ତନ ସହ ବିକାଶ ଆଣିଛି। ଏହା ଭାରତର ଗ୍ରାହକଙ୍କ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟାୟାର ୧ ଓ ୨ ଟାଉନ୍ ଏବଂ ଆହୁରି ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟତର ହେବାକୁ କମ୍ପାନୀ ଉଦ୍ୟମ କରୁଛି। ଟ୍ରେଣ୍ଡସ୍ ବର୍ତ୍ତମାନ ଦେଶର ଫେଭରାଇଟ୍ ଫ୍ୟାଶନ ଶପିଙ୍ଗ୍ ଡେଷ୍ଟିନେଶନ ସବୁ ବର୍ଗର ଲୋକଙ୍କ ପାଇଁ ପାଲଟିଯାଇଛି। ଗୁଣପୁରରେ 'ଟ୍ରେଣ୍ଡସ୍'ର ଏହି ମଡର୍ନ ଲୁକ୍ ଏବଂ ଆମ୍ବିଏନ୍ସ ସହିତ ସ୍ଥାନୀୟ ଗ୍ରାହକଙ୍କ ଚାହିଦା ପୂରଣ ସାଙ୍ଗକୁ ଉଚ୍ଚମାନର ଆକର୍ଷଣୀୟ ଫ୍ୟାଶନ ପ୍ରଡକ୍ଟ ସୁଲଭ ମୂଲ୍ୟରେ ମିଳିବ। ରାୟଗଡ଼ାର ଏହି ବଜାରର ଗ୍ରାହକମାନେ ଟ୍ରେଣ୍ଡି ଓମେନ୍ ୱାୟର, ମେନ୍‌ସ ୱାୟର, କିଡ୍‌ସ୍ ୱାୟର ଏବଂ ଫ୍ୟାଶନ ଆସେସୋରିଜ୍ ଭଳି ସ୍ୱତନ୍ତ୍ର ମୂଲ୍ୟରେ ଏବଂ ଚମତ୍କାର କିଣାକିଣି ଅନୁଭୂତି ପ୍ରଦାନ କରିବ।





ରାୟଗଡ଼ାର ଗୁଣପୁର ବଜାରରେ ଟ୍ରେଣ୍ଡସ୍‌ର ପ୍ରଥମ ଷ୍ଟୋର ଉଦ୍‌ଘାଟନ ହୋଇଯାଇଛି।

## ଗିଫ୍ଟ ପ୍ରଫେସର ପୁରସ୍କୃତ

ଭୁବନେଶ୍ୱର,୪।୧୨



ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ ଫର୍ ଟେକ୍ନୋଲୋଜି(ଗିଫ୍ଟ), ଭୁବନେଶ୍ୱରର ମେକାନିକାଲ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅମର କୁମାର ଦାସଙ୍କୁ ୟୁନିଭର୍ସିଟି ଫାଉଣ୍ଡେଶନ ଡେ ରିସର୍ଚ୍ଚ ଆୱାର୍ଡ-୨୦୨୧ରେ ସମ୍ମାନିତ କରାଯାଇଛି। ଡ. ଦାସଙ୍କର ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏହି ସମାରୋହରେ ଓଡ଼ିଶା ସରକାରଙ୍କର ଦକ୍ଷତା ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏସ୍‌ଡିଟିଇର ମୁଖ୍ୟ ସମ୍ପାଦକ ଇଂ ହେମନ୍ତ ଶର୍ମା ମୁଖ୍ୟବକ୍ତା ଏବଂ ଭିସୁଟ୍ ବୁର୍ଲାର ଭିସି ପ୍ରଫେସର ବଂଶୀଧର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିପିୟୁଟିର ଭିସି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଡ. ଦାସଙ୍କର ଏହି ସଫଳତା ପାଇଁ ଗିଫ୍ଟ ଭାଇସ୍ ଚେୟାରମ୍ୟାନ ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ଡି.ଏଚ୍. ଭି.ଏସ୍. ପରମେଶ୍ୱର ରାଓ ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବେଦାନ୍ତ ଝାରସୁଗୁଡ଼ା ପକ୍ଷରୁ ଏଡ୍‌ସ ସପ୍ତାହ ପାଳିତ





ଭୁବନେଶ୍ୱର,୪।୧୨

ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା ୟୁନିଟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବିଶେଷ କରି ଏଚ୍‌ଆଇଭି ଏଡ୍‌ସ ସମ୍ପର୍କରେ କମ୍ପାନୀର କର୍ମଚାରୀଙ୍କଠାରୁ ବ୍ୟବସାୟିକ ସହଯୋଗୀ ପର୍ଯ୍ୟନ୍ତ ଏବଂ ସ୍ଥାନୀୟ ଗୋଷ୍ଠୀ ସମୂହଙ୍କୁ ଏ ସମ୍ପର୍କରେ ସଚେତନ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏହି ଅଭିଯାନର ଅଂଶ ଭାବେ ୱାକାର୍ଡ ଫାଉଣ୍ଡେଶନ, ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଓ ସ୍ୱେଚ୍ଛାସେବୀଙ୍କ ସହିତ ବେଦାନ୍ତର ମୋବାଇଲ ହେଲ୍‌ଥ ୟୁନିଟ ୬୦୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀ ନିକଟରେ ପହଞ୍ଚିପାରିଛି। ଏହି ଅଭିଯାନ ଜରିଆରେ କମ୍ପାନୀ ସପ୍ତାହ ମଧ୍ୟରେ ପ୍ରାୟ ୨୦୦୦ ଗୋଷ୍ଠୀଙ୍କ ନିକଟରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ସେଥିରେ ପ୍ରବାସୀ ଶ୍ରମିକ, କଲେଜ ଛାତ୍ର ଓ ଝାରସୁଗୁଡ଼ାର ପୋଲିସ କର୍ମଚାରୀମାନେ ରହିଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ଡେପୁଟି ସିଇଓ ଦୀପକ ପ୍ରସାଦ କହିଛନ୍ତି, କମ୍ପାନୀର ମୋବାଇଲ ହେଲ୍‌ଥ ୟୁନିଟ ମାଧ୍ୟମରେ ୭୨ରୁ ଅଧିକ ଦୂରବର୍ତ୍ତୀ ଗ୍ରାମରେ ଥିବା ଲୋକମାନଙ୍କୁ ଆବଶ୍ୟକ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଜାରି ରହିଛି। ଏହା ସହିତ ସ୍ଥାନୀୟ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଲାଗି ଆମେ ବିଭିନ୍ନ କାର୍ଯ୍ୟକ୍ରମ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁରସତ୍

### ଲିଭ୍ ଇନ୍ ରିଲେସନଶିପ୍ ପସନ୍ଦ ନୁହେଁ

**ମୁମ୍ବାଇ:** ଏବେ ଲିଭ ଇନ ରିଲେସନଶିପ ଏକ ଟ୍ରେଣ୍ଡ ହୋଇଯାଇଛି କହିଲେ କିଛି ଭୁଲ ହେବନାହିଁ ବୋଧହୁଏ। ସେଲିବ୍ରିଟିଙ୍କ ବ୍ୟତୀତ ସାଧାରଣ ଲୋକେ ବି ଏହାକୁ ବେଶ ପସନ୍ଦ କରୁଛନ୍ତି । ଅନେକ ମାତାପିତା ମଧ୍ୟ ସେମାନଙ୍କ ପିଲାମାନଙ୍କୁ ସ୍ୱାଧୀନତା ଦେବା ସହ ଲିଭ୍ ଇନ ରିଲେସନଶିପ୍‌କୁ ବି ପସନ୍ଦ କରି ଥାଆନ୍ତି। ହେଲେ ଆଉ କେତେଜଣ ଏହାକୁ ନେଇ ଭିନ୍ନ ଭିନ୍ନ ପ୍ରଶ୍ନ ଉଠାଇ ଥାଆନ୍ତି। ଏହି ଲିଭ ଇନ ରିଲେସନଶିପ୍‌କୁ ନେଇ ବଲିଉଡ ନାୟିକା କ୍ରିତି ସାନନ ନିକଟରେ ଖୋଲାଖୋଲି କଥା ହୋଇଛନ୍ତି। ସେ ତାଙ୍କ ଫିଲ୍ମ 'ଲୁକା-ଛୁପ୍ପି'ରେ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଲିଭ ଇନ ରିଲେସନଶିପ୍‌ରେ ରହିଥିବା ଏକ ଚରିତ୍ରରେ ଅଭିନୟ କରିଛନ୍ତି। ଯାହା ଦର୍ଶକଙ୍କୁ ବେଶ ପସନ୍ଦ ଆସିଛି। ଏବେ ଏହାକୁ ନେଇ ପ୍ରଶ୍ନ କରାଯିବାରୁ କ୍ରିତି କହିଛନ୍ତି, ଲିଭ ଇନ ରିଲେସନଶିପ୍ ଭଲ ହେଲେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଖୁବ ସମ୍ମାନ କରନ୍ତି। ତେଣୁ ଏସବୁ ତାଙ୍କ ପକ୍ଷେ ସମ୍ଭବ ନୁହେଁ । ଏହା ବ୍ୟତୀତ ଲିଭ୍‌ଇନ କଥା ଶୁଣିଲେ ତାଙ୍କ ମାଆ ଅନେକ ପ୍ରଶ୍ନ ଉଠାଇବେ। ତେଣ ସେ ଏହି ଲିଭ ଇନ ରିଲେସନଶିପ୍‌କୁ ପସନ୍ଦ କରନ୍ତି ନାହିଁ। ନିକଟରେ ସେ ଅଭିନୟ କରିଥିବା ମୁଭି 'ମିମି'ରେ ସେ ଜଣେ ସରୋଗସୀ ମା' ଭୂମିକାରେ ଦର୍ଶକଙ୍କ ମନ କିଣିଛନ୍ତି । ତେଣୁ ସେ ସରୋଗେସିକୁ ନେଇ କହିଛନ୍ତି ଏହା ଏକ ଭଲ ଉପାୟ । ଯେଉଁମାନେ ସାଧାରଣ ଭାବେ ମା' ହୋଇ ପାରୁ ନାହାନ୍ତି ସେମାନେ ଏହାକୁ ଆପଣେଇବା ଭଲ। ଖୁବ୍‌ଶୀଘ୍ର ଏହି ଅଭିନେତ୍ରୀ 'ଆଦି ପୁରୁଷ'ରେ ନଜର ଆସିବେ। ଏଥିରେ କ୍ରିତିଙ୍କ ବ୍ୟତୀତ ପ୍ରଭାସ ଓ ଶୈଫ ଅଲ୍ଲୀ ଖାନ୍‌ଙ୍କୁ ଲିଡ୍ ରୋଲରେ ଦେଖିବାକୁ ମିଳିବ ।






### ମଙ୍ଗଳ ଗ୍ରହରେ ପିରାମିଡ୍

**ୱାଶିଂଟନ:** ମଙ୍ଗଳ ଗ୍ରହରୁ ଏକ ବିରଳ ଛବି ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ୧୯୭୬ରେ, ଆମେରିକୀୟ ସ୍ପେସ ଏଜେନ୍ସି 'ନାସା' ମଙ୍ଗଳ କକ୍ଷପଥରେ ୱାଇକିଙ୍ଗ ମିଶନକୁ ପଠାଇଥିଲା। ସେହି ସମୟରେ ମଙ୍ଗଳରୁ କିଛି ବିରଳ ଫଟୋ ବୈଜ୍ଞାନିକଙ୍କ ହାତରେ ଲାଗିଥିଲା। ସେଥିରେ ଏକ ପିରାମିଡ ଏବଂ ମାନବ ଚେହେରାର ଆକୃତି ଦେଖିବାକୁ ମିଳିଥିଲା। ବର୍ତ୍ତମାନ ନାସାର ତିନିଜଣ ପୂର୍ବତନ ବୈଜ୍ଞାନିକ ନିଶ୍ଚିତ କରିଛନ୍ତି ଯେ, ୱାଇକିଙ୍ଗ ମିଶନ ଦ୍ୱାରା ନିଆଯାଇଥିବା ପିରାମିଡ୍‌ର ଫଟୋ ସତ୍ୟ। ବୈଜ୍ଞାନିକ ଡ. ଜନ ୱାଣ୍ଡରବର୍ଗଙ୍କ ଅନୁଯାୟୀ, ମାନବ ଚେହେରା ଭଳି ଆକୃତି ଏବଂ ପିରାମିଡ ମଧ୍ୟରେ ମାତ୍ର ୫ କି.ମି. ଦୂରତା ଅଛି। ସେଠାରେ ପୂର୍ବରୁ ଏଲିଅନ୍ ବାସ କରୁଥିବା ସମ୍ଭାବନା ମଧ୍ୟ ରହିଛି ବୋଲି ସେ କହିଛନ୍ତି।

### ସେଲୁନ୍‌ରେ ଦାଢ଼ି କାଟୁଛି ମାଙ୍କଡ଼

ଏକ ମାଙ୍କଡ଼ ଦାଢ଼ି କାଟିବାକୁ ସେଲୁନ୍‌ରେ ପହଞ୍ଚିଛି। ସେ ସେଠାରେ ସେଭିଂ ମଧ୍ୟ ହେଉଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓଟିକୁ ଆଇପିଏସ୍ ଅଧିକାରୀ ରୂପିନ୍ ଶର୍ମା ତାଙ୍କ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଭିଡିଓରେ ଦେଖାଯାଇଛି, ଏକ ଚେୟାର ଉପରେ ମାଙ୍କଡ଼ଟି ଯାଇ ବସୁଛି। ପରେ ଆରାମରେ ଦାଢ଼ି କାଟିବାକୁ ମୁହଁ ଦେଖାଉଛି। ସେଲୁନ ବାଲା ଟ୍ରିମର ସାହାଯ୍ୟରେ ମାଙ୍କଡ଼ର ଦାଢ଼ିକୁ ମଧ୍ୟ କାଟୁଛି। ଏହି ସମୟରେ ମାଙ୍କଡ଼ଟି ଏପଟସେପଟ ନ ହୋଇ ଗୋଟିଏ ଜାଗାରେ ସ୍ଥିର ହୋଇବସିଛି। ରୂପିନ୍ କ୍ୟାପଶନ ଲେଖିଛନ୍ତି, ଏବେ ସ୍ମାର୍ଟ ଲାଗୁଛ। ଭିଡିଓରେ ଅନେକ ୟୁଜର୍ସ ମଜାଳିଆ କମେଣ୍ଟ ଦେଇଛନ୍ତି।




## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତା ଉଷାକିରଣ ମହାନ୍ତି
ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ-୧୦।୦୮।୧୯୪୪
ତିରୋଧାନ- ୦୧।୧୨।୨୦୧୬
(ମାର୍ଗଶିର ମାସ ମାଣବସା ଗୁରୁବାର)
ହେ ପୁଣ୍ୟାତ୍ମା, ବୋଉ ତୋର ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ, ପ୍ରତ୍ୟେକ ମୁହୂର୍ତ୍ତରେ ଏ ଘର ଓ ତୋ ଠାକୁର ଘର ତୋତେ ଖୋଜୁଛି। ତୋର ଅନାବିଳ ସ୍ନେହ ଓ ପରୋପକାର ଆମ ପଥ ପ୍ରଦର୍ଶକ ହେଉ। ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ସେ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ-ଜ୍ୱାଇଁ, ଝିଅ ଓ ନାତୁଣୀମାନେ
ଧ-୨୨୪୫୬

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ହେମ କୁମାର ପୃଷ୍ଟି
(ଅଭିନେତା ନିର୍ଦ୍ଦେଶକ)
ଆବିର୍ଭାବ: ୦୧।୦୭।୧୯୩୩
ତିରୋଧାନ: ୨୫।୧୧।୨୦୧୧
ଚାହୁଁ ଚାହୁଁ ଦଶବର୍ଷ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମ ପାଇଁ ଅପୂରଣୀୟ କ୍ଷତି ଘଟାଇଛି। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର:- ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀମାନେ ।
ଧ-୨୨୪୫୯

**୧୫ତମ ଜନ୍ମଦିନ ଶୁଭେଚ୍ଛା**



(ବବ୍‌ଲି)
ଜାହ୍ନବୀ ଦାସ
ଶ୍ରୀରାମନଗର, ଓଲଡ୍‌ଟାଉନ୍, ଭୁବନେଶ୍ୱର
ଆଜି ତୋର "୧୫ତମ" ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ଦାସ ପରିବାର, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଜୟ ମାତାଦୀ
ଧ-୨୨୪୬୦

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ADMISSION OPEN 2021-23
Acharya Nagarjuna University
B.Ed
Admission in Top 15 B.Ed Colleges (Guntur Township) with current NCTE & University affiliation.
MBA,MCA,M.Sc,M.Com,MA & PG Dip.
Odisha's Most Reliable
KALINGA B.ED ACADEMY
H.O. 359, 2nd Floor, Rupali Square, BBSR
Ph : 8895760756, 9937233156
Branch - PURI, Ph- 7008529726

FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋର୍ଟି, ମର୍ଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧ୍ୟରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd Navi Mumbai
www.dksfl.in
7684939383

କେମିତି ମଦ ଛାଡ଼ିବେ
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

LOAN DHAMAKA
AADARSH FINANCE
ଆଦର୍ଶ ଫାଇନାନ୍ସ ଆପଣଙ୍କୁ ୧ଲକ୍ଷ ରୁ ୫୦ଲକ୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଲୋନ୍ ଯୋଗାଇଦେଉଛି ।
2%Interest, 40% Subsidy
ଘରେ ବସି ONLINE ମାଧ୍ୟମରେ ସୁବିଧାରେ ଲୋନ୍‌ର ସୁବିଧା ପାଆନ୍ତୁ ।
ଯୋଗାଯୋଗ : 9432985505
: 9432985505

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୫ ଡିସେମ୍ବର, ୨୦୨୧ Bhubaneswar, Sunday, December 5/2021

# ସିନ୍ଧୁ ଫାଇନାଲରେ

**ବାଲି, ୪।୧୨ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସର ଟାଇଟଲ ମୁକାବିଲାରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ଜାପାନର ଆକାନେ ୟାମାଗୁଚିଙ୍କ ବିପକ୍ଷରେ ୨୧-୧୫, ୧୫-୨୧, ୨୧-୯ ଗେମ୍‌ରେ ବିଜୟ ହାସଲ କରିଛନ୍ତି। ଚଳିତ ସିଜନରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସିନ୍ଧୁଙ୍କର ଏହା ହେଉଛି ତୃତୀୟ ଫାଇନାଲ। ସିନ୍ଧୁ ୨୦୧୮ରେ ପ୍ରଥମ ଭାରତୀୟ ଭାବେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଟାଇଟଲ ବିଜୟିନୀ ହୋଇଥିଲେ। ବିଶ୍ୱର ୭ନମ୍ବର ର‌୍ୟାଙ୍କିଂପ୍ରାପ୍ତ ଭାରତୀୟ ଖେଳାଳିଙ୍କର ବିଶ୍ୱର ୩ ନମ୍ବର ଜାପାନିଜ୍ ଖେଳାଳିଙ୍କ ବିପକ୍ଷରେ ଏଥରକୁ ମିଶାଇ ବିଜୟ, ପରାଜୟ ରେକର୍ଡ ୧୨-୮ରେ ପହଞ୍ଚିଛି। ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ଭାଗ ନେବା ପୂର୍ବରୁ ସିନ୍ଧୁ ତାଙ୍କର ଗତ ତିନୋଟି ଇଭେଣ୍ଟ ଫ୍ରେଞ୍ଚ ଓପନ, ଇଣ୍ଡୋନେସିଆ ମାଷ୍ଟର୍ସ ଏବଂ ଇଣ୍ଡୋନେସିଆ ଓପନରେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ। ମାର୍ଚ୍ଚରେ ସୁଇସ୍ ଓପନ୍‌ରେ ସେ ରନର୍ସ ଅପ୍ ହୋଇଥିଲେ।

# ଭାରତର ଦକ୍ଷିଣ ଆଫ୍ରିକା ଟୁର୍ କାର୍ଯ୍ୟସୂଚୀରେ ପରିବର୍ତ୍ତନ

**କୋଲକାତା, ୪।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକାରେ କୋଭିଡ୍‌ର ନୂଆ ଭାରିଆଣ୍ଟ ସତ୍ତ୍ୱେ ଭାରତୀୟ କ୍ରିକେଟ ଦଳ ଏହି ଦେଶକୁ ଟୁର୍‌ରେ ଯିବ। ତେବେ ଉଭୟ ଦେଶର କ୍ରିକେଟ ବୋର୍ଡର ନିଷ୍ପତ୍ତି କ୍ରମେ କାର୍ଯ୍ୟସୂଚୀରେ କିଛିଟା ପରିବର୍ତ୍ତନ କରାଯାଇଛି। ଭାରତୀୟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତକୁ ଗୋଟିଏ ସପ୍ତାହ ଘୁଞ୍ଚାଇ ଦିଆଯାଇଛି। କାର୍ଯ୍ୟସୂଚୀରୁ ଟି୨୦ ସିରିଜକୁ ବାଦ୍ ଦିଆଯାଇଛି। ତେବେ ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ ପରେ କେବେ ଖେଳାଯିବ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। ନୂଆ କାର୍ଯ୍ୟସୂଚୀ ପାଇଁ ଭେନ୍ୟୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସ୍ଥିର ଘୋଷଣା କରାଯିବ। ଦକ୍ଷିଣ ଆଫ୍ରିକାରେ କୋଭିଡ୍‌ର ନୂଆ ଭାରିଆଣ୍ଟ ଦେଖା ଦେବା ପରେ ଏହି ଦେଶକୁ ଭାରତୀୟ କ୍ରିକେଟ ଦଳ ଗସ୍ତ କରିବା କି ନା ସେ ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ତାହାର ଅବସାନ ଘଟିଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଭାରତ ଡିସେମ୍ବର ୯ରେ ଦକ୍ଷିଣ ଆଫ୍ରିକା ଗସ୍ତ କରିଥାନ୍ତା। ସଂଶୋଧିତ କାର୍ଯ୍ୟସୂଚୀ ଅନୁସାରେ ଟେଷ୍ଟ ସିରିଜ ବର୍ତ୍ତମାନ ଡିସେମ୍ବର ୧୭ ପରିବର୍ତ୍ତେ ଡିସେମ୍ବର ୨୬ରୁ ଖେଳାଯିବ। ଏହାପରେ ୩ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ସିରିଜ ପାଇଁ ବିସିସିଆଇର ପ୍ରତିଶ୍ରୁତିବଦ୍ଧତାକୁ ଦକ୍ଷିଣ ଆଫ୍ରିକା କ୍ରିକେଟ ପ୍ରଶଂସା କରିଛି। ସିରିଜ ସମୟରେ ଖେଳାଳିମାନଙ୍କ ସୁରକ୍ଷିତ ଖେଳ ପରିବେଶ ପାଇଁ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଏସ୍ଏ କହିଛି।

# ଭାରତ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ମୁମ୍ବାଇ,୪।୧୨**

ନ୍ୟୁଜିଲାଣ୍ଡ ସ୍ପିନର ଏଜାଜ ପଟେଲଙ୍କ ୧୦ ଉଇକେଟ ସଫଳତା ସତ୍ତ୍ୱେ ଭାରତ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଛି। ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଏହି ଟେଷ୍ଟର ଦ୍ୱିତୀୟ ଦିବସରେ ଭାରତୀୟ ଓପନର ମୟଙ୍କ ଅଗ୍ରୱାଲଙ୍କ ବୃହତ୍ ଶତକୀୟ ଇନିଂସ ଓ ଏଜାଜଙ୍କ ଫରଫେକ୍ଟ ଟେନ୍ ସଫଳତା ମୁଖ୍ୟ ଘଟଣା ଥିଲା।

## ଏଜାଜଙ୍କୁ ୧୦ ଉଇକେଟ

ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡର ବିପର୍ଯ୍ୟୟ ଘଟାଇ ଭାରତ ବୃହତ୍ ଅଗ୍ରଣୀ ହାସଲ କରିବା ସହ ମ୍ୟାଚ୍‌ରେ ନିଜର ଆଧିପତ୍ୟ ଜାହିର କରିଛି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୦୯.୫ ଓଭରରେ ୩୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସରେ ଘରୋଇ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ୨୮.୧ ଓଭରରେ ମାତ୍ର ୬୨ ରନ କରି ଅଲ୍‌ଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୬୩ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୨୧ ଓଭରରେ କୌଣସି ଉଇକେଟ ନ ହରାଇ ୬୯ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୩ ଦିନ ବାକିଥିବା ବେଳ ଭାରତ ଏବେ ୧୦ ଉଇକେଟ ହାତରେ ରଖି ମୋଟ ଉପରେ ୩୩୨ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଫିଲ୍ଡିଂ କରିବା ଅବସରରେ ଯୁବ ଓପନର ଶୁବମନ ଗିଲ୍ ଆହତ ହେବା କାରଣରୁ ଦ୍ୱିତୀୟ ଇନିଂସରେ ଓପନିଂ କରିବାକୁ ଆସିପାରି ନ ଥିଲେ। ଫଳରେ ତାଙ୍କ ସ୍ଥାନରେ ପୂଜାରାଙ୍କୁ ଇନିଂସ ଓପନ କରିବାକୁ ପଡିଥିଲା। ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୩୮ ଓ ଚେତେଶ୍ୱର ପୂଜାରା ୨୯ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି।

### ଅଗ୍ରୱାଲଙ୍କ ଦମ୍‌ଦାର ବ୍ୟାଟିଂ

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୧/୪ରୁ ଭାରତ ଖେଳ ଆରମ୍ଭ କରି ଶୁକ୍ରବାର ଅଲଆଉଟ ହୋଇଥିଲା। ଓଭରନାଇଟ ସ୍କୋର ୧୨୦ରୁ ଖେଳ ଆରମ୍ଭ କରି ଓପନର ମୟଙ୍କ ଅଗ୍ରୱାଲ ୧୫୦ ରନ ବୃହତ୍ ଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ସେ ଏଜାଜଙ୍କ ବଲ୍‌ରେ ଉଇକେଟକିପର ଟମ୍ ବ୍ଲଣ୍ଡେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଭାରତ ମାଟିରେ ମୟଙ୍କ ୭ଟି ମ୍ୟାଚ୍ ଖେଳି ମୋଟ ଉପରେ ୭୭୭ ରନ ସଂଗ୍ରହ କରିଛନ୍ତି। ୪ଟି ଶତକ ହାସଲ କରି ସେ ଘରୋଇ ମାଟିରେ ୮୬.୩୩ ହାରରେ ରନ୍ ସଂଗ୍ରହ କରିଛନ୍ତି। ସେହିପରି ୨୫ ରନରୁ ଖେଳ ଆରମ୍ଭ କରି ଉଇକେଟକିପର ରିଦ୍ଧିମାନ ଶାହା ୨୭ ରନ କରିଥିବା ବେଳେ ଏଜାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାର ପର ବଲ୍‌ରେ ରବିଚନ୍ଦ୍ରନ ଅଶ୍ୱିନ ଏଜାଜଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଦୁଇଟି ବଲ୍‌ରେ ଏଜାଜ ଦୁଇ ଉଇକେଟ ନେଇ ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ସପ୍ତମ ଉଇକେଟରେ ମୟଙ୍କ ଓ ଅକ୍ଷର ପଟେଲ ୧୬୮ ବଲରୁ ୬୭ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ମୟଙ୍କ ଆଉଟ ହେବା ପରେ ଅକ୍ଷର ୧୨୮ଟି ବଲରୁ ୫ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଏଜାଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଜୟନ୍ତ ଯାଦବ ୧୨ ଓ ମହମ୍ମଦ ସିରାଜ ୪ ରନକରି ଆଉଟ ହୋଇଥିଲେ।



ଅପରାଜିତ ଅର୍ଦ୍ଧଶତକୀୟ ଭାଗୀଦାରି ଅବସରରେ ମୟଙ୍କ ଅଗ୍ରୱାଲ ଓ ଚେତେଶ୍ୱର ପୂଜାରା।

**ଭାରତ ବିପକ୍ଷରେ ସର୍ବନିମ୍ନ ଟେଷ୍ଟ ସ୍କୋର**

| | | | |
|---|---|---|---|
| ୬୨ | ନ୍ୟୁଜିଲାଣ୍ଡ | ମୁମ୍ବାଇ | ୨୦୨୧* |
| ୭୯ | ଦକ୍ଷିଣ ଆଫ୍ରିକା | ନାଗପୁର | ୨୦୧୫ |
| ୮୧ | ଇଂଲଣ୍ଡ | ଅହମଦାବାଦ | ୨୯୨୧ |
| ୮୨ | ଶ୍ରୀଲଙ୍କା | ଚଣ୍ଡିଗଡ଼ | ୧୯୯୦ |

### ଭାରତରେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର

ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ୨୮.୧ ଓଭରରେ ମାତ୍ର ୬୨ ରନକରି ଅଲଆଉଟ ହୋଇଥିଲା। ଭାରତ ବିପକ୍ଷ ଟେଷ୍ଟରେ ନ୍ୟୁଜିଲାଣ୍ଡର ଏହା ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ୨୦୦୨ରେ ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ ୯୪ ରନ ସଂଗ୍ରହ କରିଥିଲା। ଭାରତ ମାଟିରେ ଯେକୌଣସି ଦଳ ପାଇଁ ଏହା ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ନ୍ୟୁଜିଲାଣ୍ଡର ୯ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଟମ ଲାଥମ ୧୦ ଓ କାଏଲ ଜେମିସନ ୧୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ରବିଚନ୍ଦ୍ରନ ଅଶ୍ୱିନ ସର୍ବାଧିକ ୪, ମହମ୍ମଦ ସିରାଜ ୩, ଅକ୍ଷର ୨ ଓ ଜୟନ୍ତ ଯାଦବ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୧୦୯.୫ ଓଭରରେ ୩୨୫(ମୟଙ୍କ- ୧୫୦, ଅକ୍ଷର- ୫୨, ଶୁବମନ- ୪୪, ରିଦ୍ଧିମାନ- ୨୭, ଶ୍ରେୟାସ- ୧୮, ଏଜାଜ- ୧୦/୧୧୯)।

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:** ୨୮.୧ ଓଭରରେ ୬୨ ଅଲଆଉଟ (ଲାଥମ-୧୦, ଜେମିସନ- ୧୭, ଅଶ୍ୱିନ- ୪/୮, ସିରାଜ- ୩/ ୧୯, ଅକ୍ଷର- ୨/୧୪, ଜୟନ୍ତ- ୧/ ୧୩)।

**ଭାରତ ଦ୍ୱିତୀୟ ଇନିଂସ:** ୨୧ ଓଭରରେ ୬୯/୦(ମୟଙ୍କ- ୩୮*, ପୂଜାରା- ୨୯*)।

# ମ୍ୟାଚ ଅଫିସିଆଲ, ସପୋର୍ଟ ଷ୍ଟାଫ୍‌ଙ୍କ ବୟସ ସୀମା ବୃଦ୍ଧି

**ବିସିସିଆଇ ଏଜିଏମ୍**

**କୋଲକାତା, ୪।୧୨ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ମ୍ୟାଚ ଅଫିସିଆଲ ଓ ସପୋର୍ଟ ଷ୍ଟାଫ୍‌ଙ୍କ ଅବସର ସମୟ ସୀମା ୬୦ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି କରିଛି। ଏଠାରେ ବିସିସିଆଇର ୯୦ତମ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ତେବେ ଏଥିପାଇଁ ଫିଟ୍‌ନେସ୍ ଜରୁରି ରହିଛି। ବିସିସିଆଇର ଏହି ନିଷ୍ପତ୍ତି ଦ୍ୱାରା ବହୁ ଅମ୍ପାୟର, ସ୍କୋରର ଓ ମ୍ୟାଚ ରେଫରି ଉପକୃତ ହେବେ। ଏଜିଏମ୍‌ରେ ଅନେକ ପ୍ରସ୍ତାବ ଗୃହୀତ ହୋଇଛି। ତନ୍ମଧ୍ୟରେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଯଥା ପୁଡୁଚେରୀ, ବିହାରୀ ଓ ଉତ୍ତରାଖଣ୍ଡରେ କ୍ରିକେଟ ଖେଳର ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ। ପ୍ରତ୍ୟେକ ରାଜ୍ୟ ଆସୋସିଏଶନକୁ ୧୦ କୋଟି ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି। ଏହି ଅର୍ଥକୁ ଇନ୍‌ଡୋର ବ୍ୟବସ୍ଥାରେ ଉନ୍ନତି ଆଣିବା ଦିଗରେ ବ୍ୟୟ କରାଯିବ। ବୋର୍ଡ ବ୍ରିଜେଶ ପଟେଲ ଓ ଏମ୍‌ଜେ ମଜୁମ୍‌ଦାରଙ୍କୁ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲରେ ସାମିଲ କରିଛି। ଭାରତର ପୂର୍ବତନ ବାମହାତୀ ସ୍ପିନର ପ୍ରଜ୍ଞାନ ଓଝାଙ୍କୁ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲରେ ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନର ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ପୂର୍ବତନ ମହାନ ବ୍ୟାଟ୍ସମ୍ୟାନ ଭି.ଭି.ଏସ୍ ଲକ୍ଷ୍ମଣ ଡିସେମ୍ବର ୧୩ରେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ମୁଖ୍ୟ ଭାବେ ଯୋଗ ଦାନ କରିବେ। ଶନିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପରିଷଦରେ ଅନ୍ୟ କୋଚ୍‌ମାନଙ୍କ ସହ ତାଙ୍କ ନିଯୁକ୍ତି ଅନୁମୋଦନ ଲାଭ କରିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

48

# ଧରିତ୍ରୀ
DHARITRI

୪୮

ଭୁବନେଶ୍ୱର, ରବିବାର, ଡିସେମ୍ବର ୫/୨୦୨୧ (୮+୮=୧୬ପୃଷ୍ଠା) | Bhubaneswar, Sunday, December 5/2021 | ପୃଷ୍ଠା-୧




**ଆମେରିକାକୁ ଜିତାଇଲେ କ୍ଲୋଏନ**

ଜୁନିୟର ହକି ବିଶ୍ୱକପର ଶନିବାର ଅନୁଷ୍ଠିତ ଇଜିପ୍ଟ ବିପକ୍ଷ କ୍ଲାସିଫିକେଶନ ମ୍ୟାଚରେ ୩ ଗୋଲ ଦେଇ ଆମେରିକାକୁ ବିଜୟୀ କରାଇଛନ୍ତି ଟାଇମେନ କ୍ଲୋଏନ।

୦୮

୦୩

**କୋର୍ଟ ଶେଷ ବିକଳ୍ପ ହେଉ**

ବିବାଦର ସମାଧାନ ଲାଗି କୋର୍ଟ କଚେରି ନ ଧାଇଁ ମଧ୍ୟସ୍ଥତା ଓ ବୁଝାମଣା ଭଳି ବିକଳ୍ପ ବ୍ୟବସ୍ଥା ବାଛିବା ଲାଗି ସିଜେଆଇ ଏନ୍.ଭି. ରମନା ପରାମର୍ଶ ଦେଇଛନ୍ତି।



# ଗୃହରେ ଘଣ୍ଟ ବାଡ଼େଇଲା କଂଗ୍ରେସ

## ପୂଜାରୀ ବେଶରେ ଆସି ଗଙ୍ଗାଜଳ ଛିଞ୍ଚିଲେ ତାରା

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଛିଞ୍ଚା ହେଲା ଗଙ୍ଗାଜଳ। ଦିଆଗଲା ଧୂପ। ଘଣ୍ଟ ବାଜିଲା। ଶୁକ୍ରବାର ଏଭଳି ଦୃଶ୍ୟ ବିଧାନସଭା ବାହାରେ ଦେଖିବାକୁ ମିଳିଥିଲାବେଳେ ଶନିବାର ବିଧାନସଭା ଭିତରେ ତାହା ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଘରୋଇ ସ୍କୁଲ ପ୍ରିନ୍ସିପାଲ ମମିତା ମେହେର ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ଦାବିରେ ଶୁକ୍ରବାର ଭାଜପା

**ମମିତା ହତ୍ୟା ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ**

- **ସୋମବାର ଯାଏ ଗୃହ ମୁଲତବୀ**
- **ମୁଖ୍ୟମନ୍ତ୍ରୀଙ୍କ ବିବୃତି ପରେ ବି ବଦଳିଲାନି ଚିତ୍ର**

ଏବଂ ଶନିବାର କଂଗ୍ରେସ ପକ୍ଷରୁ ଏଭଳି ଉପାୟରେ ସରକାରଙ୍କୁ ଘେରାଯାଇଛି। ହେଲେ ଶନିବାରର ପ୍ରତିବାଦ ସବୁଠୁ ବଳି ଯାଇଛି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପୂଜାରୀ ବେଶରେ ଆସି ଅଭିନବ ଢଙ୍ଗରେ ହେଉଥିବା ପ୍ରତିବାଦକୁ ଜୋରଦାର କରିଥିଲେ।

ଗତ ୪ ଦିନ ହେବ ବିରୋଧୀ ପ୍ରତିବାଦ କରି ଗୃହକୁ ଅଚଳ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମମିତା ହତ୍ୟାକାଣ୍ଡକୁ ନେଇ ଶୁକ୍ରବାର ବିବୃତି ଦେବା ପରେ ମଧ୍ୟ ବିରୋଧୀଙ୍କ ଆଚରଣରେ କୌଣସି ପରିବର୍ତ୍ତନ ହୋଇନାହିଁ। ଓଲଟା ସେମାନେ ସରକାର ବିରୋଧୀ ଆଭିମୁଖ୍ୟକୁ ଆହୁରି ଶାଣିତ କରିଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ଭିନ୍ନ ଶୈଳୀର ପ୍ରତିବାଦ ଓ ହଟ୍ଟଗୋଳ ଯୋଗୁ ଶନିବାର ଗୃହ କାର୍ଯ୍ୟ ବରବାଦ ହୋଇ ଯାଇଥିଲା। ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ଆଦି କିଛି ହୋଇପାରି ନ ଥିଲା। ଲଗାତର ବିଧାନସଭା ଅଚଳ ହେଉଥିଲେ ମଧ୍ୟ ବାଚସ୍ପତି କୌଣସି ପଦକ୍ଷେପ ନେଉ ନ ଥିବା ବିରୋଧୀ ଅଭିଯୋଗ କରୁଛନ୍ତି। ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ମଧ୍ୟ ଡାକୁନାହାନ୍ତି। ବିରୋଧୀ ମଧ୍ୟ ପ୍ରତିବାଦର ସ୍ୱରକୁ ବଢ଼ାଇ ଚାଲିଛନ୍ତି।

ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିବା ମାତ୍ରେ ଆରମ୍ଭ ହୋଇ ଯାଇଥିଲା ହଟ୍ଟଗୋଳ। ଭାଜପା ସଦସ୍ୟମାନେ ବ୍ୟାନର ପୋଷ୍ଟର ଧରି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କରଙ୍କ ଇସ୍ତଫା ଦାବିରେ ପାଟିତୁଣ୍ଡ କରିଥିବାବେଳେ ପାଟଧୋତି ସାଙ୍ଗକୁ ପାଟ ଗାମୁଛା ପିନ୍ଧି ପୂଜାରୀ ବେଶରେ କଂଗ୍ରେସ ବିଧାୟକ ତାରା ବାହିନୀପତି ବିଧାନସଭାକୁ ପ୍ରବେଶ କରିଥିଲେ। ବେକରେ ରୁଦ୍ରାକ୍ଷମାଳ, ହାତରେ ଥିଲା ଡାଳା। ବାଚସ୍ପତିଙ୍କଠାରୁ ଆରମ୍ଭ କରି ଉଭୟ ଶାସକ ଓ ବିରୋଧୀ ସଦସ୍ୟଙ୍କ ଉପରକୁ ତାରା ଗଙ୍ଗାଜଳ ପକାଇଥିଲେ। ଏପରିକି ଓଁ ଶାନ୍ତି, ଓଁ ଶାନ୍ତି ପାଠ କରିଥିଲେ। ଦଳରେ ସବୁ ଧର୍ମର ବିଧାୟକ ଥିବାରୁ ସର୍ବଧର୍ମ ପୂଜାପାଠ ହୋଇଥିଲା। କଥା ଏତିକିରେ ସରି ନ ଥିଲା। ବିଧାନସଭା ଭିତରେ ଘଣ୍ଟ ବାଡେଇ ବାଡେଇ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। 'ଗୋ ବ୍ୟାକ ମିନିଷ୍ଟର'ର ପ୍ଲାକାର୍ଡ ଧରି ପୋଡିୟମ ପାଖରେ ହୋ ହଲ୍ଲା କରିଥିଲେ। ସ୍ଥିତିରେ କୌଣସି ସୁଧାର ନ ଆସିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୧୦ଟା ୩୧ ମିନିଟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ଏହାପରେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ହୋଇ ନ ଥିଲା। ଗୃହ କାର୍ଯ୍ୟ ପୁନଃ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ମଧ୍ୟଭାଗକୁ ମାଡି ଆସି ହଟ୍ଟଗୋଳ କରିଥିଲେ। ଫଳରେ ବାଚସ୍ପତି ମାତ୍ର ୨ ମିନିଟ ପରେ ଗୃହକୁ ସୋମବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ଦେଇଥିଲେ।

ପୂଜାରୀ ବେଶକୁ ନେଇ ତାରା କହିଛନ୍ତି, ଶିକ୍ଷୟିତ୍ରୀ ମମିତା ମେହେରଙ୍କ ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଅଛନ୍ତି। ☞ପୃଷ୍ଠା-୬



କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ଉପରକୁ ଗଙ୍ଗାଜଳ ଛିଞ୍ଚୁଥିବାବେଳେ କଂଗ୍ରେସ ସଦସ୍ୟମାନେ ଘଣ୍ଟ ବାଡ଼େଇ ହଟ୍ଟଗୋଳ କରୁଛନ୍ତି।

# ପର୍‌ଫେକ୍ଟ ୧୦ରେ ଏଜାଜ୍



ଏଜାଜ୍ ପଟେଲ

ମୁମ୍ବାଇ,୪।୧୨

ମୁମ୍ବାଇଜନ୍ମିତ ନ୍ୟୁଜିଲାଣ୍ଡ ବାମହାତୀ ସ୍ପିନର ଏଜାଜ୍ ପଟେଲ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିବସର ପ୍ରଥମ ଇନିଂସରେ ସେ ସବୁ ୧୦ଟି ଯାକ ଉଇକେଟ ଅକ୍ତିଆର କରି ରେକର୍ଡ ହାସଲ କରିବା ସହ ଇତିହାସ ସୃଷ୍ଟି କରିଛନ୍ତି। ଏଥିସହ ସେ ୧୪୪ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ ତୃତୀୟ ବୋଲର ଭାବେ ଗୋଟିଏ ଟେଷ୍ଟ ଇନିଂସରେ ସମସ୍ତ ୧୦ ଉଇକେଟ ହାସଲ କରିଛନ୍ତି।

୧୯୯୬ରେ ଏଜାଜ୍ ୮ ବର୍ଷ ବୟସରେ ନିଜ ମାତାପିତାଙ୍କ ସହ ନ୍ୟୁଜିଲାଣ୍ଡ ଯାଇ ସେଠାରେ ଅବସ୍ଥାପିତ ହୋଇଥିଲେ। ସେ ୪୭.୫ ଓଭର ବୋଲିଂ କରି ୧୧୯ ରନ ବ୍ୟୟ କରି ୧୨ଟି ମେଡେନ ନେବା ସହ ୧୦ ଉଇକେଟ ହାସଲ କରିଥିଲେ। ତାଙ୍କ ପୂର୍ବରୁ ଇଂଲଣ୍ଡର ଜିମ୍ ଲେକର (୧୯୫୬) ଓ ଭାରତୀୟ କିମ୍ବଦନ୍ତୀ ସ୍ପିନର ଅନିଲ କୁମ୍ବଲେ (୧୯୯୯) ଏହି ବିରଳ ସଫଳତା ହାସଲ କରିଥିଲେ। ୩୩ ବର୍ଷୀୟ ଏଜାଜ୍ କ୍ୟାରିୟରର ୧୧ତମ ଟେଷ୍ଟ ଖେଳୁଛନ୍ତି। ଏହାପୂର୍ବରୁ ସେ ଦୁଇଥର ୫ ଉଇକେଟ ସଫଳତା ଅର୍ଜନ କରିଥିଲେ ଓ ପୂର୍ବରୁ ସେ ଗୋଟିଏ ଇନିଂସରେ ୭ ଉଇକେଟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

ସେ ୪ଟି ଭିନ୍ନ ସ୍ପେଲ ୨୪-୧୦-୫୭-୪, ୫-୦-୧୬-୦, ୬-୦-୧୬-୨ ଓ ୧୨.୫-୨-୩୦-୪ ବୋଲିଂ କରିଥିଲେ। ମହମ୍ମଦ ସିରାଜଙ୍କୁ ଆଉଟ କରି ସେ ଦଶମ ଉଇକେଟ ହାସଲ କରିଥିଲେ। ସିରାଜ ସ୍ଲଗ କରିବାକୁ ପ୍ରୟାସ କରୁଥିବା ବେଳେ ଆଉ ଜଣେ ଭାରତୀୟ ଜନ୍ମିତ କ୍ରିକେଟର ରଚିନ ରବୀନ୍ଦ୍ରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହି ସଫଳତା ପରେ ଏଜାଜଙ୍କୁ ଭାରତୀୟ ଦଳ ଠିଆ ହୋଇ ଅଭିବାଦନ ଜଣାଇଥିଲେ। ଅମ୍ପାୟର ଏଜାଜ୍‌ଙ୍କୁ ଉଇକେଟ ହାସଲ କରିଥିବା ବଲ୍ ପ୍ରଦାନ କରିଥିଲେ। ଡୋଗଲାସ ଜାର୍ଡାଇନ୍ ପରେ ଏଜାଜ୍ ଦ୍ୱିତୀୟ ଖେଳାଳିଭାବେ ନିଜ ଜନ୍ମିତ ସହରରେ ଭାରତ ବିପକ୍ଷରେ ଟେଷ୍ଟ ଖେଳିଛନ୍ତି। ଐତିହାସିକ ସଫଳତା ହାସଲ କରିବା ପରେ ଏଜାଜ୍‌ଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିଛି। ସାରା କ୍ରିକେଟ ଜଗତ ତାଙ୍କ ପ୍ରଶଂସାରେ ଶତମୁଖ ହୋଇଛି।

## ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କ ପରଲୋକ

### ମୁଖ୍ୟମନ୍ତ୍ରୀଙ୍କ ଶୋକ



**ଭୁବନେଶ୍ୱର, (ବ୍ୟୁରୋ)/ ଖଣ୍ଡପଡ଼ା, ୪।୧୨(ସ୍ୱ.ପ୍ର.):** ବିଶିଷ୍ଟ ବୈଜ୍ଞାନିକ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ପ୍ରଥମ ନିର୍ଦ୍ଦେଶକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଭୂଷଣ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କର ଶନିବାର ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୯୩ ବର୍ଷ ହୋଇଥିଲା। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ☞ପୃଷ୍ଠା-୬

# ୧୦ ସୁଦ୍ଧା ରିପୋର୍ଟ ଦାଖଲ ନ କଲେ କାର୍ଯ୍ୟାନୁଷ୍ଠାନ

ନିଶ୍ଚିନ୍ତକୋଇଲି/ସାଲେପୁର, ୪।୧୨ (ସ୍ୱ.ପ୍ର/ଡି.ଏନ୍.ଏ.)

**ମାହାଙ୍ଗା ଡବଲ ମର୍ଡର ଘଟଣା**

- **ପୋଲିସ ହାଜର ନ ହେବାରୁ କୋର୍ଟଙ୍କ ଭର୍ତ୍ସନା**
- **ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ଶନିବାର ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍ଏଫ୍‌ସି) ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ସତ୍ତ୍ୱେ ହାଜର ନ ହୋଇ ସମୟ ମାଗିବାକୁ ଅଦାଲତ ଗ୍ରହଣ କରିପାରି ନାହାନ୍ତି। କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ସେନେଇ ଉତ୍ତର ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଡିସେମ୍ବର ୧୦ ସକାଳ ୧୦ଟା ୩୦ ସୁଦ୍ଧା ଡବଲ ମର୍ଡର ଘଟଣାର ସାନି ତଦନ୍ତ ରିପୋର୍ଟ ଏବଂ ସିଡିଆର୍ ଦାଖଲ କରିବାକୁ କୋର୍ଟ କହିଛନ୍ତି। ନଚେତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ, ମାହାଙ୍ଗା ଥାନା ଅଧୀନ ନୃତ୍ତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଗତ ଜାନୁୟାରୀ ୨ରେ ହତ୍ୟା କରାଯାଇଥିଲା। ଏନେଇ ମାମଲା ରୁଜୁ କରାଯାଇ ୧୩ ନମ୍ବର ଅଭିଯୁକ୍ତଙ୍କ ସ୍ଥାନରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ନାମ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ମନ୍ତ୍ରୀ ଜେନାଙ୍କ ନାମକୁ ଚାର୍ଜଶିଟରୁ କାଟିଦେଇଥିଲା। ଏହାକୁ ବିରୋଧ କରି ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍ଏଫ୍‌ସିରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଗତ ଅଗଷ୍ଟ ୨୬ରେ ଉକ୍ତ ପିଟିଶନର ଶୁଣାଣି କରି କୋର୍ଟ ସାନି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ପ୍ରଥମେ ନଭେମ୍ବର ୨୦ ଓ ପରେ ନଭେମ୍ବର ୨୯ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଥାନାଧିକାରୀ ଦାଖଲ ନ କରି ସମୟ ମାଗିବାକୁ କୋର୍ଟ ଡିସେମ୍ବର ୩ତାରିଖରେ ☞ପୃଷ୍ଠା-୬




## ବରିଷ୍ଠ ସାମ୍ବାଦିକ ବିନୋଦ ଦୁଆଙ୍କ ପରଲୋକ



**ନୂଆଦିଲ୍ଲୀ, ୪।୧୨:** ବରିଷ୍ଠ ସାମ୍ବାଦିକ ବିନୋଦ ଦୁଆଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ସେ କରୋନାରେ ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ ହେଁ ଏଥିଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋମବାର ଦିଲ୍ଲୀର ଏକ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ, ନିର୍ଭୀକ ସାମ୍ବାଦିକ ଭାବେ ପରିଚିତ ବିନୋଦ ଦୁଆଙ୍କ ପରଲୋକ ଘଟିଥିବା ଝିଅ ମଲ୍ଲିକା ଦୁଆ ସୂଚନା ଦେଇଛନ୍ତି। ☞ପୃଷ୍ଠା-୬

# ଆନ୍ଦୋଳନରୁ ଓହରିପାରନ୍ତି ଚାଷୀ

## କେନ୍ଦ୍ର ସହ ଆଲୋଚନା ପାଇଁ ୫ ଜଣିଆ କମିଟି ଗଢ଼ିଲା ଏସ୍‌କେଏମ୍

ନୂଆଦିଲ୍ଲୀ,୪।୧୨

ଦିଲ୍ଲୀ ସୀମାରେ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଧରି ବିକ୍ଷୋଭରତ କୃଷକମାନେ ଆନ୍ଦୋଳନରୁ ଓହରିପାରନ୍ତି। କେନ୍ଦ୍ର ସରକାର ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର କରିନେବା ପରେ କୃଷିଜାତ ସାମଗ୍ରୀଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପ୍ରଦାନ ପାଇଁ ବିଚାର କରୁଥିବାରୁ ନିକଟ ଭବିଷ୍ୟତରେ ଏହି ଆନ୍ଦୋଳନର ପରିସମାପ୍ତି ଘଟିପାରେ। ଏମ୍ଏସ୍‌ପି ସମେତ ଅନ୍ୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)କୁ ଶୁକ୍ରବାର ରାତିରେ ଫୋନ୍ କରିବା ପରେ ଶନିବାର ଚାଷୀ ନେତା ଯୁଦ୍ଧବୀର ସିଂ ଏହି ସୂଚନା ଦେଇଛନ୍ତି। ଇତିମଧ୍ୟରେ କେନ୍ଦ୍ର ସହ ଆଲୋଚନା ପାଇଁ ଏସ୍‌କେଏମ୍ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଛି।

ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ନେତା ରାକେଶ ଟିକାଏତ୍ କହିଛନ୍ତି, ଏମ୍ଏସ୍‌ପି ସୁନିଶ୍ଚିତ କରିବା ଲାଗି ପାର୍ଲାମେଣ୍ଟରେ ଆଇନ ଆଣିବା, ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା କୃଷକଙ୍କ ପରିବାରକୁ କ୍ଷତିପୂରଣ ଦେବା ଏବଂ ବିକ୍ଷୋଭରତ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବା ଭଳି ଦାବିଗୁଡ଼ିକୁ ନେଇ ସରକାରଙ୍କ ସହ ଆଲୋଚନା ହେବ। ଏଥିପାଇଁ ଏସ୍‌କେଏମ୍ ପକ୍ଷରୁ ଶନିବାର ସିଂଘୁ ସୀମାରେ ଅନୁଷ୍ଠିତ ବୈଠକରେ ଏକ କମିଟି ଗଠନ କରାଯାଇଛି। ଏଥିରେ କୃଷକ ନେତା ବଲବୀର ସିଂ ରାଜେୱାଲ, ଅଶୋକ ଧାୱଲେ, ଶିବ କୁମାର କକ୍କା, ଗୁର୍‌ନାମ ସିଂ ଚଢୁନି ଓ ଯୁଦ୍ଧବୀର ସିଂଙ୍କୁ ସଦସ୍ୟ ରଖାଯାଇଛି। ଏସ୍‌କେଏମ୍‌ର ପରବର୍ତ୍ତୀ ବୈଠକ ଆସନ୍ତା ୭ ତାରିଖ ପୂର୍ବାହ୍ନ ୧୧ଟାରେ ହେବ। ଉକ୍ତ ବୈଠକରେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ଅନ୍ୟପକ୍ଷେ ବୈଠକ ପରେ କୃଷକ ନେତା ଡ. ଦର୍ଶନ ପାଲ ସିଂ କହିଛନ୍ତି, ସମସ୍ତ ଚାଷୀଙ୍କ ଉପରୁ ମାମଲା ପ୍ରତ୍ୟାହାର ନେଇ କେନ୍ଦ୍ର ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ସିଂଘୁ ସୀମାରୁ ହଟିବାର ପ୍ରଶ୍ନ ଉଠୁନାହିଁ। ଏନେଇ ସରକାରଙ୍କୁ ସ୍ପଷ୍ଟ ସଙ୍କେତ ଦିଆଯାଇଛି। ୫ ଜଣିଆ କମିଟି ସଦସ୍ୟ ଅଶୋକ ଧାଲୱେ କହିଛନ୍ତି, ଶହୀଦ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେବା, ମିଥ୍ୟା ମାମଲା ହଟାଇବା ଏବଂ ଲଖିମପୁର ଖେରି ହିଂସା ପ୍ରସଙ୍ଗ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

ପ୍ରକାଶ ଯେ, ଗତବର୍ଷ ସେପ୍ଟେମ୍ବରରେ କେନ୍ଦ୍ର ସରକାର ୩ କୃଷି ଆଇନ ଆଣିଥିଲେ। ସେବେଠୁ କୃଷକମାନେ ଏହାକୁ ଉଚ୍ଛେଦ କରିବା ଦାବିରେ ଆନ୍ଦୋଳନ ଜାରି ରଖିଥିବାବେଳେ ଗତ ସୋମବାର ପାର୍ଲାମେଣ୍ଟରେ ଏ ସମ୍ପର୍କିତ ବିଲ୍ ଗୃହୀତ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ମୋହର ଦେବା ପରେ ଏହା ☞ପୃଷ୍ଠା-୬



ଦିଲ୍ଲୀର ସିଂଘୁ ସୀମାରେ ଶନିବାର ଏସ୍‌କେଏମ୍‌ର ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି କୃଷକ ନେତା ରାକେଶ ଟିକାଏତ୍।

# ଜୱାଦ ପାଇଁ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ବାତ୍ୟା 'ଜୱାଦ'କୁ ଦୃଷ୍ଟିରେ ରଖି କେତେକ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିବାବେଳେ ଆଉ କେତେକ ପରୀକ୍ଷା ସ୍ଥଗିତ ରଖାଯାଇଛି। ୫ ତାରିଖରେ ହେବାକୁ ଥିବା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍ ଟ୍ରେଡ୍(ଆଇଆଇଏଫ୍‌ଟି)ର ଏମ୍‌ବିଏ (ଆଇବି) ୨୦୨୨-୨୪ ପ୍ରବେଶିକା ପରୀକ୍ଷାକୁ ଓଡ଼ିଶା ସମେତ ୩ ରାଜ୍ୟରେ ସ୍ଥଗିତ ରଖାଯାଇଛି। କଟକ, ସମ୍ବଲପୁର, ଭୁବନେଶ୍ୱର, ବିଜୟୱାଡ଼ା, ବିଶାଖାପାଟଣା, କୋଲକାତା, ଦୁର୍ଗାପୁର ଆଦି ସହରରେ ଏହି ପରୀକ୍ଷା ହେବାର ଥିଲା। ଏବେ ଏସବୁ କେନ୍ଦ୍ରରେ ସାନି ପରୀକ୍ଷା ତାରିଖ ପରବର୍ତ୍ତୀ ସମୟରେ ପ୍ରକାଶ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀମାନେ ଏନ୍‌ଟିଏର ୱେବ୍‌ସାଇଟ୍ www.nta.ac.in ବା https://iift.nta.nic.inରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପରୀକ୍ଷା ସଂକ୍ରାନ୍ତ ଅଧିକ ସୂଚନା ପାଇବାକୁ ହେଲ୍ପ ଡେସ୍କ ନଂ.୦୧୧-୪୦୭୫୯୦୦୦ ବା ୦୧୧-୬୯୨୨୭୭୦୦କୁ କଲ୍ କରିବାକୁ କୁହାଯାଇଛି।



ସେହିଭଳି ୫ରେ ହେବାକୁ ଥିବା ୟୁଜିସି-ଏନ୍‌ଇଟି ଡିସେମ୍ବର ୨୦୨୦ ଓ ୟୁଜିସି-ଏନ୍‌ଇଟି ଜୁନ୍ ୨୦୨୧ ପରୀକ୍ଷା ମଧ୍ୟ ସ୍ଥଗିତ କରାଯାଇଛି। ଭୁବନେଶ୍ୱର, ଗୁଣପୁର, କଟକ, ବ୍ରହ୍ମପୁର, ପୁରୀ ଓ ବିଶାଖାପାଟଣା ଆଦି ୬ଟି ସହରରେ ଏହି ପରୀକ୍ଷା ହେବାର ଥିଲା। ଏହି ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ର ଏନ୍‌ଟିଏର ୱେବ୍‌ସାଇଟ୍ www.nta.ac.in ବା https://ugcnet.nta.ac.inକୁ ଯାଇ ଅଧିକ ସୂଚନା ପାଇବାକୁ କୁହାଯାଇଛି। ଏଥିସହ ୫ ତାରିଖରେ ହେବାକୁ ଥିବା ବିପିୟୁଟି ପରିଚାଳିତ ପିଏଚ୍‌ଡି ପ୍ରୋଗ୍ରାମ ଏଣ୍ଟ୍ରାନ୍ସକୁ ୧୨ ରବିବାରକୁ ଘୁଞ୍ଚାଇ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ହେବାକୁ ଥିବା ଡିଏଲ୍ଏଡ୍ (ପ୍ରଥମ ବର୍ଷ) ପରୀକ୍ଷା ୧୦ ତାରିଖରେ ଅନୁଷ୍ଠିତ ହେବ। ତେବେ ୭ ଓ ୯ ତାରିଖରେ ହେବାକୁ ଥିବା ପରୀକ୍ଷାରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

# ନିଖିଳ ଶ୍ରୀବାସ୍ତବଙ୍କୁ ସିପ୍ରିଆନ୍ ଫୋୟସ୍ ପୁରସ୍କାର

**ୱାଶିଂଟନ, ୪।୧୨(ପି.ଟି.):** ଖ୍ୟାତନାମା ଭାରତୀୟ-ଆମେରିକୀୟ ଗଣିତଜ୍ଞ ନିଖିଳ ଶ୍ରୀବାସ୍ତବଙ୍କୁ ଅପରେଟର ଥିଓରିରେ ସିପ୍ରିଆନ୍ ଫୋୟସ୍ ପୁରସ୍କାର ପ୍ରଦାନ ଲାଗି ଆମେରିକାନ୍ ମ୍ୟାଥମେଟିକାଲ ସୋସାଇଟ୍ ମନୋନୀତ କରିଛି। କାଲିଫର୍ନିଆ ୟୁନିଭର୍ସିଟିରେ ଶିକ୍ଷାଦାନ କରୁଥିବା ନିଖିଳଙ୍କ ସମେତ ଆଡାମ ମର୍କସ୍ ଏବଂ ଡାନିଏଲ୍ ସ୍ପିଏଲ୍ମାନ୍ ଆସନ୍ତା ଜାନୁୟାରୀ ୫ରେ ମିଳିତ ଭାବେ ଏହି ପୁରସ୍କାର ପାଇବେ। ଆଡାମ୍ ସୁଇଜରଲାଣ୍ଡର ଇକୋଲେ ପଲିଟେକ୍ନିକ୍ ଫେଡେରାଲ ଡି ଲଉସାନେରେ କମ୍ବିନେଶନାଲ ଆନାଲିସିସ୍‌ର ଅଧ୍ୟକ୍ଷ ଥିବାବେଳେ ସ୍ପିଏଲ୍ମାନ୍ କମ୍ପ୍ୟୁଟର ସାଇନ୍ସ, ଷ୍ଟାଟିଟିକ୍ସ, ଡାଟା ସାଇନ୍ସ ଏବଂ ଗଣିତ ପ୍ରଫେସର ଅଛନ୍ତି। ମାଟ୍ରିସେସ୍‌ର ପଲିନୋମିଆଲର ଗୁଣବତ୍ତା ବୁଝିବା ଲାଗି ପଦ୍ଧତି ବିକଶିତ କରିବା ପାଇଁ ସେମାନଙ୍କର ମୂଳ କାର୍ଯ୍ୟର ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କୁହାଯାଇଛି।



# କେ. ରୋସାୟାଙ୍କ ପରଲୋକ

**ନୂଆଦିଲ୍ଲୀ, ୪।୧୨:** ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କୋନିଜେଟି ରୋସାୟାଙ୍କର ଶନିବାର ହାଇଦ୍ରାବାଦରେ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ତଥା ତାମିଲନାଡୁର ପୂର୍ବତନ ରାଜ୍ୟପାଳ ରୋସାୟା ଶନିବାର ସକାଳେ ଅସୁସ୍ଥ ହୋଇପଡ଼ିଥିଲେ। ଏକ ଘରୋଇ ହସ୍ପିଟାଲକୁ ନିଆଯାଉଥିବାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜନସେବା ପାଇଁ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ରୋସାୟାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ଗଭୀର ମର୍ମାହତ ବୋଲି ଟୁଇଟ୍ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ରାଷ୍ଟ୍ରନେତା ରୋସାୟାଙ୍କ ପରଲୋକରେ ମର୍ମାହତ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଟୁଇଟ୍ କରିଛନ୍ତି। ଧୈର୍ଯ୍ୟ, ବିନମ୍ରତା ଓ ସରଳତାର ମୂର୍ତ୍ତିମନ୍ତ ପ୍ରତୀକ ରୋସାୟାଙ୍କ ପରଲୋକରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଦୁଃଖ ପ୍ରକାଶ କରିଛନ୍ତି। ୧୯୬୮ରେ ବିଧାନ ପରିଷଦ ସଭ୍ୟରୁ ରୋସାୟାଙ୍କ ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ୨୦୦୯ରୁ ୨୦୧୦ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏବଂ ୨୦୧୧ରୁ ୨୦୧୬ ତାମିଲନାଡୁର ରାଜ୍ୟପାଳ ଥିଲେ। ଏଥିସହିତ ଦୁଇମାସ ପାଇଁ କର୍ନାଟକ ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ରହିଥିଲେ।



# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

**ଭରତପୁର(ରାଜସ୍ଥାନ), ୪।୧୨:** ରାଜସ୍ଥାନର ଭରତପୁର ଜିଲାରେ ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ ପରେ ଗଣବଳାତ୍କାର କରାଇଥିବା ଅଭିଯୋଗ ହୋଇଛି। ଗତ ୨୯ ତାରିଖରେ ୧୯ ବର୍ଷୀୟା ଛାତ୍ରୀ ଜଣକ ତାଙ୍କ ସାଙ୍ଗ ସହ କଲେଜ ଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଉଠାଇନେଇ ଏକ ବିଲରେ ବଳାତ୍କାର କରିଥିଲେ ବୋଲି ଭରତପୁର ଏସ୍‌ପି ଦେବେନ୍ଦ୍ର ବିଷ୍ଣୋଇ କହିଛନ୍ତି। ପୀଡ଼ିତା ଅଭିଯୋଗ କରିବା ଲାଗି ଥାନାକୁ ଯାଇଥିଲେ ହେଁ ଥାନା ଅଧିକାରୀ ତାଙ୍କ କଥା ଶୁଣି ନ ଥିଲେ। ପରେ ପୀଡ଼ିତା ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାମଲା ଦାଏର କରିବାରେ ବିଳମ୍ବ ପାଇଁ ସମ୍ପୃକ୍ତ ଏସ୍‌ଏଚ୍‌ଓଙ୍କୁ ନିଲମ୍ବନ କରାଯାଇଛି।

# ମୋଦିଙ୍କ ରାଲିକୁ ଯାଉଥିବା ବସ୍ ଧକ୍କାରେ ପରିବାରର ୩ ମୃତ




**ସାହରନପୁର, ୪।୧୨(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡେରାଡୁନ୍ ରାଲିକୁ ଲୋକ ନେଇ ଯାଉଥିବା ଏକ ବସ୍ ଧକ୍କାରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉତ୍ତରପ୍ରଦେଶ ସାହରନପୁର ଜିଲାର ମୋହନ୍ଦ ନିକଟରେ ଏହି ଦୁର୍ଘଟଣା ଘଟିଛି। ଶନିବାର ସକାଳେ ଉକ୍ତ ପରିବାର ବିବାହ ଉତ୍ସବ ଲାଗି କିଣାକିଣି କରିବାକୁ କାର୍ ଯୋଗେ ସହରନପୁର ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ବସ୍‌ଟି ମୁହାଁମୁହିଁ ଧକ୍କା ଦେଇଥିଲା। ଖବର ଅନୁଯାୟୀ ଝିଅ ଶିଳ୍ପା (୨୨)ଙ୍କ ବିବାହ ପାଇଁ ବାପା ପ୍ରବୀଣ ଚୌହାନ (୪୫), ମାଆ ମଞ୍ଜୁ (୪୨) ଏବଂ ଦୁଇଭାଇ ଦୀକ୍ଷାନ୍ତ (୨୦) ଓ ବିଷ୍ଣୁ (୧୭) ଶପିଂ କରିବାକୁ ସେମାନଙ୍କ ୱାଗନର କାର୍‌ରେ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ପ୍ରବୀଣ, ମଞ୍ଜୁ ଓ ଶିଳ୍ପାଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇଭାଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ବସ୍‌ର କେତେଜଣ ଯାତ୍ରୀ ମଧ୍ୟ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।









































ଶିଳ୍ପପତି ରତନ ଟାଟାଙ୍କୁ ଆସାମର ସର୍ବୋଚ୍ଚ ନାଗରିକ ସମ୍ମାନ 'ଆସାମ ବୈଭବ' ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶନିବାର ଘୋଷଣା କରିଛନ୍ତି। ଆସାମ ବୈଭବ ସମେତ ଆସାମ ସୌରଭ ଏବଂ ଆସାମ ଗୌରବ ସମ୍ମାନ ପାଇଁ ମୋଟ ୧୯ ଜଣଙ୍କ ନାମ ଘୋଷଣା କରାଯାଇଛି। ରାଜ୍ୟରେ କ୍ୟାନ୍ସର କେୟାର ଦିଗରେ ଟାଟାଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ବିଶ୍ୱଶର୍ମା କହିଛନ୍ତି।

# ବୁଷ୍ଟର ପାଇଁ ଅଧିକ ଗବେଷଣା ହେଉ

## ସଂସଦୀୟ କମିଟିର ସୁପାରିସ

ନୂଆଦିଲ୍ଲୀ, ୪।୧୨(ପି.ଟି.)

କରୋନାର ଓମିକ୍ରନ୍ ଭାରିଆଣ୍ଟକୁ ନେଇ ଚିନ୍ତା ବଢୁଥିବାବେଳେ କୋଭିଡ୍ ଟିକାଗୁଡ଼ିକ କେତେ ଫଳପ୍ରଦ, ତାହାର ଆକଳନ କରିବା ପାଇଁ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଏଥିସହିତ ନୂଆ ଷ୍ଟ୍ରେନ୍‌କୁ ନିୟନ୍ତ୍ରଣ କରିବା ଲାଗି ବୁଷ୍ଟର ଡୋଜ୍‌ର ଆବଶ୍ୟକତା ଉପରେ ଅଧିକ ପରୀକ୍ଷା ନିରୀକ୍ଷା ଓ ଗବେଷଣା କରାଯିବାକୁ କମିଟି ପରାମର୍ଶ ଦେଇଛି। ସ୍ୱାସ୍ଥ୍ୟ ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ଏହାର ରିପୋର୍ଟ ଦାଖଲ କରିବା ସହ ଭୂତାଣୁର ନୂଆ ଭାରିଆଣ୍ଟକୁ ନେଇ ଚିନ୍ତା ପ୍ରକଟ କରିଛି। ମହାମାରୀର ଦ୍ୱିତୀୟ ଲହର ବେଳେ ଅଧିକ ଜୀବନ ଯାଇଥିବାରୁ ସଂକ୍ରମଣ କମାଇବାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନେଇଥିବା ପଦକ୍ଷେପ ଯଥେଷ୍ଟ ନ ଥିଲା ବୋଲି କମିଟି କହିଛି। ଏଥିସହିତ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ବଢ଼ାଇବା, ହସ୍ପିଟାଲଗୁଡ଼ିକରେ ପର୍ଯ୍ୟାପ୍ତ ଶଯ୍ୟାର ବ୍ୟବସ୍ଥା କରିବା ସହିତ ଅକ୍ସିଜେନ୍ ସିଲିଣ୍ଡର ଏବଂ ଜରୁରୀ ଔଷଧ ଯୋଗାଣ ଉପରେ କମିଟି ଜୋର୍ ଦେଇଛି। ତୃତୀୟ ଲହର ଆଶଙ୍କା ଦେଖାଦେଇଥିବାରୁ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ଚିକିତ୍ସା ସୁବିଧା ବଢ଼ାଇବା, ରାଜ୍ୟର ଭିଆର୍‌ଡିଏଲ୍ (ଭୂତାଣୁ ଗବେଷଣା ଓ ନିଦାନ ଲାବରେଟୋରି) ଏବଂ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସମନ୍ୱୟ ରଖିବାକୁ କମିଟି ସୁପାରିସ କରିଛି।




## ଡବଲ ଡୋଜ୍ ନେଇ ବି ଓମିକ୍ରନ୍‌ରେ ସଂକ୍ରମିତ

**ଲଣ୍ଡନ, ୪।୧୨:** ବ୍ରିଟେନରେ ଚିହ୍ନଟ ହୋଇଥିବା ଓମିକ୍ରନ୍ ସଂକ୍ରମିତଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପୂର୍ବରୁ କୋଭିଡ୍ ଟିକାର ଦୁଇଟି ଡୋଜ୍ ନେଇଥିଲେ। ବ୍ରିଟେନ୍‌ରେ ଓମିକ୍ରନ ସଂକ୍ରମିତଙ୍କ ସଂଖ୍ୟା ୧୩୪ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ସୁରକ୍ଷା ସଂସ୍ଥା ପକ୍ଷରୁ କୁହାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କର ଟ୍ରାଭେଲ ହିଷ୍ଟ୍ରି ନ ଥିବାରୁ କିଛି ପରିମାଣରେ ଗୋଷ୍ଠୀ ସଂକ୍ରମଣ ହୋଇଥିବା ନେଇ ସତର୍କ କରାଯାଇଛି। ଗୋଟିଏ ଦିନରେ ସ୍କଟ୍‌ଲାଣ୍ଡରେ ୧୬ ମାମଲା ଚିହ୍ନଟ ହୋଇଛି।

## ଦକ୍ଷିଣ ଆଫ୍ରିକାରେ ଅଧିକ ଶିଶୁଙ୍କୁ କରୋନା

**ଜୋହାନ୍ସବର୍ଗ, ୪।୧୨:** ଦକ୍ଷିଣ ଆଫ୍ରିକାରେ ୫ ବର୍ଷରୁ କମ୍ ବୟସର ଶିଶୁ କରୋନାରେ ଅଧିକ ସଂକ୍ରମିତ ହେଉଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ଶୁକ୍ରବାର ଦକ୍ଷିଣ ଆଫ୍ରିକାରେ ୧୬,୦୫୫ ନୂଆ ମାମଲା ଚିହ୍ନଟ ହୋଇଥିବାବେଳେ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ କୋଭିଡ୍‌ରେ ପିଲାମାନେ ଏତେ ସଂଖ୍ୟାରେ ସଂକ୍ରମିତ ହେଉ ନ ଥିଲେ କିମ୍ବା ହସ୍ପିଟାଲରେ ଭର୍ତ୍ତି ହେଉ ନ ଥିଲେ। ତୃତୀୟ ଲହରରେ ଶିଶୁ, କିଶୋର ଏବଂ ଗର୍ଭବତୀ ମହିଳାମାନେ ଅଧିକ ସଂଖ୍ୟାରେ ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହେଉଥିବା ଦେଖାଯାଇଛି ବୋଲି ଜାତୀୟ ସଂକ୍ରାମକ ରୋଗ ସଂସ୍ଥାନର ଡ. ୱାସିଲା ଜସାଟ କହିଛନ୍ତି। ଏହା ପଛର କାରଣ ସମ୍ପର୍କରେ ଜାଣିବା ପାଇଁ ଗବେଷଣା କରାଯାଉଥିବା ଏନ୍‌ଆଇସିଡିର ଡାକ୍ତର ମିଚେଲେ ଗ୍ରୁମ୍ କହିଛନ୍ତି।

# ଅମେଠିରେ ତିଆରି ହେବ ଏକେ-୨୦୩




■ଇନ୍‌ସାସ୍ ରାଇଫଲ୍‌ର ସ୍ଥାନ ନେବ
■ସେନାର ଯୁଦ୍ଧ କ୍ଷମତା ବଢ଼ିବ

**ଅମେଠି, ୪।୧୨:** ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବଢ଼ାଇବା ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇ ତଥା ଯୁଦ୍ଧ କ୍ଷେତ୍ରରେ ସେନାର ବଳ ବଢ଼ାଇବା ପାଇଁ ଉତ୍ତରପ୍ରଦେଶର ଅମେଠିରେ ଏକେ-୨୦୩ ଆସଲ୍ଟ ରାଇଫଲର ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର ସରକାର ଶନିବାର ମଞ୍ଜୁରୀ ଦେଇଛନ୍ତି। ଅମେଠି ଜିଲାର କୋରୱାଠାରେ ଏକ ରାଇଫଲ କାରଖାନା ସ୍ଥାପନ ହେବ ଏବଂ ସେଠାରେ ୫ ଲକ୍ଷରୁ ଅଧିକ ଏକେ-୨୦୩ ଉତ୍ପାଦନ କରାଯିବ। ଭାରତ ଓ ଅରିଜିନାଲ ଏକ-୪୭ ନିର୍ମାଣକାରୀ ରାଷ୍ଟ୍ର ରୁଷିଆ ସହଯୋଗରେ ଏହି ରାଇଫଲ ତିଆରି କରାଯିବ। ଇଣ୍ଡୋ-ରୁଷିଆନ୍ ରାଇଫଲ୍ ପ୍ରାଇଭେଟ ଲିମିଟେଡ୍ (ଆଇଆର୍‌ଆର୍‌ପିଏଲ୍) ଜଏଣ୍ଟ ଭେଞ୍ଚରରେ ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ। ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ୍ କମିଟି (ସିସିଏସ୍) ବୁଧବାର ୫,୧୦୦ କୋଟି ଟଙ୍କାର ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ଆସନ୍ତା ୬ ତାରିଖରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଭାରତ ଆସୁଥିବାବେଳେ କେନ୍ଦ୍ର ସରକାର ପ୍ରତିରକ୍ଷା ସମ୍ପର୍କିତ ଏହି ନିଷ୍ପତ୍ତି ନେଇଛନ୍ତି।

୭.୬୨x୩୯ କାଲିବର୍ ବିଶିଷ୍ଟ ଏକେ-୨୦୩ ରାଇଫଲ ଇନ୍‌ସାସ୍ ରାଇଫଲର ସ୍ଥାନ ନେବ। ଏହି ମଡର୍ନ ଭର୍ସନ ରାଇଫଲର ଲକ୍ଷ୍ୟଭେଦ କ୍ଷମତା ୩୦୦ ମିଟର। ଏକେ-୨୦୩ ଅପେକ୍ଷାକୃତ ହାଲୁକା ଏବଂ ସହଜରେ ଏହାକୁ ବ୍ୟବହାର କରିହେବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ରାଇଫଲ୍‌କୁ ସୁରକ୍ଷା କର୍ମୀଙ୍କ ସ୍ୱତନ୍ତ୍ର ମିଶନରେ ସାମିଲ କରାଯିବ। ପୁଟିନ୍‌ଙ୍କ ଭାରତ ଗସ୍ତ ଅବସରରେ ପ୍ରତିରକ୍ଷା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରେ ବୋଲି ଜଣାଯାଇଛି।

# ୩୩% ପିନ୍ଧୁନାହାନ୍ତି ମାସ୍କ

**ନୂଆଦିଲ୍ଲୀ, ୪।୧୨:** ଡିଜିଟାଲ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲସର୍କଲ୍ସ ପକ୍ଷରୁ ହୋଇଥିବା ସର୍ଭେ ଅନୁସାରେ ପ୍ରତି ୩ ଭାରତୀୟଙ୍କ ମଧ୍ୟରେ ଜଣେ (୩୩%) ଘରୁ ବାହାରକୁ ବାହାରିବାବେଳେ ମାସ୍କ ପିନ୍ଧୁନାହାନ୍ତି। ଗତ ଏପ୍ରିଲରେ ୩୬୪ ଜିଲାର ୨୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। ୨୯% ମାସ୍କ ପିନ୍ଧିବାକୁ ଅତ୍ୟାବଶ୍ୟକ ବୋଲି ଦର୍ଶାଇଥିଲେ। ସେପ୍ଟେମ୍ବରରେ ଏହି ହାର ୧୨%କୁ ଖସିଆସିଥିଲା। ନଭେମ୍ବରରେ ତାହା ମାତ୍ର ୨% ରହିଛି। ଲୋକାଲ ସର୍କଲ୍ସର ପ୍ରତିଷ୍ଠାତା ସଚିନ ଟାପାରିଆ କହିଛନ୍ତି, ମାସ୍କ ପିନ୍ଧିବା ସହ କୋଭିଡ୍ ସଂକ୍ରମଣକୁ ରୋକିବାକୁ ସତର୍କତା ସମୟର ସବୁଠାରୁ ବଡ଼ ଆବଶ୍ୟକତା। ଏଥିପାଇଁ ସରକାରଙ୍କ ଦ୍ୱାରା ଲୋକଙ୍କୁ ସଚେତନ କରାଯିବା ଆବଶ୍ୟକ।

# ବିବାଦ ସମାଧାନର ବିକଳ୍ପ ବାଛ

## ବ୍ୟବସାୟିକ ସମୁଦାୟଙ୍କୁ ସିଜେଆଇଙ୍କ ପରାମର୍ଶ

ନୂଆଦିଲ୍ଲୀ, ୪।୧୨(ଆଇଏଏନ୍‌ଏସ୍)

ବିବାଦ ସମାଧାନ ଲାଗି କୋର୍ଟ କଚେରି ନ ଧାଇଁ ମଧ୍ୟସ୍ଥତା, ବୁଝାମଣା ଭଳି ବିକଳ୍ପ ବ୍ୟବସ୍ଥା ବାଛିବା ଲାଗି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶନିବାର ବ୍ୟବସାୟିକ ସମୁଦାୟଙ୍କୁ ପରାମର୍ଶ ଦେଇଛନ୍ତି। ହାଇଦ୍ରାବାଦର ଇଣ୍ଟରନ୍ୟାଶନାଲ ଅର୍ବିଟ୍ରେଶନ ଆଣ୍ଡ ମେଡିଏଶନ ସେଣ୍ଟରଠାରେ ଏକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ରମନା କହିଥିଲେ, ବ୍ୟବସାୟରେ ବିବାଦ ରହିବ। ଏହାକୁ ପ୍ରଥମେ ଆଲୋଚନା ମାଧ୍ୟମରେ ସମାଧାନ କରାଯିବା ଆବଶ୍ୟକ। ସେଥିରେ ସମାଧାନ ସମ୍ଭବ ନ ହେଲେ ମଧ୍ୟସ୍ଥଙ୍କ ସହାୟତା ନେବା ଉଚିତ। ସେଥିରେ ସମାଧାନର ସୂତ୍ର ନ ବାହାରିପାରିଲେ ଶେଷ ବିକଳ୍ପ ଭାବେ କୋର୍ଟକୁ ଯିବା ଲାଗି ଚିନ୍ତା କରିବାକୁ ସିଜେଆଇ ପରାମର୍ଶ ଦେଇଛନ୍ତି। ଆମର ଦୈନନ୍ଦିନ ଜୀବନରେ ବିଭିନ୍ନ ବିବାଦର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତାହା ପରିବାର ସଦସ୍ୟଙ୍କ ମଧ୍ୟରେ ହେଉ, ବ୍ୟବସାୟରେ କିମ୍ବା ପେସାଗତ ଜୀବନରେ ଘଟିଥାଏ। ଦ୍ୱନ୍ଦ୍ୱ ବିହୀନ ବିଶ୍ୱର ପରିକଳ୍ପନା କରାଯାଇ ନ ପାରେ। ବିବାଦର ମଧ୍ୟ ଏକ ମାନବୀୟ ଦିଗ ରହିଛି, ଯାହାକି ଏହାକୁ ସମାଧାନ କରିବାରେ ସହାୟକ ହୋଇଥାଏ। ବିବାଦର ଊର୍ଦ୍ଧ୍ୱକୁ ଯାଇ ଦେଖିବା ପାଇଁ ଦୂରଦୃଷ୍ଟି ଜରୁରୀ। ବିବାଦ ସମାଧାନ ପଛର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫ୍ୟାକ୍ଟର ହେଲା ମନୋବୃତ୍ତି। ଏଥିପାଇଁ ଅହଂଭାବ, ଆବେଗ, ଅଧୈର୍ଯ୍ୟତା ଏବଂ ଆଗ୍ରହକୁ ଆଂଶିକ ତ୍ୟାଗ କରିବାକୁ ପଡ଼ିଥାଏ। ତେବେ ବିବାଦ ଥରେ ଅଦାଲତରେ ପହଞ୍ଚିଯିବା ପରେ ସେଗୁଡ଼ିକୁ ହରାଇବାକୁ ହୋଇଥାଏ ବୋଲି ସିଜେଆଇ କହିଛନ୍ତି।



ଜଷ୍ଟିସ୍ ଏନ୍.ଭି. ରମନା

## ସ୍ତ୍ରୀ, ୨ ପିଲାଙ୍କୁ ହତ୍ୟା କଲେ ଡାକ୍ତର


କାନପୁର, ୪।୧୨

କରୋନା ମହାମାରୀ ଯୋଗୁ ଅବସାଦଗ୍ରସ୍ତ ଥିବା ଉତ୍ତରପ୍ରଦେଶ କାନପୁରର ଜଣେ ଡାକ୍ତର ତାଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ପୁଅଙ୍କୁ ଶୁକ୍ରବାର ହତ୍ୟା କରିଛନ୍ତି। ଅଭିଯୁକ୍ତ ସୁଶୀଲ କୁମାର(୬୧) ହତ୍ୟା ପରେ ତାଙ୍କ ଯାଆଁଳା ଭାଇ ସୁନୀଲଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଏ ସମ୍ପର୍କରେ ଏକ ମେସେଜ କରିଥିଲେ। ସୁନୀଲ ପୋଲିସକୁ ଜଣାଇ ତାଙ୍କ ଘରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ସୁଶୀଲଙ୍କ ସ୍ତ୍ରୀ ଚନ୍ଦ୍ରପ୍ରଭା(୪୮), ଇଞ୍ଜିନିୟରିଂ ପଢୁଥିବା ପୁଅ ଶିଖର ସିଂ(୧୮) ଏବଂ ଝିଅ ଖୁସି ସିଂ(୧୬)ଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଥିସହ ପୋଲିସ ସେଠାରୁ ସୁଶୀଲ ଲେଖିଥିବା ଏକ ଚିଠିକୁ ଜବତ କରିଛି। ଏଥିରେ ଲେଖାଯାଇଛି, କୋଭିଡ୍‌ର ନୂଆ ଭାରିଆଣ୍ଟ ଓମିକ୍ରନ ସମସ୍ତଙ୍କୁ ମାରିଦେବ। ଏବେ ଆଉ ମୃତଦେହ ଗଣିବାକୁ ଦିଆଯିବନାହିଁ। ସେ ପରିବାରକୁ ଆଉ ସମସ୍ୟା ଭିତରେ ଛାଡ଼ି ପାରିପାରିବେ ନାହିଁ। ତେଣୁ ସେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସୁଶୀଲ ଚିଠିରେ ଲେଖିଛନ୍ତି। ଏଥିସହ ସେ ଅବସାଦଜନିତ ଗମ୍ଭୀର ରୋଗରେ ପୀଡ଼ିତ ଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି। ନିଜ ଦାୟିତ୍ୱହୀନତା ଯୋଗୁ ସେ ତାଙ୍କ କ୍ୟାରିୟରର ଏଭଳି ଅବସ୍ଥା ଦେଇ ଗତି କରୁଛନ୍ତି ଯେଉଁଠୁ ମୁକୁଳିବା ଅସମ୍ଭବ। ତାଙ୍କର ଆଉ ଭବିଷ୍ୟତ ନାହିଁ ବୋଲି ମଧ୍ୟ ଚିଠିରେ ଲେଖିଥିବା ପୋଲିସ କହିଛି। ସୁଶୀଲ ଫେରାର ଅଛନ୍ତି।









**ଜମି ବିବାଦକୁ ନେଇ ଗଣ୍ଡଗୋଳ**

ବାରଙ୍ଗ,(ଡି.ଏନ୍.ଏ): ବାରଙ୍ଗ ଥାନା ଅନ୍ତର୍ଗତ ମଧୁବନ ଗ୍ରାମରେ ଶନିବାର ଜମି ବିବାଦକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ପୋଲିସ ୨ଟି ପୃଥକ ମାମଲା(ନଂ.୨୫୭, ୨୫୮/୨୧) ରୁଜୁକରି ଆହତଙ୍କୁ ଡାକ୍ତରଖାନାକୁ ପଠାଇଛି। ମଧୁବନ ଗ୍ରାମର କୈଳାସ ଚନ୍ଦ୍ର ରାଉତଙ୍କ ଘର ନିକଟରେ ଥିବା ଜମିକୁ ନେଇ ପଡୋଶୀ ସୁବ୍ରତ ପ୍ରଧାନଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଏହି ଘଟଣାକୁ ନେଇ ଶୁକ୍ରବାର ବଡସା ହୋଇ ଥାନାକୁ କଥା ଯାଇଥିଲା। ଶନିବାର ସକାଳେ କୈଳାସ ମନ୍ଦିରକୁ ଫେରିବାବେଳେ ସୁବ୍ରତଙ୍କ ସହଯୋଗୀ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଉଭୟ ପକ୍ଷରୁ ଗଣ୍ଡଗୋଳ ହୋଇଥିଲା।



# ଧାରଣାରୁ ହଟିଲେନି, ବର୍ଷାରେ ବସିଲେ ଆନ୍ଦୋଳନକାରୀ

■ଚାକିରି ନିୟମିତ ଜିଦ୍‌ରେ ବସି ରହିଛନ୍ତି ମହିଳା ଆଶାୟୀ

■ଦାବିପୂରଣ ନ ହେବା ଯାଏ ଉଠିବୁ ନାହିଁ : ସଂସ୍କୃତ ଶିକ୍ଷକ





ଭୁବନେଶ୍ୱର,୪।୧୨(ବ୍ୟୁରୋ)

ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନ ଚାଲିଥିବାବେଳେ ଦାବି ପୂରଣ ପାଇଁ ବହୁ ସଙ୍ଗଠନ ଲୋୟର ପିଏମ୍‌ଜି ଓ ରାଜଭବନ ସମ୍ମୁଖରେ ଆନ୍ଦୋଳନ ଚଳାଉଥିଲେ। ବାତ୍ୟା 'ଜୱାଦ'ରେ ଭୁବନେଶ୍ୱର ପ୍ରଭାବିତ ଆଶଙ୍କା ଥିବାରୁ ଶୁକ୍ରବାର କମିଶନରେଟ ପୋଲିସ ପକ୍ଷରୁ ଆନ୍ଦୋଳନକାରୀଙ୍କୁ ଉଠିଯିବାକୁ ନିବେଦନ କରାଯାଇଥିଲା। ଏହାପରେ ବିଭିନ୍ନ ସଂଘ ତାଙ୍କର ଆନ୍ଦୋଳନକୁ ସ୍ଥଗିତ ରଖିଲେ। ଫଳରେ ଧାରଣାସ୍ଥଳ ପ୍ରାୟତଃ ଖାଲି ହୋଇଯାଇଥିଲା। ହେଲେ ବାତ୍ୟାକୁ ଖାତିର ନ କରି ଆଇସିଏସ୍‌ଇ କର୍ମଚାରୀ ଓ ସଂସ୍କୃତ ଶିକ୍ଷକମାନେ ସେମିତି ଆନ୍ଦୋଳନ ଜାରି ରଖିଛନ୍ତି। ଦାବି ପୂରଣ ଜିଦ୍‌ରେ ଅଟଳ ରହି ବର୍ଷାରେ ଭିଜି ଧାରଣାରେ ବସି ରହିଛନ୍ତି।

ନିଯୁକ୍ତି ଦିନରୁ ଚାକିରିର ନିୟମିତକରଣ, ସମାନ କାମକୁ ସମାନ ଦରମା ଓ ସମସ୍ତ ସରକାରୀ ସୁବିଧା ପ୍ରଦାନ ଆଦି ଦାବି ନେଇ ଅଲ୍ ଓଡ଼ିଶା ଗ୍ରାଜୁଏଟ୍ କଣ୍ଟ୍ରାକ୍ଚୁଆଲ ଲେଡି (ଆଇସିଏସ୍‌ଇ) ସୁପରଭାଇଜର୍ସ ଆସୋସିଏସନ ପକ୍ଷରୁ ନଭେମ୍ବର ୮ରୁ ଧାରଣା ଦିଆଯାଉଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ସହ ହୋଇଥିବା ଆଲୋଚନାରେ ସରକାରଙ୍କ ପ୍ରସ୍ତାବକୁ ସଂଘ ପ୍ରତ୍ୟାଖ୍ୟାନ କରିଛି। ସଂଘ ସଭାପତି ବାଲ୍ୟବତୀ ମହାନ୍ତି କହିଛନ୍ତି, ଚାକିରି ନିୟମିତ ନ ହେଲା ଯାଏ ଆମେ ଆନ୍ଦୋଳନରୁ ଓହରିବୁ ନାହିଁ। ଶୁକ୍ରବାର ସରକାରଙ୍କ ସହ ଆଲୋଚନା କରାଯିବାର ଥିଲା କୌଣସି କାରଣରୁ ସରକାର ବାତିଲ କରିଛନ୍ତି। ପୁନଃ ଆଲୋଚନା ସମୟ ଧାର୍ଯ୍ୟ ଅପେକ୍ଷାରେ ରହିଛୁ।

ସେହିପରି ଓଏସ୍‌ଏସ୍‌ଇଟି ଓ ସିଟେଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ତାଲିମପ୍ରାପ୍ତ ବେକାର ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଲୋୟର ପିଏମଜିରେ ଧାରଣା ଚାଲିଛି। ଦୀର୍ଘ ୭ବର୍ଷ ପରେ ଚଳିତବର୍ଷ ବାହାରିଥିବା ନିଯୁକ୍ତିରୁ କିଛି ପଦବୀ ପୂରଣ କରି ଅନ୍ୟ ସମସ୍ତ ପଦକୁ ଖାଲି ରଖିବାକୁ ସରକାର ନିଷ୍ପତ୍ତି ନେଇଥିବାରୁ ସଂଘ ବିରୋଧ କରୁଛି। ସଂଘ ସମ୍ପାଦକ ରାମଚନ୍ଦ୍ର ମହାରଣା କହିଛନ୍ତି, ସରକାରଙ୍କ ବ୍ୟବସ୍ଥାରେ ନୂତନ ନିଯୁକ୍ତି ସୃଷ୍ଟି ବଦଳରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୁଣି ନିଯୁକ୍ତି ଦିଆଯାଇ ପେନ୍‌ସନ ସହ ନିଯୁକ୍ତି ପ୍ରାପ୍ୟ ଦିଆଯାଉଛି। ଏହି 'ଆଙ୍କଲ ଚିଟ୍' ପ୍ରଥା ବଦଳରେ ଯୁବ ଶିକ୍ଷିତ ଶିକ୍ଷକଙ୍କୁ ନିଯୁକ୍ତି ଦେବାପାଇଁ ଆମେ ଦାବି କରୁଛୁ। ଏହି ନିଯୁକ୍ତିରେ ବୟସସୀମା ପୁନଃ ନିର୍ଦ୍ଧାରଣକରି ସମସ୍ତ ପଦବୀ ପୂରଣ କରିବା ପୂରଣ ନ କରିବା ଯାଏ ଆନ୍ଦୋଳନରୁ ଓହରିବୁ ନାହିଁ ବୋଲି ମହାରଣା କହିଛନ୍ତି।

## ସଂକ୍ଷେପରେ

### କଣାସରେ ବାଘ



କଣାସ,୪।୧୨(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର କେଉପଡ଼ା ଗ୍ରାମ ନିକଟ ଏକ ଜମିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଘ ବୁଲୁଥିବା କେତେଜଣ ଯୁବକ ଦେଖିଥିଲେ। ଏହି କଥା ଗ୍ରାମରେ ପ୍ରଚାର ହେବା ପରେ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମବାସୀ ଲାଇଟ୍ ଏବଂ ଠେଙ୍ଗାବାଡି ଧରି ବାଘକୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବାଘ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା କଣାସ ଥାନା ଆଇଆଇସି ସୁଜିତ୍ ଦାସ ଏବଂ ଖୋର୍ଦ୍ଧ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀମାନେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରି ବାଘକୁ ନ ପାଇ ଫେରିଯାଇଥିଲେ। ଏଥିସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ଅଧିକାରୀମାନେ କହିଥିଲେ।

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଖବରକାଗଜ ବିତରକ ସଂଘ

ବାଲିପାଟଣା,୪।୧୨(ଡି.ଏନ୍.ଏ.): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରକାଗଜ ବିତରକଙ୍କ ପାଇଁ ଏକ ସାମାଜିକ ସୁରକ୍ଷା ଯୋଜନା କରିଛନ୍ତି। ଏହି ଯୋଜନା ଅନୁଯାୟୀ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୧ଲକ୍ଷ ଟଙ୍କା ସହାୟତା ଯୋଗାଇ ଦିଆଯିବ। ସେହିପରି ଦୁର୍ଘଟଣା ଯୋଗୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ବିତରକଙ୍କୁ ଦେଢ଼ଲକ୍ଷ ଟଙ୍କା ଏବଂ ଆଂଶିକ ଅକ୍ଷମତା କ୍ଷେତ୍ରରେ ଉଭୟ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୮୦ହଜାର ଟଙ୍କା ଏବଂ ଗୋଟିଏ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ୪୦ହଜାର ଟଙ୍କା ସହାୟତା ଦିଆଯିବ। ଏହି ଉପଲକ୍ଷେ ବାଲିପାଟଣା ଖବରକାଗଜ ବିତରକ ସଂଘ ସଭାପତି ରଞ୍ଜନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଖବରକାଗଜ କିଭଳି ସୂଚାରୁଭାବେ ଗ୍ରାହକଙ୍କ ନିକଟରେ ପହଞ୍ଚିବ, ସେମାନଙ୍କର ଆବଶ୍ୟକ ପ୍ରମାଣପତ୍ର ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପ୍ରଦାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବରିଷ୍ଠ ଖବରକାଗଜ ବିତରକ କବିରାଜ ଭୋଇ, ମାଧବ ଭୋଇ, ପିଣ୍ଟୁନି ସେଠୀ, ରାମଚନ୍ଦ୍ର ମିଶ୍ର, ସରୋଜ ସାବୁତ, ଗୁଣନିଧି ଭୋଇ, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଭର୍ଚୁଆଲ ଟୁର୍‌ରେ କୁଟିଆ କନ୍ଧଙ୍କ ବାଉଁଶ ପାନିଆ

ଭୁବନେଶ୍ୱର,୪।୧୨: କୁଟିଆ କନ୍ଧ ଜନଜାତି ସୁନ୍ଦର ସୌଖୀନ ପାନିଆ ତିଆରିରେ ଦକ୍ଷ। ନିଜ କେଶକୁ ପାନିଆରେ ସଜାଇବା ସହ ସ୍ନେହର ନିଦର୍ଶନ ଭାବେ ଏହାକୁ ଉପହାର ଆକାରରେ ଦେଇଥାନ୍ତି। ବାଉଁଶ ପାତିଆକୁ ସମାନ ଲମ୍ବରେ କାଟି ସେଗୁଡ଼ିକୁ ଏକତ୍ର କରି ପାନିଆ ପ୍ରସ୍ତୁତ କରନ୍ତି। ଆଗରୁ ଏଥିରେ ଶିଆଳି ଲତାକୁ ବ୍ୟବହାର କରାଯାଉଥିଲା। ଏବେ ଲୁଗାବୁଣା ସୂତାକୁ ବ୍ୟବହାର କରାଯାଉଛି। ଜନଜାତିର ନବବିବାହିତା କନ୍ୟା ପ୍ରଥମ ଥର ପାଇଁ ବାପଘରକୁ ଆସିଥିବାବେଳେ ସଂପର୍କୀୟଙ୍କ ପାଇଁ ପାନିଆ ଉପହାର ସ୍ୱରୂପ ଧରି ଆସିଥା'ନ୍ତି। କୁଟିଆ କନ୍ଧଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏଥର ରବିବାର ଦିନ ଭର୍ଚୁଆଲ୍ ଟୁର୍‌ରେ ବ୍ୟବସ୍ଥା କରାଯାଇଛି। ଫେସବୁକ୍ ଓ ଟୁଇଟର ପେଜ୍ @stsdev @ scstrti ଖୋଲି ଡିସେମ୍ବର୫ରେ କୁଟିଆ କନ୍ଧଙ୍କ ପାନିଆ ତିଆରି ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା ପ୍ରକାଶ କରିଛନ୍ତି।

## ସୁପାରିକିଲର ସମ୍ପଦଙ୍କ ସହଯୋଗୀ ପ୍ରଶାନ୍ତ ଗିରଫ

**ଉଭୟଙ୍କୁ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ**

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ଯୋଜନାବେଳେ ନୟାପଲ୍ଲୀ ଅଞ୍ଚଳରୁ ଗିରଫ ହୋଇଥିବା ବନ୍ଧୁକ ଚୋରା ଚାଲାଣକାରୀ ତଥା ସୁପାରିକିଲର ଜଗତସିଂହପୁର ତିର୍ତ୍ତୋଲର ସମ୍ପଦ କୁମାର ସାହୁଙ୍କ ସହଯୋଗୀ ପ୍ରଶାନ୍ତ ଦାସଙ୍କୁ କଟକରୁ ଧରିଛି କମିଶନରେଟ ପୋଲିସ। ଶୁକ୍ରବାର ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ପୋଲିସ ଟିମ୍ ଚୌଦ୍ୱାର ଟାଙ୍ଗୀ ବିଶ୍ୱନାଥପୁରରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ନାମରେ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ୧୧ ଆପରାଧିକ ମାମଲା ରହିଛି। ସୂଚନାଯୋଗ୍ୟ, ଏନ୍-୪ରେ ରହୁଥିବା ଜୟନ୍ତ ମହାନ୍ତିଙ୍କୁ ଗୁଳି କରି ହତ୍ୟା କରିବାକୁ ପ୍ରଶାନ୍ତ ଓ ସମ୍ପଦ ଆସି ନୂଆପଲ୍ଲୀ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଜଗି ରହିଥିଲେ। ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉବେଳେ ସମ୍ପଦ ଓ ପ୍ରଶାନ୍ତ ଫାଙ୍କା ଗୁଳିଚାଳନା ସହ ଆକ୍ରମଣ କରିଥିଲେ। ତେବେ ସମ୍ପଦଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିବା ସହ ୨ ପିସ୍ତଲ, ୯ ଗୁଳି ଆଦି ଜବତ କରିଥିଲା। ହେଲେ ପ୍ରଶାନ୍ତ ସେଠାରୁ ଖସି ପଳାଇଥିଲେ। ଥାନା ଅଧିକାରୀ ଶରତ ସାହୁ ସମ୍ପଦକୁ ୨ ଦିନିଆ ରିମାଣ୍ଡରେ ଆଣି ତାଙ୍କଠାରୁ ପ୍ରଶାନ୍ତଙ୍କ ବିଷୟରେ ତଥ୍ୟ ହାସଲ କରିଥିଲେ। ଏହାପରେ ପ୍ରଶାନ୍ତଙ୍କୁ ଧରିବାକୁ ୨ ଜଣିଆ ପୋଲିସ ଟିମ୍ ଟାଙ୍ଗୀରେ ଡେରା ପକାଇଥିଲା। ପ୍ରଶାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଉଛି। ଅନ୍ୟପଟେ ସମ୍ପଦଙ୍କର ରିମାଣ୍ଡ ଅବଧି ସରିବା ପରେ ଶନିବାର କୋର୍ଟରେ ହାଜର କରାଯାଇଥିଲା। ଏଥିସହ ଉଭୟଙ୍କୁ ପୁଣି ୭ଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ ପାଇଁ କୋର୍ଟରେ ଆବେଦନ କରାଯାଇଥିବା ଥାନାଧିକାରୀ ସାହୁ କହିଛନ୍ତି।

## ୩.୩୫ କୋଟି ଠକେଇ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରଫ

**ଆର୍‌ବିଆଇ ଗଭର୍ନରଙ୍କ ଭାଇଁ ପରିଚୟ ଦେଇ ଲୁଟୁଥିଲେ**

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ୩ କୋଟି ୩୫ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଟିଆ ରେଳଷ୍ଟେଶନ ନିକଟ ବିଷ୍ଣୁ ରେସିଡ଼େନ୍ସିରେ ରହୁଥିବା ପ୍ରଜ୍ଞା ପ୍ରକାଶ ନାୟକ(୪୨)। ସେ ବ୍ୟବହାର କରୁଥିବା ଏକ ଲ୍ୟାଣ୍ଡ ରୋଭର୍ କାର୍ ଓ କିଛି କାଗଜପତ୍ର ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୩୨୪/୨୧) ରୁଜୁ କରି ପ୍ରଜ୍ଞାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରଜ୍ଞାଙ୍କୁ ୩ବର୍ଷ ତଳେ ୬୩ କୋଟି ଟଙ୍କା ଠକେଇ ଘଟଣାରେ ହାଇଦ୍ରାବାଦ ପୋଲିସ ଗିରଫ କରିଥିଲା। ସେ ନିଜକୁ ରାଜ୍ୟସଭା ସଦସ୍ୟ ଓ ଆର୍‌ବିଆଇ ଗଭର୍ନରଙ୍କ ଭାଇଁ ପରିଚୟ ଦେଇ ଏଭଳି ଠକେଇ କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି।

ତାଙ୍କ ସୂଚନାନୁସାରେ, ଅଭିଯୁକ୍ତ ପ୍ରଜ୍ଞା କୋଲକାତା ଲେକ୍ ଟାଉନ ଥାନା ଅଞ୍ଚଳର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୈକତ କୁମାରଙ୍କୁ ତାଙ୍କ ଚାର୍ଟାର୍ଡ ଫାର୍ମରେ ପାର୍ଟନରଶିପ୍ ରହିବାକୁ କହି ପ୍ରଥମେ ୧ କୋଟି ୧୦ଲକ୍ଷ ୮୦ ହଜାର ଟଙ୍କା, ଦ୍ୱିତୀୟଥର ୧ କୋଟି ୨୫ ଲକ୍ଷ ଟଙ୍କା ଓ ପରବର୍ତ୍ତୀ ସମୟରେ ଆଉ କିଛି ଟଙ୍କା ନେଇଥିଲେ। ଏଥିସହ ଶ୍ରୀକାନ୍ତଙ୍କଠାରୁ କିଛି ସାଦା ଦସ୍ତଖତ କରି ନେଇ ତାହାର ଦୁରୁପଯୋଗ କରିଥିଲେ। ସୈକତ ତାଙ୍କଠାରୁ ୩ କୋଟି ୨୫ ଲକ୍ଷ ଟଙ୍କା ଧାର୍ ନେଇ ପରେ ୨ କୋଟି୩୫ ଲକ୍ଷ ଟଙ୍କା ଫେରାଇଥିବା ଉକ୍ତ କାଗଜରେ ଲେଖି ଆଉ ଧରାଛୁଆଁ ଦେଇ ନ ଥିଲେ। ତେବେ ପୋଲିସ ଅଭିଯୁକ୍ତ ପ୍ରଜ୍ଞାଙ୍କୁ ଗିରଫ କରିବା ସହ ୭ ଦିନିଆ ରିମାଣ୍ଡ ପାଇଁ କୋର୍ଟରେ ଆବେଦନ କରିଥିବା ଜଣାପଡିଛି।

## ଯୋଧପୁରରୁ ମୋଷ୍ଟ ୱାଣ୍ଟେଡ୍ ଆଜବାହାର ଗିରଫ

**ଟ୍ରାନ୍‌ଜିଟ ରିମାଣ୍ଡରେ ଓଡ଼ିଶା ଆଣୁଛି ଏସ୍‌ଟିଏଫ୍**

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)

ଫେରାର ଥିବା ମୋଷ୍ଟ ୱାଣ୍ଟେଡ୍ ନିଶା ମାଫିଆ ଶେକ୍ ଆଜବାହାରଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶନିବାର ରାଜସ୍ଥାନର ଯୋଧପୁରରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ। ଗିରଫ ପରେ ଆଜବାହାରଙ୍କୁ ଯୋଧପୁର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍‌କୁ ଅନୁମତି ଦେଇଛନ୍ତି। ଅଭିଯୁକ୍ତଙ୍କୁ ଓଡ଼ିଶା ଅଣାଯିବା ପରେ ବାଲେଶ୍ୱର ଜିଲା ଏବଂ ସେସନ୍ସ କୋର୍ଟରେ ହାଜର କରାଯିବ। ବ୍ରାଉନସୁଗାର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଆନ୍ତଃରାଜ୍ୟ ଚୋରା ଚାଲାଣରେ ସଂପୃକ୍ତି ନେଇ ଅଭିଯୁକ୍ତ ଆଜ୍‌ବାହାରଙ୍କ ନାମରେ ଜଳେଶ୍ୱର, ବାଲେଶ୍ୱର, ଭୁବନେଶ୍ୱର ଓ ପଶ୍ଚିମବଙ୍ଗରେ ୫ଟି ମାମଲା ରହିଛି। ତେଣୁ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ତାଙ୍କର ଅନେକ କଳା କାରବାର ସମ୍ପର୍କରେ ତଥ୍ୟ ମିଳିପାରିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି। ଗତ ଅଗଷ୍ଟ ୧୪ରେ ଏସ୍‌ଟିଏଫ୍ ବାଲେଶ୍ୱର ଜଳେଶ୍ୱରରୁ ୨ଜଣଙ୍କୁ ଗିରଫ କରିବା ସହ ୨ କେଜି ୪୦୨ ଗ୍ରାମର ବ୍ରାଉନସୁଗାର ଜବତ କରିଥିଲା। ତଦନ୍ତବେଳେ ଆଜବାହାର ହିଁ ଏହି ର୍‍ୟାକେଟର ମୁଖ୍ୟ ଥିବା ଏବଂ ସେ ଆନ୍ତଃରାଜ୍ୟ ହେରୋଇନ ଓ ବ୍ରାଉନସୁଗାର ଚୋରା ଚାଲାଣର ମାଷ୍ଟରମାଇଣ୍ଡ୍ ବୋଲି ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ତାଙ୍କୁ ଧରିବାକୁ ଜାଲ ବିଛାଇବା ସହ ଗତିବିଧି ଉପରେ ନଜର ରଖିଥିଲା। ତେବେ ଯୋଧପୁରରେ ଆଜବାହାର ଆତ୍ମଗୋପନ କରିଥିବା ଏସ୍‌ଟିଏଫ୍‌କୁ ସୂଚନା ପାଇବା ପରେ ତାଙ୍କୁ ଧରିବା ନେଇ ଏକ ସ୍ୱତନ୍ତ୍ର ଟିମ୍ ରାଜସ୍ଥାନ ଯାଇଥିଲା। ସେଠାରେ ଯୋଧପୁର କମିଶନରେଟ ପୋଲିସ ସହାୟତାରେ ଚଢାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା ଏସ୍‌ଟିଏଫ୍। ସୂଚନାଯୋଗ୍ୟ, ଆଜବାହାର ରାଜନୀତି କରିବା ସହିତ ବ୍ରାଉନସୁଗାର ବ୍ୟବସାୟରେ ଲିପ୍ତ ଅଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସେ ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ବ୍ରାଉନସୁଗାର କାରବାରରେ ପୂର୍ବରୁ ୩ଥର ଏସ୍‌ଟିଏଫ୍ ଓ ପୋଲିସ ଦ୍ୱାରା ଗିରଫ ହୋଇ ଆଜବାହାର କିଛିଦିନ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍‌ରେ ରହିଥିଲେ।

## ଦିବ୍ୟାଙ୍ଗଙ୍କ କଲ୍ୟାଣ, ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)

ଦିବ୍ୟାଙ୍ଗଙ୍କ କଲ୍ୟାଣ ଓ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ପ୍ରତିବଦ୍ଧ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏକ ୱେବିନାର୍‌ରେ ଯୋଗଦେଇ ମନ୍ତ୍ରୀ ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ମିଳିତ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଚଳିତ ବର୍ଷର ପ୍ରସଙ୍ଗ 'କୋଭିଡ୍ ପରବର୍ତ୍ତୀ ବିଶ୍ୱରେ ସମାବେଶୀ ଓ ନିରନ୍ତର ବିକାଶରେ ଭିନ୍ନକ୍ଷମମାନଙ୍କ ନେତୃତ୍ୱ ଓ ଅଂଶଗ୍ରହଣ' ଉପରେ ମନ୍ତ୍ରୀ ଆଲୋଚନା କରି ଏହା କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଚଳିତ ବର୍ଷ ଭିନ୍ନକ୍ଷମ ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ରାଜ୍ୟ ପୁରସ୍କାର' ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ଶ୍ରେଷ୍ଠ କର୍ମଚାରୀ ଭାବରେ ପ୍ରଶାନ୍ତ କୁମାର ବେହେରା, ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍ ଭାବରେ ଅମରେନ୍ଦ୍ର ବେହେରା ଓ ସୁଶ୍ରୀ ପ୍ରଜ୍ଞା ପାରମିତା କୁମାର ଏବଂ ଶ୍ରେଷ୍ଠ ଅନୁଷ୍ଠାନ ଭାବରେ 'ପୁନର୍ବାସ' ସଂଗଠନକୁ ରାଜ୍ୟ ପୁରସ୍କାର ମିଳିଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଭିନ୍ନକ୍ଷମ ଦିବସର ଭିତ୍ତି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ବ୍ରତତୀ ହରିଚନ୍ଦନ, ଅତିରିକ୍ତ ଶାସନ ସଚିବ ମଧୁମିତା ନାୟକ ନିଜ ବତ ରଖିଥିବାବେଳେ ଉପଶାସନ ସଚିବ ଅଞ୍ଜିକା ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।


GOVT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
E-mail: eerw_ptng@yahoo.in, Phone No – 06658-222121
e Procurement Notice
IFB IDENTIFICATION NO. EEPTNG- Online -07/2021-22

No.O-1166:- 1. Name of work : Construction of Road work for 2021-22. 2. Total no of work : 1(One) Road work. 3. Time for completion : 2 (Two) Calendar month. 4. Approximate estimated cost 74.34 Lakh. 5. Mode of Submission of tender : Tender should be submitted online in www.tendersorissa.gov.in. 6. Other details are as follow:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Technical bid opening date | Financial bid opening date |
|---|---|---|---|---|---|---|
| | | From | To | | | |
| Superintending Engineer, R.W. Divn., Patnagarh | EEPTNG-Online- 07/2021-22 | 06.12.2021 at 11.00 A.M. | 13.12.2021 upto 5.00 P.M. | 10.12.2021 upto 1.00 P.M. | 14.12.2021 upto 11.00 A.M. | The date will be intimated to the technically qualified bidders |

Further details can be seen from the website www.tendersorissa.gov.in. Any corrigendum / addendum will be displayed inthe above e tender website only.

Sd./- Superintending Engineer, R.W. Division, Patnagarh
OIPR-25154/11/0007/2122



GOVERNMENT OF ODISHA
OFFICE OF THE BLOCK DEVELOPMENT OFFICER
LEPHRIPARA BLOCK, SUNDARGARH
INVITATION TENDER CALL NOTICE

No. 1718/Dev. Dt.04.12.2021

The Block Development Officer, Lephripara, Sundargarh on behalf of Governer of Odisha invites **Percentage Rate Bids** in sealed cover for the following works from the class of eligible contractors as mentioned in Column-8 (eight) registered with the State Governments having validity of Civil Licence and contractors of equivalent Grades/Class Registered with Central Government/MES/Railways and other State Government having validity of Civil Licence for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who was not registered under Odisha State Government has to register under the State PWD in appropriate class of eligibility before signing of the agreement. The bidders may submit bids for the following works:

| Sl. No. | GP | Name of the Work | Amount put to Tender in Rs. | Cost of Tender Paper (Non-refundalbe) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Masabira | Const. & Renovation of Masabira U.G. High School | 1,31,91,663/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 2 | Kulabira | Const. & Renovation of Kulabira U.G. High School | 1,26,79,959/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 3 | Giringkela | Const. & Renovation of Panchayat High School, Patuadihi | 1,58,04,871/- | 10,000/- | Exempted as per Letter No. 5984/W dated 27.4.21 of Works | 31.03.2022 | 'A' & 'B' Class |

01. The bid documents and detailed terms and conditions can be downloaded from the District website **www.sundargarh.nic.in** & also published in daily English Newspaper **"The New Indian Express"** and daily Odiya Newspaper **"The Sambad & The Dharitri"**.
02. All other detailed clauses/guidelines can be seen in the DTCN/Bid documents.

Sd./- Block Development Officer, Lephripara



ଓଡ଼ିଶା ସରକାର
GOVERNMENT OF ODISHA
DISTRICT PROJECT OFFICE
SAMAGRA SHIKSHA, SUNDARGARH
"e"-Procurement Notice
Bid Identification No.-DPC/SS/SNG/07 of 2021-22
Letter No.: - 6648/Civil/Date:- 04/December/2021
E-mail ID: dpcsndgssa.opepa@nic.in

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2. | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | : | **128 (One Hundred Twenty-Eight Nos).** |
| 4. | Cost of Tender Paper | : | **Rs.10,000/- in 127 Projects & Rs.6,000/- in 1 Project.** |
| 5. | Class of Contractor | : | **"B" & "A" in 123 Projects / "A" & "Special" in 5 projects** |
| 6. | Availability of bid document in the website | : | **From 09.00 hours of date - 07.12.2021 to 18.00 hours of date- 21.12.2021** |
| 7. | Date of opening of Bid | : | **09.00 A.M. on Dt.22.12.2021** |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./- District Project Co-ordinator,
Samagra Shiksha, Sundargarh



OFFICE OF THE EXECUTIVE ENGINEER
FISHERY ENGINEERING DIVISION
MATSYASADAN, LAXMISAGAR, CUTTACK ROAD, BHUBANESWAR-6
No.M-55 Phone/Fax-0674-2313250, Email- eefedbbsr@gmail.com
Bid Identification No. 09/FED/2021-22
INVITATIONS FOR BIDS (IFB)

| Sl No. | Name of the Work | Amont (in Rupees) | Class of Contractor | Period of Completion |
|---|---|---|---|---|
| 1. | **Construction of Flotaing Jetty and Allied Infrastructure for Cage Culture Project at Hirakud** (Floating Jetty proper) | 85,19,788.00 | 'B' & 'A' | 04 (Four) Calendar Months |
| 2. | Date & Time of availability of Bid Document in the portal :- | 10.12.2021 | | |
| 3. | Last Date / Time for receipt of bids in the portal :- | 27.12.2021 upto 17.00 Hours | | |
| 4. | Name and address of the Officer Inviting Bid :- | **Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006** | | |

Further details can be seen from the e-procurement portal http://tendersorissa.gov.in
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website http://tendersorissa.gov.in
N.B. Subsequent corrigendum/addendum if required shall be availabe in the website as indicated above.

Executive Engineer, Fishery Engineering Division, Bhubaneswar
OIPR-06018/11/0004/2122



ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, AT/POST: BALIMELA,
DIST.: MALKANGIRI, PIN: 764051 (ODISHA), Phone Nos.: 06861-232581 (O)/232641 (R),
FAX No.: 06861-232541, E-mail: unit.head_balimela@yahoo.com/bhep.balimela@gmail.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, 2542826, Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, GSTIN: 21AAACO2575P1Z9, CIN: 40101OR1995SGC003963
'e'-Procurement Notice
NOTICE INVITING TENDER NO. BHEP/28/2021-22 DATED: 02.12.2021

No. CAD-2134: The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover-II (Price Bid) for the work through e-procurement as detailed in the table below. The bids should be submitted 'online' in **https://tendersodisha.gov.in** by eligible **'B' and 'A'** class Civil Contractors/Constructions Firms registered with the State Government and contractors of equivalent grade/class registered with Central Government/Railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | Bid Security Declaration | Class of Contractor | Cost of Bid Documents in Rs. | Period of Completion |
|---|---|---|---|---|---|---|
| 01 | Repair & Renovation of 25 Nos. of 3R-Type Quarters at BHEP, Balimela | 79,14,939.00 | As per Annexure-VI duly signed | 'B' & 'A' | 10,000/- + GST @ 18% = 11,800/- | 180 days |

Date & time of availability of bid document in the portal : From 10.00 hrs. of 07.12.2021 to 27.12.2021 (Upto 17.00 hrs.)
Last date & time of submission of bid : Upto 17.00 hrs. of 27.12.2021
The date & time of opening of the bid : 12.00 hrs. onwards of 28.12.2021 (Only Technical Bid)
Further details can be seen from the e-procurement portal **https://tendersodisha.gov.in.**

Sd./- Unit Head
Balimela Hydro Electric Project, Balimela
OIPR-04019/11/0033/2122



ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha
No. CAD-2153
TENDER ALERT

**01) E-Tender Call Notice No.03/2021-22:** To Carry out PCC Metaling, walkway renovation, construction of brick masonary guard wall under 132kV Bus Corridor at 220/132/33kV Grid S/S, Jayanagar under EHT O&M Division, Jayanagar.
**02) Tender Call Notice No.04/2021-22:** Painting of 03 Nos 40MVA Power Transformers at Grid S/S Nimapara and 01 No.40MVA Power Transformer-III at Grid S/S Puri along with its accessories under EHT O&M Division, Puri.
**03) Tender Call Notice No.12/21-22:** Supply of Diesel run hired vehicle Non AC Bolero 09 seated for Grid S/S Joda, Grid S/S Barbil & Grid S/S Bolani on pool basis under EHT O&M Division, Joda.
**04) Tender Call Notice No.03/2021-22:** Supply and fixing of Pavor Block and Vitrified Tiles infront of EHT O&M Division, Bhadrak office.
**05) Tender Call Notice No.04/2021-22:** Construction of 220kV, 132kV & 33kV Breaker step foundation at 220/132/33 kV Grid S/S, Bhadrak under EHT O&M division, Bhadrak.
**06) Tender Call Notice No.TRB-O&M-DIV-OT-05/2021-22:** Lot-A: Construction of Protection cum Guard Wall at Loc No.610 of 220kV Therubali-Kolab S.C line.
Lot-B: Earth cutting in between Loc. No.127 & No.128 of 220kV Therubali-Narendrapur DC Line.
**07) E-Tender Call Notice No.MZM-271-01/2021-22:** Annual Contract for cleaning & sanitation work of circle/Division offices, control rooms and offices of various grid s/s under EHT O&M Circle, Burla.
**08) E-Tender Call Notice No.MZM-271-02/2021-22:** Annual Contract for cleaning & sanitation work of Circle/Division offices, control rooms and offices of various grid s/s under EHT O&M Circle, Bolangir.
**09) Advertisement No.01/2021-22:** Applications are invited from interested manufacturers/ Authorised dealers/ Suppliers and civil contractors MV/HV Electrical License holders & Labour Contract License holders & Transports to be empanelled in the vendor list of EHT O&M Circle, Bolangir for supply of materials, execution of works & transportation of materials upto Rs.1,00,000/-.
For details please visit : **www.optcl.co.in.**
OIPR-04011/11/0109/2122 FIPR-68/2021-22

**ଫସଲ ପାଇଁ ମାଟିର ସୁରକ୍ଷା ଲୋଡ଼ା**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ.): ବିଶ୍ୱ ମୃତ୍ତିକା ଦିବସ ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ପରିବେଶବିତ୍ ସୁଶାନ୍ତ ସାହୁ ଜନସଚେତନତା ଉଦ୍ଦେଶ୍ୟରେ ବିଭିନ୍ନ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ମାଟିରେ ଫଳାଉଛନ୍ତି ସୁନାର ଫସଲ। ସେଥିରେ ଲେଖିଛନ୍ତି 'ହୋୟାର ଫୁଡ୍ ବିଗିନ୍ସ'। ଅର୍ଥାତ୍ ଯେଉଁଠାରେ ଖାଦ୍ୟର ସୃଷ୍ଟି, ତା'ର ସୁରକ୍ଷା ନିତାନ୍ତ ଜରୁରୀ। ଚାଷଜମିରେ କୀଟନାଶକ ଓ ରାସାୟନିକ ସାର ବ୍ୟବହାର ଦ୍ୱାରା ମାଟି ବିଷ ପାଲଟିଗଲାଣି। ଆଉ ପୂର୍ବପରି ଫସଲ ବି ଫଳୁନାହିଁ। ଫସଲ ପାଇଁ ମାଟିର ସୁରକ୍ଷା ଜରୁରୀ। ଚାଷଜମିରେ ଜୈବିକ ସାରର ପ୍ରୟୋଗ ଜରୁରୀ ହୋଇପଡ଼ିଛି।



## ସଂକ୍ଷେପରେ

### ଗୋଆରୁ ଆସିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଭୁବନେଶ୍ୱର,୪।୧୨(ବ୍ୟୁରୋ): ଗୋଆର ଏକ ରେଷ୍ଟୁରାଣ୍ଟରେ ରହି ୧୩ବର୍ଷ ହେବ କାମ କରୁଥିଲେ ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳର ୨୪ବର୍ଷୀୟ ଯୁବକ ମୁକୁନ୍ଦ ନାୟକ। କୌଣସି କାରଣବଶତଃ ଡିସେମ୍ବର ୨ରେ ମୃତ୍ୟୁ ହେବା ପରେ ମୃତଦେହକୁ ଭୁବନେଶ୍ୱର ବିମାନ ବନ୍ଦରରୁ ନିଜ ଗ୍ରାମକୁ ଆଣିବା ପାଇଁ ନଥିଲା ଆର୍ଥିକ ସମ୍ବଳ। ରେଷ୍ଟୁରାଣ୍ଟ ମାଲିକ ବିମାନ ଟିକେଟ କରାଇ ମୁକୁନ୍ଦଙ୍କର ପାର୍ଥିବ ଶରୀରକୁ ଗୋଆରୁ ଭୁବନେଶ୍ୱରକୁ ପଠାଉଦେଇଥିଲେ। ପରିବାର ଲୋକେ ବାଡ଼ସାହି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଏ ନେଇ ସୂଚନା ଦେଇଥିଲେ। ବାଡ଼ସାହି ପାର୍ଥିବ ଶରୀରକୁ ଗ୍ରାମକୁ ପଠାଇବା ପାଇଁ ଓଡ଼ିଶା-ମୋ ପରିବାରକୁ ଜଣାଇଥିଲେ। ସଂଗଠନର ଯୁଗ୍ମ ସଂପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କ ସମେତ ଓଡ଼ିଶା-ମୋ ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ଭୁବନେଶ୍ୱର ବିମାନ ବନ୍ଦରେ ପହଞ୍ଚି ସ୍ୱର୍ଗତଃ ମୁକୁନ୍ଦଙ୍କ ପାର୍ଥିବ ଶରୀରକୁ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ଗ୍ରାମକୁ ପଠାଉଦେଇଥିଲେ।

### ଡ୍ରାଇଭର ମହାସଂଘର ୮ ଦଫା ଦାବି ପୂରଣ ପ୍ରତିଶ୍ରୁତି ମିଳିଲା

ଭୁବନେଶ୍ୱର,୪।୧୨: ଓଡ଼ିଶା ଡ୍ରାଇଭର ମହାସଂଘ ୧୧ ଦଫା ଦାବି ନେଇ ଦୀର୍ଘଦିନ ଧରି ଆନ୍ଦୋଳନ କରି ଆସୁଥିଲା। ଶନିବାର ସରକାର ସଂଘର ୮ ଦଫା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସଂଘ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଦିଆଯାଇଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ପ୍ରଶାନ୍ତ ମୁଦୁଲି କହିଛନ୍ତି, ସରକାରଙ୍କ ପକ୍ଷରୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏବଂ ରାଜ୍ୟସଭା ସାଂସଦ ସୁବାସ ସିଂ ଶନିବାର ଡ୍ରାଇଭର ମହାସଂଘର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଉଭୟ ପକ୍ଷର ଆଲୋଚନା ପରେ ୧୧ ଦଫା ଦାବିକୁ ସରକାର ଗ୍ରହଣ କରିବା ସହ ସେଥିରୁ ୮ଦଫା ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବିଭିନ୍ନ ସମୟରେ ଡ୍ରାଇଭର ଜନ ଆକ୍ରୋଶର ଶିକାର ହେଉଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ସରକାର ଧ୍ୟାନ ଦେବା ସହ ଦୀର୍ଘ ଯାତ୍ରାରେ ଯିବା ସମୟରେ ଦୈନନ୍ଦିନ କାର୍ଯ୍ୟ ପାଇଁ ୧୦୦ କିମି ବ୍ୟବଧାନରେ ସରକାର ବିଶ୍ରାମାଗାର ନିର୍ମାଣ କରିବେ। ଦୁର୍ଘଟଣାରେ ମୃତ୍ୟୁ ଘଟିଲେ ୨୦ ଲକ୍ଷ ଅନୁକମ୍ପା ରାଶି ଯୋଗାଇ ଦେବାକୁ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସରକାର ମଧ ସଂଘର ଦାବି ମୁତାବକ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ ପାଇଁ ରାଜି ହୋଇଛନ୍ତି। ସାଧାରଣ ମୃତ୍ୟୁ ହେଲେ ୧.୫ ଲକ୍ଷ ଟଙ୍କା ମିଳିବ ବୋଲି ମହାସଂଘର ସଭାପତି ସୂଚନା ଦେଇଛନ୍ତି। ଏହି ଅବସରରେ ମହାସଂଘର ସମ୍ପାଦକ ଚେତନ ପ୍ରଧାନ, ଉପସଭାପତି ସୁମନ ଲାଲଟିଆ, କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରା ଓ ସହ ସମ୍ପାଦକ ଘନଶ୍ୟାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ମାସରେ ଡ୍ରାଇଭରମାନେ ସମ୍ବଲପୁରଠାରୁ ଚାଲିଚାଲି ରାଜଧାନୀ ଆସି ବିକ୍ଷୋଭ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### କୋଜିକୋଟରେ ହେବ ସିପିଆଇ(ଏମ-ଏଲ) ରେଡ଼ ଷ୍ଟାରର ଦ୍ୱାଦଶ ପାର୍ଟି ସମ୍ମିଳନୀ

ଭୁବନେଶ୍ୱର,୪।୧୨(ବ୍ୟୁରୋ): ସିପିଆଇ(ଏମ-ଏଲ) ରେଡ଼ ଷ୍ଟାରର ଦ୍ୱାଦଶ ପାର୍ଟି ସମ୍ମିଳନୀ କେରଳର କୋଜିକୋଟଠାରେ ଆସନ୍ତା ୨୪ ସେପ୍ଟେମ୍ବର ୨୦୨୨ ରୁ ୨୯ ସେପ୍ଟେମ୍ବର ୨୦୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଭୁବନେଶ୍ୱର ସ୍ଥିତ ପାର୍ଟି କାର୍ଯ୍ୟାଳୟ ଇନକିଲାବ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ତତ୍‌ସହିତ ସିପିଆଇ(ଏମ-ଏଲ) ରେଡ଼ ଷ୍ଟାରର ସଦସ୍ୟ କମରେଡ଼ ଶିବରାମଙ୍କର ଗତ ରବିବାର ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଇନ୍‌କିଲାବ ଭବନଠାରେ ୨୯ ନଭେମ୍ବରରୁ ୨ ଡିସେମ୍ବର ପର୍ଯ୍ୟନ୍ତ ପାର୍ଟି କେନ୍ଦ୍ରୀୟ କମିଟିର ବୈଠକ ବସିଥିବା ନେଇ ସୂଚନା ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ କେ. ଏନ୍ ରାମଚନ୍ଦ୍ରନ, କେନ୍ଦ୍ରୀୟ କମିଟି ସଦସ୍ୟ ଅରୁଣ, ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସବ୍ୟସାଚୀ ମହାପାତ୍ର, ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟେଲି ପୁରସ୍କାରରୁ ବାଦ୍ ପଡ଼ିଲା 'ନିମ୍କି'

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)



ଆଲୋଚନାରେ ଉପସ୍ଥିତ ଓଟା କର୍ମକର୍ତ୍ତାଙ୍କ ସହ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

**ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ବିବାଦ**

■ଆଲୋଚନା ପରେ ଶାନ୍ତ ପଡ଼ିଲା 'ଓଟା'

■ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଆମେଣ୍ଡମେଣ୍ଟ

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ ମସିହା ପାଇଁ ୩୧ତମ 'ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର' ଓ ୮ମ 'ରାଜ୍ୟ ଓଡ଼ିଆ ଟେଲି ଚଳଚ୍ଚିତ୍ର ପୁରସ୍କାର' ଘୋଷଣା ହେବା ପରେ ଏହାକୁ ନେଇ ବିବାଦ ଲାଗି ରହିଥିଲା। ପୁରସ୍କାର ପ୍ରଦାନ କ୍ଷେତ୍ରରେ ଚୟନ ପ୍ରକ୍ରିୟା କେତେଦୂର ନିରପେକ୍ଷ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି କମିଟିରେ ଥିବା ଜୁରି ସଦସ୍ୟମାନଙ୍କୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ସଂସ୍କୃତି ବିଭାଗ ସହିତ ଓଡ଼ିଶା ଟେଲି ଆର୍ଟିଷ୍ଟ ଆସୋସିଏସନ (ଓଟା)ର ଆଲୋଚନା ପରେ ଏହି ବିବାଦର ଏବେ ଏକ ପ୍ରକାର ଅନ୍ତ ହେବାକୁ ଯାଉଛି। ହୋଇଥିବା ନିଷ୍ପତ୍ତି ଅନୁସାରେ, ଟେଲି ପୁରସ୍କାର ବର୍ଗରେ ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା 'ନିମ୍କି' ଚଳଚ୍ଚିତ୍ରକୁ ପୁରସ୍କାର ତାଲିକାରୁ ବାଦ୍ ଦିଆଯାଉଛି। ଏହା ସମ୍ପୂର୍ଣ୍ଣ ଭାବେ କମର୍ସିଆଲ ଚଳଚ୍ଚିତ୍ର ହୋଇଥିବାରୁ ଏବଂ ହଲରେ ରିଲିଜ୍ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ବିବାଦରେ ଥିଲେ ମଧ୍ୟ ପୁରସ୍କାର ପାଇଁ ନାମ ଘୋଷଣା ହୋଇ ସାରିଥିବାରୁ ଚଳଚ୍ଚିତ୍ର 'ଖୁସି' 'କାଳିଆ କରୁଛି ଲୀଳା' ଓ 'ରଙ୍ଗିଲା ବୋହୂ' ଆଦିକୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

ଏଥିସହ ଆଉ କେତେକ ନିଷ୍ପତ୍ତି ହୋଇଛି। ପ୍ରଯୋଜକମାନେ ନିଜ ନିଜ ଚଳଚ୍ଚିତ୍ର ଦାଖଲ କଲାବେଳେ ଏକ ସତ୍ୟପାଠ ଦାଖଲ କରିଥାନ୍ତି। ଯେଉଁଥିରେ କି କାହାଣୀ କାହାଠାରୁ କପି ହୋଇ ନାହିଁ ବୋଲି ଉଲ୍ଲେଖ ଥାଏ। ମାତ୍ର ସବୁ ପ୍ରଯୋଜକମାନେ ଏହାକୁ ମାନୁ ନାହାନ୍ତି। ତେଣୁ ଭବିଷ୍ୟତରେ ଯେପରି ଏଭଳି କପି ହୋଇଥିବା ଚଳଚ୍ଚିତ୍ର ପୁରସ୍କାର ପାଇଁ ଆବେଦନ କରି ନ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ସର୍ବାଧିକ ୪୫ ମିନିଟ୍ ଅବଧି ମଧ୍ୟରେ ଥିବା ଫିଲ୍ମକୁ ହିଁ ଟେଲିଫିଲ୍ମରେ ଗଣାଯିବ। ସେହିପରି ଜୁରୀ କର୍ତ୍ତାଙ୍କୁ ଚୟନ ସମୟରେ ଯେପରି କାହା ପ୍ରତି ପକ୍ଷପାତିତା ନ ହୁଏ ତାହାକୁ ଧ୍ୟାନ ଦିଆଯିବ। ଏଥିସହ ଖୁବ୍‌ଶୀଘ୍ର ଏକ ନୂଆ ସଂଶୋଧନ ପ୍ରସ୍ତୁତ କରାଯିବ, ଯାହାକି ୨୦୨୦ ମସିହାର ପୁରସ୍କାର ଚୟନ ସମୟରୁ ଲାଗୁ ହେବ। ସେହିଭଳି ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା ଏହି ସଂଶୋଧନରେ ସାମିଲ କରାଯିବାକୁ ଆଲୋଚନାରେ ନିଷ୍ପତ୍ତି ହୋଇଛି।

ଆଲୋଚନାରେ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଓଟାର ସଭାପତି ଉତ୍ତମ ମହାନ୍ତି, ସମ୍ପାଦକ ନରେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜୁରୀ ଚୟନ ଏବଂ ଅନ୍ୟାନ୍ୟ ଦାବି ନେଇ ଓଟା ପକ୍ଷରୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଲିଖିତ ଦାବି ପ୍ରଦାନ କରିବେ ବୋଲି ସମ୍ପାଦକ ନରେନ୍ଦ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଟେଲି ଚଳଚ୍ଚିତ୍ର ପୁରସ୍କାରକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲା ଓଟା। ଏହାକୁ ନେଇ ଆଇନର ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିଲା। ସେହିପରି ନିର୍ଦ୍ଦେଶକ ବବି ଇସଲାମ୍, ଅଭିନେତା ମିଚୁ ମିଥୁନ ନବୀନ ନିବାସ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ।

# ସିଶୋରର ଆଉ ୫.୬୭ କୋଟିର ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର, ୪।୧୨ (ବ୍ୟୁରୋ)

**ପୂର୍ବରୁ ୨୫୨ କୋଟିର ସମ୍ପତ୍ତି ବାଜ୍ୟାପ୍ତି କରିଥିଲା ଇଡି**

ସିସୋର୍ ଫିନ୍‌ଟେକ୍ ସଂସ୍ଥାର ଆଉ ୫.୬୭ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ଟଙ୍କା ସିସୋର ଆକାଉଣ୍ଟରୁ ୨ ବ୍ୟବସାୟୀ ମହାରାଷ୍ଟ୍ରର ଦିଲୀପ ଅମୃତଲାଲ ଗୁଡାକା ଓ ଭୁବନେଶ୍ୱରର ହେରାଲ୍ଡ ଓଭରସିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ମୟୂରେଶ ଦାଶଙ୍କ ଆକାଉଣ୍ଟକୁ ଯାଇଥିଲା। ଏମାନେ ସିସୋରରୁ ଟଙ୍କା ନେଇ ଆଉ ଫେରାଇ ନ ଥିବା ତଦନ୍ତ ସମୟରେ ଇଡ଼ି ଜାଣିବା ପରେ ଏହାକୁ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ନଭେମ୍ବର ୨୬ରେ ଏଥିପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶନିବାର ଇଡି ମନି ଲଣ୍ଡରିଂ ଆକ୍ଟ ୨୦୦୨ ଆଧାରରେ ଉଭୟଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି। ଏହାପୂର୍ବରୁ ଇଡି ସିସୋରର ୨୫୮କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ କରିଥିଲା। ସିସୋର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟାଳୟ ଖୋଲି ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିଲା। ଏ ନେଇ ରାଜ୍ୟର ବିଭିନ୍ନ ଥାନାରେ ୪୦ ଠକେଇ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ତେବେ ପ୍ରଥମ କରି କୋଲକାତାର ସିବିଆଇ ନିକଟରେ ସିସୋର ଫିନ୍‌ଟେକ୍ ସଂସ୍ଥା ବିରୋଧରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଓଡ଼ିଶାରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଟଙ୍କା କାରବାରର ତଦନ୍ତ ଇଡି କରୁଥିବାବେଳେ ୨୦୧୪ ମାର୍ଚ୍ଚ ୨୨ରେ ସିସୋର ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିଲା।

# ପାଠକଙ୍କ ଘରୁ କାର୍, କାଗଜପତ୍ର ଜବତ କଲା ଇଡି

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

**ରାଜନୈତିକ ଚକ୍ରାନ୍ତରେ ଫସାଇ ଦିଆଯାଇଛି: ଅଭୟକାନ୍ତ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିବେକାନନ୍ଦ ମାର୍ଗସ୍ଥିତ ଘରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ କରିଥିଲା। ଶନିବାର ମଧ ଇଡି ଟିମ୍ ଅଭୟକାନ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ସହ କିଛି କାଗଜପତ୍ର ଓ ପୁଅ ଆକାଶଙ୍କ ନାମରେ ଥିବା କାର୍‌କୁ ଜବତ କରିଛି। ଟାଟା କମ୍ପାନୀରେ ଚାକିରି କରାଇ ଦେବା ନାଁରେ ଠକେଇ ମାମଲାରେ ଗିରଫ ହୋଇ ଆକାଶ ଏବେ ଜେଲରେ ଅଛନ୍ତି। ତେବେ ଇଡିର ଏପରି ପଦକ୍ଷେପ ନେଇ ବାପା ଅଭୟକାନ୍ତ କହିଛନ୍ତି, ରାଜନୈତିକ ଚାପରେ ତାଙ୍କୁ ଓ ତାଙ୍କ ପୁଅକୁ ଫସାଇ ଦିଆଯାଇଛି। ପୁଅ ଟାଟାରେ ଚାକିରି କରିଥିଲେ। ଏପରିକି ସେ କମ୍ପାନୀର ଏମ୍‌ଡି ଥିଲେ। ଏହି ଚାକିରି ସମ୍ପର୍କିତ ଯାହା କାଗଜପତ୍ର ଥିଲା ସେସବୁକୁ ସେ ଇଡିକୁ ଦେଇଛନ୍ତି। ତାଙ୍କ ସହ ପୁଅର ସମ୍ପତ୍ତିକୁ ମିଶାଇ ବେଆଇନ ସମ୍ପତ୍ତି ବୋଲି କୁହାଯାଉଛି। ତେବେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା କିରାଣିଙ୍କ ପାଖରେ ଅଭୟଙ୍କଠାରୁ ଅଧିକ ସମ୍ପତ୍ତି ରହିଥିବା ସେ କହିଥିଲେ। ଏପରକି ପ୍ରଦୀପ ପାଣିଗ୍ରାହୀଙ୍କ ସହିତ ଅଭୟ ବ୍ରହ୍ମପୁରରେ ଚାକିରି କରିଥିବାବେଳେ ଉଭୟଙ୍କ ମଧ୍ୟରେ ସମ୍ପର୍କଗଢିଉଠିଥିଲା। ପ୍ରଦୀପ ସେତେବେଳେ ବିଧାୟକ ମଧ ହୋଇ ନ ଥିଲେ। ପ୍ରଦୀପଙ୍କ ଝିଅଙ୍କ ସହିତ ପୁଅ ଆକାଶଙ୍କର ବିବାହ ମଧ ସ୍ଥିର ହୋଇସାରିଥିଲା। ତେବେ ରାଜନୈତିକ ଚକ୍ରାନ୍ତ କରି ଆମ ସମସ୍ତଙ୍କୁ ଫସାଇ ଦିଆଯାଇଛି। ହେଲେ ଆଇନ ଉପରେ ଭରସା ରହିଛି ଓ ଆଗାମୀ ଦିନରେ ନ୍ୟାୟ ମିଳିବ ବୋଲି ଅଭୟ ଗଣମାଧ୍ୟମକୁ କହିଛନ୍ତି।

## ପଦ୍ମଭୂଷଣ ତ୍ରିଲୋଚନ ପ୍ରଧାନଙ୍କ ବିୟୋଗରେ ପିସିସି ପକ୍ଷରୁ ଶୋକ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

ବିଶିଷ୍ଟ ଶିକ୍ଷାବିତ ପଦ୍ମଭୂଷଣ ପ୍ରଫେସର ତ୍ରିଲୋଚନ ପ୍ରଧାନଙ୍କ ବିୟୋଗରେ ପିସିସି ପକ୍ଷରୁ ଶୋକ ପ୍ରକାଶ ପାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବାସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଏଥିସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ସେ କହିଛନ୍ତି, ତ୍ରିଲୋଚନଙ୍କ ବିୟୋଗ ମୋତେ ମର୍ମାହତ କରିଛି।


**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 304/2021**

**Indian Overseas Bank, Balugaon Branch** ...Applicant
-Versus-
**M/s. Trimurty Pharmaceuticals and others** ...Defendants

To
**Defendants**
1) **M/s. Trimurty Pharmaceuticals,** At: Saralapadar, Near Uttarayani Temple, Main Road, Balugaon-752030, Dist: Khurda, represented by its Proprietor, Sri Dushasan Behera, S/o: Late Purusottam Behera
2) **Sri Dushasan Behera,** S/o: Late Purusottam Behera, At: Hatabaradihi, PS: Tangi, Dist: Khurda, Pin-752027
3) **Sri Gadadhar Behera,** S/o: Sri Nimain Behera, At: Jayantipur (Gainada), PO: Hatabaradihi, Via/PS: Tangi, Dist: Khurda, Pin-752027
4) **Smt. Gandei Dei,** W/o: Late Purusottam Behera, At/PO: Hatabaradihi, Balaram Sahi, Via/PS: Tangi, Dist: Khurda, Pin-752027
5) **Smt. Reena Behera**, W/o: Sri Dushasan Behera, At: Uttarayani Road, PO/PS: Balugaon, Dist: Khurda, Pin-752030

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **O.A. No. 304/2021** in the Court of the Debts Recovery Tribunal, Cuttack for recovery of **Rs.59,85,333/-** (Rupees Fifty Nine lakhs Eighty Five Thousand Three Hundred Thirty Three only) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **23.02.2022 at 10.30 A.M.** as to why reliefs as prayed for in OA shall not be granted.

Take notice that in case of default, the Original Application will be heard and determined in your absence.

Given under my hand and seal of this Tribunal on this **02nd day of December, 2021.**

**Sd/- (Manoj Kumar Pattanaik)**
**REGISTRAR**



**OFFICE OF THE CHIEF CONSTRUCTION ENGINEER** No. O-1161
**RURAL WORKS CIRCLE, BARIPADA**
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
**"e"-Procurement Notice for Road Work | Identification No. Online Tender-Building N.C.B. No. 200 for 2021-22**
**Letter No. 3721/Date: 26.11.2021**

1. Name of the work :- **Construction of RD Road to Mankadgoda** (Balance Work of 2018-19) under OMBADC
2. Total No. of works :- **1** No. (One)
3. Estimated Cost :- **Rs.164.01** lakhs (Approximately)
4. Eligible Class of Contractor :- As per annexure
5. Period of Completion :- As per annexure
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.200 | Dt.06.12.2021 at 11.00 A.M. | Dt.20.12.2021 up to 5.00 P.M. | Dt.18.12.2021 up to 5.00 P.M. | Dt.21.12.2021 at 11.00 A.M. | Dt.29.12.2021 at 11.00 A.M. |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0021/2122 Sd./- Chief Construction Engineer, R.W. Circle, Baripada



**OFFICE OF THE CHIEF CONSTRUCTION ENGINEER** No. O-1188
**RURAL WORKS CIRCLE, BARIPADA**
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
**"e"-Procurement Notice for Building Work | Identification No. Online Tender-Building N.C.B. No. 201 for 2021-22**
**Letter No. 3816/Date: 01.12.2021**

1. Name of the work :- **Building Works**
2. Total No. of works :- **2** Nos. (Three)
3. Estimated Cost :- **Rs.453.49** lakhs & Rs.515.46 lakhs (Approximately)
4. Eligible Class of Contractor :- 'A' & 'Special' Class
5. Period of Completion :- 18 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | Building On-line N.C.B. No.201 | Dt.07.12.2021 at 11.00 A.M. | Dt.21.12.2021 up to 5.00 P.M. | Dt.20.12.2021 up to 5.00 P.M. | Dt.22.12.2021 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0024/2122 Sd./- Chief Construction Engineer, R.W. Circle, Baripada



**Government of Odisha**
**Office of the Chief Construction Engineer**
**Rural Works Circle, Sambalpur**
**Tel.-0663-2548268, E-mail Id serwcirclesbp@yahoo.com**
**Bid Identification No. Road Tender Online RWCSBP-32/2021-22 No.: 3174 Dated: 26.11.2021**

No.O-1137:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 1 (One) No. group of Special Repair to Roads under Annual Maintenance Plan.

1. Name of work: Special Repair to Roads under Annual Maintenance Plan. 2. No. of works: 1 (One) No. as per DTCN. 3. Estimated cost: Approximately Rs.136.84 lakhs. 4. Class of contractor : 'B' and 'A'. 5. Cost of tender paper and mode of deposit: Rs.10,000/- per set (To be deposited Online) in favour of concerned Executive Engineer. 6. Mode of submission of tender : Tender should be submitted only online in website www.tendersorissa.gov.in (https//tendersodisha.gov.in).7. EMD and mode of deposit: No. EMD is required but bid security declaration should be furnished by the bidders as mentioned in DTCN. 8. Summary of key dates are provided below:

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-32/ 2021-22 | 06.12.2021 at 11.00 A.M. | 20.12.2021 upto 5.00 P.M. | 18.12.2021 upto 1.00 P.M. | 21.12.2021 at 11.00 A.M. | Will be intimated later |

* Further details can be seen from the e-procurement portal www.tendersorissa.gov.in (https//tendersodisha.gov.in). * Subsequent modification / corrigendum / addendum if required shall appear in website only. * The amount put to bid is exclusive of GST. * Bidder should inspect the Bridge before bidding and quote his rate accordingly.

**Sd./- Chief Construction Engineer, Rural Works Circle, Sambalpur**
OIPR-25091/11/0039/2122



बैंक ऑफ़ बड़ौदा Bank of Baroda

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail:armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-IV-A(ରୁଲ୍ ୬ (୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ, ରଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। ରଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍‌ର ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।

| କ୍ର. ନଂ. | ରଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦୀ ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
|---|---|---|---|---|---|---|---|
| ୧. | ରଣଗ୍ରହୀତା: ମେସର୍ସ ମୟୁର ପୋଲ୍ୟୁଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମଞ୍ଜମାଳା ଶତପଥି, ସ୍ୱାମୀ: ଶ୍ରୀ ସଦାଶିବ ଶତପଥି, ଜାମିନ୍‌ଦାରମାନେ: ୧) ଶ୍ରୀ ସନାତନ ମିଶ୍ର, ୨) ଶ୍ରୀ ସଦାନନ୍ଦ ଶତପଥି, ୩) ଶ୍ରୀମତୀ ଅମ୍ବିକା ଶତପଥି, ସମସ୍ତଙ୍କ ଠିକଣା-ସା: ଜଗନ୍ନାଥପୁର, ସରଗଲାଞ୍ଜି, ପୋ: ମେଦିନୀପୁର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୨। | ସମ୍ପତ୍ତି-୧: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଜଗନ୍ନାଥପୁର, ଥାନା: ଭବାନୀପାଟଣା, କଳାହାଣ୍ଡି, ଖାତା ନଂ.: ୧୧୧, ପ୍ଲଟ୍ ନଂ.: ୪୦୯, ୪୧୦, ୪୧୨, କ୍ଷେତ୍ର: ଏକର ୦.୩୩୦ ଡିସିମିଲ। | ଟ.୧,୧୬,୪୩,୦୦୦.୦୦ + ୩୧.୧୨.୨୦୧୬ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| | | ସମ୍ପତ୍ତି-୨: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଯାହାର ମୌଜା: ଭବାନୀପାଟଣା, ଇରିଗେସନ କଲୋନୀ, କଳାହାଣ୍ଡି, ଖାତା ନଂ.: ୧୮୯/ ୧୦୬, ପ୍ଲଟ୍ ନଂ.: ୨୦୯/୧୧୩୮, କ୍ଷେତ୍ର: ଏକର ୦.୨୫ ଡିସିମିଲ। | | | ଟ.୭୨,୦୦,୦୦୦/- / ଟ.୭,୨୦,୦୦୦/- / ଟ.୧୦,୦୦୦/- | | |
| ୨. | ରଣଗ୍ରହୀତା: ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ., ପ୍ଲଟ୍ ନଂ.: ୧୭୯୭, ଖାତା ନଂ.: ୬୯୬, ମୌଜା: କୁରାଙ୍ଗ ପ୍ରଧାନ, ତହସିଲ: ବାରଙ୍ଗ, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୦୧ / ନିର୍ଦ୍ଦେଶକ ଏବଂ ଜାମିନଦାରମାନେ: ୧) ଶ୍ରୀ ସୁନିଲ କୁମାର ପଣ୍ଡା, ପିତା: ୰ ବିଜୟ କୁମାର ପଣ୍ଡା, ୨) ଶ୍ରୀମତୀ ବିଦ୍ୟୁତ ରେଖା ପଣ୍ଡା, ଉଭୟଙ୍କ ଠିକଣା-ସା: ଡୁପ୍ଲେକ୍ସ-୧୦, ଗାୟତ୍ରୀ ନଗର, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୦। | ସମୁଦାୟ କ୍ଷେତ୍ର: ଏକର ୨.୦୦ ଡିସିମିଲ (କ) ଲିଜର ହିସାବରେ ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ. ନାମରେ ଏକର ୦.୨୫୨୯ ଡିସିମିଲ ଏବଂ ଖ) ଜମିର ଫ୍ରି ହୋଲ୍ଡ ଅଂଶ ଭାବେ ସୁନିଲ କୁମାର ପଣ୍ଡାଙ୍କ ନାମରେ ଏକର ୧.୭୪୭୧ ଡିସିମିଲ} ଜମି ଏବଂ ଗୃହ ଯାହାର ମୌଜା: କୁରାଙ୍ଗ ପ୍ରଧାନ, ଥାନା: କଟକ ସଦର ନଂ.: ୧୭୯, ତହସିଲ: ବାରଙ୍ଗ ନଂ.: ୩୭୬, କଟକ, ଖାତା ନଂ.: ୬୯୬, ପ୍ଲଟ୍ ନଂ.: ୧୭୯୭। | ଟ.୩,୩୭,୪୨,୮୦୯.୦୦ + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୭୫,୨୯,୦୦୦/- / ଟ.୨୭,୫୨,୯୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୩. | ରଣଗ୍ରହୀତା: ମେସର୍ସ ମାଳତୀ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପୁରବୀ ବାରିକ, ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ବାରିକ / ଜାମିନଦାର: ଶ୍ରୀ ପ୍ରଦୀପ କୁମାର ବାରିକ, ପିତା: ୰ ରାମ ଚନ୍ଦ୍ର ବାରିକ, ସମସ୍ତଙ୍କ ଠିକଣା-ସା: ମାଇନିଙ୍ଗ ରୋଡ୍, ପୋ: କେନ୍ଦୁଝରଗଡ଼, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୦୧ | ଶ୍ରୀମତୀ ପୁରବୀ ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତଳଚମ୍ପେଇ, ଥାନା: ସଦର ନଂ.: ୪, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ଖାତା ନଂ.: ୮୬/୧୭, ପ୍ଲଟ୍ ନଂ.: ୯୯, କ୍ଷେତ୍ର: ଏକର ୨.୩୨୩ ଡିସିମିଲ, ଖାତା ନଂ.: ୮୬/୧୬, ପ୍ଲଟ୍ ନଂ.: ୯୯/୮୬୨, କ୍ଷେତ୍ର: ଏକର ୦.୨୪୭ ଡିସିମିଲ ଏବଂ ପ୍ଲଟ୍ ନଂ.: ୧୦୦, କ୍ଷେତ୍ର: ଏକର ୦.୩୪୬ ଡିସିମିଲ, ସମୁଦାୟ କ୍ଷେତ୍ର: ଏକର ୨.୯୧୬ ଡିସିମିଲ (ସେଲ୍ ଡିଡ୍ ଅନୁଯାୟୀ)। | ଟ.୫୪,୧୮,୧୫୯.୭୩ + ୦୧.୦୭.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୯,୫୦,୦୦୦/- / ଟ.୨,୯୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୪. | ରଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲସ୍ ପ୍ରା. ଲିଃ., ତଳ ମହଲା, ବସୁନ୍ଧରା ବିଲ୍ଡିଙ୍ଗ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁ ରାଓ, ପିତା: ଏମ୍. କୁପୋସ୍ୱାମୀ, ୨) ଶ୍ରୀମତୀ ଏମ୍. ଭାନୀ, ସ୍ୱାମୀ: ଏମ୍. ବାବୁ ରାଓ, ଉଭୟ ମାର୍ଫତ: ଡା. ବି. କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆଶାସନ, ଢ଼େଙ୍କାନାଳ-୭୫୯୦୦୧, ୩) ଶ୍ରୀ ହେମନ୍ତ କୁମାର ମହାନ୍ତି, ପିତା: ଶରତ ଚନ୍ଦ୍ର ମହାନ୍ତି, ମୀନା ବଜାର, ଢ଼େଙ୍କାନାଳ-୭୫୯୦୦୧, ୪) ଶ୍ରୀ ଭି. ସୁରେଶ, ମାର୍ଫତ: ଏସ୍. କେ. ଆଗର୍ୱାଲ୍, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ୫) ଶ୍ରୀ ଏମ୍. ଶାମ୍ଭା ଶିଭା ରାଓ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ, ଚେଞ୍ଚୁପେଟା, ସା/ପୋ: ଟେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, ୬) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ପିତା: ବୈକୁଣ୍ଠ ନାଥ ମହାନ୍ତି, ସା/ପୋ: ଗୋବିନ୍ଦପୁର, ଜିଲ୍ଲା: ଢ଼େଙ୍କାନାଳ-୭୫୯୦୦୧, ୭) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପିତା: ଭାଲୁ ବିଶ୍ୱାଳ, ୮) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ମହିଷାପାଟ, ଢ଼େଙ୍କାନାଳ -୭୫୯୦୦୧, ୯) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିପ୍ତୀଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷିତୀଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧୀରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନୀରେନ କୁମାର ପଟ୍ଟନାୟକ, ସମସ୍ତଙ୍କ ପିତା: ଚକ୍ରଧର ପଟ୍ଟନାୟକ, ମୀନା ବଜାର, ଗାନ୍ଧୀମନ୍ଦିର ରୋଡ୍, ଢ଼େଙ୍କାନାଳ-୭୫୯୦୦୧। | ଶ୍ରୀ ଏମ୍. ବାବୁ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ.: ୧୨, ବ୍ଲକ୍ ନଂ.: ୫, ତହସିଲ୍ ନଂ.: ୨୯୩, ମ୍ୟୁନିସିପାଲ୍ ଡୋର ନଂ.: ୪-୧୪/୫/୨, କାକୁମନୁଭରି ଷ୍ଟ୍ରିଟ୍, ଇଟାନଗର, ତେନାଲି ଟାଉନ୍, ଗୁଣ୍ଟୁର ଜିଲ୍ଲା, ଆନ୍ଧ୍ର ପ୍ରଦେଶ। | ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୩,୫୦,୦୦୦/- / ଟ.୨,୩୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) and (https://ibapi.in) ଦେଖନ୍ତୁ। ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ

**ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ:**

୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ / ନାକଚ / ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡାକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି।

୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି। ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବତା/ବିଫଳତା ଏବଂ ଇଏମ୍‌ଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ। ନିଲାମ ତାରିଖ ଓ ସମୟରେ ବିଡ଼ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ।

**ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ରଣଗ୍ରହୀତା/ ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫/୩୦ ଦିନିଆ ନୋଟିସ୍।**

ତାରିଖ: ୦୪.୧୨.୨୦୨୧, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଗୃହରେ ଘଣ୍ଟ...

ପ୍ରଥମ ପୃଷ୍ଠାରୁ...

ସେ ଗୃହ ବିଭାଗ ମନ୍ତ୍ରୀ ଅଛନ୍ତି ତାଙ୍କୁ ଗିରଫ କରାଯାଉନାହିଁ। ସେ ଗୃହରେ ଉପସ୍ଥିତ ଅଛନ୍ତି ବିଧାନସଭା ହେଉଛି ସାଢେ ୪ କୋଟି ଲୋକଙ୍କ ମନ୍ଦିର। ସେହି ମନ୍ଦିର ଅପବିତ୍ର ହୋଇଯାଇଛି ତାହାକୁ ପବିତ୍ର କରିବା ପାଇଁ ତୁଳସୀ, ଗଙ୍ଗାଜଳ ଓ ଗୋମୂତ୍ର ମିଶାଇ ପାଣି ସିଞ୍ଚନ କଲୁ। ଆମେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛୁ, ସେ ତୁରନ୍ତ ବିଶ୍ୱାସଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ତାରା ଦାବି କରିଛନ୍ତି। ସବୁବେଳେ ବିଧାନସଭାରେ ନିଜ କୌତୁହଳପୂର୍ଣ୍ଣ ବ୍ୟବହାର ପାଇଁ ତାରା ବେଶ୍ ପରିଚିତ। ଏମିତି ଏକ ବ୍ରାହ୍ମଣ ବେଶକୁ ନେଇ ତାରା ଡ୍ରାମା କରୁଥିବା ଶାସକ ଦଳ ଅଭିଯୋଗ କରୁଥିବା ପ୍ରଶ୍ନର ଉତ୍ତରରେ ତାରା କହିଛନ୍ତି, ମୁଁ ଜଣେ ବ୍ରାହ୍ମଣ, ତେଣୁ ବ୍ରାହ୍ମଣ ବେଶରେ ଆସିଲି ସବୁ ଧର୍ମର ବିଧାୟକ ନିଜ ନିଜ ଶୈଳୀରେ ପୂଜା କଲେ। ଡ୍ରାମା ମୁଁ ପିଲା ଦିନେ କରୁଥିଲି, ଏବେ ଛାଡ଼ିଦେଇଛି ବୋଲି ସେ କହିଥିଲେ।

ବିରୋଧୀ ମୁଖ୍ୟମନ୍ତ୍ରୀଙ୍କୁ ବିଶ୍ୱାସକୁ ନେଉନାହାନ୍ତି କି ତାଙ୍କ ପରାମର୍ଶକୁ ଗ୍ରହଣ କରୁନାହାନ୍ତି ଫଳରେ ଶୀତ ଅଧିବେଶନ ଆରମ୍ଭରୁ ଲଗାତର ଗୋଟିଏ ପ୍ରସଙ୍ଗକୁ ନେଇ ଗୃହ ଅଚଳ ହେଉଛି। ବିରୋଧୀ ଓ ଶାସକ ପରସ୍ପରକୁ ଦୋଷ ଦେଇ ଚାଲିଥିବା ବେଳେ ବିଜେଡିସରକାର ଅର୍ଥରେ ଚାଲୁଥିବା ବିଧାନସଭା ଅଧିବେଶନ ଏକ ପ୍ରହସନରେ ପରିଣତ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ୧୦ ସୂତ୍ରୀ ରିପୋର୍ଟ...

ଆଇଆଇସିଙ୍କୁ ବ୍ୟକ୍ତିଗତଭାବେ ହାଜର ହେବାକୁ ଆଦେଶ ଦେଇଥିଲେ ଏହାସତ୍ତ୍ୱେ ସେ କୋର୍ଟରେ ହାଜର ନ ହୋଇ ପୁଣି ସମୟ ମାଗିଥିଲେ। ବାରମ୍ବାର ତାରିଖ ସତ୍ତ୍ୱେ ପୁନଃ ତଦନ୍ତ ରିପୋର୍ଟ ଏବଂ ମନ୍ତ୍ରୀ ଜେନାଙ୍କ ୨ ସହଯୋଗୀ ତଥା ପିଏ ଉମାକାନ୍ତ ବିଶ୍ୱାଳ (ବାପି), ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଓ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ୍ ଡିଟେଲ ରେକର୍ଡ(ସିଡିଆର୍) ସହ କେସ୍ ଡାଏରି ଦାଖଲ କରାଯାଉ ନ ଥିବାରୁ ପୋଲିସକୁ କୋର୍ଟ ଭର୍ତ୍ସନା କରିଛନ୍ତି। ଏଥିସହିତ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ତାର କାରଣ ଦର୍ଶାଇବାକୁ ନୋଟିସରେ କହିଛନ୍ତି। ମାହାଙ୍ଗା ଥାନା ଅଧିକାରୀ ମହାନ୍ତିଙ୍କୁ ପଚାରିବାରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମିଳିଲେ କୋର୍ଟରେ ତଥ୍ୟ ଦାଖଲ କରାଯିବ। ତେବେ ଅଦାଲତଙ୍କ ନିର୍ଦ୍ଦେଶନାମା ସେ ପାଇ ନ ଥିବାରୁ ସେ ସମ୍ପର୍କରେ କିଛି କହିବାକୁ ମନା କରିଦେଇଛନ୍ତି।

## ବରିଷ୍ଠ ସାମ୍ବାଦିକ...

ଦିଲ୍ଲୀର ଶରଣାର୍ଥୀ କଲୋନୀରୁ ଆସି ୪୨ ବର୍ଷ ମଧ୍ୟରେ ସେ ସାମ୍ବାଦିକତାର ଶିଖରକୁ ଛୁଇଁଥିଲେ ଏବଂ ସର୍ବଦା ସତ୍ୟର ସହ ଥିଲେ ବୋଲି ମଲ୍ଲିକା କହିଛନ୍ତି। ଦିଲ୍ଲୀର ଲୋଧି ଶ୍ମଶାନରେ ରବିବାର ତାଙ୍କ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ଝିଅ କହିଛନ୍ତି। ଗତ ଜୁନ୍‌ରେ ସ୍ୱର୍ଗତ ଦୁଆଙ୍କ ସ୍ତ୍ରୀ ରେଡିଓଲୋଜିଷ୍ଟ ପଦ୍ମାବତୀ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିଲେ। ଟିଭି ଜର୍ନାଲିଷ୍ଟ ଭାବେ ବିନୋଦ ଦୁଆ କ୍ୟାରିୟରର ଅଧିକ ସମୟ ଦୂରଦର୍ଶନ ଓ ଏନ୍‌ଡିଟିଭିରେ କାମ କରିଥିଲେ। ଏଥିସହ ଅନ୍ୟ ଚ୍ୟାନେଲ ଏବଂ ପୋର୍ଟାଲରେ ମଧ୍ୟ ସେ ଅନେକ ଶୋ' କରିଛନ୍ତି। ୧୯୯୬ରେ ପ୍ରଥମ ଇଲେକ୍ଟ୍ରୋନିକ୍ ମିଡିଆ ଜର୍ନାଲିଷ୍ଟ ଭାବେ ସେ ରାମନାଥ ଗୋଏଙ୍କା ଏକ୍ସିଲେନ୍ସ ପୁରସ୍କାର ପାଇଥିଲେ। ୨୦୦୮ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିଲେ। ନିକଟରେ ଡିଜିଟାଲ ମିଡିଆ ପ୍ଲାଟଫର୍ମ ଦି ୱେୟାର ଏବଂ ଏଚ୍‌ଡବ୍ଲ୍ୟୁ ନ୍ୟୁଜ୍‌ରେ ପଲିଟିକାଲ କମେଣ୍ଟ୍ରି ପାଇଁ ସେ ଚର୍ଚ୍ଚାରେ ଥିଲେ। ତାଙ୍କର ଦୁଇ ଝିଅ ଅଛନ୍ତି। ବକୁଲ ଦୁଆ ଜଣେ ସାଇକୋଲୋଜିଷ୍ଟ ଏବଂ ମଲ୍ଲିକା ଦୁଆ ଜଣେ କମେଡିଆନ।

## ପ୍ରଫେସର ତ୍ରିଲୋଚନ...

ପୁଅ ଅଶୋକ କୁମାର ପ୍ରଧାନ ମୁଖାଗ୍ନି ଦେଇଥିଲେ। ପ୍ରଫେସର ପ୍ରଧାନଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ଶୋକବ୍ୟକ୍ତ କରିଛନ୍ତି। ବିଜ୍ଞାନ ଜଗତ ପ୍ରତି ତାଙ୍କର ବହୁମୂଲ୍ୟ ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ପ୍ରଫେସର ପ୍ରଧାନ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ଘନଶାଳିଆ ଗ୍ରାମରେ ୧୯୨୯ ଜାନୁୟାରୀ ୩ରେ ଜନ୍ମ ଗ୍ରହଣ କରିଥିଲେ। ନୟାଗଡ଼ ହାଇସ୍କୁଲ୍‌ରୁ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍‌ଶା କଲେଜରୁ ପଦାର୍ଥ ବିଜ୍ଞାନ ଅନର୍ସରେ ସ୍ନାତକ ହାସଲ କରିଥିଲେ। ବେଷ୍ଟ ଗ୍ରାଜୁଏଟ୍ ଭାବେ 'ମୟୂରଭଞ୍ଜ ସ୍ୱର୍ଣ୍ଣପଦକ' ପାଇଥିବା ପ୍ରଧାନ ୧୯୫୧ରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ବିଜ୍ଞାନରେ ର୍ୟାଙ୍କ୍ ୧ରେ ସ୍ନାତକୋତ୍ତର ଶେଷ କରିଥିଲେ। ସେହିବର୍ଷ ସେ ରେଭେନ୍‌ଶା କଲେଜରେ ଜଣେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ୧୯୫୩ରେ ସେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟରୁ 'ପିଏଚ୍‌ଡି' କରି ପୁଣି ୧୯୫୮ରେ ରେଭେନ୍‌ଶାର ଅଧାପନା ଚାକିରିକୁ ଫେରିଥିଲେ। ଏହାପରେ ୧୯୬୨ରେ ସେ କୋଲକାତାର 'ଶାହା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିଅର ଫିଜିକ୍ସ'ର 'ଥିଓ-ରେକ୍ଟିକାଲ୍ ନ୍ୟୁକ୍ଲିଅର୍ ଫିଜିକ୍ସ ଡିଭିଜନ୍'ରେ ଜଣେ ସହକାରୀ ପ୍ରାଧାପକ ଭାବେ ଯୋଗଦେଇଥିଲେ। ମାତ୍ର କିଛିବର୍ଷ ଭିତରେ ସେ ପ୍ରଫେସର ହେବା ସହ ଏହାର ମୁଖ୍ୟ ଭାବେ ୧୯୭୪ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ଏହା ପରେ ସେ ଭୁବନେଶ୍ୱରରେ ନୂଆକରି ସ୍ଥାପିତ ହୋଇଥିବା 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ'ର ପ୍ରତିଷ୍ଠାତା ନିର୍ଦ୍ଦେଶକ (୧୯୭୪-୮୯) ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରୁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ରହି ୧୯୯୧ରେ ଅବସର ଗ୍ରହଣ କରିଥିଲେ। ପ୍ରଫେସର ପ୍ରଧାନଙ୍କ ରଚିତ ଦୁଇଟି ପ୍ରସିଦ୍ଧ ପୁସ୍ତକ ହେଉଛି ନ୍ୟୁୟର୍କର ନୋଭା ସାଇନ୍ସ ପବ୍ଲିସର୍ସ ଦ୍ୱାରା ପ୍ରକାଶିତ 'ଦି ଫୋଟନ୍' ଏବଂ ହାଇଦ୍ରାବାଦ ୟୁନିଭର୍ସିଟି ପ୍ରେସ୍ ଦ୍ୱାରା ପ୍ରକାଶିତ 'କ୍ୱାଣ୍ଟମ୍ ମେକାନିଜମ୍'। ତେବେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପଦାର୍ଥ ବିଜ୍ଞାନୀଙ୍କୁ ଭାରତ ସରକାର ୧୯୯୦ରେ 'ପଦ୍ମଭୂଷଣ' ସମ୍ମାନରେ ସମ୍ମାନିତ କରିଥିଲେ। ଏଥିସହ ତାଙ୍କୁ ୧୯୮୦ରେ 'ମେଘନାଦ ଶାହା', ୨୦୧୮ରେ 'କଳିଙ୍ଗ ରତ୍ନ', ୨୦୧୪ରେ 'କଳିଙ୍ଗ ପୁରସ୍କାର' ସମେତ ବହୁ ସମ୍ମାନ ମିଳିଥିଲା। ତାଙ୍କ ବିୟୋଗରେ ଜନ୍ମ ମାଟିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ପୂର୍ବତନ ଉପବାଚସ୍ପତି ତଥା ମନ୍ତ୍ରୀ ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ପୂର୍ବତନ ବିଧାୟିକା ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଆନ୍ଦୋଳନରୁ ଓହରିପାରନ୍ତି...

ଆନୁଷ୍ଠାନିକ ଭାବେ ଉଚ୍ଛେଦ ହୋଇଛି। ତେବେ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ସମେତ ଅନ୍ୟ ଦାବିଗୁଡ଼ିକୁ ନେଇ କୃଷକ ସଙ୍ଗଠନଗୁଡ଼ିକ ଜିଦ୍‌ରେ ଅଟଳ ଥିବାରୁ ଆନ୍ଦୋଳନ ଶେଷ ହୋଇନାହିଁ। ସରକାର ସେସବୁକୁ ମାନିନେଲେ ଚାଷୀ ଦିଲ୍ଲୀର ସିଂଘୁ, ଟିକ୍ରି ଓ ଗାଜିପୁର ସୀମା ଖାଲି କରିବେ।

# ଝୋଡ଼ିଆଙ୍କୁ ଏସ୍‌ଟି ମାନ୍ୟତା ଲାଗି ବିଲ୍ ଆଣିଲେ ଉଲାକା

**ନୂଆଦିଲ୍ଲୀ,୪।୧୨**

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ଝୋଡ଼ିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗରେ ସାମିଲ କରିବା ଲାଗି କୋରାପୁଟରେ କଂଗ୍ରେସ ଏମ୍‌ପି ସପ୍ତଗିରି ଉଲାକା ଶୁକ୍ରବାର ଲୋକ ସଭାରେ ଏକ ବିଲ୍ ଆଣିଛନ୍ତି। ସମ୍ବିଧାନ (ଅନୁସୂଚିତ ଜନଜାତି) ନିର୍ଦ୍ଦେଶନାମା, ୧୯୫୦ରେ ସଂଶୋଧନ ଲାଗି କଂଗ୍ରେସ ଏମ୍‌ପି ଆଣିଥିବା ବିଲ୍‌ରେ ଝୋଡ଼ିଆ ଜନସଂଖ୍ୟା ଲକ୍ଷାଧିକ ବୋଲି ଉଲ୍ଲେଖ କରାଯାଇଛି। ପୂର୍ବରୁ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିଥିଲା ଏବଂ ୧୯୯୭ ପର୍ଯ୍ୟନ୍ତ ସେମାନେ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଉଥିଲେ। ପରେ ତାଙ୍କୁ ଅନୁସୂଚିତ ଜନଜାତି ତାଲିକାରୁ ବାଦ୍ ଦିଆଯାଇଥିଲା।

ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିରୁ ଝୋଡ଼ିଆମାନେ ହେଉଛନ୍ତି ଝୋଡ଼ିଆ ପରଜା ଆନ୍ତର୍ବିବାହୀ ସମ୍ପ୍ରଦାୟର ସଦସ୍ୟ ଓ ପରଜା ବଂଶର ଅଂଶବିଶେଷ। ଭାରତର ଅନୁସୂଚିତ ଜନଜାତି ତାଲିକାର ଓଡ଼ିଶା ରାଜ୍ୟ ଅନ୍ତର୍ଗତ କ୍ରମିକ ସଂଖ୍ୟା-୫୫ରେ ବିଜ୍ଞପିତ 'ପରୋଜା'ର ପ୍ରତିଶବ୍ଦ ଭାବେ ଝୋଡ଼ିଆଙ୍କୁ ସାମିଲ କରିବା ଲାଗି ବିଲ୍‌ରେ ଦର୍ଶାଯାଇଛି। ଏସ୍‌ଟି ବର୍ଗରେ ସାମିଲ ଲାଗି ୧୯୬୫ରେ ଲୋକୁର କମିଟି ପ୍ରସ୍ତାବିତ ସମସ୍ତ ମାନଦଣ୍ଡ ଝୋଡ଼ିଆ ସମ୍ପ୍ରଦାୟ ପାଖରେ ରହିଛି। ଏମାନଙ୍କର ଜୀବନଶୈଳୀ, ପାରମ୍ପରିକ ସଂସ୍କୃତି, ଆଦିମ ଲକ୍ଷଣ, ଭୌଗୋଳିକ ସ୍ୱତନ୍ତ୍ରତା, ଶିକ୍ଷା ଏବଂ ଆର୍ଥିକ ସ୍ଥିତି ଆଦିବାସୀଙ୍କ ସହ ସମାନ। ଏସ୍‌ଟି ତାଲିକାରେ ସେମାନଙ୍କୁ ସାମିଲ କରା ନ ଯିବା ଅର୍ଥ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ କରିବା। ପୂର୍ବରୁ ଓଡ଼ିଶା ସରକାର ଝୋଡ଼ିଆଙ୍କୁ ପରୋଜା ପ୍ରତିଶବ୍ଦ ଭାବେ ସାମିଲ କରିବା ଲାଗି ଲେଖିଥିଲେ। ରାଜସ୍ୱ ବିଭାଗ କର୍ମଚାରୀ ରେକର୍ଡ ଅଫ୍ ରାଇଟ୍‌ସ ଲେଖିଲାବେଳେ ଭୁଲ୍‌ବଶତଃ ଝୋଡ଼ିଆ-ପରୋଜା ପରିବର୍ତ୍ତେ ଝୋଡ଼ିଆ ଲେଖିଦେଇଥିବା ବିଲ୍‌ରେ ଦର୍ଶାଯାଇଛି।

# ଭିକାରିଙ୍କଠାରୁ କୁଷ୍ଠରୋଗୀ ଅଧିକ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ରାଜ୍ୟରେ ଯେତିକି ଭିକାରି ଚିହ୍ନଟ ହୋଇଛନ୍ତି, ସେମାନଙ୍କଠାରୁ ଅଧିକ କୁଷ୍ଠରୋଗୀ ରହିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ରାଜ୍ୟର ୩୦ଟି ଜିଲାରେ ମୋଟ ୬୭୯୩ଜଣ ଭିକାରି ଚିହ୍ନଟ ହୋଇଥିବାବେଳେ ୨୨ଟି ଜିଲାରେ ୮୦୩୨ ଜଣ କୁଷ୍ଠରୋଗୀ ଅଛନ୍ତି। କଟକ ଜିଲାରେ ଉଭୟ କୁଷ୍ଠରୋଗୀ ଓ ଭିକାରିଙ୍କ ସଂଖ୍ୟା ସର୍ବାଧିକ ରହିଛି। କଟକ ଜିଲାରେ ସର୍ବାଧିକ ୨୧୬୪ ଜଣ କୁଷ୍ଠରୋଗୀ ଥିବାବେଳେ ଭିକାରିଙ୍କ ସଂଖ୍ୟା ବି ସର୍ବାଧିକ ୧୦୬୦ ରହିଛି। ତେବେ କୁଷ୍ଠରୋଗୀଙ୍କ ତାଲିକାରେ ଖୋର୍ଦ୍ଧା ଜିଲା ୯୯୩ ରେଗୀଙ୍କ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ପୁରୀରେ ୭୪୩, ସମ୍ବଲପୁରରେ ୫୯୯, ମୟୂରଭଞ୍ଜରେ ୫୨୩ ଓ ବରଗଡରେ ୫୦୩ ରହିଛନ୍ତି। ତେବେ ଭିକାରି ସଂଖ୍ୟାରେ ୫୯୫ ସହିତ ବରଗଡ଼ ଦ୍ୱିତୀୟ ସ୍ଥାନରେ ରହିଛି। ଗଞ୍ଜାମରେ ୫୪୫, ବଲାଙ୍ଗୀରରେ ୫୦୨ ଓ ଖୋର୍ଦ୍ଧାରେ ୪୧୮ଜଣ ଭିକାରି ଅଛନ୍ତି।

# ୨୦ ହଜାରରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ସ୍ଥାପନ ହେବ ଇ- ଚାର୍ଜିଂ ପଏଣ୍ଟ

**ନୂଆଦିଲ୍ଲୀ,୪।୧୨**



ଦେଶର ପରିବେଶ ସୁରକ୍ଷା ସାଙ୍ଗକୁ ତୈଳ ସଙ୍କଟ ଦୂର ପାଇଁ ସରକାର ଇ- ଯାନକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ବୈଦ୍ୟୁତିକ ଯାନକୁ ଅଧିକରୁ ଅଧିକ ବିସ୍ତାର କରିବାକୁ ସରକାର ବିଭିନ୍ନ ଯୋଜନା କରୁଥିବା ଜଣାପଡ଼ିଛି। ଏହିବର୍ଗର ଯାନବାହନର ମୂଲ୍ୟ ଉପରେ ରିହାତି ସହିତ ଇ-ଯାନ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ଭଳି ଯୋଜନା ସାରା ଦେଶରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଭାରିଶିଳ୍ପ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ଶନିବାର ସୂଚନା ଦେଇ କହିଛନ୍ତି, ଅଟୋମୋବାଇଲ ରିସର୍ଚ୍ଚ ଆସୋସିଏଶନ ଅଫ୍ ଇଣ୍ଡିଆ ଇ-ଯାନ ପାଇଁ ଦ୍ରୁତ ଚାର୍ଜର ବିକାଶ କରୁଛି। ସେହିଭଳି ସାରା ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକରେ ଇ ଚାର୍ଜିଂ ଷ୍ଟେଶନ ସ୍ଥାପନ ପାଇଁ ମଧ୍ୟ ସରକାର ଯୋଜନା କରୁଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁସାରେ ସମଗ୍ର ଦେଶରେ ୨୦ ହଜାରରୁ ଊର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ଇ-ଯାନ ଚାର୍ଜର ସ୍ଥାପନ ପାଇଁ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ସହ ଆଲୋଚନା କରାଯାଇଛି। ସେହିପରି ବର୍ତ୍ତମାନ ରାଜପଥରେ ପ୍ରତ୍ୟେକ ୨୫ କିଲୋମିଟର ଦୂରତାରେ ଏକ ଚାର୍ଜିଂ ଷ୍ଟେଶନ ସ୍ଥାପନ କରିବାକୁ ଯୋଜନା ହୋଇଥିବା ବେଳେ ସହରଗୁଡିକରେ ୩ କିଲୋମିଟର ପରିସୀମା ମଧ୍ୟରେ ଗୋଟିଏ ପଏଣ୍ଟ ରହିବ ବୋଲି ସୂଚନା ମିଳିଛି।


## PANCHAYAT SAMITI, JEYPORE

**Identification No.01 of 2021-2022 of B.D.O., JEYPORE**
**No.3072/2021 Dated 04.12.2021**

No.i-237:- The Block Development Officer, JEYPORE invites % Rate of bids on behalf of Governor of Odisha in conformity with the terms and conditions of D.T.C.N. from the eligible civil contractors as mentioned in column (4), registered with the Odisha State Govt. and contractors of equivalent grade / class registered with Central Govt. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No. | Name of the work | Amount put to tender (Approx. in Lakhs) | Class of contractor | Cost of tender paper with 5% VAT | E.M.D. (Bid Security) in Rs. | Period of completion (Calendar month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Construction of Mission Shakti Bhawan at Jeypore Block | 31,57,557 | 'C' & 'B' | 6000/- | 31,600/- | 06 months |
| 02 | Const. of Day care PHC at PHC Putra | 68,93,025 | 'B' & 'A' | 10000/- | 70000/- | 06 months |
| 03 | Const. of Day care PHC at PHC Konga | 68,93,025 | 'B' & 'A' | 10000/- | 70000/- | 06 months |

**Terms & conditions:**

01. The details of work including the Tender paper, E.M.D. required, Class of contractor, Completion of time, Cost of tender paper etc. are available onthe Panchayat Samiti, JEYPORE from 06.12.2021 to 27.12.2021. 02. The cost of tender paper in shape of Bank Draft / Bankers cheque (drawn in any Nationalized Bank in favour of B.D.O. JEYPORE. Payable at State Bank of India, JEYPORE should be enclosed with the tender document in separate envelope mentioned cost of tender paper. 03. Sealed tender in complete shape will be received from 07.12.2021 to 27.12.2021 upto 1.00 P.M. in the Office ofthe Panchayat Samiti, JEYPORE through Registered Post / Speed Post (Working day only). Tender received by post after the stipulated date and time mentioned above will not be considered. Further that no tenders will be received by hand or by courier service. The undersigned will not be responsible for any delay in postal service. 04. The tender shall be opened on 27.12.2021 at 3.00 P.M. onwards in the office chamber of the B.D.O., JEYPORE in presence of the bidders or their authorized representatives having written authorization for the purpose. 05. The details of the tender work are available in the website 'http/www.koraput.nic.in'. 06. Other term & conditions are available in DTCN.

**Sd./- Block Development Officer, Jeypore**
OIPR-19065/11/0002/2122



## OFFICE OF THE DEAN & PRINCIPAL
## SLN MEDICAL COLLEGE & HOSPITAL, KORAPUT

**No. 4265/21** **Dt.03.12.2021**

### CORRIGENDUM NOTICE

No. E-694: With reference to this office advertisement No. 4050 Dt.23.11.2021 regarding Walk-in-Interview this is to notify that in the Term & Conditions the following corrections has been made which may please be read as "The age limit for candidtes is 32 years on date of advertisement. Relaxation of age shall be applicable for candidates belonging to SC/ST/OBC/SEBC/Women category as per rules" instead of "SC/ST/OBC/SEBC".

**Sd./- Dean and Principal**
**SLNMCH, Koraput**
**OIPR-10121/11/0013/2122**



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

**Mail Id: seccbbsr@gmail.com**
**E-procurement Tender Call Notice No. 10 of 2021-22**
**No. (Estg) Bhubaneswar the December- 2021**

No.B-731:- The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for eight number of Road works to be received in online bidding, double cover system for construction work as detailed in: https://tendersorissa.gov.in. The details of bid documents will be available in the above website from 5.00 P.M. of 10.12.2021 to 5.00 P.M. of 22.12.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 23.12.2021 in the Office of the Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / corrigendum, if required, will be available only in the website.

**Sd./- Er. T.K. Panda, Chief Construction Engineer,**
**Central (R&B) Circle, Bhubaneswar**
OIPR-34005/11/0011/2122



## MUNICIPAL COUNCIL, RAIRANGPUR

**Phone No.06794-222054, E-Mail ID: rairangpurn.hud@ori.nic.in/ rrpurnac@gmail.com**

### "e" PROCUREMENT NOTICE

**TENDER CALL NOTICE NO. 424/ DT.3.12.21**
No.C-1490:- **BID IDENTIFICATION NO.: T5RRP2021-22**

| | | | |
|---|---|---|---|
| 1. | Name of the work | : | Civil Works |
| 2. | Total No. works | : | 7 Nos. |
| 3. | Estimated cost | : | 1 to 17.74 lakhs |
| 4. | Class of contractors | : | As per DTCN |
| 5. | Period of completion | : | As per DTCN |
| 6. | Availability of tender offline for bidding | : | 06.12.2021 at 10 A.M. to 15.12.2021 upto 5.00 P.M. |
| 7. | Tender Box Offline Dropping | : | 16.12.2021 upto 5.00 P.M. |
| 8. | Date & time of opening of tender | : | 17.12.2021 at 11.00 A.M. |

Other details can be seen from the website www.tendersorissa.gov.in.

**Sd./- Executive Officer, Rairangpur Municipality**
OIPR-13106/11/0016/2122



## OFFICE OF THE NOTIFIED AREA COUNCIL, CHATRAPUR

Letter No.2289 Date: 03.12.2021

### 'e' Procurement Notice

**Tender Reference No. - CTP-NAC-05/2021-22**
**Bid Id No.-2021_ORULB_73441**

No.C-1485:- Bid documents consisting of work, Estimated cost, Cost of tender paper, EMD, Time of completion, Class of contractor and the set of term and conditions of contract and other necessary documents can be seen in Govt. website, i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the work | : | Civil work mentioned in DTCN |
| 2. | No. of work | : | 09 |
| 3. | Estimated cost | : | Rs.5.54 lakhs to 19.99 lakhs |
| 4. | Date & time of availability of bid document in the portal | : | From 11.00 A.M. of 04.12.2021 to 13.12.2021 upto 4.00 P.M. |
| 5. | Last date / time for receipt of bids in the portal | : | 13.12.2021 upto 4.00 P.M. |
| 6. | Bids received online shall be opened on | : | 13.12.2021 at 4.30 P.M. |

Further details can be seen from the e-procurement portal https://tendersorissa.gov.in.

**Sd./- Executive Officer, NAC, Chatrapur, Date 3.12.2021**
OIPR-13188/11/0005/2122



## OFFICE OF THE ROURKELA MUNICIPAL CORPORATION, ROURKELA

### INVITATION FOR BID

**No. 15346** **Dated: 01.12.2021**

**Bid Identification No. MC/RMC/49/2021**

No. C-1482: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/49/2021 for 01 No. Civil work with value of Rs.89.13 lakh.

1. Bid documents will be available in website **www.tendersorissa.gov.in** from 02.12.2021.
2. Bids must be submitted on "Online" on or before 15.12.2021 by 17.00 hours.
3. Bids shall be opened at 11.00 hours on 16.12.2021 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

OIPR-13131/11/0046/2122 **Sd./- Municipal Commissioner**
**Rourkela Municipal Corporation**



## WATER FOR ALL

### PUBLIC NOTICE

No. C-1496: Govt. of Odisha is implementing "BASUDHA" Mission to provide piped water supply connection to all households in all ULBs. It is reported that all the households/properties (100%) of Cuttack Municipal Corporation have been provided with piped water supply connections. Any house/property owner/ authorised person, who has not yet availed such connection till date may avail this facilities by registering at the nearest WATCO Office within 7 days to get the connection. After completing such registered cases or in the absence of any response to this office, this corporation will be declared as 100% covered under house connections.

**Contact Person Mobile No. 9861266655**
**Office of the General Manager, WATCO Division, Cuttack**

## ସମସ୍ତଙ୍କ ପାଇଁ ଜଳ

### ସର୍ବସାଧାରଣ ବିଜ୍ଞପ୍ତି

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗାଇଦେବା ନିମନ୍ତେ ଓଡ଼ିଶା ସରକାର "ବସୁଧା" ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ କଟକ ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କର ଦୃଷ୍ଟିକୁ ଆସିଅଛି।

ଏତଦ୍ୱାରା ଜଣାଇ ଦିଆଯାଉଛି କି, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରି ନାହାନ୍ତି, ତେବେ ସେମାନେ ସାତ ଦିନ ମଧ୍ୟରେ ନିକଟସ୍ଥ ୱାଟକୋ (WATCO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରିନିଅନ୍ତୁ। ଯଦି ଏହି ନୋଟିସ୍‌ର କୌଣସି ପ୍ରତିକ୍ରିୟା ନ ମିଳେ କିମ୍ବା ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

**ଯୋଗାଯୋଗ କରନ୍ତୁ: ୯୮୬୧୨୬୬୬୫୫**

**ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ: ୱାଟକୋ ବିଭାଜନ, କଟକ**

**Sd./- General Manager**
**WATCO Division, Cuttack**
**OIPR-13170/11/0015/2122**



## BHUBANESWAR DEVELOPMENT AUTHORITY

**Akash Shova Building, Sachivalaya Marg, Bhubaneswar - 751001**

**RFP No. 39739/** **Dated: 03.12.2021**
**File No. TPS/Planning - 06/2021**

### REQUEST FOR PROPOSALS (RFP) FOR "SELECTION OF AGENCY FOR IMPLEMENTATION OF TOWN PLANNING SCHEME NO. 11, 12 & 13 OF BDA IN BHUBANESWAR DEVELOPMENT PLAN AREA"

No. CAD-2156: Bhubaneswar Development Authority (BDA) invites Proposals for Selection of Agency for implementation of Town Planning Scheme No. 11, 12 & 13 of BDA in Bhubaneswar Development Plan area. The RFP Documents will be available from **03.12.2021 to 03.01.2022** in BDA website i.e. **bda.gov.in**. Any further intimation (i.e. Corrigendum/Addendum/Responses to the queries/clarifications) shall be uploaded in BDA website only.

The Pre-bid meeting is scheduled on **09.12.2021 at 04.30 P.M.** at the Conference Hall, 1st Floor of BDA Office. The last date of submission of proposals is **03.01.2022 till 03.00 P.M.** and the opening of Technical Proposal will be held on **03.01.2022 at 04.30 P.M.** Please refer the RFP documents for further details.

BDA reserves the right to accept or reject bid process without assigning any reason thereof.

**Sd./- Planning Member**
**Bhubaneswar Development Authority**
**OIPR-13033/11/0116/2122**



## ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି
ORMAS BHUBANESWAR
## ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
## ODISHA RURAL DEVELOPMENT & MARKETING SOCIETY

*creating competence and values in rural Odisha*
**Panchayati Raj and DW Department, Government of Odisha**

**No. 3421** **Date: 04.12.2021**

### REQUEST FOR PROPOSAL

**Selection of Agency for Establishment of Technical Support Agency (TSA) towards marketing & value chain development of Producer's Group and Producer's Companies under ORMAS**

No. i-239: **Odisha Rural Development & Marketing Society (ORMAS),** Panchayati Raj & DW Department, Govt. of Odisha invites sealed proposals from eligible bidders to carry out **"Selection of Agency for Establishment of Technical Support Agency (TSA) towards marketing & value chain development of Producer's Group and Producer's Companies under ORMAS"**. Bidders fulfilling the prescribed eligibility criteria of the RFP can access and download the complete RFP Document and other details from **www.ormas.org**.

The bid calendars under the end to end process are:

| Sl. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 4th December' 2021 |
| 2 | Last date for submission of Bid | 24th December' 2021 3 P.M. |
| 3 | Date of Opening of Technical Bid | 24th December' 2021 4 P.M. |
| 4 | Date of Opening of Financial Bid | 31st December' 2021 3 P.M. (Tentative) |

The proposal complete in all respects must reach the undersigned by **Speed Post/Registered Post/Drop in the Tender Box** only latest by **24th December 2021, 3 P.M.** in a sealed envelope clearly mentioning on the top of it **"REQUEST FOR PROPOSAL - Selection of Agency for Establishment of Technical Support Agency (TSA) towards marketing & Value Chain Development of Producer's Group and Producer's Companies under ORMAS"**. The proposals received beyond the last date and time will be rejected. The authority reserves the right to reject any/all proposals without assigning any reason thereof.

**Sd./- Chief Executive Officer**

**CC:** To the Notice Board of PR & DW Department, Government of Odisha/ORMAS/SIRD & PR and web hosting of the same in ORMAS/SIRD & PR website for wide publicity.

**OIPR-19004/11/0016/2122**



## OFFICE OF THE EXECUTIVE ENGINEER
## MINOR IRRIGATION DIVISION, DHENKANAL

**No. 2009** **e-Procurement Notice** **Dt.22.11.2021**

**Bid Identification No. - DMID/04/2021-22**
**e-mail ID: eemidkl@yahoo.co.in**

No. A-692: The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Improvement of Badjore MIP (Res.) near Village: Bandhanuagaon in Dhenkanal Block of Dhenkanal District under Critical Grant for the year 2021-22 |
| No. of Works | : | 01 (One) only |
| Estimated Cost | : | 49.73 lakh (Approximately) |
| Cost of Tender Paper | : | 6000/- (Non-refundable) |
| Period of Completion | : | 03 (Three) Calendar Months |
| Availability of bid documents for sale and receipt through online | : | From Dt.06.12.2021, 10.00 A.M. to Dt.15.12.2021 upto 5.00 P.M. |
| Last date/time of receipt of bids in the portal | : | 15.12.2021 (5.00 P.M.) |
| Date of opening of bid through Online | : | On Dt.16.12.2021 at 11.00 A.M. in the Office of the E.E., M.I. Division, Dhenkanal |
| Mode of payment of Bid Cost | : | Online |
| Date of Lottery | : | 20.12.2021 |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The details tender call notice can also be seen in the DOWR website **http:/dowrorissa.gov.in**. | | |
| Name & Address of the OIT | : | Executive Engineer, Minor Irrigation Division, Dhenkanal, At/P.O./District - Dhenkanal Ph. No./Fax No. 06762-224461 E-mail ID: **eemidkl@yahoo.co.in** |

Further details can be seen from the e-procurement market place **http://tendersorissa.gov.in**

**OIPR-32027/11/0003/2122** **Sd./- Executive Engineer,**
**M.I. Division, Dhenkanal**



**[GOVERNMENT OF ODISHA]** No. B-732

## OFFICE OF THE EXECUTIVE ENGINEER, BARGARH (R&B) DIVISION, BARGARH

**E-mail – eepwdbgh@gmail.com Phone/Fax-06646–234819**

### INVITATIONS FOR BIDS (I.F.B.)

**e-Procurement Notice**
**IDENTIFICATION NO.IFB-EE PWD BGH No.14 OF 2021-22**
**No. 4922 , Dated. 30.11.2021**

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System in **ONLINE MODE** for the **Road Work** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of Road work: – **10 Nos.**
3) Cost of Tender Paper: – **Rs.600/-, Rs.2,000/-, Rs.4,000/-, Rs.6,000/- & Rs.10,000/-**
4) Class of contractor:– **"A", "B", "C" & "D" Contractor**
5) Date & Time of available in website & receipt of Bids: – **11:00 Hrs. of 08/12/2021 to 17:00Hrs. of 15/12/2021.**
6) Date of opening of Technical Bid: – **16/12/2021at 11:30 Hrs.**
7) The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**
8) Any corrigendum / Addendum will be displayed in the website **https://tendersodisha.gov.in only**

OIPR-34039/11/0011/2122 **Sd./- Executive Engineer,**
**Bargarh (R&B) Division**


See Career Appointment on every Wednesday & Saturday



# ଆଜିଠୁ...

**ଜୀବନକୁ ସୁଖମୟ କରିବାକୁ ହେଲେ କେବଳ ବର୍ତ୍ତମାନକୁ ଗୁରୁତ୍ୱ ନ ଦେଇ ଭବିଷ୍ୟତକୁ ବି ସୁଦୃଢ଼ କରିବା ଆବଶ୍ୟକ। ଯେଉଁଥିପାଇଁ ସଞ୍ଚୟ ଆରମ୍ଭ କରିବା ଲାଗି ଯୁବାବସ୍ଥା ହିଁ ସଠିକ୍ ସମୟ...**




କୈଶୋରାବସ୍ଥା ବା ଯୁବାବସ୍ଥାକୁ ଅନେକେ ମଜାମସ୍ତିରେ ବିତାଇବାକୁ ପସନ୍ଦ କରନ୍ତି। ଆଉ ଏଥିପାଇଁ ଆଗ-ପଛ ବିଚାର ନ କରି ନିଜର ସମସ୍ତ ଆୟକୁ ମଧ୍ୟ ବ୍ୟୟ କରିବାକୁ ପଛାନ୍ତି ନାହିଁ। ବର୍ତ୍ତମାନର ଏହି ଖୁସି ଆଳରେ ଯେ ସେମାନେ ନିଜ ଭବିଷ୍ୟତ ପ୍ରତି ଅଣଦେଖା କରିବସନ୍ତି ସେ ଦିଗରେ ଅବଗତ ନ ଥା'ନ୍ତି। ହେଲେ ସୁଖମୟ ବର୍ତ୍ତମାନ ସହିତ ଏକ ସମୃଦ୍ଧ ଭବିଷ୍ୟତ ଲାଗି ଯୁବାବସ୍ଥାରୁ ହିଁ ସଞ୍ଚୟ ଆରମ୍ଭ କରିବା ବୁଦ୍ଧିମତ୍ତାର କାର୍ଯ୍ୟ....

**ଯୋଜନା କରନ୍ତୁ:** ଭବିଷ୍ୟତ ପାଇଁ ଲକ୍ଷ୍ୟ ରଖିଲେ ସଞ୍ଚୟ କରିବାକୁ ଆଗ୍ରହ ସୃଷ୍ଟି ହୋଇଥାଏ। ତେଣୁ ପ୍ରଥମେ ମନରେ ଏକ ଲକ୍ଷ୍ୟ ରଖି କ'ଣ ପାଇଁ ସଞ୍ଚୟ କରିବାକୁ ଚାହୁଁଛନ୍ତି ସ୍ଥିର କରନ୍ତୁ।

**ବଜେଟ ପ୍ରସ୍ତୁତ କରନ୍ତୁ:** ସଞ୍ଚୟ କରିବାକୁ ହେଲେ ବଜେଟ ସ୍ଥିର କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହି ବଜେଟ ଏପରି ହେବା ଦରକାର, ଯେଉଁଥିରେ ବ୍ୟୟ ସବୁବେଳେ ନିଜର ଆୟକୁ ଧ୍ୟାନରେ ରଖି ହେଉଥିବ। ଅନେକ ସମୟରେ ଦେଖାଯାଏ, ଯୁବପିଢ଼ି ଅନ୍ୟକୁ ଦେଖି କିମ୍ବା ବିଜ୍ଞାପନ ଦ୍ୱାରା ପ୍ରଭାବିତ ହୋଇ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରି ବସନ୍ତି। ହେଲେ ଏହା ପ୍ରକୃତରେ କେତେ ଆବଶ୍ୟକ ବିଚାର କରନ୍ତୁ, ନିଜ ବଜେଟ ଭିତରେ ଏହାକୁ ସୀମିତ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ବଳକା ଟଙ୍କାକୁ ଭବିଷ୍ୟତ ଲାଗି ସଞ୍ଚୟ କରନ୍ତୁ।

**ମାନସିକତାରେ ପରିବର୍ତ୍ତନ ଆବଶ୍ୟକ:** ଅଧିକାଂଶ ଯୁବପିଢ଼ି ଭାବନ୍ତି ସଞ୍ଚୟ କରିବା ଦ୍ୱାରା ନିଜ ଇଚ୍ଛା ଏବଂ ଆବଶ୍ୟକତା ଅପୂରଣୀୟ ରହିଥାଏ। ହେଲେ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ଛାତ୍ରୀଛାତ୍ର ହୋଇଥିଲେ ପକେଟ୍ ମନିରୁ ବି କିଛି ଖର୍ଚ୍ଚ କାଟ କରି ସଞ୍ଚୟ କରିପାରିବେ। ରୋଜଗାରକ୍ଷମ ହୋଇଥିଲେ ସଞ୍ଚୟ କରିବା ଲାଗି ସର୍ବପ୍ରଥମେ ଏକ ତାଲିକା ପ୍ରସ୍ତୁତ କରି ନିଜ ମାସିକ ଖର୍ଚ୍ଚ ଆକଳନ କରିବା ପରେ ଆନୁମାନିକ ବଳକା ଅର୍ଥକୁ ପ୍ରଥମେ ସଞ୍ଚୟ କରିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, ଖର୍ଚ୍ଚ କରିବା ପରେ ଯାହା ଟଙ୍କା ବଳୁଛି ସଞ୍ଚୟ ନ କରି ପ୍ରଥମେ କେତେ ଟଙ୍କା ସଞ୍ଚୟ କରିବେ ତାହା ସ୍ଥିର କରିବା ପରେ ବଳକା ଟଙ୍କାକୁ ଖର୍ଚ୍ଚ କରିବା ହିଁ ବୁଦ୍ଧିମତ୍ତାର କାମ।

**ଠିକ୍ ଭାବେ ସଞ୍ଚୟ ଗୁରୁତ୍ୱପୂର୍ଣ୍ଣ:** ସଞ୍ଚିତ ଅର୍ଥକୁ ଘରେ ନ ରଖି ବ୍ୟାଙ୍କ୍, ପୋଷ୍ଟ ଅଫିସ୍ ଆଦିରେ ଜମାରଖିଲେ ସୁଧ ମଧ୍ୟ ପାଇପାରିବେ। ଏଥିପାଇଁ ବର୍ଷକୁ ଥରେ କିମ୍ବା ଦୁଇଥର ଟଙ୍କା ନ ରଖି ପ୍ରତିମାସରେ ଅଳ୍ପ ଅଳ୍ପ ଟଙ୍କା ଆର୍‌ଡି (ରିକରିଂ ଡିପୋଜିଟ୍) ଆକାରରେ ଜମା କରିବା ସହଜ ହେବ। ଅଧିକ ଦିନ ଯାଏ ରଖିବାକୁ ଚାହୁଁଥିଲେ ଏଫ୍‌ଡି କିମ୍ବା ଅନ୍ୟାନ୍ୟ ଡିପୋଜିଟ୍ ପ୍ଲାନ୍, ପେନ୍‌ସନ୍ ପ୍ଲାନ୍ ଆଦି ମଧ୍ୟ ଏକ ଭଲ ଉପାୟ। ଆପଣ ଚାହିଁଲେ ଶେୟାର ମାର୍କେଟ, ରିୟଲ ଇଷ୍ଟେଟ୍, ମ୍ୟୁଚୁଆଲ ଫଣ୍ଡ ଭଳି ସଂସ୍ଥାରେ ବି ଟଙ୍କା ଇନ୍‌ଭେଷ୍ଟ କରିପାରିବେ। ହେଲେ ଅଧିକ ରିଟର୍ନ ପାଇବା ଆଶାରେ ଏଥିରେ ଟଙ୍କା ନିବେଶ କରୁଥିଲେ ସତର୍କ ରୁହନ୍ତୁ ଏବଂ କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନିଅନ୍ତୁ।





## କ'ଣ କୁହନ୍ତି ଏମାନେ...



**ରାକ୍ଷୀରାଣୀ ତରାଇ** (ଯାଜପୁର)- ଏବେ ଘରେ ରହି ପାଖ ବଜାରକୁ କମ୍ପ୍ୟୁଟର ଶିଖିବାକୁ ଯାଉଛି। ପ୍ରତିଦିନ ମମି କିଛି କିଛି ହାତ ଖର୍ଚ୍ଚ ପାଇଁ ଦିଅନ୍ତି। ହେଲେ, ସେଥିରୁ ବେଶି ଖର୍ଚ୍ଚ କରେ ଓ କିଛି ସଞ୍ଚୟ କରେ। ବଜାରକୁ ସାଙ୍ଗମାନଙ୍କ ସହ ଗଲେ ବିଭିନ୍ନ ଜିନିଷ କିଣିବାକୁ ଆଉ ଖାଇବାକୁ ଇଚ୍ଛା ହୁଏ। ଘର ପାଇଁ ବି ଅନେକ ସମୟରେ ନୂଆ ନୂଆ ଜିନିଷ ନେଇ ଆସେ। ତେଣୁ ସଞ୍ଚୟ କରିବାକୁ ଚାହିଁଲେ ମଧ୍ୟ କରିପାରେ ନାହିଁ। ବେଳେବେଳେ ବଦଖର୍ଚ୍ଚ କରିଦିଏ ବୋଲି ମମି ଗାଳି କରନ୍ତି। ହେଲେ ଧୀରେ ଏହି ଅଭ୍ୟାସ ପରିବର୍ତ୍ତନ କରି ସଞ୍ଚୟ କରିବାକୁ ଭାବିଛି।



**ସୁବ୍ରତ କୁମାର ରାଉଳ** (ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର)- ଘରର ସବୁ ଦାୟିତ୍ୱ ମୋ ଉପରେ ଥିବାରୁ ସଞ୍ଚୟକୁ ବେଶି ପ୍ରାଧାନ୍ୟ ଦେଉଛି। ବଦ୍‌ଖର୍ଚ୍ଚ ଆଦୌ କରେନି। ଏକଥା ସତ ଯେ, ଘରେ ଥିବା ଅପେକ୍ଷା ଏବେ ହଷ୍ଟେଲରେ ରହୁଥିବାରୁ ଖର୍ଚ୍ଚ ଟିକେ ବଢ଼ିଯାଇଛି। ଇଚ୍ଛା ନ ଥିଲେ ବି ସାଙ୍ଗମାନଙ୍କ ସହ ବୁଲିଗଲା ବେଳେ ଅଧିକ ଖର୍ଚ୍ଚ ହୋଇଯାଉଛି। ସେଥିପାଇଁ ଜଗି ରଖି ଖର୍ଚ୍ଚ କରୁଛି। ଯେତେବେଳେ ବି ଘରକୁ ଆସେ, ପାଖରେ ସଞ୍ଚୟ କରି ରଖିଥିବା ଟଙ୍କାରୁ ଘର ଲୋକଙ୍କ ପାଇଁ କିଛି କିଛି ଜିନିଷ ନେଇ ଆସେ।



**ସୌରଭ ସାଇରାଜ** (ଛାତ୍ର, ବାଲିପାଟଣା, ଭୁବନେଶ୍ୱର)- କଲେଜ ଗଲାବେଳେ ବାପା ଦେଉଥିବା ହାତ ଖର୍ଚ୍ଚକୁ ମୁଁ ସାଇତି ରଖେ। ଅଧା କିଛି ପଇସା ଖର୍ଚ୍ଚ କରି ଆଉ କିଛି ବଞ୍ଚାଏ। ସେଇ ଟଙ୍କାରେ ମୋର ଗାଡ଼ି ତେଲ ଖର୍ଚ୍ଚ କିମ୍ବା ଗାଡ଼ି ମେଣ୍ଟେନାନ୍ସ କରିନିଏ। ଅସମୟରେ ମଧ୍ୟ ମୋ ସେଭିଂସ୍ ବହୁ କାମରେ ଲାଗେ। ବାହାରକୁ ହଠାତ୍ ବୁଲିବାକୁ ପ୍ଲାନିଂ ହେଲେ ସେଭିଂସରୁ ଖର୍ଚ୍ଚ କରେ। ଭବିଷ୍ୟତରେ ଜବ୍ କଲେ ପ୍ରତିମାସରେ ପ୍ଲାନିଂ କରି ସେଭିଂସ୍ କରିବି ବୋଲି ଭାବିଛି।

## ଏ ସପ୍ତାହର ପ୍ରଶ୍ନ

୧- .................ଙ୍କ ଶ୍ରାଦ୍ଧବାର୍ଷିକୀକୁ ମହାପରିନିର୍ବାଣ ଦିବସ ଭାବେ ପାଳନ କରାଯାଏ ?

୨- ନିକଟରେ .......... ଦେଶ ପକ୍ଷରୁ ଫ୍ୟୁଚର ସୋଲ୍‌ଜର୍ ମଡର୍ନାଇଜେଶନ୍ ପ୍ଲାନ୍ ଆରମ୍ଭ କରାଯାଇଛି ?

୩- ଲୁନାର ପୋଲାର ଏକ୍ସପ୍ଲୋରେଶନ୍ ମିଶନ୍ (ଲୁପେକ୍ସ) ............ ଦୁଇ ଦେଶର ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଛି ?

୪- ମାଗ୍‌ଡାଲେନା ଆଣ୍ଡେରସନ୍ ............. ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ?

୫- ଇନ୍ଦିରା ଗାନ୍ଧୀ ନାଶନାଲ ଫରେଷ୍ଟ ଏକାଡେମୀର ହେଡ୍ କ୍ୱାର୍ଟର .......... ଠାରେ ରହିଛି ?

## ଗତ ଥରର ଉତ୍ତର

୧ ଆମେରିକା

୨ ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ

୩ ଆଇସ୍ ହକି

୪ ଚାଣକ୍ୟ

୫ ଏସିଆନ୍ ହ୍ୟୁମାନ୍ ରାଇଟ୍ସ କମିଶନ୍

## ଉତ୍ତରଦାତା

- ନିରୁପମା ମହାନ୍ତି, ବଡ଼ମ୍ବା, କଟକ
- ସ୍ୱପ୍ନା ସ୍ୱାଗତିକା ଦେବତା, ସମ୍ବଲପୁର
- ଗୋପାଳକୃଷ୍ଣ ଦାଶ, ତାଳଚେର
- ଦିଗନ୍ତ ରାଜଗୁରୁ, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବିଷାକ୍ତ ବୁଢ଼ିଆଣୀ



(୧)..........ଦି ବ୍ରାଜିଲିଆନ୍ ୱାଣ୍ଡରିଂ ସ୍ପାଇଡର
(୨) ..........ବ୍ଲାକ୍ ୱିଡୋ ସ୍ପାଇଡର
(୩) ..........ଦି ବ୍ରାଉନ୍ ୱିଡୋ ସ୍ପାଇଡର
(୪) ..........ଦି ବ୍ରାଉନ୍ ରିକ୍ଲ୍ୟୁଜ୍ ସ୍ପାଇଡର
(୫).......... ଦି ସିକ୍ସ-ଆଏଡ୍ ସ୍ୟାଣ୍ଡ ସ୍ପାଇଡର
(୬) .......... ଦି ଚିଲିନ୍ ରିକ୍ଲ୍ୟୁଜ୍ ସ୍ପାଇଡର
(୭) ..........ଦି ନର୍ଦ୍ଦେନ୍‌ଫନ୍ନେଲ୍ ଫନେଲ୍ ୱେବ୍ ସ୍ପାଇଡର
(୮) ..........ଦି ସିଡ୍‌ନୀ ଫନେଲ୍ ସ୍ପେବ୍
(୯) ..........ଦି ଉଲ୍ଫ ସ୍ପାଇଡର୍
(୧୦) ..........ଦି ରେଡ୍ ଲେଗ୍‌ଡ ୱିଡୋ ସ୍ପାଇଡର

## ତଥାପି ସଫଳ

# ଦିବ୍ୟାଙ୍ଗତା ମାନିଛି ହାର



ଶରୀରର ୭୫% ଭାଗ ଭିନ୍ନକ୍ଷମ। ନିଜର ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଯୋଗୁ ସେ ଆଜି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପେସାରେ ସେ ଜଣେ ଶିକ୍ଷକ ହୋଇଥିଲେ ହେଁ ଗୀତ ଲେଖିବା, ବିଭିନ୍ନ ଭଜନ ଓ ଆଧୁନିକ ଆଲବମ୍ ପ୍ରସ୍ତୁତ କରିବା ସହ ଅଭିନୟ କରିବା, ନିର୍ଦ୍ଦେଶନା ଦେବା ଓ ଗୀତ ଗାଇବା ହେଉଛି ତାଙ୍କର ନିଶା। ସେ ହେଉଛନ୍ତି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେରୀ ଗ୍ରାମରେ ରହୁଥିବା ବାସନ୍ତି ଏବଂ ରଘୁନାଥ ମହାନ୍ତଙ୍କ ପୁଅ ଗଣନାଥ।

ସ୍କୁଲ୍‌ରେ ପଢ଼ିବା ବେଳରୁ ହିଁ ସେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରୁଥିଲେ। ବର୍ତ୍ତମାନ ସୁଦ୍ଧା ସେ ୩୦୦ରୁ ଊର୍ଦ୍ଧ୍ୱ ଝୁମର ଗୀତ, ୧୦୦ରୁ ଅଧିକ ଭଜନ, ଆଧୁନିକ ଗୀତ, ୫୦ଟି କାହାଣୀ, ୫ଟି ନାଟକ, ୨ଟି ସଂଳାପ ଓ ୧୦ଟି ଚିତ୍ରନାଟ୍ୟ କରିସାରିଛନ୍ତି। ଶିଶୁମାନଙ୍କ ଉପରେ ବହୁ ନାଟକ ଭିଡିଓ, ଆଲବମ୍ ପ୍ରସ୍ତୁତ କରିଛନ୍ତି। କେବଳ ଏତିକି ନୁହେଁ, ସେ ୟୁଟ୍ୟୁବ୍‌ରେ ମଧ୍ୟ ଅନେକ ଭିଡିଓ ପୋଷ୍ଟ କରି ଦର୍ଶକଙ୍କ ହୃଦୟ ଜିତି ପାରିଛନ୍ତି। ନିକଟରେ 'ଶିଶୁ ଦିବସ ଅବସରରେ ମୁଁ ପଢ଼ିବି' ଶୀର୍ଷକରେ ଗୀତ ରଚନା ଓ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ, ଯାହାକି ୟୁଟ୍ୟୁବ୍‌ରେ ଅନେକଙ୍କୁ ବେଶ୍ ପସନ୍ଦ ଆସିଥିଲା। ସେହିପରି କୀଚକେଶ୍ୱରୀ ଫିଲ୍ମ ବ୍ୟାନରରେ ତାଙ୍କର ବେଟି ପଢ଼ାଓ, ଆଗେ ବଢ଼ାଓ ଓ ଷ୍ଟପ ଚାଇଲ୍ଡ ଲେବର ଭଳି ସଚେତନତାଧର୍ମୀ କ୍ଷୁଦ୍ର ଚଳଚ୍ଚିତ୍ର ଲୋକାଦୃତ ହୋଇଥିବା ବେଳେ ସୋସିଆଲ୍ ମିଡିଆରେ ବେଶ୍ ପ୍ରସାରିତ ହୋଇପାରିଛି।

ଭଲ ଭାବରେ ଚଲାବୁଲା ଓ ଖେଳକୁଦ କରିପାରୁ ନ ଥିବା ଗଣନାଥ ଫାଙ୍କା ସମୟରେ ବିଦ୍ୟାଳୟର ପିଲାମାନଙ୍କୁ ଅଭିନୟ ଶିଖାଇଥା'ନ୍ତି। ୨୦୧୭ ମସିହାରେ କଳାକାର ସିନେ ପ୍ରଡକ୍ସନ, ବାଲେଶ୍ୱର ପକ୍ଷରୁ ତାଙ୍କୁ ଶ୍ରେଷ୍ଠ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ସମ୍ମାନ ଓ ପୁରସ୍କାର ପ୍ରାପ୍ତ ହୋଇଛି। ଏହା ବ୍ୟତୀତ ସେ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି।

ଅଲ୍ ଇଣ୍ଡିଆ ରେଡିଓ, ଏଫ୍‌ଏମ୍ ଚ୍ୟାନେଲରେ ଝୁମର ଗାୟକ କିଶୋର ପ୍ରହ୍ଲାଦ ମହାନ୍ତିଙ୍କ କଣ୍ଠରେ ତାଙ୍କ ଲିଖିତ ଝୁମର ଗୀତ ବେଶ୍ ପ୍ରଶଂସିତ ହୋଇପାରିଛି। ଆଗାମୀ ଦିନରେ ସିନେମା କରିବା ସହ କଳାକ୍ଷେତ୍ରରେ ନିଜକୁ ରାଜ୍ୟସ୍ତରରେ ପ୍ରତିଷ୍ଠିତ କରିବାକୁ ଲକ୍ଷ୍ୟ ରଖିଥିବା ପ୍ରକାଶ କରନ୍ତି ଗଣନାଥ।

– ନରେଶ ଚନ୍ଦ୍ର ପଟ୍ଟନାୟକ

## ଜାଣନ୍ତୁ ଦୁନିଆ

**ଆମ ଦେଶରେ ରହିଛି ଅନେକ ପ୍ରସିଦ୍ଧ ଦେବଦେବୀ ମନ୍ଦିର। ଏସବୁ ମନ୍ଦିର ମଧ୍ୟରେ ବିଭିନ୍ନ ନିଆରା ବିଶେଷତ୍ୱକୁ ନେଇ ଆନ୍ଧ୍ରପ୍ରଦେଶର ଲୋପାକ୍ଷୀରେ ଥିବା ବୀରଭଦ୍ର ମନ୍ଦିର ବେଶ୍ ଲୋକପ୍ରିୟ ହୋଇପାରିଛି। ଜାଣିବା ଏହି ମନ୍ଦିର ବିଷୟରେ କିଛି ରୋଚକ ତଥ୍ୟ.....**

# ନିଆରା ମନ୍ଦିର

➔ଷୋଡ଼ଶ ଶତାବ୍ଦୀର ଏହି ମନ୍ଦିର ଆନ୍ଧ୍ରପ୍ରଦେଶର ଏକ ଛୋଟ ଗାଁ ଲୋପାକ୍ଷୀଠାରେ ଅବସ୍ଥିତ। ଏହି ମନ୍ଦିର ଅଗସ୍ତ୍ୟ ଋଷିଙ୍କ ଦ୍ୱାରା ନିର୍ମିତ ବୋଲି ପୁରାଣରେ ବର୍ଣ୍ଣିତ।

➔ଏହି ମନ୍ଦିରରେ ରହିଛି ଆକର୍ଷଣୀୟ କଳା ଭାସ୍କର୍ଯ୍ୟରେ ପରିପୂର୍ଣ୍ଣ ୭୦ଟି ପଥର ସ୍ତମ୍ଭ। ଏହାମଧ୍ୟରୁ ଗୋଟିଏ ଝୁଲନ୍ତା ଅବସ୍ଥାରେ ରହିଛି, ଯାହାକି ଆକାଶ ସ୍ତମ୍ଭ ଭାବେ ପରିଚିତ। ଏହି ସ୍ତମ୍ଭ ତଳେ କୌଣସି କପଡା କିମ୍ବା କାଗଜ ଏପାଖରୁ ସେପାଖ ଆରପାର ମଧ୍ୟ ହୋଇଯାଏ। ଦୂରଦୂରାନ୍ତରରୁ ପର୍ଯ୍ୟଟକ ଏହି ବିସ୍ମୟ ସ୍ତମ୍ଭକୁ ଦେଖିବାକୁ ଆସିଥା'ନ୍ତି। ୭୦ ଫୁଟ୍ ଉଚ୍ଚ। ସ୍ୱାଧୀନତା ପୂର୍ବରୁ ଜଣେ ବ୍ରିଟିଶ୍ ଇଞ୍ଜିନିୟର ଏହାକୁ ତିଆରି କରିଥିଲେ। କିନ୍ତୁ ଏହାର ଝୁଲିବାର ରହସ୍ୟ ଏପର୍ଯ୍ୟନ୍ତ ଅଛପା ରହିଛି।

➔ଏହି ମନ୍ଦିରରେ ଥିବା ଅନ୍ୟତମ ଆଶ୍ଚର୍ଯ୍ୟ ହେଉଛି ନନ୍ଦୀର ମୂର୍ତ୍ତି। କୁହାଯାଏ ଗ୍ରାନାଇଟ ପଥରରେ ତିଆରି ୭ ଫୁଟ ଲମ୍ବ ଏବଂ ୧୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତି ଭାରତର ସବୁଠାରୁ ବଡ଼ ନନ୍ଦୀ ମୂର୍ତ୍ତି।

➔ବୀରଭଦ୍ର ମନ୍ଦିର ପାହାଡ଼ ଉପରେ କଇଁଛର ଖୋଳ ପରି ଦୃଶ୍ୟମାନ ହୁଏ। ତେଣୁ ଏହାକୁ କୂର୍ମ ଶିଳା ମଧ୍ୟ କହନ୍ତି।

➔ମନ୍ଦିର ପରିସର ମଧ୍ୟରେ ଏକ ବଡ଼ ପାଦ ଚିହ୍ନ ମଧ୍ୟ ଦେଖାଯାଏ। ଏହି ପାଦ ଚିହ୍ନ ତ୍ରେତୟା ଯୁଗର ବୋଲି ସାଧାରଣ ଲୋକେ ବିଶ୍ୱାସ କରନ୍ତି। କେହି କେହି ଏହାକୁ ରାମ କିମ୍ବା ସୀତାଙ୍କ ପାଦଚିହ୍ନ ବୋଲି କହୁଥିବା ବେଳେ କିମ୍ବଦନ୍ତୀ କୁହେ ଏହି ପାଦ ଚିହ୍ନ ହନୁମାନଙ୍କର। ମାତା ସୀତାଙ୍କୁ ଠାବ କରିବା ସମୟରେ ସେ ଏହି ସ୍ଥାନରେ କିଛି ସମୟ ପାଇଁ ବିଶ୍ରାମ କରିଥିଲେ।





➔ନନ୍ଦୀ ମୂର୍ତ୍ତିର କିଛି ଦୂରରେ ରହିଛି ଶେଷନାଗଙ୍କର ଏକ ଚମତ୍କାର ପ୍ରତିମା। ଶେଷନାଗଙ୍କ ଉପରେ ଶିବଲିଙ୍ଗ ସ୍ଥାପନ ହୋଇଥିବା ଏହି ଦୃଶ୍ୟ ଖୁବ୍ ସୁନ୍ଦର।

➔ଏଠାରେ ଥିବା କଲ୍ୟାଣ ମଣ୍ଡପ ଆଜି ବି ଅସମ୍ପୂର୍ଣ୍ଣ ଭାବରେ ପଡ଼ିରହିଛି। କିମ୍ବଦନ୍ତୀ ଅନୁଯାୟୀ ସେହି ସମୟରେ ସେଠାରେ ରାଜୁତି କରୁଥିବା ରାଜା ଏହି ମଣ୍ଡପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଶିବପାର୍ବତୀଙ୍କ ବିବାହ କରାଯିବାକୁ ନେଇ ଯୋଜନା କରିଥିଲେ। ହେଲେ ତାଙ୍କ ଅନୁପସ୍ଥିତିରେ କୋଷାଧ୍ୟକ୍ଷ ରାଜକୋଷର ଅର୍ଥ ନେଇ ଏହି ମଣ୍ଡପ ନିର୍ମାଣ କରୁଥିଲେ। ଏକଥା ଜାଣିବା ପରେ ରାଜା ରାଗିଯାଇ ମଣ୍ଡପ କାମକୁ ବନ୍ଦ କରିଦେଇଥିଲେ। ସେବେଠାରୁ ଏହା ଅଧାଗଢ଼ା ଅବସ୍ଥାରେ ରହିଛି।

➔ସେହି ମଣ୍ଡପର ଏକ ସ୍ତମ୍ଭରେ ଆଖିର ଚିହ୍ନ ଦେଖାଯାଏ। ବିଶ୍ୱାସ କରାଯାଏ, ଏହି ଆଖି ସେହି କୋଷାଧ୍ୟକ୍ଷଙ୍କର, ଯାହାଙ୍କ ଉପରେ ରାଗିଯାଇ ରାଜା ତାଙ୍କ ଆଖି ତାଡି ନେଇ ସ୍ତମ୍ଭରେ ପୋତି ଦେଇଥିଲେ। ଏବେବି ସେହି ସ୍ତମ୍ଭରେ କିଛି ରକ୍ତଛିଟା ମଧ୍ୟ ଦେଖିବାକୁ ମିଳେ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜୁନିୟର ହକି ବିଶ୍ୱକପ ଅବସରରେ ଶନିବାର ବର୍ଷା ଯୋଗୁ ପଡ଼ିଆରୁ ଜଳ ନିଷ୍କାସନ କରାଯାଉଛି। (ଫଟୋ-ବିକାଶ ନାୟକ)

## ଭାରତ ଆଜି ଫ୍ରାନ୍ସକୁ ଭେଟିବ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ବ୍ରୋଞ୍ଜ ପଦକ ମୁକାବିଲାରେ ଭାରତ ରବିବାର ଫ୍ରାନ୍ସକୁ ଭେଟିବ। ଉଭୟ ଭାରତ ଓ ଫ୍ରାନ୍ସ ସେମିଫାଇନାଲରେ ପ୍ରବେଶ କରିଥିଲେ ହେଁ ଯଥାକ୍ରମେ ଜର୍ମାନୀ ଓ ଆର୍ଜେଣ୍ଟିନାଠାରୁ ହାରି ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତ ଏହାର ପ୍ରଥମ ମ୍ୟାଚରେ ଫ୍ରାନ୍ସଠାରୁ ୪-୫ ଗୋଲରେ ହାରି ଯାଇଥିଲା। ତେଣୁ ଆଗାମୀ ମ୍ୟାଚରେ ଫ୍ରାନ୍ସକୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେବା ସୁଯୋଗ ଭାରତୀୟ ଦଳ ନିକଟରେ ରହିଛି। ଅପରାହ୍ନ ୪ଟା ୩୦ରେ ଏହି ମ୍ୟାଚ ଖେଳାଯିବ।

ଫ୍ରାନ୍ସ ନିକଟରୁ ହାରିବା ପରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ଲିଗ୍ ପର୍ଯ୍ୟାୟରେ କାନାଡ଼ାକୁ ୧୩-୧ ଓ ପୋଲାଣ୍ଡକୁ ୮-୧ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ବେଲ୍‌ଜିୟମକୁ ୧-୦ରେ ହରାଇଥିଲେ ହେଁ ଜର୍ମାନୀ ବିପକ୍ଷ ସେମିଫାଇନାଲ ହର୍ଡଲ୍ସ ଅତିକ୍ରମ କରିପାରି ନ ଥିଲା। ଶୁକ୍ରବାର ମ୍ୟାଚରେ ଭାରତ ୨-୪ ଗୋଲରେ ଜର୍ମାନୀଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚରେ ଭାରତ ତୁଳନାରେ ଜର୍ମାନୀର ଆକ୍ରମଣ ଏବଂ ରକ୍ଷଣାତ୍ମକ ବିଭାଗ ଭଲ ଖେଳିଥିଲା। ଅନ୍ୟପକ୍ଷରେ ଫ୍ରାନ୍ସ ଲିଗ୍ ପର୍ଯ୍ୟାୟରେ ଭାରତ ସମେତ ପୋଲାଣ୍ଡ(୭-୧) ଓ କାନାଡ଼ା (୧୧-୧) କୁ ହରାଇ ଅପରାଜେୟ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଦଳ ମାଲେସିଆକୁ ୪-୦ରେ ହରାଇବା ପରେ ସେମିଫାଇନାଲରେ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାରୁ ଶୁଟ୍‌ଆଉଟ୍‌ରେ ଦଳକୁ ଭାଗ୍ୟ ସାଥ୍ ଦେଇ ନ ଥିଲା। ଆର୍ଜେଣ୍ଟିନା ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ମୋଟାମୋଟି ଦେଖିବାକୁ ଗଲେ ଫ୍ରାନ୍ସର ପ୍ରଦର୍ଶନ ଏପର୍ଯ୍ୟନ୍ତ ବହୁତ ଭଲ ରହି ଆସିଛି। ତେଣୁ ଆଗାମୀ ଭାରତ-ଫ୍ରାନ୍ସ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ରେକର୍ଡ ଦେଖିଲେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଏ ପର୍ଯ୍ୟନ୍ତ ମୋଟ ୩ ଥର ଭେଟ ହୋଇଛି। ଏଥିରେ ଭାରତ ୨ଟିରେ ଏବଂ ଫ୍ରାନ୍ସ ଗୋଟିଏ ମ୍ୟାଚରେ ବିଜୟୀ ହୋଇଛି। ତେବେ ରେକର୍ଡ ତୁଳନାରେ ଫ୍ରାନ୍ସ ଏଥର ପ୍ରଭାବୀ ପ୍ରଦର୍ଶନ କରୁଥିବାରୁ ଭାରତକୁ ସତର୍କତାର ସହିତ ଆଗାମୀ ମ୍ୟାଚ ଖେଳିବାକୁ ପଡ଼ିବ।



ଭାରତୀୟ ଦଳର ଅଭ୍ୟାସ।

### କାନାଡ଼ା ୧୩, ଚିଲି ୧୪

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ କାନାଡ଼ା ୧୩ ଓ ଚିଲି ୧୪ତମ ସ୍ଥାନ ପାଇଛି। ଶନିବାର ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ କାନାଡ଼ା ୨-୧ ଗୋଲରେ ଚିଲିକୁ ପରାସ୍ତ କରିଛି। ବାତ୍ୟାଜନିତ ବର୍ଷାଭିଜା ପ୍ରତିକୂଳ ପରିବେଶରେ ଅନୁଷ୍ଠିତ ମ୍ୟାଚରେ କାନାଡ଼ା ପକ୍ଷରୁ ଜନ ଜାକୋବି ୪୦ ଓ ତନଭୀର କାଙ୍ଗ୍ ୫୨ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ଚିଲିର ଅଗଷ୍ଟିନ ଆମୋରୋସୋ ୫୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଭାରତୀୟ ଭାରୋତ୍ତୋଳନ ଫେଡେରେଶନର ସଭାପତି ସହଦେବ ରାଉତ ମ୍ୟାଚ ଆରମ୍ଭରେ ଏବଂ କଳିଙ୍ଗ ଷ୍ଟାଡିୟମସ୍ଥିତ ସ୍ପୋର୍ଟ୍ସ ଆଣ୍ଡ ଏକ୍ସରସାଇଜ ସାଇନ୍ସ ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସର ମୁଖ୍ୟ ଡ. ପି.ଏସ.ଏମ୍. ଚନ୍ଦ୍ରନ ମ୍ୟାଚ ଶେଷରେ ଅତିଥିଭାବେ ଯୋଗ ଦେଇଥିଲେ। କାନାଡାର ଜନ ଜାକୋବି ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

### କୋରିଆକୁ ହରାଇଲା ଦକ୍ଷିଣ ଆଫ୍ରିକା

ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି)

ଚଳିତ ଜୁନିୟର ହକି ବିଶ୍ୱକପର ଶନିବାର ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୪-୦ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ୯ମ ସ୍ଥାନ ଅଧିକାର କରିଛି। କୋରିଆ ୧୦ମ ସ୍ଥାନ ପାଇଛି। ବିଜୟୀ ଦଳ ପକ୍ଷରୁ ୩୫ ଓ ୪୭ତମ ମିନିଟରେ ଅଧିନାୟକ ଗୟ ମୋର୍ଗାନ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିବାବେଳେ ଟ୍ରେଭର ଡି'ଲୋରା ୪୭ ଓ ଜେନାନି କ୍ରାଇ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

### ଆତ୍ମବିଶ୍ୱାସ ବଢ଼ିଛି: ଯତୀନ

ଭୁବନେଶ୍ୱର, ୪।୧୨ (କ୍ରୀଡ଼ା ପ୍ରତିନିଧି)

ଚଳିତ ଜୁନିୟର ହକି ବିଶ୍ୱକପର ଶନିବାର ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ଆମେରିକା ପ୍ରଥମ ବିଜୟ ହାସଲ କରିଥିବାରୁ ଖୁସି ପ୍ରକାଶ କରିଛନ୍ତି ଅଧିନାୟକ ଯତୀନ ଶର୍ମା। ଆଗାମୀ ଦିନରେ ଭଲ ପ୍ରଦର୍ଶନ ପାଇଁ ଏହା ତାଙ୍କ ଦଳର ଆତ୍ମବିଶ୍ୱାସ ନିଶ୍ଚିତ ବଢ଼ାଇବ ବୋଲି ସେ ପ୍ରକାଶ କରିଛନ୍ତି।

## ଜର୍ମାନୀ ପଲା ଭାରି

**ଫାଇନାଲ ଆଜି**

ଆର୍ଜେଣ୍ଟିନା ଓ ଜର୍ମାନୀ ମଧ୍ୟରେ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଓଭରଅଲ୍ ପ୍ରଦର୍ଶନ ଦୃଷ୍ଟିରୁ ଜର୍ମାନୀର ପଲା ଭାରି ରହିଛି। ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଦଳଭାବେ ଜର୍ମାନୀ ଅପରାଜେୟ ରହିଛି। ତେଣୁ ଟାଇଟଲ ମୁକାବିଲା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହେବା ଆଶା କରାଯାଉଛି। ରାତି ୭ଟା ୩୦ରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲ ପ୍ରବେଶ ପଥରେ ଜର୍ମାନୀ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନକୁ ୫-୨, ଆର୍ଜେଣ୍ଟିନାକୁ ୩-୨ ଓ ଇଜିପ୍ଟକୁ ୧୧-୦ ଗୋଲରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହି ପର୍ଯ୍ୟାୟରେ ଦଳ ସ୍ପେନକୁ ପେନାଲ୍ଟି ଶୁଟ୍‌ଆଉଟରେ ୩-୧ (ନିର୍ଦ୍ଧାରିତ ସମୟରେ ୨-୨ ଗୋଲ) ଗୋଲରେ ଏବଂ ସେମିଫାଇନାଲରେ ଭାରତକୁ ୪-୨ ଗୋଲରେ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଏହି ଦଳ ସବୁଠାରୁ ସଫଳ। ଜୁନିୟର ହକି ବିଶ୍ୱକପ୍‌ରେ ଏହାର ରେକର୍ଡ ଅତି ଉନ୍ନତ। ଏହି ଦଳ ୧୯୮୨, ୧୯୮୫, ୧୯୮୯, ୧୯୯୩, ୨୦୦୯ ଓ ୨୦୧୩ରେ ଚାମ୍ପିୟନ ହୋଇଥିବାବେଳେ ୧୯୭୯ରେ ରନର୍ସଅପ୍ ଏବଂ ୧୯୯୭, ୨୦୦୧ ଓ ୨୦୧୬ରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ପ୍ରତିଯୋଗିତାର ୧୧ ସଂସ୍କରଣ ମଧ୍ୟରୁ ଏହି ଦଳ ୧୦ ଥର ପୋଡିୟମ ମଣ୍ଡନ କରି ସାରିଛି। ଏଥର ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିବାରୁ ଦଳର ଟାଇଟଲ ହାସଲ କରିବା ଆଶା ଅଧିକ। ଅନ୍ୟପକ୍ଷରେ ଇଜିପ୍ଟକୁ ୧୪-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଆର୍ଜେଣ୍ଟିନା ପରବର୍ତ୍ତୀ ମ୍ୟାଚରେ ଜର୍ମାନୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଥିଲା। ମାତ୍ର ଏହାପରେ ପାକିସ୍ତାନକୁ ୪-୩, କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସକୁ ୨-୧ ଓ ସେମିଫାଇନାଲରେ ଫ୍ରାନ୍ସକୁ ଶୁଟ୍‌ଆଉଟ ୩-୧ ଗୋଲରେ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ଏହା ପୂର୍ବରୁ ଦଳ ୨ ଥର ଫାଇନାଲରେ ପ୍ରବେଶ କରିଛି। ୨୦୦୫ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୧ରେ ରନର୍ସଅପ୍ ହୋଇଥିଲା। ତେଣୁ ୧୫ ବର୍ଷ ବ୍ୟବଧାନରେ ଦଳ ନିକଟରେ ପୁଣି ଟାଇଟଲ ଜିତିବାର ସୁଯୋଗ ରହିଛି।

## ପୁରସ୍କାର

- **ଶ୍ରେଷ୍ଠ ଖେଳାଳି:** ଅଂଶଗ୍ରହଣକାରୀ ୧୬ ଦଳର କୋଚ୍‌ଙ୍କ ଭୋଟ ଜରିଆରେ ଖେଳାଳି ଚୟନ ହେବେ।
- **ଶ୍ରେଷ୍ଠ ଗୋଲକିପର:** ଅଂଶଗ୍ରହଣକାରୀ ୧୬ ଦଳର କୋଚ୍ ଭୋଟ୍‌ଦେଇ ଶ୍ରେଷ୍ଠ ଗୋଲକିପର ବାଛିବେ।
- **ଶ୍ରେଷ୍ଠ ଗୋଲ ସ୍କୋରର:** ପରିସଂଖ୍ୟାନରୁ ନିର୍ଦ୍ଧାରିତ ହେବ।
- **ଓଡ଼ିଶା ଫେୟାର ପ୍ଲେ ପୁରସ୍କାର:** ଫାଇନାଲ ମ୍ୟାଚ ପର୍ଯ୍ୟନ୍ତ ପେନାଲ୍ଟି ପଏଣ୍ଟକୁ ବିଚାରକୁ ନିଆଯାଇ ଦଳ ଚୟନ କରାଯିବ।
- **ଗୋଲ ଅଫ୍ ଦି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଫ୍ୟାନ୍ସ ଚଏସ ଆୱାର୍ଡ:** ବିଶ୍ୱବ୍ୟାପୀ ପ୍ରଶଂସକଙ୍କ ଅନ୍‌ଲାଇନ୍ ଭୋଟିଂରୁ ଏହା ନିର୍ଦ୍ଧାରିତ ହେବ।
- **ହକି ଇଣ୍ଡିଆ ସର୍ବାଧିକ ଟିମ୍ ଗୋଲ୍ସ:** ଫାଇନାଲ ମ୍ୟାଚ ପର୍ଯ୍ୟନ୍ତ ସର୍ବାଧିକ ଗୋଲ ଦେଇଥିବା ଦଳକୁ ଏହି ପୁରସ୍କାର ମିଳିବ।
- **ହକି ଇଣ୍ଡିଆ ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଗୋଲ୍ ସେଭ୍:** ବିଶ୍ୱବ୍ୟାପୀ ପ୍ରଶଂସକଙ୍କ ଅନ୍‌ଲାଇନ୍ ଭୋଟିଂରୁ ଏହା ନିର୍ଦ୍ଧାରିତ ହେବ।
- **ଶ୍ରେଷ୍ଠ କୋଚ୍ ଅଫ୍ ଦି ଟୁର୍ନାମେଣ୍ଟ:** ଆବେଦନ କରିଥିବା ମୁଖ୍ୟ କୋଚ୍‌ଙ୍କ ମଧ୍ୟରୁ ଜଣଙ୍କୁ ବଛାଯିବ।

## ବର୍ଷାରେ ଜିତିଲା ଆମେରିକା

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ବାତ୍ୟା ଜୱାଦର ପ୍ରଭାବ ଯୋଗୁ ଶନିବାର ପୂର୍ବାହ୍ନରେ ଝିପିଝିପି ବର୍ଷାରେ ଭିଜି କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ବିଜୟର ସ୍ୱାଦ ଚାଖିଛି ଆମେରିକା। ଏଠାରେ ଚାଲିଥିବା ଏଫ୍ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ର ୧୫-୧୬ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଆମେରିକା ଶୁଟ୍‌ଆଉଟ ୩-୦ ଗୋଲରେ ଇଜିପ୍ଟକୁ ପରାସ୍ତ କରିଛି। ଫଳରେ ଆମେରିକା ୧୫ ଓ ଇଜିପ୍ଟ ସବା ଶେଷ ୧୬ତମ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ୩ ଗୋଲ ସ୍କୋର କରିଥିବା ଆମେରିକାର ଟାଇମେନ କ୍ଲୋଏନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ରଣନୀତିରେ ଖେଳିଥିବା ଇଜିପ୍ଟ ମ୍ୟାଚର ପ୍ରଥମ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ଆବଦେଲରହମନ ଏଲଗାନୟନି ଏହାକୁ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ୨୪ତମ ମିନିଟରେ ସେ (ଫିଲ୍ଡ ଗୋଲ) ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବାବେଳେ ୪ର୍ଥ କ୍ୱାର୍ଟରରେ ଆମେରିକାକୁ ଭାଗ୍ୟଦେବୀ ସହାୟ ହୋଇଥିଲେ। ୫୩ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଟାଇମେନ କ୍ଲୋଏନ ଗୋଲରେ ପରିଣତ କରିଥିଲେ।



ମ୍ୟାଚ ଜିତିବା ପରେ ଉଲ୍ଲସିତ ଆମେରିକା ଖେଳାଳି।

### ଶୁଟ୍ ଆଉଟରୁ ଆସିଲା ଫଳାଫଳ

ଆମେରିକା-ଇଜିପ୍ଟ ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ବର୍ଷା ହୋଇଥିଲା। ବର୍ଷାର ପରିମାଣ କମିବା ବଢ଼ିବା ଲାଗି ରହିଥିଲେ ହେଁ ଖେଳାଳିମାନେ ଖେଳୁଆଡ଼ ମନୋଭାବ ଦେଖାଇ ନିଜ ଦଳକୁ ବିଜୟୀ କରାଇବାକୁ ଉଦ୍ୟମ କରିଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ କେବଳ ସେତିକୁ ନୁହେଁ ୬୦ତମ ମିନିଟରେ ସେ ଏକ ଫିଲ୍ଡ ଗୋଲ ଦେଇ ଇଜିପ୍ଟ ବିଜୟ ଆଶାରେ ପାଣି ଭରି ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏହି ପର୍ଯ୍ୟାୟରେ ଆମେରିକାର ଟାଇମେନ କ୍ଲୋଏନ, ଫିନ୍‌ଲେ କ୍ୱାଇଲେ ଓ ଅଧିନାୟକ ଯତୀନ ଶର୍ମା ଗୋଲ ଦେଇଥିବାବେଳେ ଇଜିପ୍ଟର ୩ ଜଣ ଯାକ ଖେଳାଳି ଗୋଲ୍ ମିସ୍ କରିଥିଲେ।



ବାତ୍ୟା ଜୱାଦର ପ୍ରଭାବରେ ପବନ ଯୋଗୁ କଳିଙ୍ଗ ଷ୍ଟାଡିୟମରେ ଲାଗିଥିବା ଆମେରିକା ଜାତୀୟ ପତାକା ଚିରି ଯିବାରୁ ଏହାକୁ ପୁଣି ଅବସ୍ଥାପିତ କରାଯାଉଛି।

## ଫ୍ରାନ୍ସ ମୁକାବିଲା ପାଇଁ ଆମେ ପ୍ରସ୍ତୁତ: ରିଡ୍

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ଜୁନିୟର ହକି ବିଶ୍ୱକପ୍‌ରେ ରବିବାର ତୃତୀୟ ସ୍ଥାନ ପାଇଁ ଭାରତ ଓ ଫ୍ରାନ୍ସ ମଧ୍ୟରେ ମୁକାବିଲା ହେବ। ଏହି ମୁକାବିଲା ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଭାରତୀୟ ସିନିୟର ଦଳର ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ପ୍ରକାଶ କରିଛନ୍ତି। ଭାରତୀୟ ସିନିୟର ଦଳକୁ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ରିଡ୍ କିଛି ମାସ ପୂର୍ବରୁ ଜୁନିୟର ହକି ଦଳର ଦାୟିତ୍ୱ ବୁଝୁଛନ୍ତି। ''ଆମେ ଏହି ଟୁର୍ନାମେଣ୍ଟରୁ ଅନେକ କିଛି ଶିଖିବାକୁ ପାଇଛୁ। ଟୁର୍ନାମେଣ୍ଟ ଆଗେଇବା ସହ ଆମ ଦଳର ପ୍ରଦର୍ଶନରେ ଉନ୍ନତି ମଧ୍ୟ ଆସିଛି। ଆମେ ରବିବାର ମ୍ୟାଚ ପାଇଁ ପ୍ରସ୍ତୁତ ଅଛୁ। ଫ୍ରାନ୍ସ ବିପକ୍ଷରେ ଯେଉଁ ସ୍ତରର ପ୍ରଦର୍ଶନ କରିବା କଥା ଭାରତୀୟ ଦଳ ତାହା କରିପାରିବା ନେଇ ମୁଁ ଦୃଢ଼ ଆଶାବାଦୀ'' ବୋଲି ରିଡ୍ କହିଛନ୍ତି। ଜର୍ମାନୀ ବିପକ୍ଷରେ ଭାରତର ପରାଜୟ ସମ୍ପର୍କରେ ମତଦେଇ ରିଡ୍ କହିଲେ ଯେ, ''ପ୍ରଥମ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଆମ ଖେଳାଳିମାନେ ଦଳଗତଭାବେ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିଲେ ନାହିଁ। ସେଥିରେ ମୁଁ ଦୁଃଖିତ। ମୌଳିକତା ଦୃଷ୍ଟିରୁ ଆମେ ତ୍ରୁଟିପୂର୍ଣ୍ଣ ପ୍ରଦର୍ଶନ କଲୁ। ଜର୍ମାନୀ ଉତ୍ତମଭାବେ ଆକ୍ରମଣ ଏବଂ ଡିଫେଣ୍ଡ କଲା। ସେମାନଙ୍କ ଖେଳରେ ପ୍ରଗାଢ଼ତା ପରିଲକ୍ଷିତ ହୋଇଥିଲା। ଫଳରେ ସେମାନେ ଯେଉଁ ରଣନୀତିରେ ଖେଳିବାକୁ ଚାହିଁଲେ ସେଥିରେ ସଫଳ ହୋଇପାରିଲେ। ଆମକୁ ଆଗାମୀ ମ୍ୟାଚରେ ବିଜୟୀ ହେବାକୁ ହେଲେ ପୂର୍ବ ତ୍ରୁଟିରୁ ଶିକ୍ଷା କରିବାକୁ ପଡ଼ିବ। ପ୍ରଥମାର୍ଦ୍ଧରେ ସେମାନଙ୍କ ବିପକ୍ଷରେ ଆମ ଲଢ଼ୁଆ ମନୋଭାବର ଅଭାବ ରହିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଆମେ ଭଲ ପ୍ରଦର୍ଶନ କରିଥିଲୁ। ଜଣେ କୋଚ୍‌ଭାବେ ମୁଁ ଆମ ଦଳର ଦ୍ୱିତୀୟ ଭାଗ ପ୍ରଦର୍ଶନକୁ ନିଶ୍ଚିତ ପ୍ରଶଂସା କରିବି'' ବୋଲି ରିଡ୍ ପ୍ରକାଶ କରିଛନ୍ତି।



## ବିଜୟ ସହ ପାକିସ୍ତାନର ଅଭିଯାନ ଶେଷ

ଭୁବନେଶ୍ୱର, ୪।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ଜୁନିୟର ହକି ବିଶ୍ୱକପ୍‌ରେ ବିଜୟ ସହ ପାକିସ୍ତାନ ଏହାର ଅଭିଯାନ ଶେଷ କରିଛି। ଶନିବାର ଅନୁଷ୍ଠିତ କ୍ଲାସିଫିକେଶନ ମ୍ୟାଚରେ ଏହି ଦଳ ୫-୦ ଗୋଲରେ ପୋଲାଣ୍ଡକୁ ହରାଇ ୧୧ତମ ସ୍ଥାନ ଅଧିକାର କରିଛି। ପୋଲାଣ୍ଡ ୧୨ତମ ସ୍ଥାନରେ ସନ୍ତୁଷ୍ଟ ରହିଛି। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପାକିସ୍ତାନ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୨ୟ ଓ ୬ଷ୍ଠ ମିନିଟରେ ରିଜ୍‌ୱାନ ଅଲୀ ପେନାଲ୍ଟି କର୍ନରରୁ ୨ଟି ଗୋଲ ଦେଇଥିବାବେଳେ ୨୨ତମ ମିନିଟରେ ମୋଇନ ସକିଲ ଫିଲ୍ଡ ଗୋଲ, ୩୦ତମ ମିନିଟରେ ଅଧିନାୟକ ଅବଦୁଲ ରାଣା ପେନାଲ୍ଟି କର୍ନର ଗୋଲ ଏବଂ ୪୩ତମ ମିନିଟରେ ମହମ୍ମଦ ହମ୍ମାଦୁଦ୍ଦିନ ଏକ ଫିଲ୍ଡ ଗୋଲ ଦେଇଥିଲେ। ତେବେ ସମ୍ପୂର୍ଣ୍ଣ ମ୍ୟାଚରେ ଉନ୍ନତ ପ୍ରଦର୍ଶନ ପାଇଁ ଗଜନଫର ଅଲି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ମ୍ୟାଚ ଆରମ୍ଭରେ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ତଥା ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫର୍ମାନ୍ସ (ଏବିଟିପି)ର ପ୍ରତିଷ୍ଠାତା ଅଭିନବ ବିନ୍ଦ୍ରା ଏବଂ ଶେଷରେ ଭାରତୀୟ ସୁଇମିଂ ଫେଡେରେଶନ କାର୍ଯ୍ୟକାରୀ ନିର୍ଦ୍ଦେଶକ ବୀରେନ୍ଦ୍ର ନାନାବତୀ ଅତିଥିଭାବେ ଯୋଗ ଦେଇଥିଲେ। ୧୧ତମ ସ୍ଥାନ ଜୁନିୟର ହକି ବିଶ୍ୱକପ୍‌ରେ ପାକିସ୍ତାନର ସବୁଠାରୁ ଖରାପ ପ୍ରଦର୍ଶନ। ୧୯୭୯ ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିବା ପାକିସ୍ତାନ ୧୯୮୨, ୧୯୮୫, ୧୯୮୯ରେ ବ୍ରୋଞ୍ଜ ପଦକ, ୧୯୯୩ରେ ରନର୍ସଅପ୍, ୧୯୯୭ରେ ୫ମ, ୨୦୦୫ରେ ୭ମ, ୨୦୦୯ରେ ୫ମ ଓ ୨୦୧୩ରେ ୯ମ ସ୍ଥାନ ପାଇଥିଲା।



ପାକିସ୍ତାନ-ପୋଲାଣ୍ଡ ମ୍ୟାଚ ଆରମ୍ଭରେ ଅତିଥିଭାବେ ଯୋଗ ଦେଇଥିବା ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଶୁଟର ଅଭିନବ ବିନ୍ଦ୍ରା ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କ ସହ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୫ ଡିସେମ୍ବର, ୨୦୨୧



## ସଂକ୍ଷେପରେ

### ବର୍ଷା ଉଜାଡ଼ିଲା ଧାନ ଫସଲ



କୃଷ୍ଣପ୍ରସାଦ,୪।୧୨(ଡି.ଏନ୍.ଏ.): ଅଦିନିଆ ବର୍ଷାରେ ପାଚିଲା ଧାନ ବିଲରେ ଗଜା ହେଉଥିବା ବେଳେ ଏବେ ଚାଷୀ ବାତ୍ୟା 'ଜୱାଦ' ଆଶଙ୍କାରେ କଷ୍ଟାଧାନ କାଟିବାକୁ ମଧ ବାଧ ହେଉଛି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର କେତେଜଣ ଚାଷୀଙ୍କ ଧାନ ବିଲରେ ଗଜା ପାଳିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଝିପିଝିପି ବର୍ଷା ଯୋଗୁ ଚାଷୀ ନାହିଁ ନ ଥିବା ହରାଣ ହେଉଛି। ରବିବାର ପ୍ରବଳ ବର୍ଷା ହେବା ନେଇ ସମ୍ଭାବନା ରହିଥିବାରୁ ଧାନ ଫସଲ ଉଜୁଡ଼ିଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ତେବେ ରଣ କିମ୍ବା ଧାର କରି ଫସଲ କରିଥିବା ଚାଷୀଙ୍କୁ ରଣ ପରିଷୋଧ ନେଇ ଚିନ୍ତା ଘାରିଛି। ପାଚିଲା ଧାନ ନଷ୍ଟର ଅଟକଳ ରାଜସ୍ୱ ବିଭାଗ ଦ୍ୱାରା କରାଯାଇ ଚାଷୀଙ୍କ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ବାତ୍ୟା ଟଳିଲା, ବର୍ଷା ଭୟ ଯାଇନି

ଖୋର୍ଦ୍ଧା ଅଫିସ,୪।୧୨

ବାତ୍ୟା 'ଜୱାଦ' ଦୁର୍ବଳ ହେଇଥିଲେ ମଧ ବର୍ଷା ଭୟ ଯାଇନାହିଁ। ରବିବାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ପବନର ବେଗ ପ୍ରାୟ ୭୦କିଲୋମିଟର ରହିବା ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି। ଖୋର୍ଦ୍ଧା ଜିଲାରେ ଏହାର ବିଶେଷ ପ୍ରଭାବ ପଡିବ ନାହିଁ। ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ନାମଞ୍ଜୁର କରାଯାଇଛି। ବାତ୍ୟା ଉପରେ ନଜର ରହିଛି ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ପ୍ରସ୍ତୁତ ରହିଛନ୍ତି। ବିଶେଷତଃ ଚିଲିକା, ବାଣପୁର ଏବଂ ଟାଙ୍ଗୀ ବ୍ଲକ ଚିଲିକା ତଟବର୍ତ୍ତୀ ଅଞ୍ଚଳକୁ ପ୍ରାଥମିକତା ଦିଆଯାଇଛି। ଗର୍ଭବତୀଙ୍କୁ ରାତି ସୁଦ୍ଧା ନିକଟ ମେଡିକାଲକୁ ସ୍ଥାନାନ୍ତର କରାଯିବ। ବାତ୍ୟା ପ୍ରବାହରେ ଚିଲିକା ଅଶାନ୍ତ ରହିବ। ତେଣୁ ବାତ୍ୟାକୁ ଦୃଷ୍ଟିରେ ରଖି ଚିଲିକାକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଉଛି। ଏଥିସହ ତଟବର୍ତ୍ତୀ ଅଞ୍ଚଳରେ ପ୍ରଶାସନିକ ଅଧିକାରୀମାନେ ମତ୍ସ୍ୟଜୀବୀ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି। ବାତ୍ୟା ଟଳିଥିଲେ ମଧ ବର୍ଷା ଭୟ ଯାଇନାହିଁ। ସମସ୍ତେ ସତର୍କ ରହିବା ସହ ପ୍ରଶାସନର ଗାଇଡ୍‌ଲାଇନ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

**ଜିଲାରେ ୧୭୪.୮ ଏମ୍‌ଏମ୍ ବର୍ଷା ରେକର୍ଡ**

ଖୋର୍ଦ୍ଧା ଜିଲାରେ ଶନିବାର ୧୭୪.୮ ମିଲିମିଟର (ଏମ୍‌ଏମ୍) ବର୍ଷା ରେକର୍ଡ କରାଯାଇଛି। ବାଲିଅନ୍ତା ବ୍ଲକରେ ସର୍ବାଧିକ ୪୧ଏମ୍‌ଏମ୍, ବାଲିପାଟଣା ୧୪.୮ଏମ୍‌ଏମ୍, ଭୁବନେଶ୍ୱର ୧୨ଏମ୍‌ଏମ୍, ଜଟଣୀ ୧୦ଏମ୍‌ଏମ୍, ବାଣପୁର ୨୨ଏମ୍‌ଏମ୍, ବେଗୁନିଆ ୧୨ଏମ୍‌ଏମ୍, ବୋଲଗଡ଼ ୭ଏମ୍‌ଏମ୍, ଚିଲିକା ୨୪ଏମ୍‌ଏମ୍, ଖୋର୍ଦ୍ଧା ୯ଏମ୍‌ଏମ ଏବଂ ଟାଙ୍ଗୀ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ, ଓଡ୍ରାଫ ଟିମ୍ ପ୍ରସ୍ତୁତ**

ବାତ୍ୟା ମୁକାବିଲା ଲାଗି ୨ଟି ଏନ୍‌ଡିଆର୍‌ଏଫ୍ ଟିମ୍, ଗୋଟିଏ ଓଡ୍ରାଫ ଏବଂ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ୭ଟିମ୍ ସଜାଗ ରହିଥିବା ବେଳେ ଆଉ ୪ଟି ଟିମ୍ ବାହାରୁ ଆସିଛନ୍ତି। ବାତ୍ୟା ସମୟରେ ଗଛପଡି ରାସ୍ତା ଅବରୋଧ, ଉଦ୍ଧାର ଆଦି କାର୍ଯ୍ୟ ପାଇଁ ଆବଶ୍ୟକ ଯନ୍ତ୍ରପାତି, ଆସ୍କାଲାଇଟ୍, କଟର, ଜେନେରେଟର ପ୍ରସ୍ତୁତ ହୋଇ ରହିଥିବା ଅଗ୍ନିଶମ ସେବା ସଂସ୍ଥା ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ରାଉତ କହିଛନ୍ତି।

**୨୦ ସ୍ୱାସ୍ଥ୍ୟ ଓ ୧୦ ପ୍ରାଣୀଧନ ଟିମ୍**

ବାତ୍ୟା ପାଇଁ ଖୋର୍ଦ୍ଧା ଜିଲାରେ ୨୦ଟି ମେଡିକାଲ ଟିମ୍ ବ୍ୟବସ୍ଥା କରାଯାଇଛି। ଏଥିସହ ପ୍ରାଣୀଧନ ବିଭାଗ ପକ୍ଷରୁ ୧୦ଟି ଟିମ୍ ସଜାଗ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ୮୧ଜଣଙ୍କୁ ନିକଟ ବାତ୍ୟାଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ସ୍ଥାନରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ବାତ୍ୟା ଦୁର୍ବଳ ହେଉଥିବା ଜାଣିବା ପରେ ତଟବର୍ତ୍ତୀ ଅଞ୍ଚଳର କେତେଜଣ ଗ୍ରାମବାସୀ ଘରକୁ ଫେରିଥିବା ଜଣାପଡ଼ିଛି।

**ଚୁଡ଼ା, ଗୁଡ ମହଜୁଦ ରହିଛି**

ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାରେ ସମସ୍ତ ବ୍ଲକରେ ଶୁଖିଲା ଖାଦ୍ୟ ମହଜୁଦ ରଖାଯାଇଛି। ୧୦ଟି ବ୍ଲକରେ ୧୬୮.୭୦ କୁଇଣ୍ଟାଲ ଚୁଡ଼ା ଏବଂ ୩୧.୭୧ କୁଇଣ୍ଟାଲ ଗୁଡ ରହିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେଥିରୁ ବାଲିଅନ୍ତା ବ୍ଲକରେ ୧୦ କୁଇଣ୍ଟାଲ ଚୁଡ଼ା ଏବଂ ୧.୮ କୁଇଣ୍ଟାଲ ଗୁଡ ରହିଛି। ସେହିପରି ବାଲିପାଟଣା ବ୍ଲକରେ ୨୦ ଓ ୭, ଭୁବନେଶ୍ୱର ବ୍ଲକରେ ୩.୬୦ ଓ ୧.୮୦, ବାଣପୁର ବ୍ଲକରେ ୧୨ କୁଇଣ୍ଟାଲ ଚୁଡ଼ା, ବେଗୁନିଆ ବ୍ଲକରେ ୨କୁଇଣ୍ଟାଲ ଚୁଡ଼ା, ଗୁଡ ମହଜୁଦ ରହିଥିବା ବେଳେ ବୋଲଗଡ଼ ବ୍ଲକରେ ୪୦ ଓ ୧୩, ଚିଲିକା ବ୍ଲକରେ ୧୨ ଓ ୮, ଜଟଣୀ ବ୍ଲକରେ ୧୧ ଓ ୩, ଖୋର୍ଦ୍ଧାରେ ୪୨ ଓ ୨୨ ଏବଂ ଟାଙ୍ଗୀ ବ୍ଲକରେ ୮କୁଇଣ୍ଟାଲ ଚୁଡ଼ା ଓ ୧୩.୧୧ କୁଇଣ୍ଟାଲ ଗୁଡ ରହିଛି।

# ଚିଲିକାରେ ନୌସେନା ଦିବସ



ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଚିଲିକା କମୋଡର ଏନ୍.ପି.ପ୍ରଦୀପ ଓ ଅନ୍ୟମାନେ।

ବାଲୁଗାଁ,୪।୧୨(ଡି.ଏନ୍.ଏ.)

ଆଇଏନ୍‌ଏସ୍ ଚିଲିକାରେ ଶନିବାର ନୌସେନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଇଏନଏସ ଚିଲିକା କମୋଡର ଏନ୍.ପି.ପ୍ରଦୀପ ତାଲିମ କେନ୍ଦ୍ର ପରିସର ଯୁଦ୍ଧ ସ୍ମାରକୀ ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶ ପାଇଁ ସହୀଦ ହୋଇଥିବା ନାବିକମାନଙ୍କୁ ସମ୍ମାନ ଜଣାଇଥିଲେ। ୧୯୭୧ ମସିହାରେ ପାକିସ୍ତାନ ବିରୋଧରେ ଯୁଦ୍ଧ କରି ଭାରତ ବିଜୟ ହାସଲ କରିଥିଲା। ଏହି ବିଜୟ ବିଶେଷକରି ନୌସେନା ଯୋଦ୍ଧାଙ୍କ ଦ୍ୱାରା ପାକିସ୍ତାନର କରାଚୀ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ସମ୍ଭବପର ହୋଇପାରିଥିଲା। ତେଣୁ ଡିସେମ୍ବର ୪ ଏହି ବିଜୟ ଦିବସରେ ଦେଶ ପାଇଁ ବଳିଦାନ ଦେଇଥିବା ନାବିକଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ନୌସେନା ଦିବସ ପାଳିତ ହୋଇ ଆସୁଅଛି।

## ପରିବା ଦର ଆକାଶଛୁଆଁ

**ଖୋର୍ଦ୍ଧା ଅଫିସ,୪।୧୨:** ବାତ୍ୟା ଯୋଗୁ ବଜାରକୁ ଆବଶ୍ୟକ ପରିମାଣର ପନିପରିବା ଆସିପାରିନାହିଁ। ଫଳରେ ଏହାର ଫାଇଦା ଉଠାଉଛନ୍ତି କେତେଜଣ ଅସାଧୁ ବ୍ୟବସାୟୀ। ଆଳୁ ୫୦କେଜି ପିଛା ପୂର୍ବରୁ ୬୫୦ଟଙ୍କା ରହିଥିବା ବେଳେ ଏବେ ଏହା ବଢ଼ି ୮୦୦ ଟଙ୍କା ରହିଛି। ସେହିପରି ସମସ୍ତ ପନିପରିବା ଦର ମଧ ଅଧିକ ରହିଛି। ୫୦ତଳକୁ ପରିବା ନାହିଁ। ଯୋଗାଣ ବିଭାଗର ନୀରବତା ଯୋଗୁ ଦୁଇ ଦିନ ହେବ ଦର ବଢ଼ିଚାଲିଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୪।୧୨:** ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ଭାବେ ନିଯୁକ୍ତି ପାଇଥିବା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କୁ ଶନିବାର ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଖୋର୍ଦ୍ଧା ପକ୍ଷରୁ ବାସଭବନଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ପଲ୍ଲାସ୍ଥିତ ଶିକ୍ଷକ ଭବନ ଗୃହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଓଷ୍ଟାର ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ସୁଧାକର ମହାପାତ୍ରଙ୍କ ସମେତ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, ରତିକାନ୍ତ କହଲସିଂ, ସନ୍ତୋଷ ଚନ୍ଦ୍ର କର, ମାନସ ରଞ୍ଜନ ଶତପଥୀ ଏକାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ସିସୋରର ଆଉ ୫.୬୭ କୋଟିର ସମ୍ପତ୍ତି ବାଜ୍ୟାପ୍ତି

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ସିସୋର ଚିଟ୍‌ଫଣ୍ଡ ସଂସ୍ଥାର ଆଉ ୫.୬୭ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ଟଙ୍କା ସିସୋର ଆକାଉଣ୍ଟରୁ ୨ ବ୍ୟବସାୟୀ ମହାରାଷ୍ଟ୍ରର ଦିଲୀପ ଅମୃତଲାଲ ଗୁତାକା ଓ ଭୁବନେଶ୍ୱରର ହେରାଲ୍ଡ ଓଭରସିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ମୟୂରେଶ ଦାଶଙ୍କ ଆକାଉଣ୍ଟକୁ ଯାଇଥିଲା। ଏମାନେ ସିସୋରରୁ ଟଙ୍କା ନେଇ ଆଉ ଫେରାଇ ନ ଥିବା ତଦନ୍ତ ସମୟରେ ଇଡ଼ି ଜାଣିବା ପରେ ଏହାକୁ ବାଜ୍ୟାପ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ନଭେମ୍ବର ୨୬ରେ ଏଥିପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶନିବାର ଇଡି ମନି ଲଣ୍ଡରିଂ ଆକ୍ଟ ୨୦୦୨ ଆଧାରରେ ଉଭୟଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି। ଏହାପୂର୍ବରୁ ଇଡି ସିସୋରର ୨୫୮ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପିକୁ ବାଜ୍ୟାପ୍ତି କରିଥିଲା।ସିସୋର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟାଳୟ ଖୋଲି ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିଲା। ରାଜ୍ୟର ବିଭିନ୍ନ ଥାନାରେ ୪୦ ଠକେଇ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ତେବେ ପ୍ରଥମ କରି କୋଲକାତାର ସିବିଆଇ ନିକଟରେ ସିସୋର ଚିଟ୍‌ଫଣ୍ଡ ସଂସ୍ଥା ନାମରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଓଡ଼ିଶାରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।



କୃଷ୍ଣପ୍ରସାଦ: ବିକ୍ରି ନ ହୋଇପାରିବାରୁ ନବା ସମୁଦ୍ରକୂଳରେ କୁଇଣ୍ଟାଲ କୁଇଣ୍ଟାଲ ମାଛ ପଡ଼ି ରହିଛି।

# ବିକ୍ରି ନ ହୋଇ କୂଳରେ ପଡ଼ି ରହିଛି ମାଛ

କୃଷ୍ଣପ୍ରସାଦ,୪।୧୨(ଡି.ଏନ୍.ଏ.)

ବାତ୍ୟା 'ଜୱାଦ' ପାଇଁ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳବାସୀ ଭୟଭୀତ ହୋଇ ରହିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ବଙ୍ଗୋପସାଗରକୁ ମାଛ ଧରିବାକୁ ଯାଇଥିବା କେତେଜଣ ମସ୍ୟଜୀବୀଙ୍କ ଜାଲରେ ଗୁରୁବାର ୨୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ପଡ଼ିଥିଲା। ତେବେ ମାଛ ବିକ୍ରି ନ ହୋଇପାରିବାରୁ ନବା ସମୁଦ୍ରକୂଳରେ କୁଇଣ୍ଟାଲ କୁଇଣ୍ଟାଲ ମାଛ ପଡ଼ି ରହିଛି। ତେବେ ମାଛଗୁଡ଼ିକ ପଚିଶଢ଼ି ଗଲାଣି। ଏ ସମ୍ପର୍କରେ ମସ୍ୟଜୀବୀ ବାବାଜୀ କହିଛନ୍ତି, ବର୍ଷା ଓ ପବନ ଯୋଗୁ ଜାଲରେ ପଡ଼ିଥିବା ମାଛକୁ ବିକ୍ରି ପାଇଁ ଗୋଦାମକୁ ନେଇପାରିଲୁ ନାହିଁ। ତେଣୁ ଉକ୍ତ ମାଛ ସମୁଦ୍ର କୂଳରେ ପଡ଼ି ରହିଥିଲା। ରାତିରେ ସମୁଦ୍ରର ଢେଉ ବୃଦ୍ଧି ପାଇ କିଛି ମାଛ ଧୋଇ ନେଇଥିବା ବେଳେ ପଡ଼ିରହିଥିବା ମାଛ ପଚିଯାଇଛି। ଏହା ବିକ୍ରି ହୋଇଥିଲେ ମସ୍ୟଜୀବୀ ୬ହଜାର ଟଙ୍କା ଲେଖାଏ ପାଇଥାନ୍ତେ ବୋଲି ସେ କହିଛନ୍ତି। ମସ୍ୟଜୀବୀମାନେ କୁଡ଼ିଆରେ ରହିଥିବା ବେଳେ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ମନୋଜ କୁମାର ନାୟକ, ଆଇଆଇସି ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ପହଞ୍ଚି ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ଲାଗି କହିଥିଲେ।

## ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବୋଲଗଡ଼,୪।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ପାନନଗର ଗ୍ରାମର ଏକ ଭଡ଼ା ଘରୁ ଶନିବାର ପୋଲିସ ଏକ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖଇରପଟି ଗ୍ରାମର ବରୁଣ ନାୟକ(୨୩)। ସୂଚନା ମୁତାବକ, ବରୁଣ ରାଜସୁନାଖଳାସ୍ଥିତ ଏକ ରିଲିୟାନ୍ସ ଷ୍ଟୋରରେ ବୈଷୟିକ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ। ପାନନଗର ଗ୍ରାମରେ ୪ଜଣ କର୍ମଚାରୀଙ୍କ ସହ ଭଡାରେ ରହୁଥିଲେ। ବରୁଣ ଘରକୁ ଛୁଟିରେ ଯାଇ ଗତ ୨ତାରିଖରେ ଫେରିଥିଲେ। ୩ତାରିଖ ଷ୍ଟୋରରେ ପ୍ରଥମ ହାପ କାର୍ଯ୍ୟ କରିଥିଲେ। ପରେ ରୁମକୁ ଖାଇବାକୁ ଆସିଥିଲେ। ସାଥୀ କର୍ମଚାରୀ ଷ୍ଟୋରକୁ ଯିବା ସମୟରେ ପଛରେ ଯିବି ବୋଲି ବରୁଣ କହିଥିଲେ। ତେବେ ବରୁଣ ଷ୍ଟୋରକୁ ନ ଆସିବାରୁ ସାଥୀ କର୍ମଚାରୀ ତାଙ୍କୁ ଫୋନ କରିଥିଲେ ମଧ ସେ ଉଠାଇ ନ ଥିଲେ। କର୍ମଚାରୀମାନେ ଷ୍ଟୋରରୁ ଫେରି ଝରକାରେ ବରୁଣଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ପଡୋଶୀ ବାଙ୍କୋଇ ଫାଣ୍ଡିକୁ ଜଣାଇଥିଲେ। ପୋଲିସ ପହଞ୍ଚି ଘରକୁ ସିଲ୍ କରିଥିଲା। ଶନିବାର ତହସିଲଦାର ସନ୍ତୋଷିନୀ ଦାସଙ୍କ ଉପସ୍ଥିତିରେ ପୋଲିସ କବାଟ ଭାଙ୍ଗି ବରୁଣଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ତଦନ୍ତକାରୀ ଅଧିକାରୀ ସୁଜାତା ପଲାଇ କହିଛନ୍ତି।

# ୩ ଆନ୍ତଃ ଜିଲା ଚୋର ଗିରଫ



ବାଲୁଗାଁ,୪।୧୨(ଡି.ଏନ୍.ଏ.)

ବାଲୁଗାଁ ଥାନା ପୋଲିସ ୩ଜଣ ଆନ୍ତଃଜିଲା ଚୋରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ବିଡ଼ାନାସୀ ଅଞ୍ଚଳର ୱାଇ ନରେଶ, ନିବାସ ବେହେରା ଏବଂ ସୁଶାନ୍ତ ସାହୁ। ଏମାନଙ୍କ ନିକଟରୁ ୩ଲକ୍ଷ ଟଙ୍କା ଓ ଚୋରିରେ ବ୍ୟବହୃତ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧିଙ୍କ ଇଞ୍ଜିନପୁରସ୍ଥିତ ପାନମସଲା ଗୋଦାମ ଗୃହରୁ ଗତ ୧୮ତାରିଖ ବିଳମ୍ବିତ ରାତିରେ ୨୦ବସ୍ତା ସଫଲ କମ୍ପାନୀର ପାନମସଲା ଚୋରି ହୋଇଥିଲା। ଏନେଇ ସୁଶୀଲଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ ଏକ ମାମଲା

**୩ ଲକ୍ଷ ଟଙ୍କା, ପିକଅପ୍ ଭ୍ୟାନ ଜବତ**

(ନଂ.୨୧୩/୨୧)ରଜୁକରି ତଦନ୍ତ ଚଳାଇଥିଲା। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନ ଏବଂ ଥାନା ଅଧିକାରୀ ରମାକାନ୍ତ ମହାଲିକଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ତଦନ୍ତ ବେଳେ ଏହି ଚୋରି ସାମଗ୍ରୀ ଝାରସୁଗୁଡ଼ା ଅଞ୍ଚଳରେ ବିକ୍ରି ହୋଇଥିବା ଜଣାପଡ଼ିଥିଲା। ପରେ ଏହି ଟିମ୍ ସେଠାକୁ ଯାଇ ଚୋରି ସାମଗ୍ରୀର ସନ୍ଧାନ ପାଇବା ପରେ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏଥିସହ ୩ଲକ୍ଷ ଟଙ୍କା ଓ ଏକ ପିକଅପ୍ ଭ୍ୟାନ ଜବତ କରିଥିଲା। ତେବେ ଏହି ଚୋରିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି।


GOVT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
E-mail: eerw_ptng@yahoo.in, Phone No – 06658-222121
e Procurement Notice
IFB IDENTIFICATION NO. EEPTNG- Online -07/2021-22

No.O-1166:- 1. Name of work : Construction of Road work for 2021-22. 2. Total no of work : 1(One) Road work. 3. Time for completion : 2 (Two) Calendar month. 4. Approximate estimated cost 74.34 Lakh. 5. Mode of Submission of tender : Tender should be submitted online in www.tendersorissa.gov.in. 6. Other details are as follow:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Technical bid opening date | Financial bid opening date |
|---|---|---|---|---|---|---|
| | | From | To | | | |
| Superintending Engineer, R.W. Divn., Patnagarh | EEPTNG-Online- 07/2021-22 | 06.12.2021 at 11.00 A.M. | 13.12.2021 upto 5.00 P.M. | 10.12.2021 upto 1.00 P.M. | 14.12.2021 upto 11.00 A.M. | The date will be intimated to the technically qualified bidders |

Further details can be seen from the website www.tendersorissa.gov.in. Any corrigendum / addendum will be displayed inthe above e tender website only.

Sd./- Superintending Engineer, R.W. Division, Patnagarh
OIPR-25154/11/0007/2122



GOVERNMENT OF ODISHA
OFFICE OF THE BLOCK DEVELOPMENT OFFICER
LEPHRIPARA BLOCK, SUNDARGARH
INVITATION TENDER CALL NOTICE

No. 1718/Dev. Dt.04.12.2021

The Block Development Officer, Lephripara, Sundargarh on behalf of Governer of Odisha invites **Percentage Rate Bids** in sealed cover for the following works from the class of eligible contractors as mentioned in Column-8 (eight) registered with the State Governments having validity of Civil Licence and contractors of equivalent Grades/Class Registered with Central Government/MES/Railways and other State Government having validity of Civil Licence for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who was not registered under Odisha State Government has to register under the State PWD in appropriate class of eligibility before signing of the agreement. The bidders may submit bids for the following works:

| Sl. No. | GP | Name of the Work | Amount put to Tender in Rs. | Cost of Tender Paper (Non-refundalbe) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Masabira | Const. & Renovation of Masabira U.G. High School | 1,31,91,663/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 2 | Kulabira | Const. & Renovation of Kulabira U.G. High School | 1,26,79,959/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 3 | Giringkela | Const. & Renovation of Panchayat High School, Patuadihi | 1,58,04,871/- | 10,000/- | Exempted as per Letter No. 5984/W dated 27.4.21 of Works | 31.03.2022 | 'A' & 'B' Class |

01. The bid documents and detailed terms and conditions can be downloaded from the District website **www.sundargarh.nic.in** & also published in daily English Newspaper **"The New Indian Express"** and daily Odiya Newspaper **"The Sambad & The Dharitri"**.
02. All other detailed clauses/guidelines can be seen in the DTCN/Bid documents.

Sd./- Block Development Officer, Lephripara



ଓଡ଼ିଶା ସରକାର
GOVERNMENT OF ODISHA
DISTRICT PROJECT OFFICE
SAMAGRA SHIKSHA, SUNDARGARH
"e"-Procurement Notice
Bid Identification No.-DPC/SS/SNG/07 of 2021-22
Letter No.: - 6648/Civil/Date:- 04/December/2021
E-mail ID: dpcsndgssa.opepa@nic.in

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2. | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | : | **128 (One Hundred Twenty-Eight Nos).** |
| 4. | Cost of Tender Paper | : | **Rs.10,000/- in 127 Projects & Rs.6,000/- in 1 Project.** |
| 5. | Class of Contractor | : | **"B" & "A" in 123 Projects / "A" & "Special" in 5 projects** |
| 6. | Availability of bid document in the website | : | **From 09.00 hours of date - 07.12.2021 to 18.00 hours of date- 21.12.2021** |
| 7. | Date of opening of Bid | : | **09.00 A.M. on Dt.22.12.2021** |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./- District Project Co-ordinator,
Samagra Shiksha, Sundargarh



OFFICE OF THE EXECUTIVE ENGINEER
FISHERY ENGINEERING DIVISION
MATSYASADAN, LAXMISAGAR, CUTTACK ROAD, BHUBANESWAR-6
No.M-55 Phone/Fax-0674-2313250, Email- eefedbbsr@gmail.com
Bid Identification No. 09/FED/2021-22
INVITATIONS FOR BIDS (IFB)

| Sl No. | Name of the Work | Amont (in Rupees) | Class of Contractor | Period of Completion |
|---|---|---|---|---|
| 1. | **Construction of Flotaing Jetty and Allied Infrastructure for Cage Culture Project at Hirakud** (Floating Jetty proper) | **85,19,788.00** | **'B' & 'A'** | **04 (Four) Calendar Months** |
| 2. | Date & Time of availability of Bid Document in the portal | :- | 10.12.2021 | |
| 3. | Last Date / Time for receipt of bids in the portal | :- | 27.12.2021 upto 17.00 Hours | |
| 4. | Name and address of the Officer Inviting Bid | :- | **Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006** | |

Further details can be seen from the e-procurement portal http://tendersorissa.gov.in
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website http://tendersorissa.gov.in
N.B. Subsequent corrigendum/addendum if required shall be availabe in the website as indicated above.

Executive Engineer, Fishery Engineering Division, Bhubaneswar
OIPR-06018/11/0004/2122



OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, AT/POST: BALIMELA,
DIST.: MALKANGIRI, PIN: 764051 (ODISHA), Phone Nos.: 06861-232581 (O)/232641 (R),
FAX No.: 06861-232541, E-mail: unit.head_balimela@yahoo.com/bhep.balimela@gmail.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, 2542826, Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, GSTIN: 21AAACO2575P1Z9, CIN: 40101OR1995SGC003963
'e'-Procurement Notice
NOTICE INVITING TENDER NO. BHEP/28/2021-22 DATED: 02.12.2021

No. CAD-2134: The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover-II (Price Bid) for the work through e-procurement as detailed in the table below. The bids should be submitted 'online' in **https://tendersodisha.gov.in** by eligible **'B'** and **'A'** class Civil Contractors/Constructions Firms registered with the State Government and contractors of equivalent grade/class registered with Central Government/Railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | Bid Security Declaration | Class of Contractor | Cost of Bid Documents in Rs. | Period of Completion |
|---|---|---|---|---|---|---|
| 01 | Repair & Renovation of 25 Nos. of 3R-Type Quarters at BHEP, Balimela | 79,14,939.00 | As per Annexure-VI duly signed | 'B' & 'A' | 10,000/- + GST @ 18% = 11,800/- | 180 days |

Date & time of availability of bid document in the portal : From 10.00 hrs. of 07.12.2021 to 27.12.2021 (Upto 17.00 hrs.)
Last date & time of submission of bid : Upto 17.00 hrs. of 27.12.2021
The date & time of opening of the bid : 12.00 hrs. onwards of 28.12.2021 (Only Technical Bid)
Further details can be seen from the e-procurement portal **https://tendersodisha.gov.in.**

Sd./- Unit Head
Balimela Hydro Electric Project, Balimela
OIPR-04019/11/0033/2122



ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-2153
TENDER ALERT

01) **E-Tender Call Notice No.03/2021-22:** To Carry out PCC Metaling, walkway renovation, construction of brick masonary guard wall under 132kV Bus Corridor at 220/132/33kV Grid S/S, Jayanagar under EHT O&M Division, Jayanagar.
02) **Tender Call Notice No.04/2021-22:** Painting of 03 Nos 40MVA Power Transformers at Grid S/S Nimapara and 01 No.40MVA Power Transformer-III at Grid S/S Puri along with its accessories under EHT O&M Division, Puri.
03) **Tender Call Notice No.12/21-22:** Supply of Diesel run hired vehicle Non AC Bolero 09 seated for Grid S/S Joda, Grid S/S Barbil & Grid S/S Bolani on pool basis under EHT O&M Division, Joda.
04) **Tender Call Notice No.03/2021-22:** Supply and fixing of Pavor Block and Vitrified Tiles infront of EHT O&M Division, Bhadrak office.
05) **Tender Call Notice No.04/2021-22:** Construction of 220kV, 132kV & 33kV Breaker step foundation at 220/132/33 kV Grid S/S, Bhadrak under EHT O&M division, Bhadrak.
06) **Tender Call Notice No.TRB-O&M-DIV-OT-05/2021-22:** Lot-A: Construction of Protection cum Guard Wall at Loc No.610 of 220kV Therubali-Kolab S.C line.
Lot-B: Earth cutting in between Loc. No.127 & No.128 of 220kV Therubali-Narendrapur DC Line.
07) **E-Tender Call Notice No.MZM-271-01/2021-22:** Annual Contract for cleaning & sanitation work of circle/Division offices, control rooms and offices of various grid s/s under EHT O&M Circle, Burla.
08) **E-Tender Call Notice No.MZM-271-02/2021-22:** Annual Contract for cleaning & sanitation work of Circle/Division offices, control rooms and offices of various grid s/s under EHT O&M Circle, Bolangir.
09) **Advertisement No.01/2021-22:** Applications are invited from interested manufacturers/ Authorised dealers/ Suppliers and civil contractors MV/HV Electrical License holders & Labour Contract License holders & Transports to be empanelled in the vendor list of EHT O&M Circle, Bolangir for supply of materials, execution of works & transportation of materials upto Rs.1,00,000/-.
For details please visit : **www.optcl.co.in.**

OIPR-04011/11/0109/2122 FIPR-68/2021-22

**ସଂକ୍ଷେପରେ**

## କଣାସରେ ବାଘ ଆତଙ୍କ



**କଣାସ,୪।୧୨(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ବେଲପଡ଼ା ଗ୍ରାମ ନିକଟ ଏକ ଜମିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଘ ବୁଲୁଥିବା କେତେଜଣ ଯୁବକ ଦେଖିଥିଲେ। ଏହି କଥା ଗ୍ରାମରେ ପ୍ରଚାର ହେବା ପରେ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମବାସୀ ଲାଇଟ୍ ଏବଂ ଠେଙ୍ଗାବାଡି ଧରି ବାଘକୁ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ବାଘ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା କଣାସ ଥାନା ଆଇଆଇସି ସୁଜିତ୍ ଦାସ ଏବଂ ଖୋର୍ଦ୍ଧ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀମାନେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରି ବାଘକୁ ନ ପାଇ ଫେରିଯାଇଥିଲେ। ଏଥିସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ଅଧିକାରୀମାନେ କହିଥିଲେ।

## ସୁପାରିକିଲର ସମ୍ପଦଙ୍କ ସହଯୋଗୀ ପ୍ରଶାନ୍ତ ଗିରଫ

**ଉଭୟଙ୍କୁ ୭ଦିନିଆ ରିମାଣ୍ଡ ପାଇଁ ଆବେଦନ**

**ଭୁବନେଶ୍ୱର, ୪।୧୨(ବ୍ୟୁରୋ):** ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ଯୋଜନାବେଳେ ନୟାପଲ୍ଲୀ ଅଞ୍ଚଳରୁ ଗିରଫ ହୋଇଥିବା ବନ୍ଧୁକ ଚୋରା ଚାଲାଣକାରୀ ତଥା ସୁପାରିକିଲର ଜଗତ୍‌ସିଂହପୁର ତିର୍ତ୍ତୋଲର ସମ୍ପଦ କୁମାର ସାହୁଙ୍କ ସହଯୋଗୀ ପ୍ରଶାନ୍ତ ଦାସଙ୍କୁ କଟକରୁ ଧରିଛି କମିଶନରେଟ ପୋଲିସ। ଶୁକ୍ରବାର ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ପୋଲିସ ଟିମ୍ ଚୌଦ୍ୱାର ଟାଙ୍ଗୀ ବିଶ୍ୱନାଥପୁରରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ନାମରେ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଜିଲାରେ ୧୧ ଆପରାଧିକ ମାମଲା ରହିଛି। ସୂଚନାଯୋଗ୍ୟ, ଏନ୍-୪ରେ ରହୁଥିବା ଜୟନ୍ତ ମହାନ୍ତିଙ୍କୁ ଗୁଳି କରି ହତ୍ୟା କରିବାକୁ ପ୍ରଶାନ୍ତ ଓ ସମ୍ପଦ ଆସି ନୂଆପଲ୍ଲୀ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଜଗି ରହିଥିଲେ। ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉବେଳେ ସମ୍ପଦ ଓ ପ୍ରଶାନ୍ତ ଫାଙ୍କା ଗୁଳିଚାଳନା ସହ ଆକ୍ରମଣ କରିଥିଲେ। ତେବେ ସମ୍ପଦଙ୍କୁ ପୋଲିସ ଘଟଣାସ୍ଥଳରୁ ଗିରଫ କରିବା ସହ ୨ ପିସ୍ତଲ, ୯ ଗୁଳି ଆଦି ଜବତ କରିଥିଲା। ହେଲେ ପ୍ରଶାନ୍ତ ସେଠାରୁ ଖସି ପଳାଇଥିଲେ। ଥାନା ଅଧିକାରୀ ଶରତ ସାହୁ ସମ୍ପଦକୁ ୨ ଦିନିଆ ରିମାଣ୍ଡରେ ଆଣି ତାଙ୍କଠାରୁ ପ୍ରଶାନ୍ତଙ୍କ ବିଷୟରେ ତଥ୍ୟ ହାସଲ କରିଥିଲେ। ଏହାପରେ ପ୍ରଶାନ୍ତଙ୍କୁ ଧରିବାକୁ ୨ ଜଣିଆ ପୋଲିସ ଟିମ୍ ଟାଙ୍ଗୀରେ ଡେରା ପକାଇଥିଲା। ପ୍ରଶାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଉଛି। ଅନ୍ୟପଟେ ସମ୍ପଦଙ୍କର ରିମାଣ୍ଡ ଅବଧି ସରିବା ପରେ ଶନିବାର କୋର୍ଟରେ ହାଜର କରାଯାଇଥିଲା। ଏଥିସହ ଉଭୟଙ୍କୁ ପୁଣି ୭ଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ ପାଇଁ କୋର୍ଟରେ ଆବେଦନ କରାଯାଇଥିବା ଥାନାଧିକାରୀ ସାହୁ କହିଛନ୍ତି।

## ଯୋଧପୁରରୁ ମୋଷ୍ଟ ୱାଣ୍ଟେଡ୍ ଆଜବାହାର ଗିରଫ

**ଭୁବନେଶ୍ୱର, ୪।୧୨ (ବ୍ୟୁରୋ)**: ଫେରାର ଥିବା ମୋଷ୍ଟ ୱାଣ୍ଟେଡ୍ ନିଶା ମାଫିଆ ଶେକ୍ ଆଜବାହାରଙ୍କୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଶନିବାର ରାଜସ୍ଥାନର ଯୋଧପୁରରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ। ଗିରଫ ପରେ ଆଜବାହାରଙ୍କୁ ଯୋଧପୁର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍‌କୁ ଅନୁମତି ଦେଇଛନ୍ତି। ଅଭିଯୁକ୍ତଙ୍କୁ ଓଡ଼ିଶା ଅଣାଯିବା ପରେ ବାଲେଶ୍ୱର ଜିଲା ଏବଂ ସେସନ୍ସ କୋର୍ଟରେ ହାଜର କରାଯିବ। ବ୍ରାଉନସୁଗାର ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଆନ୍ତଃରାଜ୍ୟ ଚୋରା ଚାଲାଣରେ ସଂପୃକ୍ତି ନେଇ ଅଭିଯୁକ୍ତ ଆଜ୍‌ବାହାରଙ୍କ ନାମରେ ଜଳେଶ୍ୱର, ବାଲେଶ୍ୱର, ଭୁବନେଶ୍ୱର ଓ ପଶ୍ଚିମବଙ୍ଗରେ ୫ଟି ମାମଲା ରହିଛି। ତେଣୁ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କଳା କାରବାର ନେଇ ତଥ୍ୟ ମିଳିପାରିବ ବୋଲି ଏସ୍‌ଟିଏଫ୍ କହିଛି।

# ପୁନର୍ବିଚାର ପାଇଁ ତେଜିଲାଣି ଦାବି

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ନ ମିଳିବା ପ୍ରସଙ୍ଗ**

**ଖୋର୍ଦ୍ଧା ଅଫିସ,୪।୧୨**

ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ନୁହେଁ ବୋଲି ଗୁରୁବାର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି.କିଷାନ ରେଡ୍ଡି ରାଜ୍ୟ ସଭାରେ କହିଛନ୍ତି।ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ(ଆଇସିଏଚ୍‌ଆର୍)ରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପାଇକ ବିଦ୍ରୋହକୁ ସ୍ୱାଧୀନତାର ପ୍ରଥମ ଯୁଦ୍ଧ କୁହାଯାଇପାରିବ ନାହିଁ ବୋଲି ମନ୍ତ୍ରୀ ରେଡ୍ଡୀ କହିବା ସହ ଓଡ଼ିଶାର ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଏନେଇ ଅସନ୍ତୋଷ ବଢୁଥିବାବେଳେ ଏହାର ପୁନର୍ବିଚାର ଲାଗି ଦାବି ହେଉଛି।

### ପାଇକ ବୀରଙ୍କ ପ୍ରତି କୁଠାରାଘାତ ସଦୃଶ

"ପାଇକ ବିଦ୍ରୋହର ଦ୍ୱିଶତବାର୍ଷିକୀ ଅବସରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହାକୁ ପାଳନ କରାଯାଇଥିଲା। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଏହାକୁ ଉଦ୍‌ଘାଟନ କରିବା ସହ ଏକ ବର୍ଷ ବ୍ୟାପୀ ବିଭିନ୍ନ ସଭା, ସମିତି, ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ୨୦୧୯ ଡିସେମ୍ବର ୮ରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ଏନସିଆରଟି ପାଠ୍ୟପୁସ୍ତକରେ ମଧ ଏହା ସ୍ଥାନ ପାଇଛି। ଏବେ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରି ବ୍ରିଟିଶ ବିରୋଧରେ ଲଢ଼ି ଆତ୍ମବଳି ଦେଇଥିବା ପାଇକ ବୀରଙ୍କ ପ୍ରତି କୁଠାରାଘାତ କରିଛନ୍ତି।

-କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ, ସମ୍ପାଦକ କଳିଙ୍ଗ ପାଇକ ସଙ୍ଗଠନ

### ପୁଣି ପାଇକ ବିଦ୍ରୋହ ସମ୍ପର୍କିତ ରିପୋର୍ଟ ଦାଖଲ କର

"୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ଏହା ଉଗ୍ରରୂପ ଧାରଣ କରିଥିଲା। ଚାରିଆଡେ ପାଇକ ବୀରମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହାର ଭୟାବହତା ଉପରେ ଇଂରେଜ ଐତିହାସିକ ଜର୍ଜ ଟଏନବି ତାଙ୍କ ଦ୍ୱାରା ଲିଖିତ ଓଡ଼ିଶା ଇତିହାସ ପୁସ୍ତକରେ ନିଜେ ସ୍ୱୀକାର କରିଛନ୍ତି। ତେଣୁ ରାଜ୍ୟର ସମସ୍ତ ଐତିହାସିକ, ଗବେଷକ, ସାହିତ୍ୟିକ, ଲେଖକ ଏକାଠି ହୋଇ ପୁଣି ଥରେ ପାଇକ ବିଦ୍ରୋହ ସମ୍ପର୍କରେ ତଥ୍ୟ ସମ୍ପର୍କିତ ରିପୋର୍ଟ ଦାଖଲ କରିବାକୁ ପଡିବ, ଯାହା ଦ୍ୱାରା ଏହାର ଗୌରବ ବୃଦ୍ଧି ପାଇବ।

-ପ୍ରାଧାପକ ଗୋପାଳ କୃଷ୍ଣ ଦାସ,ଐତିହ୍ୟ ଗବେଷକ

### ପାଇକଙ୍କ ଲାଗି ଏ ମାଟି ଧନ୍ୟ

"ପାଇକ ବିଦ୍ରୋହ ଥିଲା ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ। ପାଇକଙ୍କ ଯୋଗୁ ଏ ମାଟି ଧନ୍ୟ ହୋଇଛି। ଦ୍ୱିଶତବାର୍ଷିକୀ ଅବସରରେ ସାରା ଦେଶ ପାଇକ ବିଦ୍ରୋହ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲା। ବ୍ରିଟିଶ ବିରୋଧରେ କେବଳ ଏହା ଏକ ସଂଗ୍ରାମ ନ ଥିଲା ବରଂ ଦେଶମାତୃକା ପ୍ରତି ରହିଥିବା କର୍ତ୍ତବ୍ୟର ଭାବକୁ ପ୍ରକାଶ କରେ। ତେଣୁ ରାଜ୍ୟ ସରକାର ତଥ୍ୟ ସମ୍ବଳିତ ରିପୋର୍ଟ କେନ୍ଦ୍ର ସଂସ୍କୃତି ବିଭାଗକୁ ପ୍ରଦାନ କରନ୍ତୁ। ଯଦ୍ୱାରା ପାଇକ ବିଦ୍ରୋହ ମହତ୍ତ୍ୱ ବୃଦ୍ଧି ପାଇବ।

-କ୍ଷୀରୋଧ ପ୍ରସାଦ ମହାନ୍ତି, ପୂର୍ବତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ,

### ପାଇକଙ୍କ ବଳିଦାନ ଅତୁଳନୀୟ

"ପାଇକ ବିଦ୍ରୋହ ବ୍ରିଟିଶ ଶାସନ ବିରୋଧରେ ସଶସ୍ତ୍ର ସଂଗ୍ରାମର ମୂଳଦୁଆ ପକାଇଥିଲା। ପାଇକଙ୍କ ବୀରତ୍ୱ, ସୌର୍ଯ୍ୟ ଆଗରେ ବ୍ରିଟିଶ ମଥା ନୁଆଁଇଥିଲେ। ନିଜ ମାଟିର ସୁରକ୍ଷା ପାଇଁ ପାଇକଙ୍କ ବଳିଦାନ, ତ୍ୟାଗ, ନିଷ୍ଠା ଅତୁଳନୀୟ। ଏହା ଏକ ଜାତୀୟତାବୋଧକୁ ପ୍ରମାଣ କରେ। ପାଇକ ବିଦ୍ରୋହ ସମ୍ପର୍କରେ ପୁଣି ଥରେ ପୁନଃଲିଖନର ଆବଶ୍ୟକ ରହିଛି।

-ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ

### ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା

"ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ଏ ଜାତି ପାଇକ ବୀରଙ୍କ ବୀରତ୍ୱ ପାଇଁ ସର୍ବଦା ସେମାନଙ୍କ ନିକଟରେ ଚିରଋଣୀ ହୋଇ ରହିବ। ଏହି ଐତିହାସିକ ସଂଗ୍ରାମ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଏବେ କେନ୍ଦ୍ର ଏହାକୁ ପ୍ରତ୍ୟାଖ୍ୟାନ କରିବା କୋଟି କୋଟି ଓଡ଼ିଆଙ୍କୁ ଶକ୍ତ ଆଘାତ ଲାଗିଛି। ଏ ସମ୍ପର୍କରେ ବିଶଦ ଆଲୋଚନା ହେବା ଆବଶ୍ୟକ।

-ଅଜିତ୍ ପଟ୍ଟନାୟକ, ସଭାପତି, ଖୋର୍ଦ୍ଧା ଓକିଲ ସଂଘ

### ଓଡ଼ିଶା ପ୍ରତି ଅବହେଳା କରାଯାଉଛି

"୧୮୧୭ ମସିହାରେ ବ୍ରିଟିଶ ସାମ୍ରାଜ୍ୟର ମୂଳୋତ୍ପାଟନ ଲାଗି ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ଐତିହାସିକ ସଂଗ୍ରାମ ରହିଥିଲା। ଏହାର ୨ଶହ ବର୍ଷ ପୂର୍ତ୍ତି ଅବସରରେ ତତ୍‌କାଳନୀ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଏହାକୁ ଏକ ସ୍ୱରରେ ସ୍ୱୀକାର କରିଥିଲେ। ତତ୍କାଳୀନ ରାଷ୍ଟ୍ରପତି ପାଇକ ବୀରଙ୍କ ବୀରତ୍ୱର ପ୍ରଶଂସା କରିଥିଲେ। ଏବେ ପୁଣି ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବାକୁ ମନା କରୁଛନ୍ତି। କେନ୍ଦ୍ରର ଏଭଳି ନିଷ୍ପତ୍ତି ସାରା ଓଡ଼ିଶାବାସୀଙ୍କୁ କୁଠାରାଘାତ କରିଛି।

-ଭୀମସେନ ପ୍ରଧାନ, ଶିକ୍ଷାବିତ୍

### ପୁଣି ଥରେ ପୁନର୍ବିଚାର ଆବଶ୍ୟକ ରହିଛି

"୧୮୦୪ରେ ଜୟୀ ରାଜଗୁରୁ, ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ବ୍ରିଟିଶ ବିରୋଧରେ ପାଇକମାନେ ସଂଗ୍ରାମ କରିଥିଲେ। ଶତାଧିକ ପାଇକ ଏଥିରେ ସାମିଲ ହୋଇଥିବାରୁ ଏହାକୁ ବିଦ୍ରୋହ ବୋଲି କୁହାଯାଇଥିଲା। ଏହାର ୪୦ବର୍ଷ ପରେ ୧୮୫୭ ମସିହାରେ ସିପାହୀ ବିଦ୍ରୋହ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ଦିନ ଧରି ଚାଲିଥିବା ଏହି ସଂଗ୍ରାମ ବ୍ରିଟିଶ ସରକାରଙ୍କ ଥରହର କରିଦେଇଥିଲା। ଏହି ଦୃଷ୍ଟିକୋଣରୁ ଖୋର୍ଦ୍ଧା ପାଇକ ବିଦ୍ରୋହ ହେଉଛି ଏକ ସ୍ୱାଧୀନତା ଆନ୍ଦୋଳନର ଏକ ଗୌରବମୟ ଇତିହାସ। ପୁଣି ଥରେ ଏହାର ପୁନର୍ବିଚାର ଆବଶ୍ୟକତା ରହିଛି।

-ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ

# ପାଠକଙ୍କ ଘରୁ କାର, କାଗଜପତ୍ର ଜବତ କଲା ଇଡି

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିବେକାନନ୍ଦ ମାର୍ଗସ୍ଥିତ ଘରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ କରିଥିଲା। ୧୨ ଘଣ୍ଟାର ଯାଞ୍ଚ ଓ ପଚରାଉଚରା ପରେ ଇଡିର ୩ଜଣିଆ ଟିମ୍ ବାହାରିଥିଲା। ଶନିବାର ମଧ ଇଡି ଟିମ୍ ଅଭୟକାନ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ସହ କିଛି କାଗଜପତ୍ର ଓ ପୁଅ ଆକାଶଙ୍କ ନାମରେ ଥିବା କାର୍‌କୁ ଜବତ କରିଛି। ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଗିରଫ ହୋଇ ଆକାଶ ଏବେ ଜେଲରେ ଅଛନ୍ତି। ତେବେ ଇଡିର ଏପରି ପଦକ୍ଷେପ

**ରାଜନୈତିକ ଚକ୍ରାନ୍ତରେ ଫସାଇ ଦିଆଯାଇଛି: ଅଭୟକାନ୍ତ**

ନେଇ ବାପା ଅଭୟକାନ୍ତ କହିଛନ୍ତି, ରାଜନୈତିକ ଚାପରେ ତାଙ୍କୁ ଓ ତାଙ୍କ ପୁଅକୁ ଫସାଇ ଦିଆଯାଇଛି। ପୁଅ ଟାଟାରେ ଚାକରି କରିଥିଲେ। ଏପରିକି ସେ କମ୍ପାନୀର ଏମ୍‌ଡି ଥିଲେ। ଏହି ଚାକିରି ସମ୍ପର୍କିତ ଯାହା କାଗଜପତ୍ର ଥିଲା ସେସବୁକୁ ସେ ଇଡିକୁ ଦେଇଛନ୍ତି। ତାଙ୍କ ସହ ପୁଅର ସମ୍ପତ୍ତିକୁ ମିଶାଇ ବେଆଇନ ସମ୍ପତ୍ତି ବୋଲି କୁହାଯାଉଛି। ତେବେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା କିରାଣୀଙ୍କ ପାଖରେ ଅଭୟଙ୍କଠାରୁ ଅଧିକ ସମ୍ପତ୍ତି ରହିଥିବା ସେ କହିଥିଲେ। ରାଜନୈତିକ ଚକ୍ରାନ୍ତ କରି ଆମ ସମସ୍ତଙ୍କୁ ଫସାଇ ଦିଆଯାଇଛି। ଆଇନ ଉପରେ ଭରସା ରହିଛି ବୋଲି ଅଭୟ କହିଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 304/2021
Indian Overseas Bank, Balugaon Branch ...Applicant
-Versus-
M/s. Trimurty Pharmaceuticals and others ...Defendants
To
Defendants
1) M/s. Trimurty Pharmaceuticals, At: Saralapadar, Near Uttarayani Temple, Main Road, Balugaon-752030, Dist: Khurda, represented by its Proprietor, Sri Dushasan Behera, S/o: Late Purusottam Behera
2) Sri Dushasan Behera, S/o: Late Purusottam Behera, At: Hatabaradihi, PS: Tangi, Dist: Khurda, Pin-752027
3) Sri Gadadhar Behera, S/o: Sri Nimain Behera, At: Jayantipur (Gainada), PO: Hatabaradihi, Via/PS: Tangi, Dist: Khurda, Pin-752027
4) Smt. Gandei Dei, W/o: Late Purusottam Behera, At/PO: Hatabaradihi, Balaram Sahi, Via/PS: Tangi, Dist: Khurda, Pin-752027
5) Smt. Reena Behera, W/o: Sri Dushasan Behera, At: Uttarayani Road, PO/PS: Balugaon, Dist: Khurda, Pin-752030
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted O.A. No. 304/2021 in the Court of the Debts Recovery Tribunal, Cuttack for recovery of Rs.59,85,333/- (Rupees Fifty Nine lakhs Eighty Five Thousand Three Hundred Thirty Three only) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within 30 days from the date of publication or on 23.02.2022 at 10.30 A.M. as to why reliefs as prayed for in OA shall not be granted.
Take notice that in case of default, the Original Application will be heard and determined in your absence.
Given under my hand and seal of this Tribunal on this 02nd day of December, 2021.
Sd/- (Manoj Kumar Pattanaik)
REGISTRAR

# ୩.୩୫ କୋଟି ଠକେଇ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଗିରଫ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ଚାର୍ଟାର୍ଡ ଫାର୍ମ କରାଇ ଦେବାକୁ କହି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ୩ କୋଟି ୩୫ଲକ୍ଷ ଟଙ୍କା ଠକେଇ କରି ଫେରାର ଥିବା ଅଭିଯୁକ୍ତଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଟିଆ ରେଳଷ୍ଟେଶନ ନିକଟ ବିଷ୍ଣୁ ରେସିଡେନ୍ସିରେ ରହୁଥିବା ପ୍ରଜ୍ଞା ପ୍ରକାଶ ନାୟକ(୪୨)। ସେ ବ୍ୟବହାର କରୁଥିବା ଏକ କାର୍ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରାଯାଇଛି। ଏନେଇ ପୋଲିସ ନଂ ୩୨୪/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଜ୍ଞାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରଜ୍ଞାଙ୍କୁ ୩ବର୍ଷ ତଳେ ୬୩ କୋଟି ଟଙ୍କା ଠକେଇ ଘଟଣାରେ ହାଇଦ୍ରାବାଦ ପୋଲିସ ଗିରଫ କରିଥିଲା। ସେ ନିଜକୁ ରାଜ୍ୟସଭା ସଦସ୍ୟ ଓ ଆର୍‌ବିଆଇ ଗଭର୍ନରଙ୍କ ଭାଇଁ ପରିଚୟ ଦେଇ ଏଭଳି ଠକେଇ କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ତାଙ୍କ ସୂଚନାନୁସାରେ, ଅଭିଯୁକ୍ତ ପ୍ରଜ୍ଞା କୋଲକାତା ଲେକ୍ ଟାଉନ ଥାନା ଅଞ୍ଚଳର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୈକତ କୁମାରଙ୍କୁ ତାଙ୍କ ଚାର୍ଟାର୍ଡ ଫାର୍ମରେ ପାର୍ଟନରଶିପ୍ ରହିବାକୁ କହି ପ୍ରଥମେ ୧ କୋଟି ୧୦ଲକ୍ଷ ୮୦ ହଜାର ଟଙ୍କା, ଦ୍ୱିତୀୟଥର ୧ କୋଟି ୨୫ ଲକ୍ଷ ଟଙ୍କା ଓ ପରବର୍ତ୍ତୀ ସମୟରେ ଆଉ କିଛି ଟଙ୍କା ନେଇଥିଲେ। ଏଥିସହ ଶ୍ରୀକାନ୍ତଙ୍କଠାରୁ କିଛି ସାଦା ଦସ୍ତଖତ କରି ନେଇଥିଲେ। ହେଲେ ପ୍ରଜ୍ଞା ଉକ୍ତ ଦସ୍ତଖତର ଦୁରୁପଯୋଗ କରିଥିଲେ। ସୈକତ ତାଙ୍କଠାରୁ ୩ କୋଟି ୨୫ ଲକ୍ଷ ଟଙ୍କା ଧାର୍ ନେଇ ପରେ ୨ କୋଟି ୩୫ ଲକ୍ଷ ଟଙ୍କା ଫେରାଇଥିବା ଉକ୍ତ କାଗଜରେ ଲେଖି ଆଉ ଧରା ଦେଇ ନ ଥିଲେ। ସୈକତ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଜ୍ଞାଙ୍କୁ ଗିରଫ କରିଥିଲା।

OFFICE OF THE CHIEF CONSTRUCTION ENGINEER No. O-1161
RURAL WORKS CIRCLE, BARIPADA
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
"e"-Procurement Notice for Road Work | Identification No. Online Tender-Building N.C.B. No. 200 for 2021-22
Letter No. 3721/Date: 26.11.2021
1. Name of the work :- Construction of RD Road to Mankadgoda (Balance Work of 2018-19) under OMBADC
2. Total No. of works :- 1 No. (One)
3. Estimated Cost :- Rs.164.01 lakhs (Approximately)
4. Eligible Class of Contractor :- As per annexure
5. Period of Completion :- As per annexure
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.200 | Dt.06.12.2021 at 11.00 A.M. | Dt.20.12.2021 up to 5.00 P.M. | Dt.18.12.2021 up to 5.00 P.M. | Dt.21.12.2021 at 11.00 A.M. | Dt.29.12.2021 at 11.00 A.M. |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0021/2122 Sd./- Chief Construction Engineer, R.W. Circle, Baripada

OFFICE OF THE CHIEF CONSTRUCTION ENGINEER No. O-1188
RURAL WORKS CIRCLE, BARIPADA
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
"e"-Procurement Notice for Building Work | Identification No. Online Tender-Building N.C.B. No. 201 for 2021-22
Letter No. 3816/Date: 01.12.2021
1. Name of the work :- Building Works
2. Total No. of works :- 2 Nos. (Three)
3. Estimated Cost :- Rs.453.49 lakhs & Rs.515.46 lakhs (Approximately)
4. Eligible Class of Contractor :- 'A' & 'Special' Class
5. Period of Completion :- 18 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | Building On-line N.C.B. No.201 | Dt.07.12.2021 at 11.00 A.M. | Dt.21.12.2021 up to 5.00 P.M. | Dt.20.12.2021 up to 5.00 P.M. | Dt.22.12.2021 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0024/2122 Sd./- Chief Construction Engineer, R.W. Circle, Baripada

Government of Odisha
Office of the Chief Construction Engineer
Rural Works Circle, Sambalpur
Tel.-0663-2548268, E-mail Id serwcirclesbp@yahoo.com
Bid Identification No. Road Tender Online RWCSBP-32/2021-22 No.: 3174 Dated: 26.11.2021
No.O-1137:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 1 (One) No. group of Special Repair to Roads under Annual Maintenance Plan.
1. Name of work: Special Repair to Roads under Annual Maintenance Plan. 2. No. of works: 1 (One) No. as per DTCN. 3. Estimated cost: Approximately Rs.136.84 lakhs. 4. Class of contractor : 'B' and 'A'. 5. Cost of tender paper and mode of deposit: Rs.10,000/- per set (To be deposited Online) in favour of concerned Executive Engineer. 6. Mode of submission of tender : Tender should be submitted only online in website www.tendersorissa.gov.in (https//tendersodisha.gov.in).7. EMD and mode of deposit: No. EMD is required but bid security declaration should be furnished by the bidders as mentioned in DTCN. 8. Summary of key dates are provided below:

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-32/ 2021-22 | 06.12.2021 at 11.00 A.M. | 20.12.2021 upto 5.00 P.M. | 18.12.2021 upto 1.00 P.M. | 21.12.2021 at 11.00 A.M. | Will be intimated later |

* Further details can be seen from the e-procurement portal www.tendersorissa.gov.in (https//tendersodisha.gov.in). * Subsequent modification / corrigendum / addendum if required shall appear in website only. * The amount put to bid is exclusive of GST. * Bidder should inspect the Bridge before bidding and quote his rate accordingly.
Sd./- Chief Construction Engineer, Rural Works Circle, Sambalpur
OIPR-25091/11/0039/2122

बैंक ऑफ़ बड़ौदा Bank of Baroda
ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail:armcut@bankofbaroda.com
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଆପେଣ୍ଡିକ୍ସ-IV-A(ରୁଲ୍ ୭ (୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି'', ''ଯାହା ଯେପରି ଅଛି'', ''ସେଠାରେ ଯାହା ଅଛି'' ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍‌ର ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦୀ ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ମୟୁର ପୋଲ୍ୟୁଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମଞ୍ଜୁମାଳା ଶତପଥି, ସ୍ୱାମୀ: ଶ୍ରୀ ସଦାଶିବ ଶତପଥି, ଜାମିନ୍‌ଦାରମାନେ: ୧) ଶ୍ରୀ ସନାତନ ମିଶ୍ର, ୨) ଶ୍ରୀ ସଦାନନ୍ଦ ଶତପଥି, ୩) ଶ୍ରୀମତୀ ଅମ୍ବିକା ଶତପଥି, ସମସ୍ତଙ୍କ ଠିକଣା-ସା: ଜଗନ୍ନାଥପୁର, ସରଗଲାଞ୍ଜି, ପୋ: ମେଦିନୀପୁର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୨ । | ସମ୍ପତ୍ତି-୧: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଜଗନ୍ନାଥପୁର, ଥାନା: ଭବାନୀପାଟଣା, କଳାହାଣ୍ଡି, ଖାତା ନଂ.: ୧୧୧, ପ୍ଲଟ୍ ନଂ.: ୪୦୯, ୪୧୦, ୪୧୨, କ୍ଷେତ୍ର: ଏକର ୦.୩୩୦ ଡିସିମିଲ । ସମ୍ପତ୍ତି-୨: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଯାହାର ମୌଜା: ଭବାନୀପାଟଣା, ଇରିଗେସନ କଲୋନୀ, କଳାହାଣ୍ଡି, ଖାତା ନଂ.: ୧୮୯/୧୦୬, ପ୍ଲଟ୍ ନଂ.: ୨୦୯/୧୧୩୮, କ୍ଷେତ୍ର: ଏକର ୦.୨୫ ଡିସିମିଲ । | ଟ.୧,୧୬,୪୩,୦୦୦.୦୦ + ୩୧.୧୨.୨୦୧୬ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ସମ୍ପତ୍ତି-୧: ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/-; ସମ୍ପତ୍ତି-୨: ଟ.୭୨,୦୦,୦୦୦/- / ଟ.୭,୨୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୨. | ଋଣଗ୍ରହୀତା: ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ., ପ୍ଲଟ୍ ନଂ.: ୧୭୯୭, ଖାତା ନଂ.: ୬୯୬, ମୌଜା: କୁରାଙ୍ଗ ପ୍ରଧାନ, ତହସିଲ: ବାରଙ୍ଗ, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୦୧ / ନିର୍ଦ୍ଦେଶକ ଏବଂ ଜାମିନଦାରମାନେ: ୧) ଶ୍ରୀ ସୁନିଲ କୁମାର ପଣ୍ଡା, ପିତା: ୰ ବିଜୟ କୁମାର ପଣ୍ଡା, ୨) ଶ୍ରୀମତୀ ବିଦ୍ୟୁତ ରେଖା ପଣ୍ଡା, ଉଭୟଙ୍କ ଠିକଣା-ସା: ଡୁପ୍ଲେକ୍ସ-୧୦, ଗାୟତ୍ରୀ ନଗର, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୦ । | ସମୁଦାୟ କ୍ଷେତ୍ର: ଏକର ୨.୦୦ ଡିସିମିଲ {କ) ଲିଜର ହିସାବରେ ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ. ନାମରେ ଏକର ୦.୨୫୨୯ ଡିସିମିଲ ଏବଂ ଖ) ଜମିର ଫ୍ରି ହୋଲ୍ଡ ଅଂଶ ଭାବେ ସୁନିଲ କୁମାର ପଣ୍ଡାଙ୍କ ନାମରେ ଏକର ୧.୭୪୭୧ ଡିସିମିଲ} ଜମି ଏବଂ ଗୃହ ଯାହାର ମୌଜା: କୁରାଙ୍ଗ ପ୍ରଧାନ, ଥାନା: କଟକ ସଦର ନଂ.: ୧୭୯, ତହସିଲ: ବାରଙ୍ଗ ନଂ.: ୩୭୬, କଟକ, ଖାତା ନଂ.: ୬୯୬, ପ୍ଲଟ୍ ନଂ.: ୧୭୯୭ । | ଟ.୩,୩୭,୪୨,୮୦୯.୦୦ + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୭୫,୨୯,୦୦୦/- / ଟ.୨୭,୫୨,୯୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୩. | ଋଣଗ୍ରହୀତା: ମେସର୍ସ ମାଳତୀ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପୂରବୀ ବାରିକ, ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ବାରିକ / ଜାମିନଦାର: ଶ୍ରୀ ପ୍ରଦୀପ କୁମାର ବାରିକ, ପିତା: ୰ ରାମ ଚନ୍ଦ୍ର ବାରିକ, ସମସ୍ତଙ୍କ ଠିକଣା-ସା: ମାଇନିଙ୍ଗ ରୋଡ଼, ପୋ: କେନ୍ଦୁଝରଗଡ଼, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୦୧ | ଶ୍ରୀମତୀ ପୂରବୀ ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତଳଚମ୍ପେଇ, ଥାନା: ସଦର ନଂ.: ୪, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ଖାତା ନଂ.: ୮୬/୧୭, ପ୍ଲଟ୍ ନଂ.: ୯୯, କ୍ଷେତ୍ର: ଏକର ୨.୩୨୩ ଡିସିମିଲ, ଖାତା ନଂ.: ୮୬/୧୬, ପ୍ଲଟ୍ ନଂ.: ୯୯/୮୬୨, କ୍ଷେତ୍ର: ଏକର ୦.୨୪୭ ଡିସିମିଲ ଏବଂ ପ୍ଲଟ୍ ନଂ.: ୧୦୦, କ୍ଷେତ୍ର: ଏକର ୦.୩୪୬ ଡିସିମିଲ, ସମୁଦାୟ କ୍ଷେତ୍ର: ଏକର ୨.୯୧୬ ଡିସିମିଲ (ସେଲ୍ ଡିଡ୍ ଅନୁଯାୟୀ) । | ଟ.୫୪,୧୮,୧୫୯.୭୩ + ୦୧.୦୭.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୯,୫୦,୦୦୦/- / ଟ.୨,୯୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |
| ୪. | ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲସ୍ ପ୍ରା. ଲିଃ., ତଳ ମହଲା, ବସୁନ୍ଧରା ବିଲ୍ଡିଙ୍ଗ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁ ରାଓ, ପିତା: ଏମ୍. କୁପୋସ୍ୱାମୀ, ୨) ଶ୍ରୀମତୀ ଏମ୍. ଭାନୀ, ସ୍ୱାମୀ: ଏମ୍. ବାବୁ ରାଓ, ଉଭୟ ମାର୍ଫତ: ଡା. ବି. କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆଶାସନ, ଢ଼େଙ୍କାନାଳ-୭୫୯୦୦୧, ୩) ଶ୍ରୀ ହେମନ୍ତ କୁମାର ମହାନ୍ତି, ପିତା: ଶରତ ଚନ୍ଦ୍ର ମହାନ୍ତି, ମୀନା ବଜାର, ଢ଼େଙ୍କାନାଳ-୭୫୯୦୦୧, ୪) ଶ୍ରୀ ଭି. ସୁରେଶ, ମାର୍ଫତ: ଏସ୍. କେ. ଆଗର୍ୱାଲ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ୫) ଶ୍ରୀ ଏମ୍. ଶାୟା ଶିଭା ରାଓ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ, ଚେଞ୍ଚୁପେଟା, ସା/ପୋ: ଟେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, ୬) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ପିତା: ବୈକୁଣ୍ଠ ନାଥ ମହାନ୍ତି, ସା/ପୋ: ଗୋବିନ୍ଦପୁର, ଜିଲ୍ଲା: ଢ଼େଙ୍କାନାଳ-୭୫୯୦୦୧, ୭) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପିତା: ଭାଲୁ ବିଶ୍ୱାଳ, ୮) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ମହିଷାପାଟ, ଢ଼େଙ୍କାନାଳ -୭୫୯୦୦୧, ୯) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିପ୍ତୀଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷିତୀଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧୀରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନୀରେନ କୁମାର ପଟ୍ଟନାୟକ, ସମସ୍ତଙ୍କ ପିତା: ଚକ୍ରଧର ପଟ୍ଟନାୟକ, ମୀନା ବଜାର, ଗାନ୍ଧୀମନ୍ଦିର ରୋଡ଼, ଢ଼େଙ୍କାନାଳ-୭୫୯୦୦୧ । | ଶ୍ରୀ ଏମ୍. ବାବୁ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ.: ୧୨, ବ୍ଲକ୍ ନଂ.: ୫, ତହସିଲ୍ ନଂ.: ୨୧୩, ମ୍ୟୁନସିପାଲ୍ ଡୋର ନଂ.: ୪-୧୪/୫/୨, କାକୁମନୁଭରି ଷ୍ଟ୍ରିଟ, ଇଟାନଗର, ତେନାଲି ଟାଉନ୍, ଗୁଣ୍ଟୁର ଜିଲ୍ଲା, ଆନ୍ଧ୍ର ପ୍ରଦେଶ । | ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ନ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୩,୫୦,୦୦୦/- / ଟ.୨,୩୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) and (https://ibapi.in) ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ
ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ:
୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ / ନାକଚ / ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡାକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି ।
୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି । ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବତା/ବିଫଳତା ଏବଂ ଇଏମ୍‌ଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ । ନିଲାମ ତାରିଖ ଓ ସମୟରେ ବିଡ୍‌ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।
ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫/୩୦ ଦିନିଆ ନୋଟିସ୍ ।
ତାରିଖ: ୦୪.୧୨.୨୦୨୧, ସ୍ଥାନ: କଟକ
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସଂକ୍ଷେପରେ

### ଏସ୍‌ସିବି ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ କମିଟି ଗଠନ

**କଟକ ଅଫିସ, ୪।୧୨:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ସମ୍ପ୍ରସାରଣ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ପକ୍ଷରୁ ସିଡିଏ ଅଧକ୍ଷ ଅନିଲ ସାମଲଙ୍କ ଅଧକ୍ଷତାରେ ଏକ ପ୍ରୋଜେକ୍ଟ ଇମ୍ପ୍ଲିମେଣ୍ଟେଶନ କମିଟି ଗଠନ କରାଯାଇଛି। ଏହି କମିଟିରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ, ଡିଏମ୍‌ଇଟି, ଓବିସିସିର ପରିଚାଳନା ନିର୍ଦ୍ଦେଶକ, କଟକ ଜିଲାପାଳ, ଡିସିପି, ସିଏମ୍‌ସି କମିଶନର, ଏସ୍‌ସିବିର ଡିନ୍ ଓ ପ୍ରିନ୍ସପାଲ, ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ, ରୋଡ ଆଣ୍ଡ୍ ବିଲ୍ଡିଙ୍ଗର ମୁଖ୍ୟଯନ୍ତ୍ରୀ, ୱାଟ୍‌କୋର ପରିଚାଳନା ନିର୍ଦ୍ଦେଶକ, ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ଓ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ପ୍ରମୁଖ ସଦସ୍ୟ ଅଛନ୍ତି। ଅଧକ୍ଷ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ସମୟରେ ସରକାରୀ ଅଧିକାରୀ, ଏଜେନ୍ସି, ଜନସାଧାରଣ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ। ୫-ଟି ଆଧାରରେ ଏସ୍‌ସିବିର ଚିକିତ୍ସା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯିବ। ଏଥିସହ ଉକ୍ତ କମିଟି ନିର୍ଦ୍ଧାରିତ ସମୟ ବ୍ୟବଧାନରେ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟକୁ ନେଇ ବୈଠକ କରିବ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଉପ ନିର୍ଦ୍ଦେଶକ ଅଶୋକ ଷଡଙ୍ଗୀ ସୂଚନା ଦେଇଛନ୍ତି।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**କଟକ ଅଫିସ,୪।୧୨:** ମର୍କତନଗର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କେହି ଦୁର୍ବୃତ୍ତ ଅପହରଣ କରିନେଇଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୪୨/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ବିଉଟି ମହାନ୍ତିଙ୍କ ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ କଟକର ଏକ କଲେଜରେ ଯୁକ୍ତ ଦୁଇରେ ପାଠ ପଢୁଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ସେ ତାଙ୍କ ବାପାଙ୍କ ସହ ଘରୁ ଟ୍ୟୁଶନ ବାହାରିଥିଲେ। ତେବେ କିଛି ବାଟ ଯିବାପରେ ତାଙ୍କର କେହି ସାଙ୍ଗ ଆସିଲେ ଦୁହେଁ ଏକାଠି ଯିବୁ ବୋଲି ନାବାଳିକା ଜଣଙ୍କ ବାପାଙ୍କୁ କହିଥିଲେ। ତେଣୁ ବାପା ତାଙ୍କୁ ମର୍କତ ନଗର ଅଞ୍ଚଳରେ ଛାଡି ଘରକୁ ଫେରି ଆସିଥିଲେ। ମାତ୍ର ସେ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ହେଲେ କୌଣସି ସନ୍ଧାନ ନ ମିଳିବାରୁ ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଥିଲେ।

### ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

କଟକ ଅଫିସ, ୪।୧୨

ଆଦିବାସୀ ସେଙ୍ଗେଲ ଅଭିଯାନ କଟକ ଶାଖା ତରଫରୁ ସିଡିଏ ସେକ୍ଟର-୧୩ସ୍ଥିତ ବାଲ୍ମୀକି ନଗର ଆଦିବାସୀ ବସ୍ତିରେ ଶନିବାର ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆଦିବାସୀ ସେଙ୍ଗେଲ ଅଭିଯାନର କଟକ ସଭାପତି ସିଂଗ୍ରାୟୀ ହେମ୍ବ୍ରମ, ଉପସଭାପତି ରବୀନ୍ଦ୍ର ନାଥ ସରେନ, ମାଝୀ ହାଲାମ ଉତ୍ତମ ହାଁସଦା, ସମ୍ପାଦକ ମେଘରାୟ ହେମ୍ବ୍ରମ, ଦୁର୍ଗା ମୁର୍ମୁ, ଜାନକୀ ସୋରେନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ, ଆଦିବାସୀମାନେ କେଉଁ ଆବହମାନ କାଳରୁ ଜଙ୍ଗଲରେ ରହିଆସୁଛନ୍ତି। ସେମାନେ କେବଳ ପ୍ରକୃତିକୁ ନିଜର ଈଶ୍ୱର ଭାବି ପୂଜା କରନ୍ତି ଓ ସାନ୍ତାଳୀ ସମାଜ ନିଜକୁ ସାର୍ଣ୍ଣା ଧର୍ମର ବୋଲି ବିଶ୍ୱାସ କରିଥାନ୍ତି । ଗତ ନଭେମ୍ବର ମାସ ପୂର୍ଣ୍ଣିମା ତିଥିରେ ଝାଡ଼ଖଣ୍ଡ ସ୍ଥିତ ସାର୍ଣ୍ଣା ଧର୍ମର ଧରମ ଗାଳ (ପ୍ରମୁଖ ପୀଠ)ଠାରେ ଲୁଗୁବୁରୁ ଘାଣ୍ଟାବାଲି କମିଟି କାର୍ଯ୍ୟକର୍ତ୍ତା ସାର୍ଣ୍ଣା ଧର୍ମର ଅବମାନନା କରି ସନାତନ ପଦ୍ଧତିରେ ପୂଜା କରିଥିଲେ। ଏନେଇ ଆଦିବାସୀମାନେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏ ନେଇ ସେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆଦିବାସୀ ସେଙ୍ଗେଲ ଅଭିଯାନ ତରଫରୁ ସର୍ବ ଭାରତୀୟ ସ୍ତରରେ ସଲଖାନ ମୁର୍ମୁଙ୍କ ନେତୃତ୍ୱରେ ବିରୋଧ ଅଭିଯାନ ଆରମ୍ଭ କରାଯାଇଛି।

# ପାଠକଙ୍କ ଘରୁ କାର, କାଗଜପତ୍ର ଜବତ କଲା ଇଡି

ଭୁବନେଶ୍ୱର, ୪।୧୨(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ଆଇଏଫ୍ଏସ୍ ଅଧିକାରୀ ଅଭୟକାନ୍ତ ପାଠକଙ୍କ ବିବେକାନନ୍ଦ ମାର୍ଗସ୍ଥିତ ଘରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଢ଼ାଉ କରିଥିଲା। ୧୨ ଘଣ୍ଟାର ଯାଞ୍ଚ ଓ ପଚରାଉଚରା ପରେ ଇଡିର ୩ଜଣିଆ ଟିମ୍ ବାହାରିଥିଲା। ତେବେ ଶନିବାର ମଧ ଇଡି ଟିମ୍ ଅଭୟକାନ୍ତଙ୍କ ଘରକୁ ଯାଇ ପଚରାଉଚରା କରିବା ସହ କିଛି କାଗଜପତ୍ର ଓ ପୁଅ ଆକାଶଙ୍କ ନାମରେ ଥିବା କାର୍‌କୁ ଜବତ କରିଛି।

## ରାଜନୈତିକ ଚକ୍ରାନ୍ତରେ ଫସାଇ ଦିଆଯାଇଛି: ଅଭୟକାନ୍ତ

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଗିରଫ ହୋଇ ଆକାଶ ଏବେ ଜେଲରେ ଅଛନ୍ତି। ତେବେ ଇଡିର ଏପରି ପଦକ୍ଷେପ ନେଇ ବାପା ଅଭୟକାନ୍ତ କହିଛନ୍ତି, ରାଜନୈତିକ ଚାପରେ ତାଙ୍କୁ ଓ ତାଙ୍କ ପୁଅକୁ ଫସାଇ ଦିଆଯାଇଛି। ପୁଅ ଟାଟାରେ ଚାକରି କରିଥିଲେ। ଏପରିକି ସେ କମ୍ପାନୀର ଏମ୍‌ଡି ଥିଲେ। ଏହି ଚାକିରି ସମ୍ପର୍କିତ ଯାହା କାଗଜପତ୍ର ଥିଲା ସେସବୁକୁ ସେ ଇଡିକୁ ଦେଇଛନ୍ତି। ତାଙ୍କ ସହ ପୁଅର ସମ୍ପତ୍ତିକୁ ମିଶାଇ ବେଆଇନ ସମ୍ପତ୍ତି ବୋଲି କୁହାଯାଉଛି। ତେବେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା କିରାଣୀଙ୍କ ପାଖରେ ଅଭୟଙ୍କଠାରୁ ଅଧିକ ସମ୍ପତ୍ତି ରହିଥିବା ସେ କହିଥିଲେ। ଏପରକି ପ୍ରଦୀପ ପାଣିଗ୍ରାହୀଙ୍କ ସହିତ ଅଭୟ ବ୍ରହ୍ମପୁରରେ ଚାକିରି କରିଥିବାବେଳେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢିଥିଲା। ପ୍ରଦୀପ ସେତେବେଳେ ବିଧାୟକ ମଧ ହୋଇ ନ ଥିଲେ। ପ୍ରଦୀପଙ୍କ ଝିଅଙ୍କ ସହିତ ପୁଅ ଆକାଶଙ୍କର ବିବାହ ମଧ ସ୍ଥିର ହୋଇସାରିଥିଲା। ତେବେ ରାଜନୈତିକ ଚକ୍ରାନ୍ତ କରି ଆମ ସମସ୍ତଙ୍କୁ ଫସାଇ ଦିଆଯାଇଛି। ହେଲେ ଆଇନ ଉପରେ ଭରସା ରହିଛି ଓ ଆଗାମୀ ଦିନରେ ନ୍ୟାୟ ମିଳିବ ବୋଲି ଅଭୟ ଗଣମାଧ୍ୟମକୁ କହିଛନ୍ତି।



ବାତ୍ୟା ଜୱାଦକୁ ନେଇ ଶନିବାର କଟକ ବାଦାମବାଡ଼ି ରାସ୍ତା ଶୂନ୍‌ଶାନ୍।

# ସିଶୋରର ଆଉ ୫.୬୭ କୋଟିର ସମ୍ପତ୍ତି ବାଜ୍ୟାପ୍ତ

ଭୁବନେଶ୍ୱର,୪।୧୨(ବ୍ୟୁରୋ)

## ପୂର୍ବରୁ ୨୫୨ କୋଟିର ସମ୍ପତ୍ତି ବାଜ୍ୟାପ୍ତ କରିଥିଲା ଇଡ଼ି

ସିଶୋର ଚିଟ୍‌ଫଣ୍ଡ ସଂସ୍ଥାର ଆଉ ୫.୬୭ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ଟଙ୍କା ସିଶୋର ଆକାଉଣ୍ଟରୁ ୨ ବ୍ୟବସାୟୀ ମହାରାଷ୍ଟ୍ରର ଦିଲୀପ ଅମୃତଲାଲ ଗୁଡାକା ଓ ଭୁବନେଶ୍ୱରର ହେରାଲ୍ଡ ଓଭରସିସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ମୟୂରେଶ ଦାଶଙ୍କ ଆକାଉଣ୍ଟକୁ ଯାଇଥିଲା। ଏମାନେ ସିଶୋରରୁ ଟଙ୍କା ନେଇ ଆଉ ଫେରାଇ ନ ଥିବା ତଦନ୍ତ ସମୟରେ ଇଡ଼ି ଜାଣିବା ପରେ ଏହାକୁ ବାଜ୍ୟାପ୍ତି ପାଇଁ ପକ୍ରିୟା ଆରମ୍ଭ ହୋଇଥିଲା। ଗତ ନଭେମ୍ବର ୨୬ରେ ଏଥିପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶନିବାର ଇଡି ମନି ଲଣ୍ଡରିଂ ଆକ୍ଟ ୨୦୦୨ ଆଧାରରେ ଉଭୟଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରିଛି। ଏହାପୂର୍ବରୁ ଇଡି ସିଶୋରର ୨୫୮କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପିକୁ ବାଜ୍ୟାପ୍ତି କରିଥିଲା।

ସିଶୋର ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟାଳୟ ଖୋଲି ଲୋକଙ୍କଠାରୁ ବହୁ କୋଟି ଟଙ୍କା ଠକେଇ କରିଥିଲା। ଏ ନେଇ ରାଜ୍ୟର ବିଭିନ୍ନ ଥାନାରେ ୪୦ ଠକେଇ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିଲା। ତେବେ ପ୍ରଥମ କରି କୋଲକାତାର ସିବିଆଇ ନିକଟରେ ସିଶୋର ଚିଟ୍‌ଫଣ୍ଡ ସଂସ୍ଥା ନାମରେ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମାମଲାର ତଦନ୍ତ ଓଡ଼ିଶାରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାରେ ଥିବା ୪୪ଟି ଚିଟ୍‌ଫଣ୍ଡ ସଂସ୍ଥା ମଧ୍ୟରେ ସିଶୋର ଥିଲା ଅନ୍ୟତମ। ସିବିଆଇ ତଦନ୍ତଭାର ନେବା ପରେ ରାଜ୍ୟର ବିଭିନ୍ନ ଥାନାରେ ହୋଇଥିବା ଚିଟ୍‌ଫଣ୍ଡ ଠକେଇ ମାମଲାକୁ ମଧ ହସ୍ତାନ୍ତର କରାଯାଇଥିଲା। ସିବିଆଇ ବହୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ସମ୍ପତ୍ତି ଠାବ କରିଥିଲା। ତେବେ ଟଙ୍କା କାରବାରର ତଦନ୍ତ ଇଡି କରୁଥିବାବେଳେ ୨୦୧୪ ମାର୍ଚ୍ଚ ୨୨ରେ ସିସୋର ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲା।

## ଜରୁରୀ ପରିସ୍ଥିତି ପାଇଁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍

### ବାତ୍ୟା 'ଜୱାଦ'

ବାଙ୍କୀ,୪।୧୨(ସ୍ୱ.ପ୍ର.)

ବାତ୍ୟା 'ଜୱାଦ' ଦୁର୍ବଳ ହୋଇଥିଲେ ହେଁ ଜରୁରିକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଙ୍କୀ ଉପଖଣ୍ଡରେ ୫ଟି ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ୨ ଓଡ୍ରାଫ ଟିମ୍‌କୁ ବାଙ୍କୀରେ ମୁତୟନ କରାଯାଇଛି। କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସତର୍କ କରାଯିବା ସହ ପଞ୍ଚାୟତରେ ଆଶ୍ରୟସ୍ଥଳ ଖୋଲାଯାଇଛି। ଆବଶ୍ୟକସ୍ଥଳରେ ବିଦ୍ୟାଳୟଗୁଡ଼ିକରେ ବିପନ୍ନଙ୍କୁ ଥଇଥାନ କରାଯାଇ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ତଳିଆ ଅଞ୍ଚଳର ଲୋକଙ୍କ ସହ ପଞ୍ଚାୟତସ୍ତରରେ ସମ୍ପର୍କ ରଖିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସଜାଗ ରହିଛନ୍ତି। ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା ମୁଖ୍ୟ କାର୍ଯ୍ୟାଳୟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ବେଳେ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ ବାତ୍ୟାଜନିତ ତଥ୍ୟ ପ୍ରଦାନ କରୁଛନ୍ତି।

## ସହରର ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି ପ୍ରଶାସକ, କମିଶନର

କଟକ ଅଫିସ,୪।୧୨

ବାତ୍ୟା 'ଜୱାଦ' ପ୍ରଭାବରେ କଟକ ସହରରେ କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଲାଗିରହିଛି। କଟକ ମହାନଗର ନିଗମ(ସିଏମ୍‌ସି) ପ୍ରଶାସକ ଅନିଲ କୁମାର ସାମଲ ଓ କମିଶନର ଅନନ୍ୟା ଦାସ ଶନିବାର ସହରରେ ଜଳ ନିଷ୍କାସନର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ଚଣ୍ଡୀଛକରେ ଡ୍ରେନର ସ୍ଥିତି ପରଖିଥିଲେ। ଏହାପରେ ମାତୃଭବନ, ଖାନ୍‌ନଗର, ବିଦ୍ୟାଧରପୁର ଆଦି ଅଞ୍ଚଳ ପରିଦର୍ଶନ କରି ମୁଖ୍ୟଡ୍ରେନ୍‌ର ଫାଟକଗୁଡିକ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକ ମାତ୍ରାରେ ବର୍ଷା ହେଲେ ଜଳବନ୍ଦୀ ସମସ୍ୟା ଦୂର କରାଯାଇପାରିବ। ଏହି ପରିଦର୍ଶନ ସମୟରେ ସିଏମ୍‌ସି ସିଟି ଇଞ୍ଜିନିୟର ସୁବାରାଓ ପାତ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କ ସମେତ ଜାଇକା ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨ ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ ବଣ୍ଟନ

ସେହିପରି ବାତ୍ୟା ଆଶ୍ରୟସ୍ଥଳୀରେ ସିଏମ୍‌ସି ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ପ୍ରଫେସରପଡା, ଗୋପାଳପୁରର ଦୁଇଟି ସ୍କୁଲରେ ଆଶ୍ରୟ ନେଇଥିବା ଲୋକଙ୍କୁ ୧୪୦ ପ୍ୟାକେଟ ଶୁଖିଲା ଖାଦ୍ୟ ବଣ୍ଟାଯାଇଛି । ବାତ୍ୟାରେ ୯,୮୬୯ ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ସିଏମ୍‌ସି ଆକଳନ କରିଥିଲା। ସେମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଥିଲା। ହେଲେ ବାତ୍ୟାର ପ୍ରକୋପ ସେତେଟା ନ ରହିବାରୁ ଆଶ୍ରୟସ୍ଥଳୀକୁ ଲୋକଙ୍କୁ ସ୍ଥାନାନ୍ତର କରିବା ଆବଶ୍ୟକ ପଡି ନ ଥିଲା । ମାତ୍ର ଦୁଇଟି ସ୍ଥାନରେ ଲୋକମାନେ ଆଶ୍ରୟ ନେଇଥିଲେ ବୋଲି ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଶତପଥୀ ସୂଚନା ଦେଇଛନ୍ତି।

## ମଦ ଜବତ: ୨ ଗିରଫ

ବାଙ୍କୀ,୪।୧୨(ସ୍ୱ.ପ୍ର.)

ବାଙ୍କୀ ଅବକାରୀ ଅଧିକାରୀ ତେଲେସ୍ଥର ଲାକ୍ରା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସୁବର୍ଣ୍ଣପୁର ଗ୍ରାମର ମନୋଜ ମହାପାତ୍ରଙ୍କଠାରୁ ୪୦ ଲିଟର ଏବଂ ଡମପଡ଼ା ବ୍ଲକର ଶରତ ଜେନା(୪୦)ଙ୍କ ଠାରୁ ୬୦ଲିଟର ଚୋରା ଦେଶୀ ମଦ ଜବତ କରିଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟକୁ ଚାଲାଣ କରାଯାଇଛି।

## ନଦୀପଠାରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

କଟକ ଅଫିସ,୪।୧୨

ପୁରୀଘାଟ ଥାନା ଅଧୀନ ଗଣେଶ ଘାଟ ନଦୀପଠାରୁ ଶନିବାର ଜଣେ ବ୍ୟକ୍ତିଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସ୍ଥାନୀୟ ତେଲେଙ୍ଗା ବଜାର ଅଞ୍ଚଳର ବୀରେନ୍ଦ୍ର ପାଲ(୪୯)। ମିଳିଥିବା ସୂଚନା ଅନୁଯାୟୀ, ନଦୀପଠାରେ ମୃତଦେହ ପଡିଥିବା ସମ୍ପର୍କରେ ପୋଲିସ ଖବର ପାଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲା। ଘଟଣାସ୍ଥଳରୁ ଏକ ସାଇକେଲ ଜବତ କରାଯାଇଛି। ତେବେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରୁଛି। ପରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୩/୨୧) ରୁଜୁ ହୋଇଛି। ଏ ନେଇ ଥାନାଧିକାରୀ ଯତୀନ୍ଦ୍ର ସେଠୀ କହିଛନ୍ତି, ଜବତ ସାଇକେଲରୁ ମୃତ ବ୍ୟକ୍ତିଙ୍କ ପରିଚୟ ପରିବାର ଲୋକେ ଜାଣିବାକୁ ପାଇଥିଲେ। ମୃତକଙ୍କ ନାମରେ ପୂର୍ବରୁ ୧୦ଟି ମାମଲା ରହିଛି। ସେ ଶୁକ୍ରବାର ରାତି ୧୨ଟାରେ ଘରୁ କେଉଁଆଡେ ପଳାଇ ଆସିଥିବା ତାଙ୍କ ପରିବାର ଲୋକେ ପୋଲିସକୁ କହିଛନ୍ତି।


GOVT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
E-mail: eerw_ptng@yahoo.in, Phone No – 06658-222121
e Procurement Notice
IFB IDENTIFICATION NO. EEPTNG- Online -07/2021-22

No.O-1166:- 1. Name of work : Construction of Road work for 2021-22. 2. Total no of work : 1(One) Road work. 3. Time for completion : 2 (Two) Calendar month. 4. Approximate estimated cost 74.34 Lakh. 5. Mode of Submission of tender : Tender should be submitted online in www.tendersorissa.gov.in. 6. Other details are as follow:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Technical bid opening date | Financial bid opening date |
|---|---|---|---|---|---|---|
| | | From | To | | | |
| Superintending Engineer, R.W. Divn., Patnagarh | EEPTNG-Online- 07/2021-22 | 06.12.2021 at 11.00 A.M. | 13.12.2021 upto 5.00 P.M. | 10.12.2021 upto 1.00 P.M. | 14.12.2021 upto 11.00 A.M. | The date will be intimated to the technically qualified bidders |

Further details can be seen from the website www.tendersorissa.gov.in. Any corrigendum / addendum will be displayed inthe above e tender website only.

Sd./- Superintending Engineer, R.W. Division, Patnagarh
OIPR-25154/11/0007/2122

GOVERNMENT OF ODISHA
OFFICE OF THE BLOCK DEVELOPMENT OFFICER
LEPHRIPARA BLOCK, SUNDARGARH
INVITATION TENDER CALL NOTICE

No. 1718/Dev. Dt.04.12.2021

The Block Development Officer, Lephripara, Sundargarh on behalf of Governer of Odisha invites **Percentage Rate Bids** in sealed cover for the following works from the class of eligible contractors as mentioned in Column-8 (eight) registered with the State Governments having validity of Civil Licence and contractors of equivalent Grades/Class Registered with Central Government/MES/Railways and other State Government having validity of Civil Licence for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who was not registered under Odisha State Government has to register under the State PWD in appropriate class of eligibility before signing of the agreement. The bidders may submit bids for the following works:

| Sl. No. | GP | Name of the Work | Amount put to Tender in Rs. | Cost of Tender Paper (Non-refundalbe) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Masabira | Const. & Renovation of Masabira U.G. High School | 1,31,91,663/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 2 | Kulabira | Const. & Renovation of Kulabira U.G. High School | 1,26,79,959/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 3 | Giringkela | Const. & Renovation of Panchayat High School, Patuadihi | 1,58,04,871/- | 10,000/- | Exempted as per Letter No. 5984/W dated 27.4.21 of Works | 31.03.2022 | 'A' & 'B' Class |

01. The bid documents and detailed terms and conditions can be downloaded from the District website **www.sundargarh.nic.in** & also published in daily English Newspaper **"The New Indian Express"** and daily Odiya Newspaper **"The Sambad & The Dharitri"**.
02. All other detailed clauses/guidelines can be seen in the DTCN/Bid documents.

Sd./- Block Development Officer, Lephripara

ଓଡ଼ିଶା ସରକାର
GOVERNMENT OF ODISHA
DISTRICT PROJECT OFFICE
SAMAGRA SHIKSHA, SUNDARGARH
"e"-Procurement Notice
Bid Identification No.-DPC/SS/SNG/07 of 2021-22
Letter No.: - 6648/Civil/Date:- 04/December/2021
E-mail ID: dpcsndgssa.opepa@nic.in

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2. | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | : | 128 (One Hundred Twenty-Eight Nos). |
| 4. | Cost of Tender Paper | : | Rs.10,000/- in 127 Projects & Rs.6,000/- in 1 Project. |
| 5. | Class of Contractor | : | "B" & "A" in 123 Projects / "A" & "Special" in 5 projects |
| 6. | Availability of bid document in the website | : | From 09.00 hours of date - 07.12.2021 to 18.00 hours of date- 21.12.2021 |
| 7. | Date of opening of Bid | : | 09.00 A.M. on Dt.22.12.2021 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./- District Project Co-ordinator, Samagra Shiksha, Sundargarh

OFFICE OF THE EXECUTIVE ENGINEER
FISHERY ENGINEERING DIVISION
MATSYASADAN, LAXMISAGAR, CUTTACK ROAD, BHUBANESWAR-6
No.M-55 Phone/Fax-0674-2313250, Email- eefedbbsr@gmail.com
Bid Identification No. 09/FED/2021-22
INVITATIONS FOR BIDS (IFB)

| Sl No. | Name of the Work | Amont (in Rupees) | Class of Contractor | Period of Completion |
|---|---|---|---|---|
| 1. | Construction of Floating Jetty and Allied Infrastructure for Cage Culture Project at Hirakud (Floating Jetty proper) | 85,19,788.00 | 'B' & 'A' | 04 (Four) Calendar Months |
| 2. | Date & Time of availability of Bid Document in the portal | :- | 10.12.2021 | |
| 3. | Last Date / Time for receipt of bids in the portal | :- | 27.12.2021 upto 17.00 Hours | |
| 4. | Name and address of the Officer Inviting Bid | :- | Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006 | |

Further details can be seen from the e-procurement portal http://tendersorissa.gov.in
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website http://tendersorissa.gov.in
N.B. Subsequent corrigendum/addendum if required shall be availabe in the website as indicated above.

Executive Engineer, Fishery Engineering Division, Bhubaneswar
OIPR-06018/11/0004/2122

OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, AT/POST: BALIMELA,
DIST.: MALKANGIRI, PIN: 764051 (ODISHA), Phone Nos.: 06861-232581 (O)/232641 (R),
FAX No.: 06861-232541, E-mail: unit.head_balimela@yahoo.com/bhep.balimela@gmail.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, 2542826, Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, GSTIN: 21AAACO2575P1Z9, CIN: 40101OR1995SGC003963
'e'-Procurement Notice
NOTICE INVITING TENDER NO. BHEP/28/2021-22 DATED: 02.12.2021

No. CAD-2134: The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover-II (Price Bid) for the work through e-procurement as detailed in the table below. The bids should be submitted 'online' in **https://tendersodisha.gov.in** by eligible **'B' and 'A'** class Civil Contractors/Constructions Firms registered with the State Government and contractors of equivalent grade/class registered with Central Government/Railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | Bid Security Declaration | Class of Contractor | Cost of Bid Documents in Rs. | Period of Completion |
|---|---|---|---|---|---|---|
| 01 | Repair & Renovation of 25 Nos. of 3R-Type Quarters at BHEP, Balimela | 79,14,939.00 | As per Annexure-VI duly signed | 'B' & 'A' | 10,000/- + GST @ 18% = 11,800/- | 180 days |

Date & time of availability of bid document in the portal : From 10.00 hrs. of 07.12.2021 to 27.12.2021 (Upto 17.00 hrs.)
Last date & time of submission of bid : Upto 17.00 hrs. of 27.12.2021
The date & time of opening of the bid : 12.00 hrs. onwards of 28.12.2021 (Only Technical Bid)
Further details can be seen from the e-procurement portal **https://tendersodisha.gov.in.**

Sd./- Unit Head
Balimela Hydro Electric Project, Balimela
OIPR-04019/11/0033/2122

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-2153
TENDER ALERT

**01) E-Tender Call Notice No.03/2021-22:** To Carry out PCC Metaling, walkway renovation, construction of brick masonary guard wall under 132kV Bus Corridor at 220/132/33kV Grid S/S, Jayanagar under EHT O&M Division, Jayanagar.
**02) Tender Call Notice No.04/2021-22:** Painting of 03 Nos 40MVA Power Transformers at Grid S/S Nimapara and 01 No.40MVA Power Transformer-III at Grid S/S Puri along with its accessories under EHT O&M Division, Puri.
**03) Tender Call Notice No.12/21-22:** Supply of Diesel run hired vehicle Non AC Bolero 09 seated for Grid S/S Joda, Grid S/S Barbil & Grid S/S Bolani on pool basis under EHT O&M Division, Joda.
**04) Tender Call Notice No.03/2021-22:** Supply and fixing of Pavor Block and Vitrified Tiles infront of EHT O&M Division, Bhadrak office.
**05) Tender Call Notice No.04/2021-22:** Construction of 220kV, 132kV & 33kV Breaker step foundation at 220/132/33 kV Grid S/S, Bhadrak under EHT O&M division, Bhadrak.
**06) Tender Call Notice No.TRB-O&M-DIV-OT-05/2021-22:** Lot-A: Construction of Protection cum Guard Wall at Loc No.610 of 220kV Therubali-Kolab S.C line.
Lot-B: Earth cutting in between Loc. No.127 & No.128 of 220kV Therubali-Narendrapur DC Line.
**07) E-Tender Call Notice No.MZM-271-01/2021-22:** Annual Contract for cleaning & sanitation work of circle/Division offices, control rooms and offices of various grid s/s under EHT O&M Circle, Burla.
**08) E-Tender Call Notice No.MZM-271-02/2021-22:** Annual Contract for cleaning & sanitation work of Circle/Division offices, control rooms and offices of various grid s/s under EHT O&M Circle, Bolangir.
**09) Advertisement No.01/2021-22:** Applications are invited from interested manufacturers/ Authorised dealers/ Suppliers and civil contractors MV/HV Electrical License holders & Labour Contract License holders & Transports to be empanelled in the vendor list of EHT O&M Circle, Bolangir for supply of materials, execution of works & transportation of materials upto Rs.1,00,000/-.
For details please visit : **www.optcl.co.in.**

OIPR-04011/11/0109/2122 FIPR-68/2021-22

## ସଂକ୍ଷେପରେ

### ମାସ୍କ ନ ପିନ୍ଧିଲେ ଜରିମାନା

**ଚୌଦ୍ୱାର,୪।୧୨(ଡି.ଏନ୍.ଏ.):** କରୋନାର ନୂଆ ଭାରିଆଣ୍ଟ 'ଓମିକ୍ରନ' ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇଛି। ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ନିୟମିତ ମାସ୍କ ପିନ୍ଧିବା ପାଇଁ ଚୌଦ୍ୱାର ପୋଲିସ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ପୋଲିସର ଏକ ପ୍ରଚାର ଗାଡ଼ି ଶନିବାର ସନ୍ଧ୍ୟାରୁ ଚୌଦ୍ୱାର ସହର ଓ ଏହାର ଆଖପାଖ ଗ୍ରାମାଞ୍ଚଳ ପରିକ୍ରମା କରି ସମସ୍ତେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା, ନିୟମିତ ହାତ ଧୋଇବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲା। ରବିବାର ଠାରୁ ମାସ୍କ ଯାଞ୍ଚ କଡ଼ାକଡ଼ି କରଯିବ। ମାସ୍କ ନ ପିନ୍ଧିଲେ ଜରିମାନା ଆଦାୟ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

### ଆୟୁର୍ବେଦିକ ସେବା ଆରମ୍ଭ

**ବାଙ୍କୀ,୪।୧୨(ସ୍ୱ.ପ୍ର.):** ଗୁରୁ ନିମାଇଁ ଚରଣ ପରମହଂସ ଦେବଙ୍କ ଅଭୟପାଦ ଆଧାତ୍ମିକ ଚେତନା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବାଙ୍କୀର ବିଭିନ୍ନ ପଞ୍ଚାୟତରେ ଶନିବାର ଆୟୁର୍ବେଦିକ ଚିକିତ୍ସା ସେବା ଶୁଭାରମ୍ଭ ହୋଇଛି। ଏଥିରେ ବାଉରୀବନ୍ଧୁ ଦାସ ସହଯୋଗ କରିଥିଲେ। ଏହି ସେବାକୁ ବାଙ୍କୀ ବୟୋଜ୍ୟେଷ୍ଠ ନାଗରିକ ସଂଘ ସଭାପତି ଆଇନଜୀବୀ ବିରଞ୍ଚି ନାରାୟଣ ଦାସ ପ୍ରଶଂସା କରିଥିଲେ। ସାମାଜିକ କର୍ମୀ ମୀନକେତନ ଶ୍ରୀଚନ୍ଦନ, ସୁବାସ ଚନ୍ଦ୍ର ପଲେଇ, ଟୁକୁନି ରାଉତ ପ୍ରମୁଖ ଉପସ୍ଥିତ ରହି ରୋଗୀମାନଙ୍କ ଭଲମନ୍ଦ ବୁଝିଥିଲେ । ଏହି ସେବା ବଡ଼ମ୍ବା ବ୍ଲକର ବିଭିନ୍ନ ଗ୍ରାମରେ ଯୋଗାଇ ଦିଆଯିବ ବୋଲି ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁ ପ୍ରକାଶ କରିଛନ୍ତି ।

### ହିନ୍ଦ୍ ମଜଦୁର ସଭାର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ,୪।୧୨:** ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କୁ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ହିନ୍ଦ୍ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ଭାବରେ ମନୋନୀତ କରାଯାଇଛି। ଫଳରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ଶନିବାର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗଠନର ଉପସଭାପତି ସାକିର ଖାଁ, ସାଙ୍ଗଠନିକ ସମ୍ପାଦକ ବିଜୟ କୁମାର ନାୟକ, ଉପ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସହ ସମ୍ପାଦକ ନରେନ୍ଦ୍ର ଟୋପାକ୍, ଆଲୋକ ରାଓ ପ୍ରମୁଖ କଟକ ସ୍ଥିତ ତ୍ରିପାଠୀଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ, ସଙ୍ଗଠନକୁ ସୁଦୃଢ଼ କରି ଶ୍ରମିକ, କୃଷକ ଏବଂ କର୍ମଚାରୀଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ସଶକ୍ତ ଆନ୍ଦୋଳନ କରିବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସଭା ପକ୍ଷରୁ ଅନୁଷ୍ଠିତ କର୍ମକର୍ତ୍ତା ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ତ୍ରିପାଠୀଙ୍କ ଅନୁମୋଦନକ୍ରମେ ପୂର୍ବତନ ବିଧାୟକ ତ୍ରିପାଠୀ ଓ ଶ୍ରମିକ ନେତା ରବି ରଥଙ୍କୁ ଯଥାକ୍ରମେ କାର୍ଯ୍ୟକାରୀ ସଭାପତି ଓ ଉପସଭାପତି ଭାବରେ ମନୋନୀତ କରାଯାଇଛି।

### ତାଳଦଣ୍ଡା କେନାଲର ନବୀକରଣ ପାଇଁ ହେବ ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୪।୧୨:** ତାଳଦଣ୍ଡା କେନାଲର ନବୀକରଣ କାର୍ଯ୍ୟକୁ ବିରିବାଟୀ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନୂଆବଜାରଠାରୁ ବିରିବାଟୀ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆସନ୍ତା ସପ୍ତାହରୁ ଆରମ୍ଭ ହେବ। ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱ ରାସ୍ତାର ସମ୍ପ୍ରସାରଣ ପାଇଁ ଏହି ଉଚ୍ଛେଦ କରାଯିବ। ବର୍ଷା କମିବା ପରେ ଉକ୍ତ ଅଞ୍ଚଳରେ କେତୋଟି ବ୍ୟବସାୟିକ ପ୍ରତିଷ୍ଠାନ, ବାସଗୃହ ରହିଛି, ତାହାର ସର୍ଭେ କରାଯିବ। ଏହାପରେ ଜବରଦଖଲରେ ଥିବା ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦିଆଯିବା ସହ ଅନ୍ୟତ୍ର ଥଇଥାନ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉ କି, ରାଣୀହାଟଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ତାଳଦଣ୍ଡାର ଉଭୟ ପାର୍ଶ୍ୱ ରାସ୍ତା କାର୍ଯ୍ୟ ଆସନ୍ତା ଜାନୁୟାରୀ ମଧ୍ୟରେ ଶେଷ ହେବା ପରେ ନବୀକରଣ କାର୍ଯ୍ୟ ନୂଆବଜାର ପୋଲ ପର୍ଯ୍ୟନ୍ତ କରାଯିବ। ଏହାପରେ ବିରିବାଟୀ ପର୍ଯ୍ୟନ୍ତ ଏହି ରାସ୍ତା ସମ୍ପ୍ରସାରଣ କରାଯିବାକୁ ସ୍ଥିର ହୋଇଛି।

# ଟେଲି ପୁରସ୍କାରରୁ ବାଦ୍ ପଡ଼ିଲା 'ନିମ୍‌କି'

**ଭୁବନେଶ୍ୱର, ୪।୧୨ (ବ୍ୟୁରୋ)**



ଆଲୋଚନାରେ ଉପସ୍ଥିତ ଓଟା କର୍ମକର୍ତ୍ତାଙ୍କ ସହ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

**ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ବିବାଦ**
- ଆଲୋଚନା ପରେ ଶାନ୍ତ ପଡ଼ିଲା 'ଓଟା'
- ଖୁବ୍‌ଶୀଘ୍ର ଲାଗୁ ହେବ ନୂଆ ଆମେଣ୍ଡମେଣ୍ଟ

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ ମସିହା ପାଇଁ ୩୧ତମ 'ରାଜ୍ୟ ଓଡ଼ିଆ ଚଳଚ୍ଚିତ୍ର' ଓ ୮ମ 'ରାଜ୍ୟ ଓଡ଼ିଆ ଟେଲି ଚଳଚ୍ଚିତ୍ର ପୁରସ୍କାର' ଘୋଷଣା ହେବା ପରେ ଏହାକୁ ନେଇ ବିବାଦ ଲାଗି ରହିଥିଲା। ପୁରସ୍କାର ପ୍ରଦାନ କ୍ଷେତ୍ରରେ ଚୟନ ପ୍ରକ୍ରିୟା କେତେଦୂର ନିରପେକ୍ଷ ତାହାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି କମିଟିରେ ଥିବା ଜୁରୀ ସଦସ୍ୟମାନଙ୍କୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ସଂସ୍କୃତି ବିଭାଗ ସହିତ ଓଡ଼ିଶା ଟେଲି ଆର୍ଟିଷ୍ଟସ୍ ଆସୋସିଏଶନ (ଓଟା)ର ଆଲୋଚନା ପରେ ଏହି ବିବାଦର ଏବେ ଏକ ପ୍ରକାର ଅନ୍ତ ହେବାକୁ ଯାଉଛି। ହୋଇଥିବା ନିଷ୍ପତ୍ତି ଅନୁସାରେ, ଟେଲି ପୁରସ୍କାର ବର୍ଗରେ ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବା 'ନିମ୍‌କି' ଚଳଚ୍ଚିତ୍ରକୁ ପୁରସ୍କାର ତାଲିକାରୁ ବାଦ୍ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ଭାବେ କମର୍ସିଆଲ ଚଳଚ୍ଚିତ୍ର ହୋଇଥିବାରୁ ଏବଂ ହଲ୍‌ରେ ରିଲିଜ୍ ହୋଇଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ବିବାଦରେ ଥିଲେ ମଧ୍ୟ ପୁରସ୍କାର ପାଇଁ ନାମ ଘୋଷଣା ହୋଇ ସାରିଥିବାରୁ ଚଳଚ୍ଚିତ୍ର 'ଖୁସି' 'କାଳିଆ କରୁଛି ଲୀଳା' ଓ 'ରଙ୍ଗୀଲା ବୋହୂ' ଆଦିକୁ ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

ଏଥିସହ ଆଉ କେତେକ ନିଷ୍ପତ୍ତି ହୋଇଛି। ପ୍ରଯୋଜକମାନେ ନିଜ ନିଜ ଚଳଚ୍ଚିତ୍ର ଦାଖଲ କଲାବେଳେ ଏକ ସତ୍ୟପାଠ ଦାଖଲ କରିଥାନ୍ତି। ଯେଉଁଥିରେ କି କାହାଣୀ କାହାଠାରୁ କପି ହୋଇ ନାହିଁ ବୋଲି ଉଲ୍ଲେଖ ଥାଏ। ମାତ୍ର ସବୁ ପ୍ରଯୋଜକମାନେ ଏହାକୁ ମାନୁ ନାହାନ୍ତି। ତେଣୁ ଭବିଷ୍ୟତରେ ଯେପରି ଏଭଳି କପି ହୋଇଥିବା ଚଳଚ୍ଚିତ୍ର ପୁରସ୍କାର ପାଇଁ ଆବେଦନ କରି ନ ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ସର୍ବାଧିକ ୪୫ ମିନିଟ୍ ଅବଧି ମଧ୍ୟରେ ଥିବା ଫିଲ୍ମକୁ ହିଁ ଟେଲିଫିଲ୍ମରେ ଗଣାଯିବ। ସେହିପରି ଜୁରୀ କର୍ତ୍ତାଙ୍କୁ ଚୟନ ସମୟରେ ଯେପରି କାହା ପ୍ରତି ପକ୍ଷପାତିତା ନ ହୁଏ ତାହାକୁ ଧ୍ୟାନ ଦିଆଯିବ। ଏଥିସହ ଖୁବ୍‌ଶୀଘ୍ର ଏକ ନୂଆ ସଂଶୋଧନ ପ୍ରସ୍ତୁତ କରାଯିବ, ଯାହାକି ୨୦୨୦ ମସିହାର ପୁରସ୍କାର ଚୟନ ସମୟରୁ ଲାଗୁ ହେବ। ସେହିଭଳି ଶ୍ରେଷ୍ଠ ଧାରାବାହିକକୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ'ଙ୍କ ନାମରେ ନାମିତ କରିବା, ଜୟଦେବ ପୁରସ୍କାର ଢାଞ୍ଚାରେ ଜୀବନ ବ୍ୟାପୀ (ଟେଲିଭିଜନ) ସାଧନା ପାଇଁ 'ଦୁଃଖୀରାମ ସ୍ୱାଇଁ ପୁରସ୍କାର' ପ୍ରଦାନ କରିବା ଏହି ସଂଶୋଧନରେ ସାମିଲ କରାଯିବାକୁ ଆଲୋଚନାରେ ନିଷ୍ପତ୍ତି ହୋଇଛି।

ଆଲୋଚନାରେ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଓଟାର ସଭାପତି ଉତ୍ତମ ମହାନ୍ତି, ସମ୍ପାଦକ ନରେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜୁରୀ ଚୟନ ଏବଂ ଅନ୍ୟାନ୍ୟ ଦାବି ନେଇ ଓଟା ପକ୍ଷରୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଏକ ଲିଖିତ ଦାବି ପ୍ରଦାନ କରିବେ ବୋଲି ସମ୍ପାଦକ ନରେନ୍ଦ୍ର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଟେଲି ଚଳଚ୍ଚିତ୍ର ପୁରସ୍କାରକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲା ଓଟା। ଏହାକୁ ନେଇ ଆଇନର ଆଶ୍ରୟ ନେବାକୁ ପ୍ରସ୍ତୁତ ହେଉଥିଲା। ସେହିପରି ନିର୍ଦ୍ଦେଶକ ବବି ଇସଲାମ୍, ଅଭିନେତା ମିଟୁ ମିଥୁନ ନବୀନ ନିବାସ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ।

# ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନକୁ ନେଇ ଚିନ୍ତାରେ ହିତାଧିକାରୀ

**କଟକ ସଦର, ୪।୧୨(ଡି.ଏନ.ଏ.)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କଟକ ଜିଲାରେ କିଛିଦିନ ମଧ୍ୟରେ ୫ ଲକ୍ଷ ୨ ହଜାର ନୂଆ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କେବଳ କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ୩୦,୯୦୭ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ। ଏଥିପାଇଁ ସବୁ ହିତାଧିକାରୀଙ୍କ ବାୟୋ ମେଟ୍ରିକ ଛାପ ନିଆଯିବ। ଯାହାକୁ ନେଇ ବୟସ୍କ ହିତାଧିକାରୀମାନେ ଚିନ୍ତାରେ ପଡିଛନ୍ତି। କାରଣ କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିକୁ ରଖିଲେ ଏତେ ସଂଖ୍ୟକ ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହେବା ଉଚିତ୍ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଗୋଟିଏ ସ୍ଥାନରେ ପ୍ରତୀକାତ୍ମକ ସ୍ମାର୍ଟକାର୍ଡ ବାଣ୍ଟିବା ଦରକାର। ତା'ପରେ ସବୁ ପଞ୍ଚାୟତର ରିଟେଲରମାନେ ହିତାଧିକାରୀଙ୍କୁ କାର୍ଡ ଦେବା ଉଚିତ୍ ହେବ। କାରଣ ସେମାନଙ୍କ ମେଶିନ ଦ୍ୱାରା ବାୟୋମେଟ୍ରିକ ଛାପ ନିଆଯିବ। ଏବେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ କେନ୍ଦ୍ର ଖାଦ୍ୟ ଯୋଜନାରେ ସାମିଲ ହୋଇଥିବା ୮୦୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ହେଲ୍‌ଥ ସ୍ମାର୍ଟକାର୍ଡ ଆସିନାହିଁ। ଲୋକମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପଞ୍ଚାୟତ ୱାରି କାର୍ଡ ବଣ୍ଟନ ବ୍ୟବସ୍ଥା କରାଯାଉଛି ବୋଲି ବ୍ଲକସ୍ତରୀୟ ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

# ସୁପାରିକିଲର ସମ୍ପଦଙ୍କ ସହଯୋଗୀ ପ୍ରଶାନ୍ତ ଗିରଫ

**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ବ୍ୟବସାୟୀଙ୍କୁ ହତ୍ୟା କରିବାକୁ ଯୋଜନାବେଳେ ନୟାପଲ୍ଲୀ ଅଞ୍ଚଳରୁ ଗିରଫ ହୋଇଥିବା ବନ୍ଧୁକ ଚୋରା ଚାଲାଣକାରୀ ତଥା ସୁପାରିକିଲର ଜଗତ୍‌ସିଂହପୁର ତିର୍ତ୍ତୋଲର ସମ୍ପଦ କୁମାର ସାହୁଙ୍କ ସହଯୋଗୀ ପ୍ରଶାନ୍ତ ଦାସଙ୍କୁ କଟକରୁ ଧରିଛି କମିଶନରେଟ ପୋଲିସ। ଶୁକ୍ରବାର ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ପୋଲିସ ଟିମ୍ ଚୌଦ୍ୱାର ଟାଙ୍ଗୀ ବିଶ୍ୱନାଥପୁରରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛି। ତାଙ୍କ ନାମରେ ବିଭିନ୍ନ ଜିଲାରେ ୧୧ ଆପରାଧିକ ମାମଲା ରହିଛି।

ଏନ୍-୪ରେ ରହୁଥିବା ଜୟନ୍ତ ମହାନ୍ତିଙ୍କୁ ଗୁଳି କରି ହତ୍ୟା କରିବାକୁ ପ୍ରଶାନ୍ତ ଓ ସମ୍ପଦ ଆସି ନୂଆପଲ୍ଲୀ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଜଗି ରହିଥିଲେ। ପୋଲିସ ଟିମ୍ ସେଠାରେ ଚଢ଼ାଉବେଳେ ସମ୍ପଦ ଓ ପ୍ରଶାନ୍ତ ଫାଙ୍କା ଗୁଳିଚାଳନା ସହ ଆକ୍ରମଣ କରିଥିଲେ। ତେବେ ସମ୍ପଦଙ୍କୁ ପୋଲିସ ଗିରଫ କରିବା ସହ ୨ ପିସ୍ତଲ, ୯ ଗୁଳି ଜବତ କରିଥିଲା। ହେଲେ ପ୍ରଶାନ୍ତ ସେଠାରୁ ଖସି ପଳାଇଥିଲେ। ଥାନା ଅଧିକାରୀ ଶରତ ସାହୁ ସମ୍ପଦଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ତାଙ୍କଠାରୁ ପ୍ରଶାନ୍ତଙ୍କ ବିଷୟରେ ତଥ୍ୟ ହାସଲ କରିଥିଲେ। ଏହାପରେ ପ୍ରଶାନ୍ତଙ୍କୁ ଧରିବାକୁ ୨ ଜଣିଆ ପୋଲିସ ଟିମ୍ ଟାଙ୍ଗୀରେ ଡେରା ପକାଇଥିଲା। ପ୍ରଶାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଉଛି। ଅନ୍ୟପଟେ ସମ୍ପଦଙ୍କର ରିମାଣ୍ଡ ଅବଧି ସରିବା ପରେ ଶନିବାର କୋର୍ଟରେ ହାଜର କରାଯାଇଥିଲା। ଏଥିସହ ଉଭୟଙ୍କୁ ପୁଣି ୭ଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ ପାଇଁ କୋର୍ଟରେ ଆବେଦନ କରାଯାଇଥିବା ଥାନାଧିକାରୀ ସାହୁ କହିଛନ୍ତି।

# ଦୋକାନ ଭିତରକୁ ମାଡ଼ିଗଲା ଟ୍ରାକ୍ଟର

**୪ ବାଇକ, ସାଇକେଲ କ୍ଷତିଗ୍ରସ୍ତ**

**ସାଲେପୁର,୪।୧୨(ଡି.ଏନ୍.ଏ.):** ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ ବଜାରସ୍ଥିତ ଏକ ଚା' ଦୋକାନ ଭିତରକୁ ଶନିବାର ସକାଳେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ମାଡ଼ିଯାଇଥିଲା। ଫଳରେ ଦୋକାନ ସମ୍ମୁଖରେ ଥିବା ୪ ବାଇକ ଓ ଗୋଟିଏ ସାଇକେଲ ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଉକ୍ତ ଦୋକାନ ସମ୍ମୁଖରେ ଠିଆହୋଇ ଥିବା ପ୍ରାୟ ୧୦ ଜଣ ଲୋକେ ବର୍ତ୍ତି ଯାଇଛନ୍ତି। ସଙ୍କୁଚିତ ରାସ୍ତା ନିକଟରେ ଉକ୍ତ ଚା'ଦୋକାନ ଥିବାରୁ ଏହି ଦୁର୍ଘଟଣା ଘଟିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜପ କୁଦ ଫାଣ୍ଡି ଅଧିକାରୀ ସଞ୍ଜୀବ କୁମାର ଥାଟୋଇ କହିଛନ୍ତି, ଦୁର୍ଘଟଣା ସମ୍ପର୍କରେ ଜାଣିଛି। ମାତ୍ର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇନାହିଁ।


**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 304/2021**

Indian Overseas Bank, Balugaon Branch ...Applicant
-Versus-
M/s. Trimurty Pharmaceuticals and others ...Defendants

To
**Defendants**
1) **M/s. Trimurty Pharmaceuticals,** At: Saralapadar, Near Uttarayani Temple, Main Road, Balugaon-752030, Dist: Khurda, represented by its Proprietor, Sri Dushasan Behera, S/o: Late Purusottam Behera
2) **Sri Dushasan Behera,** S/o: Late Purusottam Behera, At: Hatabaradihi, PS: Tangi, Dist: Khurda, Pin-752027
3) **Sri Gadadhar Behera,** S/o: Sri Nimain Behera, At: Jayantipur (Gainada), PO: Hatabaradihi, Via/PS: Tangi, Dist: Khurda, Pin-752027
4) **Smt. Gandei Dei,** W/o: Late Purusottam Behera, At/PO: Hatabaradihi, Balaram Sahi, Via/PS: Tangi, Dist: Khurda, Pin-752027
5) **Smt. Reena Behera,** W/o: Sri Dushasan Behera, At: Uttarayani Road, PO/PS: Balugaon, Dist: Khurda, Pin-752030

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted **O.A. No. 304/2021** in the Court of the Debts Recovery Tribunal, Cuttack for recovery of **Rs.59,85,333/-** (Rupees Fifty Nine lakhs Eighty Five Thousand Three Hundred Thirty Three only) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **23.02.2022 at 10.30 A.M.** as to why reliefs as prayed for in OA shall not be granted.

Take notice that in case of default, the Original Application will be heard and determined in your absence.

Given under my hand and seal of this Tribunal on this **02nd day of December, 2021.**

Sd/- (Manoj Kumar Pattanaik)
REGISTRAR



**OFFICE OF THE CHIEF CONSTRUCTION ENGINEER** No. O-1161
**RURAL WORKS CIRCLE, BARIPADA**
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada

**"e"-Procurement Notice for Road Work | Identification No. Online Tender-Building N.C.B. No. 200 for 2021-22**
**Letter No. 3721/Date: 26.11.2021**

1. Name of the work :- Construction of RD Road to Mankadgoda (Balance Work of 2018-19) under OMBADC
2. Total No. of works :- 1 No. (One)
3. Estimated Cost :- Rs.164.01 lakhs (Approximately)
4. Eligible Class of Contractor :- As per annexure
5. Period of Completion :- As per annexure
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.200 | Dt.06.12.2021 at 11.00 A.M. | Dt.20.12.2021 up to 5.00 P.M. | Dt.18.12.2021 up to 5.00 P.M. | Dt.21.12.2021 at 11.00 A.M. | Dt.29.12.2021 at 11.00 A.M. |

- Further details can be seen from the website www.tendersodisha.gov.in
- Any Corrigendum / Addendum will be displayed in the above e_tender website only.

OIPR-25130/11/0021/2122 Sd./- Chief Construction Engineer, R.W. Circle, Baripada



**OFFICE OF THE CHIEF CONSTRUCTION ENGINEER** No. O-1188
**RURAL WORKS CIRCLE, BARIPADA**
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada

**"e"-Procurement Notice for Building Work | Identification No. Online Tender-Building N.C.B. No. 201 for 2021-22**
**Letter No. 3816/Date: 01.12.2021**

1. Name of the work :- Building Works
2. Total No. of works :- 2 Nos. (Three)
3. Estimated Cost :- Rs.453.49 lakhs & Rs.515.46 lakhs (Approximately)
4. Eligible Class of Contractor :- 'A' & 'Special' Class
5. Period of Completion :- 18 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | Building On-line N.C.B. No.201 | Dt.07.12.2021 at 11.00 A.M. | Dt.21.12.2021 up to 5.00 P.M. | Dt.20.12.2021 up to 5.00 P.M. | Dt.22.12.2021 at 11.00 A.M. | Will be intimated later |

- Further details can be seen from the website www.tendersodisha.gov.in
- Any Corrigendum / Addendum will be displayed in the above e_tender website only.

OIPR-25130/11/0024/2122 Sd./- Chief Construction Engineer, R.W. Circle, Baripada



**Government of Odisha**
**Office of the Chief Construction Engineer**
**Rural Works Circle, Sambalpur**
Tel.-0663-2548268, E-mail Id serwcirclesbp@yahoo.com
**Bid Identification No. Road Tender Online RWCSBP-32/2021-22 No.: 3174 Dated: 26.11.2021**

No.O-1137:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 1 (One) No. group of Special Repair to Roads under Annual Maintenance Plan.
1. Name of work: Special Repair to Roads under Annual Maintenance Plan. 2. No. of works: 1 (One) No. as per DTCN. 3. Estimated cost: Approximately Rs.136.84 lakhs. 4. Class of contractor : 'B' and 'A'. 5. Cost of tender paper and mode of deposit: Rs.10,000/- per set (To be deposited Online) in favour of concerned Executive Engineer. 6. Mode of submission of tender : Tender should be submitted only online in website www.tendersorissa.gov.in (https//tendersodisha.gov.in).7. EMD and mode of deposit: No. EMD is required but bid security declaration should be furnished by the bidders as mentioned in DTCN. 8. Summary of key dates are provided below:

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-32/ 2021-22 | 06.12.2021 at 11.00 A.M. | 20.12.2021 upto 5.00 P.M. | 18.12.2021 upto 1.00 P.M. | 21.12.2021 at 11.00 A.M. | Will be intimated later |

* Further details can be seen from the e-procurement portal www.tendersorissa.gov.in (https//tendersodisha.gov.in). * Subsequent modification / corrigendum / addendum if required shall appear in website only. * The amount put to bid is exclusive of GST. * Bidder should inspect the Bridge before bidding and quote his rate accordingly.

Sd./- Chief Construction Engineer, Rural Works Circle, Sambalpur
OIPR-25091/11/0039/2122



बैंक ऑफ़ बड़ौदा Bank of Baroda

**ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ**
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail:armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-IV-A(ରୁଲ୍ ୬ (୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ **ଦଖଲକୁ** ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍‌ର ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦୀ ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ମୟୂର ପୋଲ୍ୟୁଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ମଞ୍ଜୁମାଳା ଶତପଥି, ସ୍ୱାମୀ: ଶ୍ରୀ ସଦାଶିବ ଶତପଥି, ଜାମିନ୍‌ଦାରମାନେ: ୧) ଶ୍ରୀ ସନାତନ ମିଶ୍ର, ୨) ଶ୍ରୀ ସଦାନନ୍ଦ ଶତପଥି, ୩) ଶ୍ରୀମତୀ ଅମ୍ବିକା ଶତପଥି, ସମସ୍ତଙ୍କ ଠିକଣା-ସା: ଜଗନ୍ନାଥପୁର, ସରଗଲାଞ୍ଜି, ପୋ: ମେଦିନୀପୁର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୨ । | ସମ୍ପତ୍ତି-୧: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଜଗନ୍ନାଥପୁର, ଥାନା: ଭବାନୀପାଟଣା, କଳାହାଣ୍ଡି, ଖାତା ନଂ.: ୧୧୧, ପ୍ଲଟ୍ ନଂ.: ୪୦୯, ୪୧୦, ୪୧୨, କ୍ଷେତ୍ର: ଏକର ୦.୩୩୦ ଡିସିମିଲ । ସମ୍ପତ୍ତି-୨: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଯାହାର ମୌଜା: ଭବାନୀପାଟଣା, ଇରିଗେସନ କଲୋନୀ, କଳାହାଣ୍ଡି, ଖାତା ନଂ.: ୧୮୯/ ୧୦୬, ପ୍ଲଟ୍ ନଂ.: ୨୦୯/୧୧୩୮, କ୍ଷେତ୍ର: ଏକର ୦.୨୫ ଡିସିମିଲ । | ଟ.୧,୧୬,୪୩,୦୦୦.୦୦ + ୩୧.୧୨.୨୦୧୬ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ସମ୍ପତ୍ତି-୧: ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/-; ସମ୍ପତ୍ତି-୨: ଟ.୭୨,୦୦,୦୦୦/- / ଟ.୭,୨୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୨. | ଋଣଗ୍ରହୀତା: ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ., ପ୍ଲଟ୍ ନଂ.: ୧୭୯୭, ଖାତା ନଂ.: ୬୯୬, ମୌଜା: କୁରାଙ୍ଗ ପ୍ରଧାନ, ତହସିଲ: ବାରଙ୍ଗ, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୦୧ / ନିର୍ଦ୍ଦେଶକ ଏବଂ ଜାମିନଦାରମାନେ: ୧) ଶ୍ରୀ ସୁନିଲ କୁମାର ପଣ୍ଡା, ପିତା: ୪ ବିଜୟ କୁମାର ପଣ୍ଡା, ୨) ଶ୍ରୀମତୀ ବିଦ୍ୟୁତ ରେଖା ପଣ୍ଡା, ଉଭୟଙ୍କ ଠିକଣା-ସା: ଡୁପ୍ଲେକ୍ସ-୧୦, ଗାୟତ୍ରୀ ନଗର, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୦ । | ସମୁଦାୟ କ୍ଷେତ୍ର: ଏକର ୨.୦୦ ଡିସିମିଲ (କ) ଲିଜର ହିସାବରେ ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲିଃ. ନାମରେ ଏକର ୦.୨୫୨୯ ଡିସିମିଲ ଏବଂ ଖ) ଜମିର ଫ୍ରି ହୋଲ୍ଡ ଅଂଶ ଭାବେ ସୁନିଲ କୁମାର ପଣ୍ଡାଙ୍କ ନାମରେ ଏକର ୧.୭୪୭୧ ଡିସିମିଲ} ଜମି ଏବଂ ଗୃହ ଯାହାର ମୌଜା: କୁରାଙ୍ଗ ପ୍ରଧାନ, ଥାନା: କଟକ ସଦର ନଂ.: ୧୭୯, ତହସିଲ: ବାରଙ୍ଗ ନଂ.: ୩୭୬, କଟକ, ଖାତା ନଂ.: ୬୯୬, ପ୍ଲଟ୍ ନଂ.: ୧୭୯୭ । | ଟ.୩,୩୭,୪୨,୮୦୯.୦୦ + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୭୫,୨୯,୦୦୦/- / ଟ.୨୭,୫୨,୯୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୩. | ଋଣଗ୍ରହୀତା: ମେସର୍ସ ମାଳତୀ ମିନେରାଲ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ପୁରବୀ ବାରିକ, ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ବାରିକ / ଜାମିନଦାର: ଶ୍ରୀ ପ୍ରଦୀପ କୁମାର ବାରିକ, ପିତା: ୪ ରାମ ଚନ୍ଦ୍ର ବାରିକ, ସମସ୍ତଙ୍କ ଠିକଣା-ସା: ମାଇନିଙ୍ଗ ରୋଡ୍, ପୋ: କେନ୍ଦୁଝରଗଡ଼, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୦୧ | ଶ୍ରୀମତୀ ପୁରବୀ ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତଳଚମ୍ପେଇ, ଥାନା: ସଦର ନଂ.: ୪, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ଖାତା ନଂ.: ୮୬/୧୭, ପ୍ଲଟ୍ ନଂ.: ୯୯, କ୍ଷେତ୍ର: ଏକର ୨.୩୨୩ ଡିସିମିଲ, ଖାତା ନଂ.: ୮୬/୧୬, ପ୍ଲଟ୍ ନଂ.: ୯୯/୮୬୨, କ୍ଷେତ୍ର: ଏକର ୦.୨୪୭ ଡିସିମିଲ ଏବଂ ପ୍ଲଟ୍ ନଂ.: ୧୦୦, କ୍ଷେତ୍ର: ଏକର ୦.୩୪୬ ଡିସିମିଲ, ସମୁଦାୟ କ୍ଷେତ୍ର: ଏକର ୨.୯୧୬ ଡିସିମିଲ (ସେଲ୍ ଡିଡ୍ ଅନୁଯାୟୀ) । | ଟ.୫୪,୧୮,୧୫୯.୭୩ + ୦୧.୦୭.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୯,୫୦,୦୦୦/- / ଟ.୨,୯୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୪. | ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲସ୍ ପ୍ରା. ଲିଃ., ତଳ ମହଲା, ବସୁନ୍ଧରା ବିଲ୍ଡିଙ୍ଗ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢେଙ୍କାନାଳ-୭୫୯୦୧୩, ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁ ରାଓ, ପିତା: ଏମ୍. କୁପୋସ୍ୱାମୀ, ୨) ଶ୍ରୀମତୀ ଏମ୍. ଭାନୀ, ସ୍ୱାମୀ: ଏମ୍. ବାବୁ ରାଓ, ଉଭୟ ମାର୍ଫତ: ଡା. ବି. କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆଶାସନ, ଢେଙ୍କାନାଳ-୭୫୯୦୦୧, ୩) ଶ୍ରୀ ହେମନ୍ତ କୁମାର ମହାନ୍ତି, ପିତା: ଶରତ ଚନ୍ଦ୍ର ମହାନ୍ତି, ମୀନା ବଜାର, ଢେଙ୍କାନାଳ-୭୫୯୦୦୧, ୪) ଶ୍ରୀ ଭି. ସୁରେଶ, ମାର୍ଫତ: ଏସ୍. କେ. ଆଗର୍ଯ୍ୟ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢେଙ୍କାନାଳ-୭୫୯୦୧୩, ୫) ଶ୍ରୀ ଏମ୍. ଶାୟୀ ଶିଭା ରାଓ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ, ଚେଞ୍ଚୁପେଟା, ସା/ପୋ: ଟେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, ୬) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ପିତା: ବୈକୁଣ୍ଠ ନାଥ ମହାନ୍ତି, ସା/ପୋ: ଗୋବିନ୍ଦପୁର, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧, ୭) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପିତା: ଭାଲୁ ବିଶ୍ୱାଳ, ୮) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ମହିଷାପାଟ, ଢେଙ୍କାନାଳ -୭୫୯୦୦୧, ୯) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିପ୍ତୀଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷିତୀଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧୀରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନୀରେନ କୁମାର ପଟ୍ଟନାୟକ, ସମସ୍ତଙ୍କ ପିତା: ଚକ୍ରଧର ପଟ୍ଟନାୟକ, ମୀନା ବଜାର, ଗାନ୍ଧୀମନ୍ଦିର ରୋଡ୍, ଢେଙ୍କାନାଳ-୭୫୯୦୦୧ । | ଶ୍ରୀ ଏମ୍. ବାବୁ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ.: ୧୨, ବ୍ଲକ୍ ନଂ.: ୫, ତହସିଲ୍ ନଂ.: ୨୯୩, ମ୍ୟୁନସିପାଲ୍ ଡୋର ନଂ.: ୪-୧୪/୫/୨, କାକୁମନୁଭରି ଷ୍ଟ୍ରିଟ୍, ଇଟାନଗର, ତେନାଲି ଟାଉନ୍, ଗୁଣ୍ଟୁର ଜିଲ୍ଲା, ଆନ୍ଧ୍ର ପ୍ରଦେଶ । | ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୩,୫୦,୦୦୦/- / ଟ.୨,୩୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) and (https://ibapi.in) ଦେଖନ୍ତୁ । ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ୍ୟ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ

**ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ:**

୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ / ନାକଚ / ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡାକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି ।

୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି । ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ୍ ଯାଞ୍ଚ କରିବାରେ ବିଳମ୍ବତା/ବିଫଳତା ଏବଂ ଇଏମ୍‌ଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ । ନିଲାମ ତାରିଖ ଓ ସମୟରେ ବିଡ୍‌ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଏମ୍‌ଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

**ସରଫେଶୀ ଆକ୍ଟ,୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫/୩୦ ଦିନିଆ ନୋଟିସ୍ ।**

ତାରିଖ: ୦୪.୧୨.୨୦୨୧, ସ୍ଥାନ: କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୪।୧୨।୨୦୨୧

| | |
|---|---|
| ୧,୩୧,୪୧୨ ଟଙ୍କା | |
| ସୁନା | ୧୦୦ ଗ୍ରାମ |
| ରୁପା | ୭୧.୭୦୦ ଗ୍ରାମ |

# ବଢୁଛି ଜୁଆର, ସମୁଦ୍ର ଯିବାକୁ ବାରଣ

ପୁରୀ ଅଫିସ,୪।୧୨:

ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି ସମ୍ଭାବ୍ୟ ବାତ୍ୟା ଜୱାଦ। ପୁରୀ ଉପକୂଳ ନିକଟରେ ପହଞ୍ଚିବା ବେଳକୁ ବାତ୍ୟାର ବେଗ କମିଯାଇଥିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶନିବାର ଅପରାହ୍ନ ଠାରୁ ବର୍ଷାର ମାତ୍ରା କମ୍ ରହିଥିଲେ ହେଁ ଲଗାତାର ଯୋଗୁ ସମୁଦ୍ରରେ ଜୁଆର ବଢ଼ୁଥିବା ଦେଖିବାକୁ ମିଳିଛି। ସ୍ୱାଭାବିକଠାରୁ ପବନର ବେଗ କିଛି ମାତ୍ରାରେ ବଢ଼ିଥିବା ବେଳେ ପାଗ ଏକଦମ କୋହଲା ରହିଥିଲା। ଏହି ସାମୁଦ୍ରିକ ଝଡ଼ ପୁରୀଠାରେ ସ୍ଥଳ ଭାଗ ଛୁଇଁବାକୁ ଅନୁମାନ କରାଯାଉଥିବା ହେତୁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁରୀ ସମୁଦ୍ରକୂଳ ନିକଟରୁ ସ୍ଥାନାନ୍ତର ପ୍ରକ୍ରିୟା ଶେଷ କରାଯାଇଛି। ପୁରୀ ବେଳାଭୂମିକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ ପ୍ରଶାସନ କଟକଣା ଜାରି କରାଯାଇଥିବା ବେଳେ କାହାକୁ ସମୁଦ୍ର ନିକଟକୁ ଛଡ଼ାଯାଉ ନାହିଁ। ବେଳାଭୂମି ନିକଟରେ ୯୯ଜଣ ଲାଇଫଗାର୍ଡ ଓ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ପୁରୀ ବେଳାଭୂମିର ବିସ୍ତୀର୍ଣ୍ଣ ଅଞ୍ଚଳରେ ଏହି କଟକଣା ଜାରି କରାଯାଇଥିବା ଏସ୍‌ପି କନୱର ବିଶାଳ ସିଂ କହିଛନ୍ତି। ସେହିଭଳି ବେଳାଭୂମିରେ ରେଡଫ୍ଲାଗ୍ ଲଗାଯାଇଛି। ଫିଆର ଭ୍ୟାନ ଲଗାଇ ପୋଲିସ କର୍ମଚାରୀମାନେ ସମୁଦ୍ର କୂଳକୁ ଲୋକଙ୍କୁ ହଟାଉଥିବା ବେଳେ ଡାକବାଜିଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଉଥିଲା। ଏସ୍‌ପି ସିଂ ବେଳାଭୂମି ନିକଟରେ ଥିବା ପର୍ଯ୍ୟଟକଙ୍କୁ ହୋଟେଲ ମଧ୍ୟକୁ ଯିବାକୁ କହିବା ସହ ସତର୍କ ସୂଚନା ମାନିବାକୁ କହିଛନ୍ତି। ବେଳାଭୂମି ନିକଟରେ ଦିନତମାମ୍ ପଇଁତରା ମାରିଥିବା ଦେଖିବାକୁ ମିଳିଥିଲା।



ସମ୍ଭାବ୍ୟ ବାତ୍ୟା ଜୱାଦକୁ ନେଇ ଶନିବାର ପୁରୀ ବେଳାଭୂମି ଅଶାନ୍ତ ହୋଇପଡ଼ିଛି।

### ବେଳାଭୂମିରେ ରେଡ୍‌ଫ୍ଲାଗ୍

ପୁରୀ ବେଳାଭୂମିରେ କିଛି କିଛି ଦୂରତାରେ ରେଡଫ୍ଲାଗ୍ ଦେଖିବାକୁ ମିଳିଛି। ସହର ଦେଇଯାଇଥିବା ସମ୍ପୂର୍ଣ୍ଣ ବେଳାଭୂମିରେ ଏହି ରେଡଫ୍ଲାଗ୍ ଲଗାଯାଇଛି। ଲାଇଫଗାର୍ଡ ଓ ପୋଲିସ କର୍ମଚାରୀମାନେ ଏହି ରେଡଫ୍ଲାଗ୍ ଆଗକୁ କାହାରିକୁ ଛାଡୁନଥିବା ବେଳେ ପର୍ଯ୍ୟଟକମାନଙ୍କୁ ଅଥବା ବେଳାଭୂମି ନିକଟବର୍ତ୍ତୀ ଅଞ୍ଚଳରେ ବୁଲିବାକୁ ମନା କରୁଛନ୍ତି। ସମୁଦ୍ର ଜୁଆର କ୍ରମାଗତ ଭାବେ ବଢ଼ିବାରେ ଲାଗିଥିବା ହେତୁ ପର୍ଯ୍ୟଟକଙ୍କ ଜୀବନକୁ ବିପଦ ବଢ଼ିଛି। ଏଣୁ ଲାଇଫଗାର୍ଡମାନେ ଶନିବାର ଓ ରବିବାର ଦିନ ତମାମ୍ ବେଳାଭୂମି ନିକଟରେ ଉପସ୍ଥିତ ରହି ଲୋକଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିଶମ ବିଭାଗ ଟିମ୍ ମଧ୍ୟ ଜରୁରିକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ହୋଇ ରହିଛି।

### ଆଶ୍ୱସ୍ତ ପର୍ଯ୍ୟଟକ, ପୁରୀରେ ରହିବାକୁ ବାଧ

ସମ୍ଭାବ୍ୟ ବାତ୍ୟା ଜୱାଦ କ୍ରମଶଃ ଦୁର୍ବଳ ହେଉଥିବା ହେତୁ ପୁରୀରେ ଥିବା ପର୍ଯ୍ୟଟକମାନେ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଶୁକ୍ରବାର ଦିନତମାମ୍ ଆତଙ୍କିତ ଥିବା ଲୋକେ ଶନିବାର ବେଳାଭୂମିଠାରୁ ନିର୍ଦ୍ଦିଷ୍ଟ ଦୂରରେ ରହି ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଉତ୍ତର ଭାରତରୁ ଆସିଥିବା ପର୍ଯ୍ୟଟକମାନେ ଜୀବନରେ କେବେ ହେଲେ ବାତ୍ୟା ଦେଖି ନ ଥିବା ହେତୁ ବାତ୍ୟାର ଆସନ୍ନ ପୂର୍ବରୁ ଭୟଭୀତ ହୋଇପଡ଼ିଥିଲେ। ରାଜସ୍ଥାନର ସାହିଲ ଆରୋରା କହିଛନ୍ତି, ବାତ୍ୟା କେଉଁଭଳି ଭାବେ ତାଣ୍ଡବ ରଚେ, ତାହା କେବେ ହେଲେ ଅନୁଭବ କରିନାହିଁ। କେବଳ ଗଣମାଧ୍ୟମରେ ବାତ୍ୟାର ବିଭୀଷିକା ଦେଖିଛୁ। ପରିବାର ସହ ପୁରୀ ବେଳାଭୂମି ନିକଟରେ ଏକ ହୋଟେଲରେ ରହୁଥିବା ହେତୁ ପରିବାର ସଦସ୍ୟମାନେ ବାତ୍ୟାକୁ ନେଇ ଅତ୍ୟନ୍ତ ଭୟଭୀତ ଥିଲୁ। ମାତ୍ର ପାଣିପାଗ ବିଭାଗ ସାମୁଦ୍ରିକ ଝଡ଼ ଦୁର୍ବଳ ହେବାର ଖବର ଦେବା ପରେ ସାମାନ୍ୟ ଖୁସି ଲାଗୁଛି। ଅନ୍ୟପକ୍ଷେ ଶନିବାର ପରିବାର ସହ ପୁରୀ ଛାଡ଼ିବାକୁ ନିଷ୍ପତ୍ତି କରିଥିଲୁ। ମାତ୍ର ଆସନ୍ତା ୨ ଦିନ ଧରି ରେଳ ଚଳାଚଳ ବନ୍ଦ ଥିବାରୁ ପୁରୀରେ ରହିବାକୁ ବାଧ ହୋଇଛୁ। ତେବେ ପ୍ରଶାସନ ପର୍ଯ୍ୟଟକଙ୍କୁ ଯେଉଁଭଳି ସଚେତନ କରୁଛନ୍ତି ତାହା ନିହାତି ପକ୍ଷେ ପ୍ରଶଂସାଯୋଗ୍ୟ।

### ସେବାୟତଙ୍କ ସହ ଜିଲାପାଳଙ୍କ ଆଲୋଚନା

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଶ୍ରୀମନ୍ଦିର ଯାଇ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ରବିବାର ଶ୍ରୀମନ୍ଦିର ବନ୍ଦ ରହିଥିବା ବେଳେ ବାତ୍ୟା ପ୍ରଭାବରେ ଯେଭଳି ମହାପ୍ରଭୁଙ୍କ ନୀତିକାନ୍ତି ପ୍ରଭାବିତ ନ ହୁଏ, ସେଦିଗରେ ଧ୍ୟାନ ଦେବା ପାଇଁ ଜିଲାପାଳ କହିଛନ୍ତି। ପାଳିଆ ସେବାୟତମାନେ ଜିଲାପାଳଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ, ମହାପ୍ରଭୁଙ୍କ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ହେବ। ବାତ୍ୟା ବେଳେ ସେବାୟତମାନେ ଶ୍ରୀମନ୍ଦିର ନୀତିକାନ୍ତି ପାଇଁ ଘରୁ ବାହାରକୁ ଆସିବେ। ଏଭଳିସ୍ଥଳେ ସେମାନଙ୍କ ସୁରକ୍ଷା ଉପରେ ପ୍ରଶାସନ ବିଶେଷ ଧ୍ୟାନ ଦେଉଛି। ସେବାୟତଙ୍କ ସୁରକ୍ଷିତ ଭାବେ ଶ୍ରୀମନ୍ଦିର ନୀତିକାନ୍ତି ସାରି ଘରକୁ ଫେରିବା ଦାୟିତ୍ୱ ପ୍ରଶାସନ ନେଇଛି।

## ବାତ୍ୟାକୁ ନେଇ ବିଧାୟକଙ୍କ ସମୀକ୍ଷା

ଡେଲାଙ୍ଗ,୪।୧୨(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ନେଇ ଶୁକ୍ରବାର ପୁରୀ ଜିଲାପାଳ ଭିସି ମାଧ୍ୟମରେ ପ୍ରଶାସନିକ ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ରାତିରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଡେଲାଙ୍ଗ ବ୍ଲକ ଅଞ୍ଚଳର ୪ଟି ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ତାଙ୍କ ସହିତ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ବିଡିଓ ଦିଲୀପ ଷଡ଼ଙ୍ଗୀ, ତହସିଲଦାର ନିବେଦିତା ପରିଡା, ଡେଲାଙ୍ଗ ଥାନା ଆଇଆଇସି ଅନିଲ ମହାନ୍ତି, ଅଗ୍ନିଶମ ବାହିନୀ ଅଧିକାରୀ ଚନ୍ଦ୍ରଶେଖର ଜେନା ପ୍ରମୁଖ ଉପସ୍ଥିତ ରହି କଲ୍ୟାଣପୁର, ଗୁଡୁପାଇଲୋ, ଅଭୟମୁଖୀ, ଧାନକେରାରେ ଥିବା ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ବିପନ୍ନଙ୍କ ନିମନ୍ତେ କିପରି ସୁବିଧା କରାଯାଇଛି ତାହା ପଚାରି ବୁଝିଥିଲେ। ଶନିବାର ବିଧାୟକ ବ୍ଲକ କାର୍ଯ୍ୟାଳୟରେ ବାତ୍ୟାର ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। କି କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବିଡିଓ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ। ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ନମ୍ବର ଜାରି, ବାତ୍ୟାବେଳେ ସମସ୍ତ କର୍ମଚାରୀ ହେଡ୍‌କ୍ୱାର୍ଟରରେ ଉପସ୍ଥିତ ରହିବା ସହ ୨ହଜାର ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇଛି। ବ୍ଲକରେ ୨୬ଜଣ ଆସନ୍ନ ପ୍ରସବା ଚିହ୍ନଟ ହୋଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପିପିଲି,୪।୧୨(ସ୍ୱ.ପ୍ର./ଡି.ଏନ୍.ଏ.)- ପିପିଲି ପୌରାଞ୍ଚଳ ଅଧୀନ ରାଣପୁର କେନାଲ ନିକଟ ଶ୍ମଶାନରେ ଥିବା ଏକ ଚାକୁଣ୍ଡା ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ଶନିବାର ପିପିଲି ଥାନା ପୋଲିସ ଜବତ କରିଛି। ମୃତକ ହେଲେ ଏହି ଥାନା ଅଧୀନ ଜୟପୁର ଗ୍ରାମର ନରେନ୍ଦ୍ର ପ୍ରଧାନ(୨୫)। ଏ ନେଇ ପୋଲିସ ଏକ ମାମଲା(ନଂ.୨୦/୨୧) ରୁଜୁ କରି ତଦନ୍ତ ଚଳାଇଥିବା ପିପିଲି ଥାନାଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ସୂଚନା ମୁତାବକ, ନରେନ୍ଦ୍ର ପରିବାର ସହ କଳହ ଲଗାଇ ଶୁକ୍ରବାର ରାତିରେ ଘରୁ କୁଆଡ଼େ ପଳାଇଥିଲେ। ପରଦିନ ସକାଳୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ। ସେହି ସମୟରେ ସ୍ଥାନୀୟ ଲୋକ ନିକଟସ୍ଥ ମଶାଣି ଚାକୁଣ୍ଡା ଗଛରେ ନରେନ୍ଦ୍ରଙ୍କ ବେକରେ ଗାମୁଛା ଲାଗି ଝୁଲୁଥିବାର ଦେଖି ତାଙ୍କ ପରିବାରଙ୍କୁ ଜଣାଇଥିଲେ। ଖବର ପାଇ ପରିବାର ଲୋକ ଓ ପିପିଲି ଥାନା ଏଏସ୍‌ଆଇ ପ୍ରକାଶ ମଲ୍ଲିକ ପହଞ୍ଚି ମୃତଦେହ ଜବତ କରି ପିପିଲି ମେଡିକାଲକୁ ଆଣିଥିଲେ। ପ୍ରାଥମିକ ତଦନ୍ତ ପରେ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଥିବା ଏଏସ୍‌ଆଇ ମଲ୍ଲିକ କହିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

### ଭୋଜିରେ ବଚସାକୁ ନେଇ ଗଣ୍ଡଗୋଳ ବନ୍ଧୁକ ଜବତ, ୨ ଗିରଫ

କଣାସ,୪।୧୨(ସ୍ୱ.ପ୍ର)- କଣାସ ବ୍ଲକ ଅନ୍ତର୍ଗତ ବକୁ ପଞ୍ଚାୟତର ଗୋପାଳପୁର ଗ୍ରାମରେ ଏକ ବିବାହ ଭୋଜିରେ ବଚସାକୁ ନେଇ ଗଣ୍ଡଗୋଳ ହେବାରୁ ଗଡ଼ିଶାଗୋଦା ଥାନା ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଏକ ବନ୍ଧୁକ ଜବତ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ହେମନ୍ତ ପରିଡା ଓ ଧୀରେଜ ମହାରଥୀ। ଏ ନେଇ ପୋଲିସ ଏକ ମାମଲା(ନଂ.୩୦୮/୨୧) ରୁଜୁ କରିଛି। ସୂଚନାଯୋଗ୍ୟ, ଗୋପାଳପୁର ଗ୍ରାମର ମାନସ ପରିଡାଙ୍କ ଭଉଣୀର ବିବାହ ନିକଟସ୍ଥ ରତ୍ନପୁର ଗ୍ରାମରେ ହେଉଥିଲା। ରତ୍ନପୁରରୁ ଆସିଥିବା ବରଯାତ୍ରୀମାନେ ଭୋଜି ଖାଇବାବେଳେ କନ୍ୟାପକ୍ଷର କେତେଜଣ ଲୋକଙ୍କ ସହ ବଚସା ହୋଇଥିଲା। ଏହି ଘଟଣାରୁ ରାତି ଅଧରେ ୪ଜଣ ଯୁବକ ମାନସଙ୍କ ଘରେ ପଶି ଆସି ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ମାନସଙ୍କ ପରିବାର ଲୋକ ହେମନ୍ତ ଓ ଧୀରେଜଙ୍କୁ ମାଡ଼ି ବସିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଥିଲେ। ଖବରପାଇ ଗଡ଼ିଶାଗୋଦା ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ସେଠାରେ ପହଞ୍ଚି ୨ଜଣଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ କରିଥିଲେ।

### ନୌସେନା ଦିବସ ପାଳିତ

ବାଲୁଗାଁ,୪।୧୨(ଡି.ଏନ୍.ଏ.): ଆଇଏନ୍‌ଏସ୍ ଚିଲିକାରେ ଶନିବାର ନୌସେନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଇଏନଏସ ଚିଲିକା କମୋଡର ଏନ୍.ପି.ପ୍ରଦୀପ ତାଲିମ କେନ୍ଦ୍ର ପରିସର ଯୁଦ୍ଧ ସ୍ମାରକୀ ସ୍ଥଳରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦେଶ ପାଇଁ ଶହୀଦ ହୋଇଥିବା ନାବିକମାନଙ୍କୁ ସମ୍ମାନ ଜଣାଇଥିଲେ। ୧୯୭୧ ମସିହାରେ ପାକିସ୍ତାନ ବିରୋଧରେ ଯୁଦ୍ଧ କରି ଭାରତ ବିଜୟ ହାସଲ କରିଥିଲା। ଏହି ବିଜୟ ବିଶେଷକରି ନୌସେନାର ଯୋଦ୍ଧାଙ୍କ ଦ୍ୱାରା ପାକିସ୍ତାନର କରାଚି ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ସମ୍ଭବପର ହୋଇପାରିଥିଲା। ତେଣୁ ଡିସେମ୍ବର ୪ ଏହି ବିଜୟ ଦିବସରେ ଦେଶ ପାଇଁ ବଳିଦାନ ଦେଇଥିବା ନାବିକଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ନୌସେନା ଦିବସ ପାଳିତ ହୋଇ ଆସୁଅଛି।

## ବେଳାଭୂମିକୁ ଯାଇ ସଚେତନ କଲେ ଏସ୍‌ପି

ପୁରୀ ଅଫିସ,୪।୧୨

ସମ୍ଭାବ୍ୟ ବାତ୍ୟା ଜୱାଦ ଆସ୍ତେ ଆସ୍ତେ ଦୁର୍ବଳ ହେଉଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ରବିବାର ମଧ୍ୟାହ୍ନରେ ପୁରୀତଟ ଦେଇ ଅତିକ୍ରମ କରିବ ସମ୍ଭାବ୍ୟ ବାତ୍ୟା। ବାତ୍ୟାର ପ୍ରଭାବ ଫଳରେ ବେଳାଭୂମି ନିକଟରେ ସମୁଦ୍ର ଜୁଆର ଅଧିକ ସହ ପବନର ବେଗ ମଧ୍ୟ ରହିଛି। ବାତ୍ୟାକୁ ନଜରରେ ରଖି ସତର୍କତାମୂଳକ ଭାବେ ପୁରୀ ବେଳାଭୂମିକୁ ସାଧାରଣ ଲୋକ ନ ଯିବା ପାଇଁ ଶନିବାର ଏସ୍‌ପି କେ.ବିଶାଳ ସିଂ ନିଜେ ବେଳାଭୂମିକୁ ଯାଇ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି। ଏସ୍‌ପିଙ୍କ ସହ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, ଟାଉନ ଥାନା ଅଧିକାରୀ ଗୋକୁଳ ଚନ୍ଦ୍ର ଦାସ ଓ ବିଭିନ୍ନ ଥାନା ଅଧିକାରୀ ପ୍ରମୁଖ ପୁରୀ ବେଳାଭୂମିରେ ଥିବା ସମସ୍ତଙ୍କୁ ସଚେତନ କରିଥିଲେ। ଜନସାଧାରଣଙ୍କ ଯେପରି କୌଣସି ସମସ୍ୟା ନ ହେବ ସେ ନେଇ ଦୃଷ୍ଟି ଦେବା ସହ ସେମାନଙ୍କୁ ସାହାଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ପୁରୀରେ ଥିବା ପର୍ଯ୍ୟଟକମାନେ ମଧ୍ୟ ଯେପରି ସମୁଦ୍ରପାଣି ମଧ୍ୟକୁ ନ ଯାନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ପୋଲିସ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବାତ୍ୟା ସମୟରେ ଏସ୍‌ପିଙ୍କ ଏପରି ସଚେତନତାମୂଳକ କାର୍ଯ୍ୟକୁ ପର୍ଯ୍ୟଟକ ଏବଂ ସ୍ଥାନୀୟବାସିନ୍ଦା ପ୍ରଶଂସା କରିଛନ୍ତି। ଏପରି କି ଏସ୍‌ପିଙ୍କ ଏହି କାର୍ଯ୍ୟକୁ ଲୋକେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଏସ୍‌ପିଙ୍କୁ ସିଂଘମ୍ ବୋଲି କହୁଥିବା ଦେଖିବାକୁ ମିଳିଛି।



## 'ଜରୁରୀ ପଡ଼ିଲେ ବାତ୍ୟା ବିପନ୍ନଙ୍କ ସହ ରାତିରେ ରହିବି'

ଗୋପ,୪।୧୨(ଡି.ଏନ୍.ଏ)

ବାତ୍ୟାକୁ ନେଇ କେହି ଭୟଭୀତ ହୁଅ ନାହିଁ, ଦରକାର ପଡିଲେ ତୁମମାନଙ୍କ ସହ ରାତିରେ ରହିବି ବୋଲି ସାନ୍ତ୍ୱନା ଦେଇଛନ୍ତି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ। ମନ୍ତ୍ରୀ ଶନିବାର ଗୋପ ବ୍ଲକର ୧୪ଟି ପଞ୍ଚାୟତରେ ଥିବା ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ପହଞ୍ଚି ବିପନ୍ନଙ୍କ ଭଲ ମନ୍ଦ ବୁଝିବାବେଳେ ସେମାନଙ୍କୁ ଏପରି ମନ୍ତବ୍ୟ ଦେଇଛନ୍ତି। ବାତ୍ୟାକୁ ନେଇ ୩/୪ ଦିନ ହେବ ପ୍ରଶାସନିକ ଅଧିକାରୀଙ୍କ ସହ ଉପକୂଳବର୍ତ୍ତୀ ଗାଁରେ ଭୟ ଲାଗି ରହିଥିଲା। ଏବେ ବାତ୍ୟା ଦୁର୍ବଳ ହେବା ଖବର ବିପନ୍ନଙ୍କ ମଧ୍ୟରେ ଆଶ୍ୱସ୍ତି ଆଣିଛି। ମନ୍ତ୍ରୀ ଲୋକଙ୍କ ଆଶ୍ରୟସ୍ଥଳୀରେ ରହିବା ସୁବିଧା, ଶୃଙ୍ଖଳା ଓ ରନ୍ଧା ଖାଦ୍ୟ ସହ କି କି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ତାହା ବୁଝିଥିଲେ। ପରେ ବ୍ଲକରେ ପହଞ୍ଚି ବିଡିଓଙ୍କ ସହ ଏକ ବୈଠକ କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତବେଳେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ବଣିଆସାହି ପଞ୍ଚାୟତର ଯୁବ ନେତା ନିରଞ୍ଜନ ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥାନାନ୍ତର ପ୍ରକ୍ରିୟା ସାମୟିକ ସ୍ଥଗିତ

ପୁରୀ ଅଫିସ, ୪।୧୨

ସମ୍ଭାବ୍ୟା ବାତ୍ୟା ଜୱାଦ ମୁକାବିଲାକୁ ନେଇ ଜିଲା ପ୍ରଶାସନ ପ୍ରସ୍ତୁତ ରହିଥିବା ନେଇ ପ୍ରଶାସନ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି । ତେବେ ବାତ୍ୟାର ପ୍ରକୋପ ହ୍ରାସ ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ ସ୍ଥାନାନ୍ତରିତ ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରଖିଛି ପ୍ରଶାସନ। ତେବେ ବର୍ଷା ହେବା ଆଶଙ୍କା ଥିବାରୁ ଜିଲାର ସମସ୍ତ ୧୭୦ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ଏବଂ ୪୦୦ଟି ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ଜରୁରିକାଳୀନ ବ୍ୟବହାର ନିମନ୍ତେ ପ୍ରସ୍ତୁତ ରଖାଯାଇଛି। ଅପରପକ୍ଷେ ଉପକୂଳବର୍ତ୍ତୀ ୨୦ଟି ପଞ୍ଚାୟତର ୫୨ଟି ଗ୍ରାମର ଲୋକଙ୍କୁ ଆଶ୍ରୟସ୍ଥଳୀରେ ରଖାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୧୦ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶକ୍ରମେ ବରିଷ୍ଠ ଅଧିକାରୀମାନେ ଶନିବାର ସକାଳେ ବିଭିନ୍ନ ବ୍ଲକ ଗସ୍ତ କରି ସ୍ଥାନାନ୍ତର ପ୍ରକ୍ରିୟା ଓ ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ଅତିରିକ୍ତ ଜିଲାପାଳ ବିନୟ ଦାଶ ଗୋପ ଓ କୋଣାର୍କ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର କାକଟପୁର ଓ ଅସ୍ତରଙ୍ଗ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସଚନ୍ଦ୍ର ନାୟକ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦର ୭ଟି ପଞ୍ଚାୟତ ପରିଦର୍ଶନ କରିଥିବା ବେଳେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ପିପିଲି ଓ ଡେଲାଙ୍ଗ, ଉପ ଜିଲାପାଳ ଭବତାରଣ ସାହୁ ନିମାପଡା ଓ ସତ୍ୟବାଦୀ, ପିକେଡିଏ ସଚିବ ଲଲାଟେନ୍ଦୁ ସାହୁ କଣାସ ଏବଂ ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ ଜେନା ଚିଲିକା ମଧ୍ୟସ୍ଥ କୃଷ୍ଣପ୍ରସାଦର ୧୪ଟି ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେହିପରି ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ ଓ ଜିଲା ଆପଦକାଳୀନ ଅଧିକାରୀ ଜିତେନ୍ଦ୍ର ପାତ୍ର ଜିଲା ମୁଖ୍ୟାଳୟରେ ରହି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ପରିସ୍ଥିତିକୁ ସମ୍ମୁଖୀନ ପାଇଁ ଏନଡିଆରଏଫ୍, ଓଡ୍ରାଫ, ଅଗ୍ନିଶମ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ ଓ ଡାକ୍ତରୀ ଦଳ ସଜାଗ ହୋଇ ରହିଛନ୍ତି। ଜିଲାର ବିଭିନ୍ନ ବ୍ଲକର ୨୭୫ଜଣ ଆସନ୍ନା ପ୍ରସବାଙ୍କ ମଧ୍ୟରୁ ୧୫୪ଜଣ ବିଭିନ୍ନ ଡାକ୍ତରଖାନାରେ ପ୍ରସବ ଦେଇଥିବା ବେଳେ ୪୧ଜଣଙ୍କୁ ବିଭିନ୍ନ ଡାକ୍ତରଖାନରେ ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଜିଲାରେ ୩୦ ହଜାର ହେକ୍ଟର ଜମିରେ ଅମଳ ଶସ୍ୟକୁ କ୍ଷେତରୁ ନେଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ବାତ୍ୟା ପ୍ରଭାବ କାରଣରୁ ଶନିବାର ଜିଲାରେ ହାରାହାରି ବୃଷ୍ଟିପାତ ୪୦ ମିଲି ମିଟର ରହିଥିବାରୁ ବିଶେଷ କ୍ଷତି ହୋଇ ନ ଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଅନିଲ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।


GOVT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH
E-mail: eerw_ptng@yahoo.in, Phone No – 06658-222121
e Procurement Notice
IFB IDENTIFICATION NO. EEPTNG- Online -07/2021-22

No.O-1166:- 1. Name of work : Construction of Road work for 2021-22. 2. Total no of work : 1(One) Road work. 3. Time for completion : 2 (Two) Calendar month. 4. Approximate estimated cost 74.34 Lakh. 5. Mode of Submission of tender : Tender should be submitted online in www.tendersorissa.gov.in. 6. Other details are as follow:

| Procurement Officer | Bid Identification No. | Availability of tender online for bidding | | Last date and time of seeking tender clarification | Technical bid opening date | Financial bid opening date |
|---|---|---|---|---|---|---|
| | | From | To | | | |
| Superintending Engineer, R.W. Divn., Patnagarh | EEPTNG-Online- 07/2021-22 | 06.12.2021 at 11.00 A.M. | 13.12.2021 upto 5.00 P.M. | 10.12.2021 upto 1.00 P.M. | 14.12.2021 upto 11.00 A.M. | The date will be intimated to the technically qualified bidders |

Further details can be seen from the website www.tendersorissa.gov.in. Any corrigendum / addendum will be displayed inthe above e tender website only.

Sd./- Superintending Engineer, R.W. Division, Patnagarh
OIPR-25154/11/0007/2122

GOVERNMENT OF ODISHA
OFFICE OF THE BLOCK DEVELOPMENT OFFICER
LEPHRIPARA BLOCK, SUNDARGARH
INVITATION TENDER CALL NOTICE

No. 1718/Dev. Dt.04.12.2021

The Block Development Officer, Lephripara, Sundargarh on behalf of Governer of Odisha invites **Percentage Rate Bids** in sealed cover for the following works from the class of eligible contractors as mentioned in Column-8 (eight) registered with the State Governments having validity of Civil Licence and contractors of equivalent Grades/Class Registered with Central Government/MES/Railways and other State Government having validity of Civil Licence for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who was not registered under Odisha State Government has to register under the State PWD in appropriate class of eligibility before signing of the agreement. The bidders may submit bids for the following works:

| Sl. No. | GP | Name of the Work | Amount put to Tender in Rs. | Cost of Tender Paper (Non-refundalbe) in Rs. | Bid Security EMD 1% in Rs. | Period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Masabira | Const. & Renovation of Masabira U.G. High School | 1,31,91,663/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 2 | Kulabira | Const. & Renovation of Kulabira U.G. High School | 1,26,79,959/- | 10,000/- | Exempted as per Letter No. 5984/W dated 27.4.21 of Works Deptt. | 31.03.2022 | 'A' & 'B' Class |
| 3 | Giringkela | Const. & Renovation of Panchayat High School, Patuadihi | 1,58,04,871/- | 10,000/- | Exempted as per Letter No. 5984/W dated 27.4.21 of Works | 31.03.2022 | 'A' & 'B' Class |

01.The bid documents and detailed terms and conditions can be downloaded from the District website **www.sundargarh.nic.in** & also published in daily English Newspaper **"The New Indian Express"** and daily Odiya Newspaper **"The Sambad & The Dharitri"**.
02.All other detailed clauses/guidelines can be seen in the DTCN/Bid documents.

Sd./- Block Development Officer, Lephripara

ଓଡ଼ିଶା ସରକାର
GOVERNMENT OF ODISHA
DISTRICT PROJECT OFFICE
SAMAGRA SHIKSHA, SUNDARGARH
"e"-Procurement Notice
Bid Identification No.-DPC/SS/SNG/07 of 2021-22
Letter No.: - 6648/Civil/Date:- 04/December/2021
E-mail ID: dpcsndgssa.opepa@nic.in

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN. | | |
| 2. | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools. |
| 3. | No. of works | : | **128 (One Hundred Twenty-Eight Nos).** |
| 4. | Cost of Tender Paper | : | **Rs.10,000/- in 127 Projects & Rs.6,000/- in 1 Project.** |
| 5. | Class of Contractor | : | **"B" & "A" in 123 Projects / "A" & "Special" in 5 projects** |
| 6. | Availability of bid document in the website | : | **From 09.00 hours of date - 07.12.2021 to 18.00 hours of date- 21.12.2021** |
| 7. | Date of opening of Bid | : | **09.00 A.M. on Dt.22.12.2021** |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/ corrigendum/ cancellation of tender can also be seen in the said website only. | | |

Sd./- District Project Co-ordinator,
Samagra Shiksha, Sundargarh

OFFICE OF THE EXECUTIVE ENGINEER
FISHERY ENGINEERING DIVISION
MATSYASADAN, LAXMISAGAR, CUTTACK ROAD, BHUBANESWAR-6
No.M-55 Phone/Fax-0674-2313250, Email- eefedbbsr@gmail.com
Bid Identification No. 09/FED/2021-22
INVITATIONS FOR BIDS (IFB)

| Sl No. | Name of the Work | Amont (in Rupees) | Class of Contractor | Period of Completion |
|---|---|---|---|---|
| 1. | **Construction of Flotaing Jetty and Allied Infrastructure for Cage Culture Project at Hirakud** (Floating Jetty proper) | **85,19,788.00** | **'B' & 'A'** | **04 (Four) Calendar Months** |
| 2. | Date & Time of availability of Bid Document in the portal | :- | 10.12.2021 | |
| 3. | Last Date / Time for receipt of bids in the portal | :- | 27.12.2021 upto 17.00 Hours | |
| 4. | Name and address of the Officer Inviting Bid | :- | **Executive Engineer, Fishery Engineering Division, Matsyasadan, Cuttack Road, Laxmisagar, Bhubaneswar - 751006** | |

Further details can be seen from the e-procurement portal http://tendersorissa.gov.in
1. The Bid Document shall be uploaded in the portal by the Officer Inviting Tender.
2. The Tender Documents published by the Tender Inviting Officer in the website http://tendersorissa.gov.in
N.B. Subsequent corrigendum/addendum if required shall be availabe in the website as indicated above.

Executive Engineer, Fishery Engineering Division, Bhubaneswar
OIPR-06018/11/0004/2122

ODISHA HYDRO POWER CORPORATION LIMITED
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, AT/POST: BALIMELA,
DIST.: MALKANGIRI, PIN: 764051 (ODISHA), Phone Nos.: 06861-232581 (O)/232641 (R),
FAX No.: 06861-232541, E-mail: unit.head_balimela@yahoo.com/bhep.balimela@gmail.com
REGD. OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 2545526, 2542826, Fax: 2542102, TELEGRAM: HYDROPOWER, E-mail: ohpc.co@gmail.com / md@ohpcltd.com, WEB: www.ohpcltd.com, GSTIN: 21AAACO2575P1Z9, CIN: 40101OR1995SGC003963
'e'-Procurement Notice
NOTICE INVITING TENDER NO. BHEP/28/2021-22 DATED: 02.12.2021

No. CAD-2134: The Unit Head, Balimela Hydro Electric Project, Balimela, Dist.- Malkangiri invites percentage rate bids in **double cover** system i.e. Cover-I (Technical Bid) & Cover-II (Price Bid) for the work through e-procurement as detailed in the table below. The bids should be submitted 'online' in **https://tendersodisha.gov.in** by eligible **'B'** and **'A'** class Civil Contractors/Constructions Firms registered with the State Government and contractors of equivalent grade/class registered with Central Government/Railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Approx. Estimated Cost in Rs. | Bid Security Declaration | Class of Contractor | Cost of Bid Documents in Rs. | Period of Completion |
|---|---|---|---|---|---|---|
| 01 | Repair & Renovation of 25 Nos. of 3R-Type Quarters at BHEP, Balimela | 79,14,939.00 | As per Annexure-VI duly signed | 'B' & 'A' | 10,000/- + GST @ 18% = 11,800/- | 180 days |

Date & time of availability of bid document in the portal : From 10.00 hrs. of 07.12.2021 to 27.12.2021 (Upto 17.00 hrs.)
Last date & time of submission of bid : Upto 17.00 hrs. of 27.12.2021
The date & time of opening of the bid : 12.00 hrs. onwards of 28.12.2021 (Only Technical Bid)
Further details can be seen from the e-procurement portal **https://tendersodisha.gov.in.**

Sd./- Unit Head
Balimela Hydro Electric Project, Balimela
OIPR-04019/11/0033/2122

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-2153
TENDER ALERT

**01) E-Tender Call Notice No.03/2021-22:** To Carry out PCC Metaling, walkway renovation, construction of brick masonary guard wall under 132kV Bus Corridor at 220/132/33kV Grid S/S, Jayanagar under EHT O&M Division, Jayanagar.
**02) Tender Call Notice No.04/2021-22:** Painting of 03 Nos 40MVA Power Transformers at Grid S/S Nimapara and 01 No.40MVA Power Transformer-III at Grid S/S Puri along with its accessories under EHT O&M Division, Puri.
**03) Tender Call Notice No.12/21-22:** Supply of Diesel run hired vehicle Non AC Bolero 09 seated for Grid S/S Joda, Grid S/S Barbil & Grid S/S Bolani on pool basis under EHT O&M Division, Joda.
**04) Tender Call Notice No.03/2021-22:** Supply and fixing of Pavor Block and Vitrified Tiles infront of EHT O&M Division, Bhadrak office.
**05) Tender Call Notice No.04/2021-22:** Construction of 220kV, 132kV & 33kV Breaker step foundation at 220/132/33 kV Grid S/S, Bhadrak under EHT O&M division, Bhadrak.
**06) Tender Call Notice No.TRB-O&M-DIV-OT-05/2021-22:** Lot-A: Construction of Protection cum Guard Wall at Loc No.610 of 220kV Therubali-Kolab S.C line.
Lot-B: Earth cutting in between Loc. No.127 & No.128 of 220kV Therubali-Narendrapur DC Line.
**07) E-Tender Call Notice No.MZM-271-01/2021-22:** Annual Contract for cleaning & sanitation work of circle/Division offices, control rooms and offices of various grid s/s under EHT O&M Circle, Burla.
**08) E-Tender Call Notice No.MZM-271-02/2021-22:** Annual Contract for cleaning & sanitation work of Circle/Division offices, control rooms and offices of various grid s/s under EHT O&M Circle, Bolangir.
**09) Advertisement No.01/2021-22:** Applications are invited from interested manufacturers/ Authorised dealers/ Suppliers and civil contractors MV/HV Electrical License holders & Labour Contract License holders & Transports to be empanelled in the vendor list of EHT O&M Circle, Bolangir for supply of materials, execution of works & transportation of materials upto Rs.1,00,000/-.
For details please visit : **www.optcl.co.in.**

OIPR-04011/11/0109/2122 FIPR-68/2021-22

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୫ ଡିସେମ୍ବର, ୨୦୨୧

## ମହିଳାଙ୍କ ପାଇଁ କୃଷକ କର୍ମଶାଳା

ସାକ୍ଷୀଗୋପାଳ,(ଡି.ଏନ୍.ଏ.)- କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ମହିଳା କୃଷି ବିକାଶ ସଂସ୍ଥାନ ପକ୍ଷରୁ ଶୁକ୍ରବାର ଏକ କର୍ମଶାଳା ସତ୍ୟବାଦୀ ବ୍ଲକ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ କୃଷି ସଂସ୍ଥାନର ନିର୍ଦ୍ଦେଶକ ଡ. ଅନିଲ କୁମାର ଯୋଗଦେଇ ମହିଳା ମାନଙ୍କୁ କୃଷି ଯନ୍ତ୍ରପାତି ଓ ବୈଜ୍ଞାନିକ ପ୍ରଣାଳୀ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ମହିଳା କିଶାନ ସଂଗଠନର ସମ୍ପାଦିକା ରାଜଲକ୍ଷ୍ମୀ ଛୋଟରାୟ, କୃଷକ ମହାସଂଘର ଉପସଭାପତି ନିରଞ୍ଜନ ମହାପାତ୍ର, ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ଶ୍ରୀକାନ୍ତ ଶତପଥୀ, ସୁଦାମ ଚରଣ ନାୟକ, ଦେବେନ୍ଦ୍ର ନାଥ ଷଡଙ୍ଗୀ ଓ ସୁଲୋଚନା ପ୍ରଧାନ ପ୍ରମୁଖ ମହିଳାମାନଙ୍କର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନଙ୍କ ସହିତ ମହିଳା କୃଷକମାନେ ଗୋପକୃଷ୍ଣ ଷଡଙ୍ଗୀଙ୍କ ଫାର୍ମ ପରିଦର୍ଶନ କରିଥିଲେ। ଏହି କର୍ମଶାଳାରେ ଶତାଧିକ ମହିଳା ଓ କୃଷି ଶ୍ରମିକ ଯୋଗଦେଇଥିଲେ।



## ସଂକ୍ଷେପରେ

### ପିତୃପୁରୁଷଙ୍କୁ ପିଣ୍ଡ ଦାନ କଲେ ଅଲାରନାଥ

ବ୍ରହ୍ମଗିରି,୪।୧୨(ଡି.ଏନ୍.ଏ.): ଦେବ ଦୀପାବଳି ଉପଲକ୍ଷେ ବ୍ରହ୍ମଗିରିର ମହାପ୍ରଭୁ ଅଲାରନାଥ ଶନିବାର ତାଙ୍କ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଛନ୍ତି। ଶନିବାର ମନ୍ଦିରରେ ସନ୍ଧ୍ୟାଧୂପ ପରେ ପାଳିଆ ପୂଜାପଣ୍ଡା ସେବକ ମଦନମୋହନଙ୍କୁ ଗୁମୁଟ ଘରେ ବିଜେ କରାଇ ଅଲାରନାଥଙ୍କ ପିତୃପୁରୁଷ ଯଥା ସତ୍ୟଯୁଗର ଅଦୈତ କଶ୍ୟପ,



ତ୍ରେତୟା ଯୁଗର ଦଶରଥ, କୈକେଇ, କୌଶଲ୍ୟା, ସୁମିତ୍ରା ଓ ଦ୍ୱାପର ଯୁଗର ନନ୍ଦ, ଯଶୋଦା, ଦେବକୀ, ବସୁଦେବଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିଲେ। ଏହି ସମସ୍ତ ନୀତିକାନ୍ତି ସୁଚାରୁରୂପେ ସମ୍ପାଦନା ହୋଇଥିବା ନେଇ ମନ୍ଦିରର ବରିଷ୍ଠ ସେବାୟତ ନାରାୟଣ ପୂଜାପଣ୍ଡା ସୂଚନା ଦେଇଛନ୍ତି। ମହାପ୍ରଭୁ ଅଲାରନାଥଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତଙ୍କ ସମାଗମ ହୋଇଥିଲା।

### କଣାସରେ ବାଘ ଆତଙ୍କ



କଣାସ,୪।୧୨(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ବେଲପଡ଼ା ଗ୍ରାମ ନିକଟ ଏକ ଜମିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବାଘ ବୁଲୁଥିବା କେତେଜଣ ଯୁବକ ଦେଖିଥିଲେ। ଏହି କଥା ଗ୍ରାମରେ ପ୍ରଚାର ହେବା ପରେ ଅଞ୍ଚଳରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗ୍ରାମବାସୀ ଲାଇଟ୍ ଏବଂ ଠେଙ୍ଗାବାଡି ଧରି ବାଘକୁ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ବାଘ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା କଣାସ ଥାନା ଆଇଆଇସି ସୁଜିତ୍ ଦାସ ଏବଂ ଖୋର୍ଦ୍ଧ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ବନ ବିଭାଗ ଅଧିକାରୀମାନେ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରି ବାଘକୁ ନ ପାଇ ଫେରିଯାଇଥିଲେ। ଏଥିସହ ଲୋକଙ୍କୁ ଆତଙ୍କିତ ନ ହେବା ପାଇଁ ଅଧିକାରୀମାନେ କହିଥିଲେ।

### ବିକ୍ରି ନ ହୋଇ କୂଳରେ ପଡ଼ିଛି ମାଛ



କୃଷ୍ଣପ୍ରସାଦ,୪।୧୨(ଡି.ଏନ୍.ଏ.): ବାତ୍ୟା 'ଜୱାଦ' ପାଇଁ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳବାସୀ ଭୟଭୀତ ହୋଇ ରହିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ବଙ୍ଗୋପସାଗରକୁ ମାଛ ଧରିବାକୁ ଯାଇଥିବା କେତେଜଣ ମତ୍ସ୍ୟଜୀବୀଙ୍କ ଜାଲରେ ଗୁରୁବାର ୨୦କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଛ ପଡ଼ିଥିଲା। ତେବେ ମାଛ ବିକ୍ରି ନ ହୋଇପାରିବାରୁ ନବା ସମୁଦ୍ରକୂଳରେ କୁଇଣ୍ଟାଲ କୁଇଣ୍ଟାଲ ମାଛ ପଡ଼ି ରହିଛି। ତେବେ ମାଛଗୁଡ଼ିକ ପଚିସଢ଼ି ଗଲାଣି। ଏ ସମ୍ପର୍କରେ ମତ୍ସ୍ୟଜୀବୀ ବାବାଜୀ କହିଛନ୍ତି, ବର୍ଷା ଓ ପବନ ଯୋଗୁ ଜାଲରେ ପଡ଼ିଥିବା ମାଛକୁ ବିକ୍ରି ପାଇଁ ଗୋଦାମକୁ ନେଇପାରିଲୁ ନାହିଁ। ତେଣୁ ଉକ୍ତ ମାଛ ସମୁଦ୍ର କୂଳରେ ପଡ଼ି ରହିଥିଲା। ରାତିରେ ସମୁଦ୍ରର ଢେଉ ବୃଦ୍ଧି ପାଇ କିଛି ମାଛ ଧୋଇ ନେଇଥିବା ବେଳେ ପଡ଼ିରହିଥବା ମାଛ ପଚିଯାଇଛି। ଏହା ବିକ୍ରି ହୋଇଥିଲେ ମତ୍ସ୍ୟଜୀବୀ ୬ହଜାର ଟଙ୍କା ଲେଖାଏ ପାଇଥାନ୍ତେ ବୋଲି ସେ କହିଛନ୍ତି। ଅନ୍ୟପଟେ ମତ୍ସ୍ୟଜୀବୀମାନେ କୁଡ଼ିଆରେ ରହିଥିବା ବେଳେ କୃଷ୍ଣପ୍ରସାଦ ତହସିଲଦାର ଉଲ୍ଲାସ କୁମାର ସେଠୀ, ବିଡିଓ ମନୋଜ କୁମାର ନାୟକ, ଆଇଆଇସି ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ପହଞ୍ଚି ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବା ଲାଗି କହିଥିଲେ।



ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦୀପରେ ସଜ୍ଜିତ କରାଯାଇଛି ।



ଦେବ ଦୀପାବଳି ଅବସରରେ ଶ୍ରୀମନ୍ଦିରକୁ ଦୀପମାଳାରେ ସଜାଯାଇଛି ।

# ଶ୍ରୀଗୁଣ୍ଡିଚାଠାରୁ ଶ୍ରୀମନ୍ଦିର ଯାଏ ଦୀପମାଳାରେ ସଜ୍ଜିତ

ପୁରୀ ଅଫିସ, ୪।୧୨

ଗତବର୍ଷ ମହାମାରୀକୁ ପ୍ରତିହତ ପାଇଁ ନୃସିଂହ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ସମଗ୍ର ବିଶ୍ୱବାସୀଙ୍କ ମଙ୍ଗଳକାମନା କରି ୧ଲକ୍ଷ ଦୀପାବଳି ଜଳାଯାଇଥିଲା। ଚଳିତବର୍ଷ ମଧ ମହାମାରୀକୁ ସମ୍ପୂର୍ଣ୍ଣ ପ୍ରତିହତ କରିବା ଲକ୍ଷ୍ୟ ନେଇ ଦେବ ଦେବଦୀପାବଳିର ଦ୍ୱିତୀୟ ସନ୍ଧ୍ୟାରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ହୋଇଛି। ଶନିବାର ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର, ଶ୍ରୀମନ୍ଦିର ଛତିଶା ନିଯୋଗ ଏବଂ ପୁରୀର ସ୍ୱେଚ୍ଛାସେବୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ବଡ଼ଦାଣ୍ଡରେ ଶ୍ରୀଅଚ୍ୟୁତାୟ ନମଃ, ଶ୍ରୀଅନନ୍ତାୟ ନମଃ ଏବଂ ଶ୍ରୀଗୋବିନ୍ଦାୟ ନମଃ ମନ୍ତ୍ର ୧୦୮ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପାଧକ୍ଷ ରାଜକିଶୋର ପାତ୍ର, ଶଙ୍କର ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟ ସଂଯୋଜକ ଉଦୟ ଶାନ୍ତି, ସଂଯୋଜକ ରତିକାନ୍ତ ପାଢ଼ୀ, କୁମୁଦିନୀ ପଣ୍ଡା, ଆବାହକ ଭାବଗ୍ରାହୀ ଶାନ୍ତି, ସଂଯୋଜକ ଇଲାଟେନ୍ଦୁ ମିଶ୍ର, ସତ୍ୟସୁନ୍ଦର ପଣ୍ଡା, ଗୌରହରୀ ପ୍ରଧାନ ଏବଂ ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୀପ ପ୍ରଜ୍ୱଳନ ଫଳରେ ଶ୍ରୀମନ୍ଦିର ସମ୍ମୁଖ, ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ସହ ବଡ଼ଦାଣ୍ଡ ଦୀପର ଆଲୋକରେ ଝଲସି ଉଠିଥିଲା।

# ଦଶରଥ, କୌଶଲ୍ୟାଙ୍କୁ ଶ୍ରାଦ୍ଧ ଦେଲେ ମହାପ୍ରଭୁ

## ଶ୍ରୀକ୍ଷେତ୍ରରେ ଦେବଦୀପାବଳିର ଦ୍ୱିତୀୟ ଦିନ

ପୁରୀ ଅଫିସ ୪।୧୨

ଶ୍ରୀମନ୍ଦିରରେ ତିନିଦିନ ବ୍ୟାପୀ ମହାପ୍ରଭୁଙ୍କ ଦେବଦୀପାବଳି ନୀତି ଆରମ୍ଭ ହୋଇଛି। ଏହି ତିନିଦିନ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବେ। ମହାପ୍ରଭୁ ଶନିବାର ସନ୍ଧ୍ୟାଧୂପ ନୀତି ପରେ ଦଶରଥ ଏବଂ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେଇଛନ୍ତି। ପୁଷ୍ପାଳକ ସେବାୟତମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ନାଗପୁରୀ ଶାଢ଼ି ଚାଦରରେ ଭୂଷିତ କରାଇଥିଲେ। ବେଶରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ହାତ, ଶ୍ରୀବଳଭଦ୍ର ୧୪ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବ ବିଶିଷ୍ଟ ସୂତା ଶାଢ଼ି ବା ନାଗପୁରୀ ଶାଢ଼ି ପରିଧାନ କରିଥିଲେ। ଶ୍ରାଦ୍ଧ ବେଶରେ ଠାକୁରମାନେ ତଡଗୀ, ନଳୀଭୂଜ, ଚନ୍ଦ୍ର, ସୂର୍ଯ୍ୟ, କୁଣ୍ଡଳୀ, ଆଡକାନି, ହରିଡା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାରରେ ବିଭୂଷିତ ହୋଇଥିଲେ। ସେହିପରି ସନ୍ଧ୍ୟାଧୂପ ନୀତି ବଢ଼ି ଧୋପଖାଳ ହେବା ପରେ ରତ୍ନସିଂହାସନ ତଳେ ଭଣ୍ଡାରମେକାପ ଚାଉଳରେ ଗୋଟିଏ ଗଛ ନିର୍ମାଣ କରି ବତି ବସାଇଥିଲେ। ଏଥିରେ ୨୮ଟି ବତି ବସାଯାଏ। ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଦଶଟି, ଶ୍ରୀବଳଭଦ୍ରଙ୍କ ନିମନ୍ତେ ନଅଟି ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ନଅଟି ଦୀପ ବସାଯାଇଥିଲା। ୩ଟି ସୁନାଆଳତି ଲଗାଇବା ପରେ ପୂଜାପଣ୍ଡା ସେବକ ଚାଉଳଗଛ ଓ ଦୀପଙ୍କୁ ସଂସ୍କାର କରିଥିଲେ। ପରେ ପୂଜାପଣ୍ଡା ତିନିଜଣ ମହାଦୀପକୁ ଜୟବିଜୟ ଦ୍ୱାର ଆସିଥିଲେ। ସେଠାରେ ଆସ୍ଥାନ ପଢ଼ିଆରୀ କରିଥିବା ଚାଉଳ ଗଛକୁ ଜଣେ ପୂଜାପଣ୍ଡା ସଂସ୍କାର କରି ପାଣି ପକାଇବା ପରେ କଳସଗୁଡ଼ିକୁ ପାଳିଆ ଚୁନରାଙ୍କୁ ଦିଆଯାଇଥିଲା। ଚୁନରା ସେବକ ତେଲ ଓ ଘିଅ ନେଇ ଶ୍ରୀମନ୍ଦିରର ଅଁଳାବେଢ଼ା ଉପରେ ଦୀପମାନ ଜାଳିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା

## ସ୍ୱାମୀ, ଶ୍ୱଶୁର ଗିରଫ

ନିମାପଡ଼ା,୪।୧୨(ଡି.ଏନ.ଏ.)

ଚାରିଛକ ଫାଣ୍ଡି ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଆଇଁସିମ୍ଳ ଗ୍ରାମରେ ଶନିବାର ଭୋରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ମୃତା ହେଲେ ରବିତା କାଣ୍ଡି(୨୮)। ମୃତାଙ୍କ ପରିବାର ଲୋକେ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ନେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଚାରିଛକ ଓ ନିମାପଡ଼ା ଥାନା ପୋଲିସ ମୃତାଙ୍କ ଶାଶୁଘରର ୪ଜଣଙ୍କ ନାମରେ ମାମଲା(ନଂ.୪୧୮/୨୧) ରୁଜୁ କରିଥିବା ବେଳେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୃତାଙ୍କ ସ୍ୱାମୀ ସ୍ୱାଧୀନ କାଣ୍ଡି ଓ ଶ୍ୱଶୁର ବିପିନ କାଣ୍ଡି। ଖବରପାଇ ପୁରୀର ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଏସ୍‌ଡିପିଓ ଦେବାଶିଷ ମିଶ୍ର, ସାଇଣ୍ଟିଫିକ ଟିମ୍ ଅଫିସର ଏସ୍.ସରନ୍ୟା, ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇ ମମତା ବିଶ୍ୱାଳ, ଚାରିଛକ ଫାଣ୍ଡି ଏଏସ୍‌ଆଇ ଶିଶିର ମହାନ୍ତି ପ୍ରମୁଖ ଘଟଣାସ୍ଥଳ ଓ ମେଡିକାଲରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ଶନିବାର ଶାଶୁଘର ଲୋକେ ରବିତାଙ୍କ ବାପଘରୁ ଫୋନ ଦ୍ୱାରା କହିଥିଲେ ଯେ ଝିଅ ଆତ୍ମହତ୍ୟା କରିଛି। ଖବର ଶୁଣି ବାପଘର ସ୍ଥାନୀୟ ମେଡିକାଲକୁ ଯାଇ ଝିଅକୁ ଦେଖିବା ପରେ ଯୌତୁକ ପାଇଁ ହତ୍ୟା କରାଯାଇଥିବା ନେଇ ନିକଟସ୍ଥ ଥାନାର ଦ୍ୱାରସ୍ଥ ହୋଇଥିଲେ। ଉଲ୍ଲେଖଥାଉ କି, ଭଦ୍ରକ ଜିଲାର ଭାଗୀରଥି ରାଉତଙ୍କ ଝିଅ ରବିତା ୬ବର୍ଷ ତଳେ ସ୍ୱାଧୀନଙ୍କୁ ବିବାହ କରିଥିଲେ। ସେତେବେଳେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ହେଲେ କିଛିବର୍ଷ ପରେ ଏକ ବାଇକ୍ କିଣିବା ଲାଗି ବାପଘରୁ ୫୦ହଜାର ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ରବିତାଙ୍କୁ ଶାରୀରିକ, ମାନସିକ ନିର୍ଯାତନା ଦେଉଥିବା ନେଇ ଝିଅ ଜଣାଇଥିବା ବାପଘର ଲୋକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅନ୍ୟପଟେ ରବିତା ପାରିବାରିକ କଳହକୁ ନେଇ ବେକରେ ଶାଢ଼ି ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ସ୍ୱାମୀ ସ୍ୱାଧୀନ ଓ ଶ୍ୱଶୁର ବିପିନ କହିଛନ୍ତି।

# ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି ସମ୍ପନ୍ନ

ପୁରୀ ଅଫିସ,୪।୧୨

ବାତ୍ୟା ଆଶଙ୍କା ମଧ୍ୟରେ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରୁ ଅମାବାସ୍ୟା ଠାକୁର ବିଜେ ହୋଇ ମହୋଦଧିକୁ ଯିବା ପରେ ସେଠାରେ ଏହି ନୀତି ସମ୍ପନ୍ନ ହୋଇଥିଲା। ସତ୍ୱଲିପି ଅନୁଯାୟୀ ରୀତିନୀତି ଅନୁସାରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସମ୍ପନ୍ନ ହୋଇଛି। ସକାଳଧୂପ ସମ୍ପନ୍ନ ହୋଇ ପାଣିପଡିବା ପରେ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ଆରମ୍ଭ ହୋଇଥିଲା। ମହାଜନ ସେବକମାନେ ଦକ୍ଷିଣୀ ଘରୁ ଚତୁର୍ଭୁଜ ନାରାୟଣଙ୍କୁ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଆଜ୍ଞାମାଳ ଆଣି ନାରାୟଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ହାତରେ ନାରାୟଣଙ୍କୁ ନେଇ ବଟବୃକ୍ଷ ମୂଳେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଘଣ୍ଟ, ଛତା, ବାଦ୍ୟ ସହ ବିମାନବଡୁ ସେବକମାନେ ଠାକୁରଙ୍କୁ ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ବେଳାଭୂମିକୁ ବିଜେ କରିଥିଲେ। ସେଠାରେ ଅମାବାସ୍ୟା ନାରାୟଣ ପହଞ୍ଚିବା ପରେ ପାଳିଆ ଗଡ଼ାବଡୁ ସେବକ ରୂପା ପିଙ୍ଗଣରେ ସମୁଦ୍ରରୁ ଜଳ ଆଣି ପୂଜାପଣ୍ଡାଙ୍କୁ ଦେଇଥିଲେ। ପୂଜାପଣ୍ଡା ସାମନ୍ତ ଉକ୍ତ ଜଳକୁ ସଂସ୍କାର କରି ନାରାୟଣଙ୍କୁ ଲାଗି କରିଥିଲେ। ପରେ ସାବତ ନିଯୋଗ ପକ୍ଷରୁ ଠାକୁରଙ୍କ ନିକଟରେ ପଣା ଭୋଗ ମଣୋହି କରାଯାଇଥିଲା। ପରେ ଆରତି ଏବଂ ବନ୍ଦାପନା ସମ୍ପନ୍ନ ହେବା ପରେ ଠାକୁରଙ୍କ ବାହୁଡ଼ା ବିଜେ ନୀତି ଆରମ୍ଭ ହୋଇଥିଲା। ସେବକମାନେ ହରିଦାସ ମଠ ଗୋହରୀ ରାସ୍ତା ହରଚଣ୍ଡୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢିଥିଲା।


FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 304/2021

Indian Overseas Bank, Balugaon Branch ...Applicant
-Versus-
M/s. Trimurty Pharmaceuticals and others ...Defendants

To
Defendants

1) **M/s. Trimurty Pharmaceuticals,** At: Saralapadar, Near Uttarayani Temple, Main Road, Balugaon-752030, Dist: Khurda, represented by its Proprietor, Sri Dushasan Behera, S/o: Late Purusottam Behera
2) **Sri Dushasan Behera,** S/o: Late Purusottam Behera, At: Hatabaradihi, PS: Tangi, Dist: Khurda, Pin-752027
3) **Sri Gadadhar Behera,** S/o: Sri Nimain Behera, At: Jayantipur (Gainada), PO: Hatabaradihi, Via/PS: Tangi, Dist: Khurda, Pin-752027
4) **Smt. Gandei Dei,** W/o: Late Purusottam Behera, At/PO: Hatabaradihi, Balaram Sahi, Via/PS: Tangi, Dist: Khurda, Pin-752027
5) **Smt. Reena Behera**, W/o: Sri Dushasan Behera, At: Uttarayani Road, PO/PS: Balugaon, Dist: Khurda, Pin-752030

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted **O.A. No. 304/2021** in the Court of the Debts Recovery Tribunal, Cuttack for recovery of **Rs.59,85,333/-** (Rupees Fifty Nine lakhs Eighty Five Thousand Three Hundred Thirty Three only) together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **23.02.2022 at 10.30 A.M.** as to why reliefs as prayed for in OA shall not be granted.

Take notice that in case of default, the Original Application will be heard and determined in your absence.

Given under my hand and seal of this Tribunal on this **02nd day of December, 2021.**

Sd/- (Manoj Kumar Pattanaik)
REGISTRAR



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
No. O-1161
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
"e"-Procurement Notice for Road Work | Identification No. Online Tender-Building N.C.B. No. 200 for 2021-22
Letter No. 3721/Date: 26.11.2021

1. Name of the work :- Construction of RD Road to Mankadgoda (Balance Work of 2018-19) under OMBADC
2. Total No. of works :- 1 No. (One)
3. Estimated Cost :- Rs.164.01 lakhs (Approximately)
4. Eligible Class of Contractor :- As per annexure
5. Period of Completion :- As per annexure
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.200 | Dt.06.12.2021 at 11.00 A.M. | Dt.20.12.2021 up to 5.00 P.M. | Dt.18.12.2021 up to 5.00 P.M. | Dt.21.12.2021 at 11.00 A.M. | Dt.29.12.2021 at 11.00 A.M. |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0021/2122 Sd./- Chief Construction Engineer, R.W. Circle, Baripada



OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BARIPADA
No. O-1188
E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada
"e"-Procurement Notice for Building Work | Identification No. Online Tender-Building N.C.B. No. 201 for 2021-22
Letter No. 3816/Date: 01.12.2021

1. Name of the work :- Building Works
2. Total No. of works :- 2 Nos. (Three)
3. Estimated Cost :- Rs.453.49 lakhs & Rs.515.46 lakhs (Approximately)
4. Eligible Class of Contractor :- 'A' & 'Special' Class
5. Period of Completion :- 18 Calendar months
6. Other Details :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | Building On-line N.C.B. No.201 | Dt.07.12.2021 at 11.00 A.M. | Dt.21.12.2021 up to 5.00 P.M. | Dt.20.12.2021 up to 5.00 P.M. | Dt.22.12.2021 at 11.00 A.M. | Will be intimated later |

• Further details can be seen from the website www.tendersodisha.gov.in
• Any Corrigendum / Addendum will be displayed in the above e_tender website only.
OIPR-25130/11/0024/2122 Sd./- Chief Construction Engineer, R.W. Circle, Baripada



Government of Odisha
Office of the Chief Construction Engineer
Rural Works Circle, Sambalpur
Tel.-0663-2548268, E-mail Id serwcirclesbp@yahoo.com
Bid Identification No. Road Tender Online RWCSBP-32/2021-22 No.: 3174 Dated: 26.11.2021

No.O-1137:- The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 1 (One) No. group of Special Repair to Roads under Annual Maintenance Plan.
1. Name of work: Special Repair to Roads under Annual Maintenance Plan. 2. No. of works: 1 (One) No. as per DTCN. 3. Estimated cost: Approximately Rs.136.84 lakhs. 4. Class of contractor : 'B' and 'A'. 5. Cost of tender paper and mode of deposit: Rs.10,000/- per set (To be deposited Online) in favour of concerned Executive Engineer. 6. Mode of submission of tender : Tender should be submitted only online in website www.tendersorissa.gov.in (https//tendersodisha.gov.in).7. EMD and mode of deposit: No. EMD is required but bid security declaration should be furnished by the bidders as mentioned in DTCN. 8. Summary of key dates are provided below:

| Procurement Officer | Bid Identification No. | Availability of tender online for bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-32/ 2021-22 | 06.12.2021 at 11.00 A.M. | 20.12.2021 upto 5.00 P.M. | 18.12.2021 upto 1.00 P.M. | 21.12.2021 at 11.00 A.M. | Will be intimated later |

* Further details can be seen from the e-procurement portal www.tendersorissa.gov.in (https//tendersodisha.gov.in). * Subsequent modification / corrigendum / addendum if required shall appear in website only. * The amount put to bid is exclusive of GST. * Bidder should inspect the Bridge before bidding and quote his rate accordingly.
Sd./- Chief Construction Engineer, Rural Works Circle, Sambalpur
OIPR-25091/11/0039/2122



बैंक ऑफ़ बड़ौदा Bank of Baroda
ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ
ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ - ୭୫୩୦୧୪, ଓଡ଼ିଶା, ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail:armcut@bankofbaroda.com
ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଆପେଣ୍ଡିକ୍ସ-IV-A(ରୁଲ୍ ୬ (୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍‌ଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି", "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି । ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍‌ର ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ ।

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦୀ ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
|---|---|---|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ମୟୁର ପୋଲ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ମଞ୍ଜୁମାଳା ଶତପଥି, ସ୍ୱାମୀ: ଶ୍ରୀ ସଦାଶିବ ଶତପଥି, ଜାମିନ୍‌ଦାରମାନେ: ୧) ଶ୍ରୀ ସନାତନ ମିଶ୍ର, ୨) ଶ୍ରୀ ସଦାନନ୍ଦ ଶତପଥି, ୩) ଶ୍ରୀମତୀ ଅମ୍ବିକା ଶତପଥି, ସମସ୍ତଙ୍କ ଠିକଣା-ସା: ଜଗନ୍ନାଥପୁର, ସରଗଳାଞ୍ଜି, ପୋ: ମେଦିନୀପୁର, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି, ପିନ୍-୭୬୬୦୦୨ । | ସମ୍ପତ୍ତି-୧: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଜଗନ୍ନାଥପୁର, ଥାନା: ଭବାନୀପାଟଣା, କଳାହାଣ୍ଡି, ଖାତା ନଂ.: ୧୧୧, ପ୍ଲଟ୍ ନଂ.: ୪୦୯, ୪୧୦, ୪୧୨, କ୍ଷେତ୍ର: ଏକର ୦.୩୩୦ ଡିସିମିଲ ।<br>ସମ୍ପତ୍ତି-୨: ଶ୍ରୀମତୀ ମଞ୍ଜୁମାଳା ଶତପଥିଙ୍କ ନାମରେ ଥିବା ଜମି ଯାହାର ମୌଜା: ଭବାନୀପାଟଣା, ଇରିଗେସନ କଲୋନୀ, କଳାହାଣ୍ଡି, ଖାତା ନଂ.: ୧୮୯/୧୦୬, ପ୍ଲଟ୍ ନଂ.: ୨୦୯/୧୧୩୮, କ୍ଷେତ୍ର: ଏକର ୦.୨୫ ଡିସିମିଲ । | ଟ.୧,୧୬,୪୩,୦୦୦.୦୦ + ୩୧.୧୨.୨୦୧୬ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ସମ୍ପତ୍ତି-୧: ଟ.୩୦,୦୦,୦୦୦/- / ଟ.୩,୦୦,୦୦୦/- / ଟ.୧୦,୦୦୦/-<br>ସମ୍ପତ୍ତି-୨: ଟ.୭୨,୦୦,୦୦୦/- / ଟ.୭,୨୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୨. | ଋଣଗ୍ରହୀତା: ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲି., ପ୍ଲଟ୍ ନଂ.: ୧୭୯୭, ଖାତା ନଂ.: ୬୯୬, ମୌଜା: କୁରାଙ୍ଗ ପ୍ରଧାନ, ତହସିଲ: ବାରଙ୍ଗ, କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୦୧ / ନିର୍ଦ୍ଦେଶକ ଏବଂ ଜାମିନଦାରମାନେ: ୧) ଶ୍ରୀ ସୁନିଲ କୁମାର ପଣ୍ଡା, ପିତା: ୰ ବିଜୟ କୁମାର ପଣ୍ଡା, ୨) ଶ୍ରୀମତୀ ବିଦ୍ୟୁତ ରେଖା ପଣ୍ଡା, ଉଭୟଙ୍କ ଠିକଣା-ସା: ଡୁପ୍ଲେକ୍ସ-୧୦, ଗାୟତ୍ରୀ ନଗର, ବମିଖାଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୧୦ । | ସମୁଦାୟ କ୍ଷେତ୍ର: ଏକର ୨.୦୦ ଡିସିମିଲ {କ) ଲିଜର ହିସାବରେ ମେସର୍ସ ଶ୍ରୀଧାରା ଡାଏରୀ ଆଣ୍ଡ ଆଗ୍ରୋଭେଟ ପ୍ରା.ଲି. ନାମରେ ଏକର ୦.୨୫୨୯ ଡିସିମିଲ ଏବଂ ଖ) ଜମିର ଫ୍ରି ହୋଲ୍ଡ ଅଂଶ ଭାବେ ସୁନିଲ କୁମାର ପଣ୍ଡାଙ୍କ ନାମରେ ଏକର ୧.୭୪୭୧ ଡିସିମିଲ} ଜମି ଏବଂ ଗୃହ ଯାହାର ମୌଜା: କୁରାଙ୍ଗ ପ୍ରଧାନ, ଥାନା: କଟକ ସଦର ନଂ.: ୧୭୯, ତହସିଲ: ବାରଙ୍ଗ ନଂ.: ୩୭୬, କଟକ, ଖାତା ନଂ.: ୬୯୬, ପ୍ଲଟ୍ ନଂ.: ୧୭୯୭ । | ଟ.୩,୩୭,୪୨,୮୦୯.୦୦ + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୨୩.୧୨.୨୦୨୧ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨,୭୫,୨୯,୦୦୦/- / ଟ.୨୭,୫୨,୯୦୦/- / ଟ.୧୦,୦୦୦/- | ସାଙ୍କେତିକ | ୧୪.୧୨.୨୦୨୧ ଏବଂ ୧୫.୧୨.୨୦୨୧ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୩. | ଋଣଗ୍ରହୀତା: ମେସର୍ସ ମାଳତୀ ମିନେରାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀମତୀ ପୁରବୀ ବାରିକ, ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ବାରିକ / ଜାମିନଦାର: ଶ୍ରୀ ପ୍ରଦୀପ କୁମାର ବାରିକ, ପିତା: ୰ ରାମ ଚନ୍ଦ୍ର ବାରିକ, ସମସ୍ତଙ୍କ ଠିକଣା-ସା: ମାଇନିଙ୍ଗ ରୋଡ୍, ପୋ: କେନ୍ଦୁଝରଗଡ଼, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୦୧ | ଶ୍ରୀମତୀ ପୁରବୀ ବାରିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: ତଳଚମ୍ପେଇ, ଥାନା: ସଦର ନଂ.: ୪, ଜିଲ୍ଲା: କେନ୍ଦୁଝର, ଓଡ଼ିଶା, ଖାତା ନଂ.: ୮୬/୧୭, ପ୍ଲଟ୍ ନଂ.: ୯୯, କ୍ଷେତ୍ର: ଏକର ୨.୩୨୩ ଡିସିମିଲ, ଖାତା ନଂ.: ୮୬/୧୬, ପ୍ଲଟ୍ ନଂ.: ୯୯/୮୬୨, କ୍ଷେତ୍ର: ଏକର ୦.୨୪୭ ଡିସିମିଲ ଏବଂ ପ୍ଲଟ୍ ନଂ.: ୧୦୦, କ୍ଷେତ୍ର: ଏକର ୦.୩୪୬ ଡିସିମିଲ, ସମୁଦାୟ କ୍ଷେତ୍ର: ଏକର ୨.୯୧୬ ଡିସିମିଲ (ସେଲ୍ ଡିଡ୍ ଅନୁଯାୟୀ) । | ଟ.୫୪,୧୮,୧୫୯.୭୩ + ୦୧.୦୭.୨୦୧୩ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୯,୫୦,୦୦୦/- / ଟ.୨,୯୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |
| ୪. | ଋଣଗ୍ରହୀତା: ମେସର୍ସ ଲକ୍ଷ୍ମୀ ଗଣପତି ଷ୍ଟିଲସ୍ ପ୍ରା. ଲି., ତଳ ମହଲା, ବସୁନ୍ଧରା ବିଲ୍ଡିଙ୍ଗ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ଜାମିନ୍‌ଦାରମାନେ: ୧) ଶ୍ରୀ ଏମ୍. ବାବୁ ରାଓ, ପିତା: ଏମ୍. କୁପୋସ୍ୱାମୀ, ୨) ଶ୍ରୀମତୀ ଏମ୍. ଭାନୀ, ସ୍ୱାମୀ: ଏମ୍. ବାବୁ ରାଓ, ଉଭୟ ମାର୍ଫତ: ଡା. ବି. କେ. ପଣ୍ଡା, ପ୍ଲଟ୍ ନଂ.: ୪୨, ଗାୟତ୍ରୀ ନଗର, ନୂଆଶାସନ, ଢ଼େଙ୍କାନାଳ-୭୫୯୦୦୧, ୩) ଶ୍ରୀ ହେମନ୍ତ କୁମାର ମହାନ୍ତି, ପିତା: ଶରତ ଚନ୍ଦ୍ର ମହାନ୍ତି, ମୀନା ବଜାର, ଢ଼େଙ୍କାନାଳ-୭୫୯୦୦୧, ୪) ଶ୍ରୀ ଭି. ସୁରେଶ, ମାର୍ଫତ: ଏସ୍. କେ. ଆଗର୍ଯ୍ୟ, ଟାଉନ୍ ପ୍ଲାନିଙ୍ଗ, ପଦ୍ମ ବଜାର, ଢ଼େଙ୍କାନାଳ-୭୫୯୦୧୩, ୫) ଶ୍ରୀ ଏମ୍. ଶାୟା ଶିଭା ରାଓ, ବିଜୟଲକ୍ଷ୍ମୀ ଆପାର୍ଟମେଣ୍ଟସ, ଚେଞ୍ଚୁପେଟା, ସା/ପୋ: ଟେନାଲି, ଥାନା: ତେନାଲି, ଜିଲ୍ଲା: ଗୁଣ୍ଟୁର-୫୨୨୨୦୨, ୬) ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି, ପିତା: ବୈକୁଣ୍ଠ ନାଥ ମହାନ୍ତି, ସା/ପୋ: ଗୋବିନ୍ଦପୁର, ଜିଲ୍ଲା: ଢ଼େଙ୍କାନାଳ-୭୫୯୦୦୧, ୭) ଶ୍ରୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ପିତା: ଭାଲୁ ବିଶ୍ୱାଳ, ୮) ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ସ୍ୱାମୀ: ସୁରେଶ ଚନ୍ଦ୍ର ବିଶ୍ୱାଳ, ଉଭୟଙ୍କ ଠିକଣା-ସା: ମହିଷାପାଟ, ଢ଼େଙ୍କାନାଳ -୭୫୯୦୦୧, ୯) ଶ୍ରୀ ଦିନେଶ କୁମାର ପଟ୍ଟନାୟକ, ୧୦) ଶ୍ରୀ ଦିପ୍ତୀଶ କୁମାର ପଟ୍ଟନାୟକ, ୧୧) ଶ୍ରୀ କ୍ଷିତୀଶ କୁମାର ପଟ୍ଟନାୟକ, ୧୨) ଶ୍ରୀ ଧୀରେନ କୁମାର ପଟ୍ଟନାୟକ, ୧୩) ଶ୍ରୀ ନୀରେନ କୁମାର ପଟ୍ଟନାୟକ, ସମସ୍ତଙ୍କ ପିତା: ଚକ୍ରଧର ପଟ୍ଟନାୟକ, ମୀନା ବଜାର, ଗାନ୍ଧୀମନ୍ଦିର ରୋଡ୍, ଢ଼େଙ୍କାନାଳ-୭୫୯୦୦୧ । | ଶ୍ରୀ ଏମ୍. ବାବୁ ରାଓଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ୱାର୍ଡ ନଂ.: ୧୨, ବ୍ଲକ୍ ନଂ.: ୫, ତହସିଲ୍ ନଂ.: ୨୧୩, ମ୍ୟୁନିସିପାଲ୍ ଡୋର ନଂ.: ୪-୧୪/୫/୨, କାକୁମନୁଭରି ଷ୍ଟ୍ରିଟ୍, ଇଙ୍ଗାନଗର, ତେନାଲି ଟାଉନ୍, ଗୁଣ୍ଟୁର ଜିଲ୍ଲା, ଆନ୍ଧ୍ର ପ୍ରଦେଶ । | ଟ.୫,୫୫,୦୨,୯୨୪.୦୫ + ୦୧.୦୫.୨୦୧୨ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ (ବିଯୁକ୍ତ ହୋଇଥିବା ରାଶି ଯଦି ଥାଏ) | ୧୨.୦୧.୨୦୨୨ ଅପରାହ୍ଣ ୨ଘଟିକାରୁ ସନ୍ଧ୍ୟା ୬ଘଟିକା | ଟ.୨୩,୫୦,୦୦୦/- / ଟ.୨,୩୫,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୬.୦୧.୨୦୨୨ ଏବଂ ୦୭.୦୧.୨୦୨୨ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ଣ ୨ ଘଟିକା |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ (https://www.bankofbaroda.com/e-auction.htm) and (https://ibapi.in) ଦେଖନ୍ତୁ ।
ସମସ୍ତ ସମ୍ଭାବ୍ୟ ବିଡରମାନେ ମଧ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଫୋନ୍ ନଂ.: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩ ରେ ଯୋଗାଯୋଗ କରିପାରିବେ

ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବେ:

୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରାକ୍ ବିଜ୍ଞପ୍ତି ବିନା କୌଣସି ବିଡ୍‌କୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ / ନାକଚ / ବିକ୍ରୟର ନିଲାମ ଓ ସର୍ତ୍ତାବଳୀର ସଂଶୋଧନ ସହିତ ପୂର୍ବ ନିଲାମଧାରୀ ଅକୃତକାର୍ଯ୍ୟ ହେବା କାରଣରୁ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ ଡାକାଇବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି ।
୨) କ୍ରେତା ଯଦି ନିଲାମ ତାରିଖର ଠିକ୍ ଦୁଇ ଦିନ ପୂର୍ବରୁ କେୱାଇସି କାଗଜାତ ଦାଖଲ କରିଥାନ୍ତି ତେବେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀଙ୍କର କେୱାଇସି ଯାଞ୍ଚ ସମ୍ପୂର୍ଣ୍ଣ କରିବା ଏବଂ ଅମାନତ ରାଶି ଗ୍ରହଣ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି । ଏଭଳି ସ୍ଥିତିରେ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ/ଇ-ନିଲାମ ସେବା ପ୍ରଦାନକାରୀ କେୱାଇସି କାଗଜାତ ଯାଞ୍ଚ କରିବାରେ ବିଳମ୍ବତା/ବିଫଳତା ଏବଂ ଇଏମଡି ୱାଲେଟ୍‌କୁ ଟ୍ରାନ୍ସଫର ବିଫଳତା ପାଇଁ ଦାୟୀ ରହିବେ ନାହିଁ । ନିଲାମ ତାରିଖ ଓ ସମୟରେ ବିଡ୍‌ରଙ୍କ ଗ୍ଲୋବାଲ ୱାଲେଟ୍‌ରେ ପର୍ଯ୍ୟାପ୍ତ ବାଲାନ୍ସ (>=ଏମଡି ରାଶି) ଥିଲେ ଇଚ୍ଛୁକ ନିଲାମଧାରୀ ନିଲାମ ତାରିଖରେ ବିଡ୍ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା/ ଜାମିନଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫/୩୦ ଦିନିଆ ନୋଟିସ୍ ।

ତାରିଖ: ୦୪.୧୨.୨୦୨୧, ସ୍ଥାନ: କଟକ
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା